




# ସକାଳ
THE SAKALA

RNI REGD NO: 42041/83 PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

PANIKOILI ♦VOLUME- 44 ♦ISSUE-02 ♦FRIDAY ♦26 JUNE 2026 ♦PAGE-12 ♦₹ 7.00

♦ବର୍ଷ-୪୪ ♦ସଂଖ୍ୟା-୦୨ ♦ଶୁକ୍ରବାର ♦୨୬ ଜୁନ୍ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


# ବିଜେଡିରେ ସୁଜାତା

## ନବୀନଙ୍କ ପାଦ ଛୁଇଁ ସାଧାରଣ କର୍ମୀ ଭାବେ ଦଳରେ ଯୋଗଦାନ

■ ଭୁବନେଶ୍ୱର, ୨୫।୬ (ସମିସ): ବିଜେଡିରେ ସାମିଲ ହୋଇଛନ୍ତି ପୂର୍ବତନ ଆଇଏଏସ୍ ସୁଜାତା ରାଉତ। ଶଙ୍ଖ ଭବନରେ ଅନୁଷ୍ଠିତ ଏକ ସମାବେଶରେ ଦଳର ସୁପ୍ରିମୋ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କ ପାଦ ଛୁଇଁ ସୁଜାତା ବିଜେଡିରେ ଯୋଗ ଦେଇଛନ୍ତି। ଏହି ଅବସରରେ ନବୀନ ଉତ୍ତରୀୟ ପିନ୍ଧାଇ ସୁଜାତାଙ୍କୁ ଦଳରେ ସ୍ୱାଗତ କରିଛନ୍ତି।

### ଆସନ୍ତା ସାଧାରଣ ନିର୍ବାଚନରେ ନବୀନଙ୍କ ନେତୃତ୍ୱରେ ଲଢ଼ିବ ଦଳ

ଗୁରୁବାର ଶଙ୍ଖ ଭବନରେ ସୁଜାତା ରାଉତଙ୍କୁ ଦଳରେ ମିଶାଇବା ପାଇଁ ଏକ ସ୍ୱତନ୍ତ୍ର ସମାବେଶରେ ନବୀନ କହିଛନ୍ତି ଯେ ସୁଜାତା ରାଉତ ଜଣେ ସାଧାରଣ ସଦସ୍ୟ ଭାବରେ ବିଜେଡିରେ ଯୋଗ ଦେଇଛନ୍ତି। ତାଙ୍କୁ ଏପର୍ଯ୍ୟନ୍ତ କୌଣସି ପଦ ପଦବୀ ଦିଆଯାଇ ନାହିଁ। ତାଙ୍କୁ ଦଳ ଓଦଳୀୟ କାର୍ଯ୍ୟ ସହିତ ଅଭ୍ୟସ୍ତ ହେବାକୁ ଦିଆଯାଉ। ଆପଣମାନେ ଜାଣନ୍ତି, ସେ ଭାରତୀୟ ପ୍ରଶାସନିକ ସେବାରେ ଥିଲେ। ସେ ସେହି ପଦବୀରେ ଅନେକ ଦାୟିତ୍ୱପୂର୍ଣ୍ଣ ପଦବୀରେ କାର୍ଯ୍ୟ କରିଛନ୍ତି। ସବୁଠାରୁ ବଡ କଥା ହେଉଛି ସେ ରାଜ୍ୟର ମହିଳା ଏବଂ ଦଳ ପାଇଁ ବହୁତ କାର୍ଯ୍ୟ କରିଛନ୍ତି। ମୁଁ ନିଶ୍ଚିତ ଯେ ଯେତେବେଳେ ସେ ବିଜୁ ଜନତା ଦଳରେହେଉଥିବା କାର୍ଯ୍ୟକ୍ରମ ସହିତ ଅଭ୍ୟସ୍ତ ହେବେ, ସେ ଦଳର ଜଣେ ଯୋଗ୍ୟ ସଦସ୍ୟ ଭାବରେ ପ୍ରମାଣିତ ହେବେ। ▶ପୃଷ୍ଠା-୧୦



## ଦଳ ପାଇଁ ସମ୍ପୂର୍ଣ୍ଣ ନିଷ୍ଠା ଓ ସମର୍ପଣ ଭାବ ନେଇ କାମ କରିବି: ସୁଜାତା

■ ଭୁବନେଶ୍ୱର, ୨୫।୬ (ସମିସ): ଭଗବାନ ଶ୍ରୀକୃଷ୍ଣ ଗୀତାରେ କହିଥିଲେ ଯେ 'କର୍ମଣ୍ୟେ ବାଧିକାରସ୍ତେ, ମା ଫଳେଷୁ କଦାଚନ'। ଆଜି ବି ମୁଁ ସେଇ ଶ୍ଳୋକକୁ ମନେ ରଖିଛି। ପ୍ରତ୍ୟେକ କାମକୁ ନିଷ୍ଠା ଓ ସମର୍ପଣ ଭାବରେ କରି ଆସିଛି। ମହାପ୍ରଭୁ ଜଗନ୍ନାଥଙ୍କ କୃପାରୁ, ବିଜେଡିର ସଦସ୍ୟମାନଙ୍କର ଆଶୀର୍ବାଦରୁ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଆଗକୁ ବି ଅନୁରୂପ ନିଷ୍ଠା ଓ ସମର୍ପଣରେ ଦଳ କାମ କରିବି। ଦୀର୍ଘ ୨୪ ବର୍ଷ ଧରି ମୋତେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶା ମାଟି ଏବଂ ଜନସାଧାରଣଙ୍କ ସେବା କରିବା ପାଇଁ ସୁଯୋଗ ମିଳିଥିଲା। ଆଜି ଓଡ଼ିଶାର ସେବା କରିବାକୁ ପୁଣିଥରେ ନବୀନ ପଟ୍ଟନାୟକ ତାଙ୍କୁ ସୁଯୋଗ ଦେଇଛନ୍ତି ଓ ଏଥିପାଇଁ ସେ କୃତଜ୍ଞ ବୋଲି କହିଛନ୍ତି ସୁଜାତା ରାଉତ।

ସେ କହିଛନ୍ତି ଯେ ନବୀନ ପଟ୍ଟନାୟକ ହେଉଛନ୍ତି ମୋର ପ୍ରେରଣା। ୨୦୦୧ରେ ପ୍ରୋବେସନର ଅଫିସର ଭାବରେ କାର୍ଯ୍ୟ କରୁଥିବା ସମୟରେ ଓଡ଼ିଶାରେ ବନ୍ୟା ହୋଇଥିଲା। ଆମକୁ ସେତେବେଳେ ଆଠମଲ୍ଲିକ ଯାଇ ବନ୍ୟା ସମ୍ପର୍କରେ ରିପୋର୍ଟ କରିବାକୁ କୁହାଯାଇଥିଲା। ▶ପୃଷ୍ଠା-୧୦




ସକାଳ THE SAKALA
www.sakalaepaper.com

# ବିଜେଡି 'ମିଶନ'ରେ ସୁଜାତା 'ଶକ୍ତି'

ରାଜ୍ୟର ମା ମାନେ କିପରି ଆତ୍ମନିର୍ଭରହେବେ, ସ୍ୱାଭିମାନର ସହ ବଞ୍ଚିବେ ସେ ନେଇ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱପ୍ନକୁ ସାକାରର ରୂପ ଦେଇଥିଲେ ସୁଜାତା ରାଉତ। ମିଶନ ଶକ୍ତି ବିଭାଗର ସଚିବ ଭାବେ ଏହି ଅଭିଯାନକୁ ସେ ଆନ୍ଦୋଳନରେ ପରିଣତ କରିପାରିଥିଲେ। ଫଳସ୍ୱରୂପ ରାଜ୍ୟର ୭୦ ଲକ୍ଷରୁ ଉର୍ଦ୍ଧ୍ୱ ମହିଳା ସଶକ୍ତ ହେବା ସହ ସ୍ୱାଭିମାନର ସହ ବଞ୍ଚିବା ଆରମ୍ଭ କରିଥିଲେ। ସଫଳ ଉଦ୍ୟୋଗୀ ପାଲଟିବା ସହ ପରିବାରର ଭାର ଉଠାଇଥିଲେ। ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମାର୍ଗଦର୍ଶନରେ ବିଭାଗୀୟ ସଚିବ ତଥା କମିଶନର ଭାବେ ସୁଜାତା ନେଇଥିବା କେତେକ ପଦକ୍ଷେପ ମହିଳାଙ୍କ ଜୀବନରେ ଅଭୂତପୂର୍ବ ପରିବର୍ତ୍ତନ ଆଣିଥିବା ନେଇ ସାଧାରଣରେ ଆଜିବି ଆଲୋଚନା ହୁଏ। ମହିଳାମାନେ ଯେପରି କମ୍ ସୁଧରେ ବ୍ୟାଙ୍କ ଋଣ ପାଇପାରିବେ, ସେଥିପାଇଁ ତତ୍କାଳୀନ ନବୀନ ପଟ୍ଟନାୟକ ସରକାର ଆରମ୍ଭ କରିଥିଲେ 'ସୁଧ ରିହାତି' କାର୍ଯ୍ୟକ୍ରମ। ଏହି ପଦକ୍ଷେପ ମହିଳାଙ୍କ ଜୀବନରେ ଅଭୂତପୂର୍ବ ପରିବର୍ତ୍ତନ ଆଣିବା ସହ ସେମାନଙ୍କୁ ସଫଳ ଉଦ୍ୟୋଗୀରେ



## ଅଭିଯାନରୁ ଆନ୍ଦୋଳନ 'ମିଶନ ଶକ୍ତି'

ପରିଣତ କରିଥିଲା। ଏପରିକି ମହିଳାଙ୍କୁ ତତ୍କାଳୀନ ସରକାର ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଋଣ ପ୍ରଦାନ କରିବାକୁ ବ୍ୟବସ୍ଥା କରିଥିଲେ। କେବଳ ୨୦୨୪ ମସିହାରେ ମିଶନ ଶକ୍ତି ମା' ମାନେ ୧୫ ହଜାର କୋଟି ଟଙ୍କାର ବ୍ୟାଙ୍କ ଋଣ ପାଇଥିଲେ। ପ୍ରତ୍ୟେକ ବ୍ଲକ୍ ଓ ଜିଲ୍ଲା ସ୍ତରରେ ସୁସଜ୍ଜିତ 'ମିଶନ ଶକ୍ତି ଭବନ' ନିର୍ମାଣର ମୁଖ୍ୟ ସ୍ଥପତିଥିଲେ ତତ୍କାଳୀନ ମିଶନ ଶକ୍ତି ସଚିବ ସୁଜାତା। ଏଠାରେ ମହିଳାମାନେ ସେମାନଙ୍କ ଉତ୍ପାଦ ପ୍ରଦର୍ଶନ ଓ ପ୍ରଶିକ୍ଷଣ ପାଇଁ ସମ୍ପୂର୍ଣ୍ଣ ବ୍ୟବସ୍ଥା କରାଯାଇଥିଲା। ମିଶନ ଶକ୍ତିରେ କାର୍ଯ୍ୟରତ ସପୋର୍ଟ ଷ୍ଟାଫଙ୍କ ପାଇଁ ସ୍କୁଟି, ମୋବାଇଲ ଫୋନ ସହ ରାଜ୍ୟର ୭୦ ଲକ୍ଷ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଓ ୧.୫ ଲକ୍ଷ ଏସଏଚ୍‌ଜି ଲିଡର ମାନଙ୍କ ପାଇଁ ୟୁନିଫର୍ମ ଓ ବ୍ଲେଜର ବ୍ୟବସ୍ଥା କରିଥିଲେ ଶ୍ରୀମତୀ ରାଉତ। ଏପରିକି ତତ୍କାଳୀନ ବିଜେଡି ସରକାର ଭୁବନେଶ୍ୱରରେ ଏକ ଅତ୍ୟାଧୁନିକ ମିଶନ ଶକ୍ତି ବଜାର ଖୋଲାଯାଇଥିବା ବେଳେ ଆସନ୍ତା ୫ ବର୍ଷ ମଧ୍ୟରେ ସମଗ୍ର ରାଜ୍ୟରେ ୫ ହଜାର ମିଶନ ଶକ୍ତି ବଜାର ଓ ରିଟେଲ୍ ଆଉଟଲେଟ୍ ଖୋଲିବାକୁ ଲକ୍ଷ୍ୟ ରଖିଥିଲେ ସରକାର। ଭୁବନେଶ୍ୱରରେ ମିଶନ ଶକ୍ତି ବଜାର ପରିଦର୍ଶନ ବେଳେ ବିଲ୍ ଗେଟ୍‌ସ ଏହାକୁ ଅନନ୍ୟ ପଦକ୍ଷେପ ବୋଲି ଉଲ୍ଲେଖ କରି ଭୂରିଭୂରି ପ୍ରଶଂସା ମଧ୍ୟ କରିଥିଲେ। ମାମାନଙ୍କୁ ସଫଳ ଉଦ୍ୟୋଗୀ ଭାବେ ଗଢ଼ିତୋଳିବା ପାଇଁ ଏକାଧିକ ପଦକ୍ଷେପ ମଧ୍ୟରେ ସବୁଠାରୁ ଆକର୍ଷଣୀୟ ଥିଲା ଏକ୍ସପୋଜର ଭିଜିଟ। ଏହା ଅଧିନରେ ମହିଳାମାନେ ଦୁବାଇ, ସିଙ୍ଗାପୁରଠାରୁ ଆରମ୍ଭ କରି ବିଭିନନ୍ ଦେଶ ବୁଲିବାକୁ ଯାଇ ପାରିଥିଲେ।



### ହାଇସ୍କୁଲ ଛାତ୍ରୀଙ୍କ ପାଇଁ ସାଇକଲ

ସର୍ବଭାରତୀୟ ପ୍ରଶାସନିକ ସେବାରେ ଯୋଗଦେବା ପରେ ସୁଜାତାଙ୍କ ବୃତ୍ତିଗତ ଜୀବନ ଆରମ୍ଭ ହୋଇଥିଲା ତତ୍କାଳୀନ ସମୟର ମାଓପ୍ରବଣ ଆଦିବାସୀ ଅଧ୍ୟୁଷିତ ସୁନ୍ଦରଗଡ଼ ଜିଲ୍ଲାରେ। ଚାକିରି ଜୀବନୀ ଆରମ୍ଭରୁ ସେ ଅନେକ ସାମାଜିକ ଓ ଶିକ୍ଷାମୂଳକ ପଦକ୍ଷେପ ନେଇ ଚର୍ଚ୍ଚାକୁ ଆସିଥିଲେ। ୨୦୦୫ ମସିହାରେ 'ଗତିଶୀଳତା ହିଁ ସଶକ୍ତିକରଣ' ସ୍ଲୋଗାନ୍ ଅଧୀନରେ ହାଇସ୍କୁଲ ଛାତ୍ରୀମାନଙ୍କ ପାଇଁ ସାଇକେଲ ବଣ୍ଟନ ଯୋଜନା ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ଏହି ଯୋଜନାକୁ ସାରା ରାଜ୍ୟରେ ଲାଗୁ କରାଯାଇଥିଲା।

### ମଧ୍ୟାହ୍ନ ଭୋଜନରେ ଅଣ୍ଡା

୨୦୦୬ ମସିହାରେ ଶ୍ରୀମତୀ ରାଉତ ସୁନ୍ଦରଗଡ଼ ଜିଲ୍ଲାର ସରକାରୀ ବିଦ୍ୟାଳୟଗୁଡ଼ିକର ମଧ୍ୟାହ୍ନ ଭୋଜନ (ଏମ୍‌ଡିଏମ୍) ଯୋଜନାରେଅଣ୍ଡାସାମିଲ କରାଇଥିଲେ। ଏହି ପଦକ୍ଷେପକୁ ଚାରିଆଡ଼ୁ ପ୍ରଶଂସା ମିଳିବା ସହ ପରବର୍ତ୍ତୀ ସମୟରେ ସମଗ୍ର ଓଡ଼ିଶାରେ ଲାଗୁ କରାଯାଇଥିଲା। ସୁନ୍ଦରଗଡ଼ରେ କାର୍ଯ୍ୟରତ ସମୟରେ ସେ "ଫୁଟବଲ୍ କଲେକ୍ଟର" ଭାବରେ ମଧ୍ୟ ପରିଚିତ ଥିଲେ। ମାଓବାଦୀ ପ୍ରଭାବିତ ଅଞ୍ଚଳର ଯୁବକ-ଯୁବତୀଙ୍କ ମଧ୍ୟରେ ଫୁଟବଲ ଓ ହକି ପରି କ୍ରୀଡ଼ାକୁ ପ୍ରୋତ୍ସାହନ ଦେଇ ସେ କ୍ରୀଡ଼ା ସରଞ୍ଜାମ ବଣ୍ଟନ କରିଥିଲେ ଏବଂ ଉଦୀୟମାନ କ୍ରୀଡ଼ାବିଦ୍‌ମାନଙ୍କ ପାଇଁ ହଷ୍ଟେଲ ସ୍ଥାପନ କରିଥିଲେ।

### ପ୍ରସୂତୀଙ୍କ ପାଇଁ 'ମମତା'

ସମାଜ ମଙ୍ଗଳ ବିଭାଗର ନିର୍ଦ୍ଦେଶକ ଭାବେ କାର୍ଯ୍ୟରତ ଥିବା ସମୟରେ ଗର୍ଭବତୀ ଓ ପ୍ରସୂତି ମହିଳାମାନଙ୍କ ପାଇଁ 'ମମତା' ଯୋଜନା ପ୍ରଚଳନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲେ। ସ୍ୱେଚ୍ଛାକୃତ ଅବସର ନେବା ପୂର୍ବରୁ ଶ୍ରୀମତୀ ରାଉତ ଓଡ଼ିଶା ସରକାରଙ୍କ ଅର୍ଥ ବିଭାଗରେ ସ୍ୱତନ୍ତ୍ର ସଚିବ ଭାବେ କାର୍ଯ୍ୟରତ ଥିଲେ। ୨୦୨୫ ମସିହାରେ ସେ ସ୍ୱେଚ୍ଛାକୃତ ଅବସର ଗ୍ରହଣ କରିଥିଲେ।

## ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ନେତୃତ୍ୱ











ଓଡ଼ିଶା ଦେଶର ପ୍ରଥମ ଭାଷା ଭିତ୍ତିକ ରାଜ୍ୟ। ଇତିହାସରେ ଓଡ଼ିଆ ଭାଷାର ବହୁ ଐତିହ୍ୟ ଓ ଗୌରବମୟ ଅଧ୍ୟାୟ ରହିଛି। ବର୍ତ୍ତମାନର ଯୁଗ, ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ଦ୍ୱାରା ପରିଚାଳିତ। ଏହି ଦ୍ରୁତ ପରିବର୍ତ୍ତନଶୀଳ ବିଶ୍ୱ ସହିତ ପାଦ ମିଳାଇ ଓଡ଼ିଆ ଭାଷା ଓ ସାହିତ୍ୟ ଭବିଷ୍ୟତର ଆହ୍ୱାନର କିପରି ମୁକାବିଲା କରି ଓଡ଼ିଆ ଭାଷାର ଉନ୍ନତି ଓ ଲୋକପ୍ରିୟ କରିହେବ ତାକୁ ଲକ୍ଷ୍ୟ କରି ଓଡ଼ିଶାରେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଆୟୋଜନ କରାଯାଇଥିଲା। ୨୦୨୪ ମସିହା ଫେବୃଆରୀ ମାସରେ ଭୁବନେଶ୍ୱରରେ ହୋଇଥିବା ଏହି ବିରାଟ ସମ୍ମିଳନୀ ଦାୟିତ୍ୱ ନିଜ କାନ୍ଧକୁ ନେଇଥିଲେ ତତ୍କାଳୀନ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ଶାସନ ସଚିବ ସୁଜାତା ରାଉତ। ୩ ଦିନ ଧରି ଏହି ସମ୍ମିଳନୀରେ ଓଡ଼ିଆ ଭାଷା ପ୍ରସଙ୍ଗରେ ବିଚାରବିମର୍ଶ କରାଯିବା ବୃହତ୍ତର ବିଶ୍ୱଆଡ଼କୁ ଓଡ଼ିଆ ଭାଷା କିପରି ଅଗ୍ରସର ହେବ, ସେଥିନେଇ ମାନସମନ୍ଥନ ହୋଇଥିଲା। ଏହି ସମ୍ମିଳନୀ ଆୟୋଜନ କରାଯିବା ନିମନ୍ତେ ୨୦୨୪ ଡିସେମ୍ବର ୧୯ ତାରିଖରେ ଅନୁଷ୍ଠିତ ଐତିହ୍ୟ କ୍ୟାବିନେଟରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହି ସମ୍ମିଳନୀ ଯେପରି ବିପୁଳ ସଫଳତା ହାସଲ କରିବ, ସେଥିପାଇଁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁତ୍ୱ ଆରୋପ କରିଥିବା ବେଳେ ସୁଜାତା ହିଁ ଏହି ସମ୍ମିଳନୀର ମଙ୍ଗ ଧରିଥିଲେ। ୩ ଦିନରେ ମୋଟ୍ ୧୭ ଟି ଅଧିବେଶନ ସହ ଓଡ଼ିଆ ଭାଷାର ଉତ୍ପତ୍ତି, କ୍ରମବିକାଶ ଓ ଲୋକପ୍ରିୟତା ଉପରେ ସାରଗର୍ଭକ ଆଲୋଚନା କରାଯାଇଥିଲା।

'ସକାଳ'ର ସ୍ୱାସ୍ଥ୍ୟ

## ୱାଟର ଇନ୍‌ଟକ୍ସିକେସନ୍

**ସୁସ୍ଥ ରହିବା ପାଇଁ ଜଣେ ବୟସ୍କ ବ୍ୟକ୍ତି ପ୍ରତିଦିନ ୨ରୁ ୩ ଲିଟର ପାଣି ପିଇବା ଆବଶ୍ୟକ। ପାଣିର ପରିମାଣ ଶରୀରର ଓଜନ, ଜଳବାୟୁ ଶାରୀରିକ ପରିଶ୍ରମ ଆଦି ଉପରେ ନିର୍ଭର କରେ। ସଠିକ୍ ପରିମାଣର ପାଣି ଶରୀରର ତାପମାତ୍ରାକୁ ନିୟନ୍ତ୍ରଣ କରିବା ସହ ବୃକକ୍‌କୁ ସୁସ୍ଥ ରଖେ। ହେଲେ ଅଧିକାଂଶ ଆବଶ୍ୟକତାଠାରୁ ଅଧିକ ପାଣି ପିଅନ୍ତି। ଏହି ଅଭ୍ୟାସ ଜଳ ବିଷାକ୍ତତା କରିପାରେ।**



**ଜଳ ବିଷାକ୍ତତା କ'ଣ:** ଶରୀରରେ ଜଳର ମାତ୍ରା ଆବଶ୍ୟକତାଠାରୁ ବଢ଼ିଗଲେ ଏହି ଅବସ୍ଥାକୁ ୱାଟର ଇନ୍‌ଟକ୍ସିକେସନ୍ କୁହାଯାଏ। ସାଧାରଣତଃ ପାଣି ପିଇବା ଦ୍ୱାରା ଶରୀର ଅତ୍ୟଧିକ ପରିମାଣର ଜଳକୁ ଝାଳ ଓ ପରିସ୍ରା ମାଧ୍ୟମରେ ବାହାର କରିଥାଏ। ହେଲେ ଅଧିକ ପାଣି ପିଇବା ଦ୍ୱାରା ଶରୀର ପ୍ରାକୃତିକ ଭାବେ ମାତ୍ରାଧିକ ଜଳକୁ ବାହାର କରି ପାରେନି। ରକ୍ତରେ ସୋଡିୟମ୍ ମାତ୍ରା ହ୍ରାସ ପାଏ। ରକ୍ତରେ ସୋଡିୟମ୍ ହ୍ରାସ ପାଇଲେ ହାଇପୋନାଟ୍ରେମିଆ ଭଳି ପରିସ୍ଥିତି ସୃଷ୍ଟି ହୁଏ। ମାତ୍ରାଧିକ ପାଣି ଶରୀରର କୋଷରେ ଜମିବା ସହିତ ଫୁଲିଥାଏ। ମସ୍ତିଷ୍କରେ ପାଣି ଜମିବା ଦ୍ୱାରା ଖପୁରୀ ଆକାର ବୃଦ୍ଧି ପାଇ ମସ୍ତିଷ୍କର କାର୍ଯ୍ୟକାରିତା ବାଧାପ୍ରାପ୍ତ ହୋଇଥାଏ।

**ଲକ୍ଷଣ:** ଆରମ୍ଭରୁ ମୁଣ୍ଡବିନ୍ଧା, ବାନ୍ତି ଆଦି ଲକ୍ଷଣ ଦେଖାଯାଏ। ଗମ୍ଭୀର ସ୍ଥିତିରେ ମାଂସପେଶୀ ଦୁର୍ବଳ, ସ୍ମୃତିଶକ୍ତି ହ୍ରାସ, ନିଃଶ୍ୱାସ ନେବାରେ ସମସ୍ୟା ଆଦି ହୁଏ।

ତେଣୁ ସର୍ବଦା ନିଜ ଶାରୀରିକ ସ୍ଥିତି ଅନୁସାରେ ପାଣି ପିଇବା ଆବଶ୍ୟକ। ଦିନରେ ଅଳ୍ପ ଅଳ୍ପ କରି ପାଣି ପିଇବା ସହିତ ସୋଡିୟମ, ପୋଟାସିୟମ ଏବଂ ମ୍ୟାଗ୍ନେସିୟମ ପରି ଇଲେକ୍ଟ୍ରୋଲାଇଟ୍‌ସର ସନ୍ତୁଳନ ରଖିବା ଆବଶ୍ୟକ।





## ଏଣ୍ଡୋମେଟ୍ରିଆଲ୍ କ୍ୟାନ୍‌ସର

### ସଚେତନତା ହିଁ ପ୍ରଥମ ସୁରକ୍ଷା

ମହିଳାମାନଙ୍କ ମଧ୍ୟରେ ଦିନକୁ ଦିନ ବୃଦ୍ଧି ପାଉଥିବା କ୍ୟାନ୍‌ସର ରୋଗମାନଙ୍କ ଭିତରୁ ଏଣ୍ଡୋମେଟ୍ରିଆଲ୍ କ୍ୟାନ୍‌ସର ଗୁରୁତ୍ୱପୂର୍ଣ୍ଣ ଅଟେ। ଏହା ଗର୍ଭାଶୟର ଭିତର ପତ୍ର, "ଏଣ୍ଡୋମେଟ୍ରିଅମ୍" ରୁ ଆରମ୍ଭ ହୁଏ। ସାଧାରଣତଃ ରଜୋନିବୃତ୍ତି ପରେ ଥିବା ମହିଳାମାନଙ୍କଠାରେ ଏହି ରୋଗ ଅଧିକ ଦେଖାଯାଏ। କିନ୍ତୁ ବର୍ତ୍ତମାନ ଅନିୟମିତ ଜୀବନଶୈଳୀ ଓ ହର୍‌ମୋନ ଅସନ୍ତୁଳନ ହେତୁ ଯୁବତୀମାନେ ମଧ୍ୟ ଏହି କ୍ୟାନ୍‌ସର ବା କର୍କଟ ରେ ପୀଡ଼ିତ ହେଉଛନ୍ତି।

ଏଣ୍ଡୋମେଟ୍ରିଆଲ୍ କ୍ୟାନ୍‌ସରର ପ୍ରମୁଖ ଲକ୍ଷଣ ହେଲା ଅସାମାନ୍ୟ ଯୋନି ରକ୍ତସ୍ରାବ। ବିଶେଷକରି ରଜୋନିବୃତ୍ତି ପରେ ଯଦି ରକ୍ତସ୍ରାବ ହୁଏ, ତାହାକୁ କେବେ ମଧ୍ୟ ଅବହେଳା କରିବା ଉଚିତ୍ ନୁହେଁ।



ଏଥିସହ ତଳ ପେଟରେ ବେଦନା, ଅସାମାନ୍ୟ ସ୍ରାବ, ଓଜନ କମିଯିବା ଓ ଦୁର୍ବଳତା ମଧ୍ୟ ଏହାର ଲକ୍ଷଣ ହୋଇପାରେ।

ଡାକ୍ତରମାନଙ୍କ ମତାନୁସାରେ ଅତ୍ୟଧିକ ମୋଟାପା, ଡାଇବେଟିସ୍, ରକ୍ତଚାପ, ହର୍‌ମୋନ ଅସନ୍ତୁଳନ, ସନ୍ତାନ ନ ହେବା ଏବଂ ପରିବାରରେ କ୍ୟାନ୍‌ସର ଇତିହାସ ଥିବା ମହିଳାମାନଙ୍କଠାରେ ଏହି ରୋଗ ବଢ଼ିଥାଏ। ଠିକ୍ ସମୟରେ ଚିହ୍ନଟ ହେଲେ ଏହି କ୍ୟାନ୍‌ସରର ସଫଳ ଚିକିତ୍ସା ସମ୍ଭବ। ଅଲ୍ଟ୍ରାସାଉଣ୍ଡ, ବାୟୋପ୍ସି ଓ ଅନ୍ୟାନ୍ୟ ପରୀକ୍ଷା ମାଧ୍ୟମରେ ଏହାକୁ ଚିହ୍ନଟ କରାଯାଏ।



ଡାକ୍ତର ଭାଗ୍ୟଲକ୍ଷ୍ମୀ ନାୟକ

ଚିକିତ୍ସା ପ୍ରଣାଳୀରେ ସର୍ଜରୀ, ରେଡିଏସନ୍ ଥେରାପି, କେମୋଥେରାପି ଓ ହର୍‌ମୋନ ଥେରାପି ଅନ୍ତର୍ଭୁକ୍ତ। ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ରୋଗୀଙ୍କ ଅବସ୍ଥାକୁ ଦେଖି ଚିକିତ୍ସା କରାଯାଏ।

ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କ ମତରେ, ସୁସ୍ଥ ଜୀବନଶୈଳୀ ଅନୁସରଣ, ନିୟମିତ ବ୍ୟାୟାମ, ସମତୁଳିତ ଖାଦ୍ୟ ଗ୍ରହଣ ଓ ସମୟ ସମୟରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ଦ୍ୱାରା ଏହି ରୋଗ କମାଇ ପାରିବା। ସଚେତନତା ଓ ଶୀଘ୍ର ଚିକିତ୍ସା ହିଁ ଏଣ୍ଡୋମେଟ୍ରିଆଲ୍ କ୍ୟାନ୍‌ସର ବିରୋଧରେ ସବୁଠାରୁ ବଡ଼ ଅସ୍ତ୍ର।

ପ୍ରଫେସର,
ଗାଇନୋ ଅଙ୍କୋଲୋଜି, ଆଚାର୍ଯ୍ୟ ହରିହର ପୋଷ୍ଟ ଗ୍ରାଜୁଏଟ୍ ଇନଷ୍ଟିଚ୍ୟୁଟ୍ ଅଫ୍ କ୍ୟାନ୍‌ସର, କଟକ

## ଘର ବଇଦ

### ଜିହ୍ୱାରୋଗର ଉପଚାର

- ମାଣସାରୁକୁ ଟିକିଟିକି କରି କାଟି ଖରାରେ ଶୁଖାଇ ଅନ୍ତର୍ଧୂମ ଭସ୍ମକରି ସେହି ଭସ୍ମରେ ସୋରିଷ ତେଲ ଓ ସୈନ୍ଧବ ଲବଣ ମିଶାଇ ଜିଭରେ ଲଗାଇଲେ ସକଳ ପ୍ରକାର ଜିହ୍ୱାରୋଗ ଦୂର ହୁଏ।
- ବାଡ଼ିଅଁଳା ଗଛ କାଟି ଜିଭରେ ଲଗାଇବେ ଅଥବା ପାଣିରେ ଗୋଳି କୁଳୁକୁଞ୍ଚା କରିବେ।
- ଛୋଟ ପିଲାଙ୍କର ଜିଭରେ ଘା' ହେଲେ କର୍ପୂର ପାଣିରେ ଜିଭ ଧୋଇବେ।
- କଞ୍ଚା କଇଞ୍ଚିକାକୁଡ଼ି ଚୋବାଇ ଖାଇଲେ ଜିହ୍ୱାରୋଗ ଭଲ ହୋଇଥାଏ।
- ଦାରୁ ହରିଦ୍ରା ଚୂର୍ଣ୍ଣରେ ମହୁ ମିଶାଇ ଜିଭରେ ଲଗାଇବେ।
- ତେଜପତ୍ରକୁ ପାଣିରେ ଫୁଟାଇ ସେହି ପାଣିରେ କୁଳୁକୁଞ୍ଚା କରିଲେ ଜିହ୍ୱାରୋଗ ଦୂର ହୁଏ।

(ଲକ୍ଷ୍ମଣ ମିଶ୍ରଙ୍କ ଦ୍ୱାରା ଲିଖିତ ପୁସ୍ତକରୁ ଉଦ୍ଧୃତ)

## ବର୍ଷାଦିନିଆ ଭାଇରାଲ ଜ୍ୱର

ବର୍ଷାଦିନେ ବାୟୁମଣ୍ଡଳର ଆର୍ଦ୍ରତା ବୃଦ୍ଧି ଓ ସନ୍ତସନ୍ତିଆ ପରିବେଶ ଯୋଗୁଁ ବିଭିନ୍ନ ଜୀବାଣୁ, କୀଟାଣୁ ଓ ଭୂତାଣୁ ସହଜରେ ବିକଶିତ ହୋଇଥାନ୍ତି। ବର୍ଷାରେ ଭିଜିବା ପରେ ନାକରୁ ପାଣି ଗଡ଼ିବା, ତଣ୍ଟି ଦରଜ, ଭାଇରାଲ ଜ୍ୱର ମାମଲା ଆଦି ଦେଖାଯାଏ। ସାଧାରଣତଃ ରୋଗପ୍ରତିରୋଧ ଶକ୍ତି କମିଲେ ଥଣ୍ଡା ଜ୍ୱରରେ ଶିଶୁ ଓ ବୟସ୍କ ଅଧିକ ପ୍ରଭାବିତ ହୁଅନ୍ତି। ସର୍ଦ୍ଦି, ମୁଣ୍ଡବିନ୍ଧା, ନାକରୁ ପାଣି ଗଡ଼ିବା, କାଶ, ଜ୍ୱର ଓ ମାଂସପେଶୀ ବ୍ୟଥା ଏହି ରୋଗର ଲକ୍ଷଣ। ହଠାତ୍ ପାଣିପାଗରେ ପରିବର୍ତ୍ତନ, ଜ୍ୱରରେ ପୀଡ଼ିତଙ୍କ ସହିତ ସିଧାସଳଖ ସଂସ୍ପର୍ଶରେ ଆସିବା ଦ୍ୱାରା ଭାଇରାଲ ଜ୍ୱର ହୋଇଥାଏ। ଅପପୁଷ୍ଟି ଭୋଗ କରୁଥିବା ଶିଶୁ, ଯକ୍ଷ୍ମା ପୀଡ଼ିତ, ଏଡ୍‌ସ ପୀଡିତଙ୍କ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଁ ଆଣ୍ଟିବାୟୋଟିକ୍ ଦିଆଯାଏ। ମୁଣ୍ଡବିନ୍ଧା, ଜ୍ୱର ଲାଘବ ପାଇଁ ପାରାସିଟାମଲ ବଟିକା ତଥା ସର୍ଦ୍ଦି ପାଇ କୌଣସି ଥଣ୍ଡାନିରୋଧକ ବଟିକା ଖାଇବାକୁ ଦିଆଯାଏ। ଭାଇରାଲ ଜ୍ୱରରୁ ଉପଶମ ପାଇଁ ଯଥେଷ୍ଟ ପାଣି ସହ ଭିଟାମିନ୍ ଓ ଖାଦ୍ୟସାର ଯୁକ୍ତ ଖାଦ୍ୟ ଖାଇବା ଜରୁରି। ଜ୍ୱରରେ ପୀଡ଼ିତଙ୍କୁ ସର୍ବଦା ବାୟୁଚଳାଚଳ କୋଠରିରେ ରଖିବା ଆବଶ୍ୟକ। ଥଣ୍ଡା ବା ଫ୍ରିଜ୍ ପାଣି ପିଇବା ଅନୁଚିତ। ଖାଇବା ପୂର୍ବରୁ ହାତକୁ ସାବୁନରେ ଭଲଭାବେ ସଫା କରିବା, ସନ୍ତୁଳିତ ଖାଦ୍ୟ ଖାଇବା ଅଭ୍ୟାସ ରଖିବା, ଫଳ ଓ ପରିବାକୁ ଖାଇବା ପୂର୍ବରୁ ଭଲ ଭାବେ ଧୋଇବା ଆବଶ୍ୟକ। ଭାଇରାଲ ଜ୍ୱରରେ ପୀଡ଼ିତ ବ୍ୟକ୍ତି ଡାକ୍ତରଙ୍କ ପରାମର୍ଶ ନେଇ ସଠିକ୍ ଔଷଧ ସେବନ କରିବା ଆବଶ୍ୟକ।

## କୋଲେଷ୍ଟ୍ରଲ ପରୀକ୍ଷା ପୂର୍ବର ସତର୍କତା


ଆଜିକାଲି କୋଲେଷ୍ଟ୍ରଲ ବୃଦ୍ଧି ଏକ ବଡ଼ ସମସ୍ୟା। କୋଲେଷ୍ଟ୍ରଲସ୍ତର ବଢ଼ିଲେ, ହୃଦ୍‌ଘାତ, ହୃତପିଣ୍ଡ ଅଚଳ, ଷ୍ଟ୍ରୋକ୍ ଆଦି ହେବାର ଆଶଙ୍କା ବୃଦ୍ଧି ପାଇଥାଏ। ତେଣୁ ରକ୍ତରେ କୋଲେଷ୍ଟ୍ରଲସ୍ତର ନିର୍ଦ୍ଦିଷ୍ଟ ମାତ୍ରାରେ ରଖିବାକୁ ସମୟେ ସମୟେ ଯାଞ୍ଚ ଆବଶ୍ୟକ। କୋଲେଷ୍ଟ୍ରଲ ପରୀକ୍ଷା ଦ୍ୱାରା ହୃଦ୍‌ରୋଗର ତୀବ୍ରତା ଓ ସ୍ଥିତିକୁ ଜାଣିବାରେ ସହାୟକ ହୁଏ। କୋଲେଷ୍ଟ୍ରଲ ଟେଷ୍ଟ ପୂର୍ବରୁ କମ୍ ଚର୍ବିଯୁକ୍ତ ଖାଦ୍ୟ ଗ୍ରହଣ ଭଲ। ପାଖାପାଖି ୪୮ ଘଣ୍ଟା ପୂର୍ବରୁ ଡାଏଟ୍‌ରେ ଫ୍ୟାଟ୍ ମାତ୍ରାକୁ ସୀମିତ କରିବା ଆବଶ୍ୟକ। ଟେଷ୍ଟ ପୂର୍ବରୁ ଉପାସ କରିବା ଅଭ୍ୟାସ ଭଲ। ୧୦ରୁ ୧୨ ଘଣ୍ଟା ଉପାସ ରହି ଟେଷ୍ଟ କରିବା ଦ୍ୱାରା ଟ୍ରାଇଗ୍ଲିସେରାଇଡ୍ ଏବଂ ଏଲ୍‌ଡିଏଲ୍ କୋଲେଷ୍ଟ୍ରଲ ସ୍ତର ମାତ୍ରା ସଠିକ୍ ଜଣାପଡ଼େ। ସେହିପରି ଟେଷ୍ଟ ପୂର୍ବରୁ ମଦ୍ୟପାନ କି ନିଶାସେବନ କରିବା ଅନୁଚିତ। ଏହାଦ୍ୱାରା ଟେଷ୍ଟର ସଠିକ୍ ଫଳାଫଳ ମିଳେନାହିଁ। ସେହିପରି ଏହି ପରୀକ୍ଷା ପୂର୍ବରୁ ଅତ୍ୟଧିକ ଶାରୀରିକ ପରିଶ୍ରମ କରିବା ମଧ୍ୟ ଅନୁଚିତ। କୋଲେଷ୍ଟ୍ରଲ ଟେଷ୍ଟ ପୂର୍ବରୁ ଚିନ୍ତାମୁକ୍ତ ନରହିଲେ ଏହା କୋଲେଷ୍ଟ୍ରଲ ସ୍ତରକୁ ପ୍ରଭାବିତ କରିପାରେ। ଫଳାଫଳ ଭୁଲ୍ ଆସିପାରେ। ସେଥିପାଇଁ ଟେଷ୍ଟର ୪୮ ଘଣ୍ଟା ପୂର୍ବରୁ ଖୁସି ଓ ଶାନ୍ତି ରହିବା ନିହାତି ଆବଶ୍ୟକ। ପରୀକ୍ଷାର ସଠିକ୍ ଫଳାଫଳ ଜାଣିବାକୁ ପ୍ରଚୁର ମାତ୍ରାର ପାଣି ପିଇବା ଆବଶ୍ୟକ। ଦୈନିକ ୨ରୁ ୩ ଲିଟର ପାଣି ପିଇବା ଉଚିତ।

## ଉଚ୍ଚ ରକ୍ତଚାପର ନିୟନ୍ତ୍ରଣ

ବ୍ୟସ୍ତବହୁଳ ଜୀବନଶୈଳୀ, ଖାଦ୍ୟପେୟରେ ଅନିୟମିତତା, ମଧୁମେହ ଆଦି ଯୋଗୁଁ ଉଚ୍ଚ ରକ୍ତଚାପ ହୁଏ। ଏହାକୁ ସଠିକ୍ ସମୟରେ ନିୟନ୍ତ୍ରଣ ନକଲେ ହୃଦ୍‌ଘାତ ଏବଂ ମସ୍ତିଷ୍କାଘାତ ଭଳି ଗମ୍ଭୀର ସମସ୍ୟା ଦେଖାଦେଇପାରେ। ଉଚ୍ଚ ରକ୍ତଚାପରେ ବେକରେ ଯନ୍ତ୍ରଣା, ମୁଣ୍ଡ ବୁଲାଇବା, ହୃଦୟର ଅନିୟମିତ ଗତି, ହାତପାଦ ଥରିବା, ବାରମ୍ବାର ପରିସ୍ରା ଲାଗିବା ଆଦି ଲକ୍ଷଣ ଦେଖାଯାଏ। ଉଚ୍ଚ ରକ୍ତ ଚାପ ଥିଲେ ତେଲ ଓ ମସଲାଯୁକ୍ତ ଖାଦ୍ୟ, ଫାଷ୍ଟଫୁଡ, ଆମିଷ ଆଦି ଖାଦ୍ୟ ବଦଳରେ ସ୍ୱାସ୍ଥ୍ୟକର ଖାଦ୍ୟ ଖାଇବା ଜରୁରୀ। ଦୈନନ୍ଦିନ ଖାଦ୍ୟରେ କମ୍ ଲୁଣ, ଅଯଥା ଚିନ୍ତା, ଅବସାଦରୁ ଦୂରେଇ ରହିବା, ଶର୍କରାଜାତୀୟ ଖାଦ୍ୟ କମ୍ ଖାଇବା, ଦିନକୁ ଅତିକମ୍‌ରେ ୭ରୁ ୮ ଘଣ୍ଟା ଶୋଇବା ଆବଶ୍ୟକ। ଉଚ୍ଚ ରକ୍ତଚାପକୁ ନିୟନ୍ତ୍ରଣରେ ରଖିବାକୁ ନିଶା ସେବନଠାରୁ ଦୂରେଇ ରହିବା ଫଳପ୍ରଦ। ଶରୀରର ଓଜନକୁ ସନ୍ତୁଳିତ ରଖିବା ଜରୁରୀ। ଏଥିପାଇଁ ସପ୍ତାହକୁ ୧୫୦ ମିନିଟ୍ ବ୍ୟାୟାମ କରିପାରିବେ।

# ଆଜି ମହରମ୍; ରାଜ୍ୟ ପୁଲିସର ସାଇବର ପାଟ୍ରୋଲିଂ ସଜାଗ

କଟକ,୨୫ ।୬(ସମିସ): ଶୁକ୍ରବାର ପବିତ୍ର ମହରମ ପର୍ବକୁ ସାରା ରାଜ୍ୟରେ ପାଳନ କରାଯିବ। ଶାନ୍ତିପୂର୍ଣ୍ଣ, ଶୃଙ୍ଖଳିତ ଏବଂ ଭାଇଚାରା ମଧ୍ୟରେ ଏହି ପର୍ବକୁ ପାଳନ କରିବା ନିମନ୍ତେ ରାଜ୍ୟ ପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ପୂର୍ବାହ୍ନରେ ରାଜ୍ୟ ପୁଲିସ ମୁଖ୍ୟାଳୟଠାରେ ଆଭାସୀ ମାଧ୍ୟମରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ଅଧ୍ୟକ୍ଷତାରେ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟର ଚିହ୍ନଟ ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ ସ୍ୱତନ୍ତ୍ର ସୁରକ୍ଷା ବନ୍ଦୋବସ୍ତ ସହ ଅତିରିକ୍ତ ସତର୍କତା ଅବଲମ୍ବନ କରିବାକୁ କୁହାଯାଇଛି। ସୋସିଆଲ ମିଡିଆରେ ଗୁଜବ ଓ ଉତ୍ତେଜନାମୂଳକ ପୋଷ୍ଟ




ପ୍ରସାରଣକୁ ରୋକିବା ପାଇଁ ୨୪ ଘଣ୍ଟିଆ ସାଇବର ପାଟ୍ରୋଲିଂକୁ ସଜାଗ ରଖାଯାଇଛି। ଅପରାଧିକ ପୋଷ୍ଟିଂ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଡିଜିପି କହିଛନ୍ତି। ସେହିପରି ସାଧାରଣ ପୁଲିସ ପାଟ୍ରୋଲିଂକୁ ଜୋରଦାର କରିବା ସହ ଆବଶ୍ୟକସ୍ଥଳେ ଅତିରିକ୍ତ ପୁଲିସ ଫୋର୍ସ ମୁତୟନ ଉପରେ ଡିଜିପି ଗୁରୁତ୍ୱ ଦେଇଛନ୍ତି। ଏହାବ୍ୟତୀତ, ସ୍ଥାନୀୟ ଅଞ୍ଚଳର ଶାନ୍ତି କମିଟି ଓ ବିଭିନ୍ନ ଗୋଷ୍ଠୀର ମୁଖ୍ୟମାନଙ୍କ ସହ ସମନ୍ୱୟ ବୈଠକ କରି ପର୍ବକୁ ଶାନ୍ତିପୂର୍ଣ୍ଣ ଭାବେ ସମ୍ପନ୍ନ କରିବାକୁ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ବୈଠକରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର, ଡିଆଇଜିପି (ପ୍ରୋଭିଜନିଂ) ଚରଣ ସିଂ ମିନା ପ୍ରମୁଖ ଉପସ୍ଥିତ ଥିଲେ। ଆଭାସୀ ମାଧ୍ୟମରେ ସମସ୍ତ ରେଞ୍ଜ ଆଇଜି/ ଡିଆଇଜି ଏବଂ ଜିଲ୍ଲାର ସମସ୍ତ ଏସପି ପ୍ରମୁଖ ଉପସ୍ଥିତ ଥିଲେ।

# ଅଭିଯୁକ୍ତଙ୍କୁ ଗିରଫ ପାଇଁ ଯାଇଥିବା ପୁଲିସକୁ ଆକ୍ରମଣ

ବାଲେଶ୍ୱର/ବାଲିଆପାଳ,୨୫।୬ (ସମିସ) : ଅପରାଧୀକୁ ଗିରଫ କରିବା ପାଇଁ ଯାଇ ପରିବାର ସଦସ୍ୟଙ୍କ ଆକ୍ରମଣର ଶିକାର ହୋଇଛି ବାଲିଆପାଳ ପୁଲିସ। ଆକ୍ରମଣରେ ଆଇଆଇସିଙ୍କ ମୁଣ୍ଡ, ଛାତିରେ ଆଘାତ ଲାଗିଛି। ଖବର ପାଇ ଅଧିକ ପୁଲିସ କର୍ମୀଙ୍କ ସହ ଅଭିଯୁକ୍ତଙ୍କ ଘରେ ଚଢ଼ଉ କରିଥିଲେ ମଧ୍ୟ ପରିବାର ଲୋକ ଫେରାର ହୋଇଯାଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ ବାଲିଆପାଳ ଥାନା କଟୁଆପଡା ଗ୍ରାମର ଶିବ କୁମାର ଜେନାଙ୍କ ପୁଅ କିଛି ଦିନ ପୂର୍ବରୁ ସିଂଲା ଥାନା ଅନ୍ତର୍ଗତ ବୋଲଂ ଗ୍ରାମର ପୂର୍ଣ୍ଣ ଚନ୍ଦ୍ର ତ୍ରିପାଠୀଙ୍କ ଝିଅଙ୍କୁ ଅପହରଣ କରି ନେଇଥିଲେ। ମାତ୍ର ଝିଅ ସାବାଳିକା ହୋଇଥିବାରୁ ଏନେଇ ଥାନାରେ କୌଣସି ମାମଲା ରୁଜୁ ହୋଇନଥିଲା। ଝିଅର ପରିବାର ଲୋକ ପୁଅ ଘରକୁ ଗତ ୨୧ ତାରିଖ ଦିନ ଯାଇଥିଲେ। ଆପୋସ ବୁଝାମଣା କରି ଝିଅକୁ ଫେରାଇ ଆଣିବା ପାଇଁ କହିଥିଲେ। ତେବେ ଏହି ସମୟରେ ପୁଅର ଭାଇ, ମାଆ ଏବଂ ପରିବାରର ଅନ୍ୟ ସଦସ୍ୟମାନେ ଝିଅ ଘରୁ ଆସିଥିବା ଲୋକମାନଙ୍କୁ ନିସ୍ତୁକ ମାଡ଼ ମାରି ବାଲିଆପାଳ ଥାନାରେ ଜିମା ଦେଇଥିଲେ। ବାଲିଆପାଳ ପୁଲିସ ଏହି ଘଟଣାରେ ପୃଥକ ଭାବରେ ଦୁଇଟି ମାମଲା ରୁଜୁ କରି ତଦନ୍ତ କରୁଥିବା ସମୟରେ ଜଣାପଡିଥିଲା କି ଶିବ ଜେନାଙ୍କ ବଡ ପୁଅ ଉତ୍ତମ କୁମାର ଜେନା ଝିଅ ଘରୁ ଆସିଥିବା ଲୋକମାନଙ୍କୁ କୌଣସି କାରଣ ନଥାଇ ନିର୍ଘୃମ ମାଡ଼ ମାରିଥିଲା। ତେଣୁ ଆଜି ସକାଳେ ବାଲିଆପାଳ ଥାନା ଅଧିକାରୀ ସାଲଖାନ ମୁର୍ମୁ ଏକ ଟିମ୍ ନେଇ ଅଭିଯୁକ୍ତକୁ ଗିରଫ କରିବା ପାଇଁ ତାଙ୍କ କଟୁଆପଡାସ୍ଥିତ ବାସଭବନରେ ପହଞ୍ଚିଥିଲେ। ପୁଲିସକୁ ଦେଖିବା ପରେ ଅଭିଯୁକ୍ତର ପରିବାର ଲୋକ ସଂଘବଦ୍ଧ ଭାବରେ ଥାନା ଅଧିକାରୀ ଶ୍ରୀ ମୁର୍ମୁଙ୍କୁ ବିଭିନ୍ନ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ଆଇଆଇସିଙ୍କ ମୁଣ୍ଡ, ଛାତିରେ ଆଘାତ ଲାଗିଛି। ପରେ ଖବର ପାଇ ଅଧିକ ପୁଲିସ କର୍ମୀଙ୍କ ସହ ତାଙ୍କ ବାସଭବନରେ ଚଢ଼ଉ କରିଥିଲେ ମଧ୍ୟ ପରିବାର ଲୋକ ଫେରାର ହୋଇଯାଇଥିଲେ। ଖବର ପାଇ ବସ୍ତା ଏସଡିପିଓ ସମର୍ଥ କୁମାର ବେହେରା ବାଲିଆପାଳ ଥାନାରେ ପହଞ୍ଚିଥିଲେ। ଏ ନେଇ ବାଲିଆପାଳ ଥାନାରେ ଏକ ମାମଲା ରୁଜୁ ହୋଇଛି। ଅପରାହ୍ନରେ ବସ୍ତା ଥାନା ଅଞ୍ଚଳରୁ ଅଭିଯୁକ୍ତ ପରିବାରର ତିନି ଜଣ ମହିଳା ଯଥା ଶିବ ଜେନାଙ୍କ ସ୍ତ୍ରୀ ରିନା ଜେନା, ତାଙ୍କ ଝିଅ ରଚନା ଜେନା ଏବଂ ତାଙ୍କ ବୋହୂ ପଦ୍ମପ୍ରଭା ମହାନ୍ତିଙ୍କୁ ଗିରଫ କରିଛି। ଶିବ ଜେନା, ଗୌତମ ଜେନା ଓ ଉତ୍ତମ ଜେନା ଏବେ ମଧ୍ୟ ଫେରାର ଅଛନ୍ତି।



## ପୁଣି ଅଶାନ୍ତ ବାଲେଶ୍ୱର

# ଯୁବ ବ୍ୟବସାୟୀଙ୍କୁ ଗୁଳିକରି ହତ୍ୟା

ବାଲେଶ୍ୱର, ୨୫।୬ (ସମିସ): ପୁଣି ବାଲେଶ୍ୱର ସହର ହୋଇଛି ଅଶାନ୍ତ। ଦିନ ଦ୍ୱିପ୍ରହରରେ ଦୁର୍ବୃତ୍ତଙ୍କ ଗୁଳିମାଡ଼ରେ ଟଳି ପଡିଛନ୍ତି ଯୁବ ବ୍ୟବସାୟୀ। ବାଲେଶ୍ୱର ସହର ସହଦେବଖୁଣ୍ଟା ଥାନା ଅଡର ବଜାରରେ ଗୁରୁବାର ଅପରାହ୍ନ ପ୍ରାୟ ୩ଟାରୁ ୩.୩୦ମିନିଟ ମଧ୍ୟରେ ବାଇକରେ ଦୁଇ ଜଣ ଦୁର୍ବୃତ୍ତ ଆସି ବ୍ୟବସାୟୀଙ୍କୁ ଗୁଳିମାଡ଼ କରିଛନ୍ତି। ଗୁଳିମାଡରେ ବ୍ୟବସାୟୀ ଏସକେ ହମିଦଙ୍କ ମୃତ୍ୟୁ ଘଟିଛି। ଦୁର୍ବୃତ୍ତମାନେ ତାଙ୍କ ଉପରକୁ ୮ ରାଉଣ୍ଡ ଗୁଳିମାଡ଼ କରିଛନ୍ତି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ କରୁଛି।

ମିଳିଥିବା ସୂଚନା ଅନୁସାରେ ଶେଖ ହମିଦ ନିଜ କାରରେ ଅଡର ବଜାରକୁ ଆସୁଥିଲେ। ଏହି ସମୟରେ ଦୁଇ ଜଣ ଅଜଣା ଦୁର୍ବୃତ୍ତ ଏକ ବାଇକରେ ତାଙ୍କୁ ପିଛା କରୁଥିଲେ। ହମିଦ କାରରୁ ଓହ୍ଲାଇବା ମାତ୍ରେ ଦୁର୍ବୃତ୍ତମାନେ ତାଙ୍କ ଉପରକୁ ଅତର୍କିତ ଭାବେ ଗୁଳିଚାଳନା କରି ଫେରାର ହୋଇଯାଇଥିଲେ। ଗୁଳିମାଡ଼ ପରେ ହମିଦ ରକ୍ତାକ୍ତ ଅବସ୍ଥାରେ ତଳେ ପଡ଼ିଯାଇଥିଲେ। ଘଟଣାସ୍ଥଳରେ ଉପସ୍ଥିତ ଲୋକମାନେ ତୁରନ୍ତ ତାଙ୍କୁ ଉଦ୍ଧାର କରି ଗୁରୁତର ଅବସ୍ଥାରେ ମେଡିକାଲ ନେଇଥିଲେ। ମାତ୍ର ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ସହଦେବଖୁଣ୍ଟା ପୁଲିସ ଓ ବରିଷ୍ଠ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଆକ୍ରମଣକାରୀମାନଙ୍କୁ ଚିହ୍ନଟ କରିବା ପାଇଁ ନିକଟସ୍ଥ ସିସିଟିଭି ଫୁଟେଜ୍ ଯାଞ୍ଚ କରାଯାଉଥିବା ବେଳେ, ଗୁଳିକାଣ୍ଡ ପଛର କାରଣ ନେଇ ମଧ୍ୟ ଖୋଳତାଡ଼ ଚାଲିଛି। ପୂର୍ବ ଶତ୍ରୁତା, ବ୍ୟବସାୟିକ ବିବାଦ କିମ୍ବା ଅନ୍ୟ କୌଣସି କାରଣ ରହିଛି କି ନାହିଁ, ସେ ଦିଗରେ ପୁଲିସ ତଦନ୍ତ କରୁଛି।



ବାଲେଶ୍ୱରରେ ବେଆଇନ ବନ୍ଧୁକ ସବୁ ଗର୍ଜୁ ଥିବା ବେଳେ ସୁପାରୀ କିଲର ପୁଲିସର ମୁଣ୍ଡବ୍ୟଥାର କାରଣ ପାଲଟିଛନ୍ତି । ଗୁଳିକାଣ୍ଡ ପରେ ବାଲେଶ୍ୱର ପ୍ରବେଶ ପଥରେ ପୁଲିସ ନାକା ଲଗାଇ ଖୋଳତାଡ଼ କରାଯାଉଛି ବୋଲି ଜିଲ୍ଲା ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକର କହିଛନ୍ତି। ଏହି ମାମଲାର ଶୀଘ୍ର ପର୍ଦ୍ଦାଫାସ କରିବା ପାଇଁ ବିଭିନ୍ନ ଥାନାରୁ ୪ଟି ଟିମ୍ ଏବଂ ସ୍ପେଶାଲ ସ୍କ୍ୱାଡ୍ ଗଠନ କରାଯାଇ ତଦନ୍ତ ଜାରି ରହିଛି। ବର୍ତ୍ତମାନ ସୁଦ୍ଧା ଏହି ଘଟଣାରେ କାହାକୁ ଅଟକ ରଖାଯାଇ ନାହିଁ। ହତ୍ୟାକାଣ୍ଡର ପ୍ରକୃତ ଉଦ୍ଦେଶ୍ୟ (ପୂର୍ବ ଶତ୍ରୁତା ବା ଅନ୍ୟ କିଛି) ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ, ପୁଲିସ ସବୁ ଦିଗକୁ ନେଇ ଯାଞ୍ଚ କରୁଛି। ମୃତ ବ୍ୟବସାୟୀଙ୍କ ବାଲେଶ୍ୱର ରେମୁଣା ଅଞ୍ଚଳରେ ଫ୍ରିଡମ ଫେଶନ ନାମକ କାର୍ ଅସୋସରିଜ ସୋରୁମ ରହିଛି। ମୃତ ବ୍ୟବସାୟୀଙ୍କ ପରିବାରକୁ ସାନ୍ତ୍ୱନା ଦେବାପାଇଁ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମେଡିକାଲରେ ପହଞ୍ଚିଥିଲେ। ଦିନ ଦ୍ୱିପ୍ରହରେ ଆତଙ୍କବାଦୀ ଭଳି ଗୁଳି ଫୁଟାଇ ହତ୍ୟା କରିବା ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ବୋଲି ସାଂସଦ ଷଡ଼ଙ୍ଗୀ କହିଛନ୍ତି ।

# ତଦନ୍ତ ଆଳରେ ଦରମା ବନ୍ଦ କରାଯାଇପାରିବ ନାହିଁ: ହାଇକୋର୍ଟ

କଟକ,୨୫ ।୬(ସମିସ): ଜଣେ କର୍ମଚାରୀ ନିଲମ୍ବିତ ନ ହୋଇ କାର୍ଯ୍ୟରତ ଥିବା ସମୟରେ। ତାଙ୍କ ବିରୋଧରେ ବିଭାଗୀୟ ତଦନ୍ତକୁ ଆଳ କରି ଦରମା ବନ୍ଦ କରାଯାଇପାରିବ ନାହିଁ ବୋଲି ହାଇକୋର୍ଟ ଜଷ୍ଟିସ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ଓ ଜଷ୍ଟିସ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ରାୟ ଦେଇଛନ୍ତି। ଜଣିକିଆ ବିଚାରପତିଙ୍କ ରାୟ ବିରୋଧରେ ରାଜ୍ୟ ସରକାରଙ୍କ ଆବେଦନ ଦୀର୍ଘ ୨୩୧ ଦିନ ବିଳମ୍ବରେ ହୋଇଥିବା ଏବଂ ବିଳମ୍ବର କୌଣସି ସନ୍ତୋଷଜନକ କାରଣ ନ ଥିବାରୁ ହାଇକୋର୍ଟ ଏହାକୁ ଗ୍ରହଣ କରିନାହାନ୍ତି। ଜଣିକିଆ ବିଚାରପତିଙ୍କ ଆଦେଶକୁ କାଏମ ରଖିବା ସହ ଆଗାମୀ ୮ ସପ୍ତାହ ମଧ୍ୟରେ ଏହି ମାମଲାର ପ୍ରତିପକ୍ଷ ସୁନୀଲ କୁମାର ଭଇଁସାଙ୍କ ବକେୟା ସମସ୍ତ ଦରମା ପ୍ରଦାନ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟ କହିଛନ୍ତି ଯେ ଯଦି ଜଣେ କର୍ମଚାରୀ ନିଜର ଦାୟିତ୍ୱ ସମ୍ପାଦନ କରୁଛନ୍ତି, ତେବେ ତାଙ୍କର ଦରମା ବନ୍ଦ କରିବା ସମ୍ବିଧାନର ଅନୁଚ୍ଛେଦ ୨୩ ଅନୁଯାୟୀ 'ବେଗାରୀ' ବା ବାଧ୍ୟତାମୂଳକ ଶ୍ରମ ସଦୃଶ'। ଏପରିକି ଜେଲରେ ଥିବା କଏଦୀ ବି ଶ୍ରମ ବଦଳରେ ନ୍ୟାଯ୍ୟ ମଜୁରି ପାଇବାକୁ ହକଦାର ହୋଇଥିବା ବେଳେ ପ୍ରତିପକ୍ଷ କର୍ମଚାରୀଙ୍କୁ ଏଥିରୁ ବଞ୍ଚିତ କରାଯାଇପାରିବ ନାହିଁ। ମାମଲାର ବିବରଣୀରୁ ପ୍ରକାଶ ଯେ, ସମ୍ବଲପୁର ମାନେଶ୍ୱରସ୍ଥିତ ମାନ୍ଧାତା ବାବା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ସୁନୀଲ କୁମାର ଭଇଁସାଙ୍କ ବିରୋଧରେ ଜାଲ୍ ସାର୍ଟିଫିକେଟ୍ ଅଭିଯୋଗରେ ଏକ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯାଇଥିଲା। ଏହି ଆଧାରରେ ରାଜ୍ୟ ସରକାର ନଭେମ୍ବର ୨୦୨୨ରୁ ତାଙ୍କର ଦରମା ବନ୍ଦ କରିଦେଇଥିଲେ। ଏହା ବିରୋଧରେ ସୁନୀଲ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଯେପର୍ଯ୍ୟନ୍ତ କର୍ମଚାରୀ ଜଣକ ଦୋଷୀ ସାବ୍ୟସ୍ତ ହୋଇନାହାନ୍ତି ଓ ସେ କାର୍ଯ୍ୟ କରୁଥିବାରୁ ଦରମା ପାଇବାକୁ ହକଦାର ବୋଲି ଜଣିକିଆ ବିଚାରପତି ଗତ ୨୦୨୪ ଏପ୍ରିଲ ୨୪ରେ ରାୟ ଦେଇଥିଲେ। ଏପରିକି ୪ସପ୍ତାହ ଭିତରେ ସମ୍ପୃକ୍ତ କର୍ମଚାରୀଙ୍କ ଗତ ୨୦୨୨ ନଭେମ୍ବରରୁ ଅଟକିଥିବା ଦରମା ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶ ବିରୋଧରେ ରାଜ୍ୟ ସରକାରଙ୍କ ତରଫରୁ ଦୁଇଜଣିଆ ଖଣ୍ଡପୀଠରେ ଏକ ଅପିଲ୍ ଦାୟର କରାଯାଇଥିଲା।

**ବିଚାରାଧୀନ କଏଦୀ ନ୍ୟାଯ୍ୟ ପ୍ରାପ୍ୟ ପାଇଁ ହକ୍‌ଦାର**

## ପୀତବାସ ହତ୍ୟା ମାମଲା

# କୋର୍ଟରେ ପୁଲିସ ଦାଖଲ କଲା ଚୂଡ଼ାନ୍ତ ଚାର୍ଜସିଟ୍

ବ୍ରହ୍ମପୁର,୨୫।୬(ସମିସ): ସବୁ କଳ୍ପନାଜଳ୍ପନାର ଅନ୍ତ ଘଟାଇ ପୁଲିସ ପକ୍ଷରୁ ବହୁଚର୍ଚ୍ଚିତ ପୀତବାସ ପଣ୍ଡା ହତ୍ୟା ମାମଲାରେ ଚୂଡାନ୍ତ ଚାର୍ଜସିଟ ଦାଖଲ କରାଯାଇଛି। ୩୯୬ପୃଷ୍ଠା ସମ୍ବଳିତ ପୃଥକ ପୃଥକ ଭାବେ ମୋଟ ୧୮ ଟି କପି ଆଜି ଏସଡିଜେଏମଙ୍କ କୋର୍ଟରେ ଦାଖଲ କରାଯାଇଛି। ହତ୍ୟା ଘଟଣାକୁ ୯ମାସ ବିତିବାକୁ ବସିଥିବା ବେଳେ ଏଥିରେ ମୋଟ ୧୬ଜଣଙ୍କୁ ଗିରଫ କରାଯାଇଛି। ପ୍ରାଥମିକ ଚାର୍ଜସିଟ ଦାଖଲ କରି ମାମଲାର ତଦନ୍ତକୁ ପୁଲିସ ମୁକ୍ତ ରଖିଥିବାରୁ ଚୂଡାନ୍ତ ଚାର୍ଜସିଟ ଦାଖଲ ସମୟରେ ଆଉ କିଛି ନୂତନ ତଥ୍ୟ ସହିତ ଅନ୍ୟ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଘଟଣାରେ ଗିରଫ କରିବା ନେଇ ଆଶଙ୍କା ସୃଷ୍ଟି ହୋଇଥିଲା।

### ଜୁଲାଇ ୪ରେ ଡିସଚାର୍ଜ ଆବେଦନର ଶୁଣାଣି

ଆଜି ସ୍ଥାନୀୟ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ (ତୃତୀୟ) ବିବସ୍ୱତ ଗୌତମଙ୍କ କୋର୍ଟରେ ଅଭିଯୁକ୍ତଙ୍କ ପକ୍ଷରୁ ଡିସଚାର୍ଜ ଆବେଦନର ଅନ୍ତିମ ତଥା ଶେଷ ପର୍ଯ୍ୟାୟ ଶୁଣାଣି ପ୍ରଭାବିତ ହୋଇଥିବା ଜଣାପଡିଛି। ପୁଲିସ ପକ୍ଷରୁ କୋର୍ଟରେ ଦାଖଲ ହୋଇଥିବା ଚୂଡାନ୍ତ ଚାର୍ଜସିଟ ସମ୍ପର୍କରେ ନିଜେ ସ୍ୱତନ୍ତ୍ର ପିପିଙ୍କ ନିକଟରେ ଖବର ନଥିବା ବେଳେ ପ୍ରତିପକ୍ଷ ତଥା ଅଭିଯୁକ୍ତଙ୍କ ଓକିଲଙ୍କ ନିକଟରେ ଚୂଡାନ୍ତ ଚାର୍ଜସିଟର କୌଣସି ନକଲ କପି ନଥିବାରୁ ଆଜି ଶୁଣାଣି ହୋଇପାରି ନାହିଁ। ପରବର୍ତ୍ତୀ ଶୁଣାଣି ଆସନ୍ତା ଜୁଲାଇ ୪ତାରିଖରେ କରିବାକୁ କୋର୍ଟ ଦିନ ଧାର୍ଯ୍ୟ କରିଛନ୍ତି।। ପରେ ସ୍ୱତନ୍ତ୍ର ପିପି ପୁଲିସ ଦ୍ୱାରା ଦାଖଲ ଚୂଡାନ୍ତ ଚାର୍ଜସିଟ କପି ପାଇଁ ସିଏସଆଇ କାର୍ଯ୍ୟାଳୟରେ ଆବେଦନ କରିଥିବା ଜଣାପଡିଛି। ପ୍ରତିପକ୍ଷ ଓକିଲଙ୍କୁ ମାମଲା ସମ୍ପର୍କିତ ସମସ୍ତ ତଥ୍ୟ ଓ ଦଲିଲ ଯୋଗାଣର ୬୦ଦିନରେ ଡିସଚାର୍ଜ ପିଟିସନ ଦାଖଲ ଓ ତାହାର ଶୁଣାଣି ହୋଇପାରିବା ନେଇ ନିୟମ ଥିବା ପ୍ରତିପକ୍ଷଙ୍କ ଓକିଲ କହିଛନ୍ତି। ତେଣୁ ଏହି ମାମଲାର ଟ୍ରାଏଲ ଆଉ ଦୁଇମାସ ଗଡିବ ବୋଲି କୁହାଯାଉଛି।

ଆଜି କୋର୍ଟରେ ଡିସଚାର୍ଜ ପିଟିସନ ଉପରେ କୌଣସି ଶୁଣାଣି ହୋଇପାରିନଥିବା ବେଳେ ହତ୍ୟାକାଣ୍ଡରେ ଗିରଫ ହୋଇଥିବା ଅନ୍ୟତମ ପ୍ରମୁଖ ଅଭିଯୁକ୍ତ ଉମା ବିଶୋୟୀଙ୍କ ଚିକିତ୍ସା ପାଇଁ ଗତ ଏପ୍ରିଲ ୨୪ତାରିଖରେ କୋର୍ଟରେ ତାଙ୍କ ପକ୍ଷରୁ ଓକିଲ ସୁମିତ୍ରୋ ଦାସ ପିଟିସନ ଦାଖଲ କରିଥିଲେ। ପିଟିସନର ଶୁଣାଣି କରି କୋର୍ଟ କଡା ସୁରକ୍ଷା ବଳୟ ମଧ୍ୟରେ ଉମା ବିଶୋୟୀଙ୍କୁ ଏମକେସିଜି ମେଡିକାଲରେ ଚିକିତ୍ସା ପାଇଁ ନିର୍ଦ୍ଦେଶ ଦେଇଥିଲେ। ତେବେ ନିର୍ଦ୍ଦେଶର ଦିର୍ଘ ପ୍ରାୟ ୩ମାସ ପରେ ମଧ୍ୟ ତାହାକୁ ପାଳନ କରାଯାଇନଥିବା ଅଭିଯୋଗ ହୋଇଛି। ଅସୁସ୍ଥ ଉମା ବିଶୋୟୀଙ୍କ ସ୍ୱାସ୍ଥ୍ୟ ସମ୍ପର୍କିତ ପିଟିସନ ଓ କୋର୍ଟଙ୍କ ନିର୍ଦ୍ଦେଶକକୁ ନେଇ ତାଙ୍କ ଓକିଲ ପ୍ରଶ୍ନ ଉଠାଇଥିଲେ। ଏହା ଅବଗତ ହେବାପରେ କୋର୍ଟ ବିରକ୍ତି ପ୍ରକାଶ କରିଥିଲେ। ଏସକର୍ଟ ଅଭାବ ଆଳରେ ପୁଲିସ ଉମାଙ୍କୁ ଚିକିତ୍ସା ପାଇଁ ମେଡିକଲକୁ ନନେବା ଆଦୌ ଯୁକ୍ତିକର ନୁହେଁ ବୋଲି କହିବା ସହ ତୁରନ୍ତ ଚିକିତ୍ସା ପାଇଁ ନିର୍ଦ୍ଦେଶ ଦେଇଥିବା ଉମାଙ୍କ ଓକିଲ ସୁମିତ୍ରୋ ଦାସ ସୂଚନା ଦେଇଛନ୍ତି। ସେହିଭଳି ଅନ୍ୟତମ ଅଭିଯୁକ୍ତ ତଥା ଆଇନଜୀବୀ ମଦନ ଦଳେଇଙ୍କୁ ମଧ୍ୟ ଅନ୍ୟତ୍ର ସ୍ଥାନାନ୍ତର କରି ଅସ୍ତ୍ରୋପଚାର ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ହୋଇଥିଲେ ହେଁ ତାହାକୁ କାର୍ଯ୍ୟକାରୀ କରାଯାଇନଥିବା ଜଣାପଡିଛି।

## ତାମିଲନାଡୁ ଗ୍ୟାସ୍ ଦୁର୍ଘଟଣା

# ଅନୁକମ୍ପା ରାଶି ୫୦ ଲକ୍ଷ ଦାବି

## ମୃତକଙ୍କ ପରିବାରକୁ ଭେଟିଲେ ବିଜେଡି ନେତା

ତେଲକୋଇ, ୨୫।୬(ସମିସ): ତାମିଲନାଡୁ ଆମୋନିଆ ଗ୍ୟାସ ଦୁର୍ଘଟଣାରେ ଦାଦନ ଶ୍ରମିକ ମୃତକଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ବୁଧବାର ସୁଦ୍ଧା ୮ ଜଣ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ନେଇ କେନ୍ଦୁଝର ଜିଲ୍ଲା ପ୍ରଶାସନ ସୂଚନା ଦେଇଥିବା ବେଳେ ଗୁରୁବାର ଆଉ ଜଣଙ୍କର ମୃତ୍ୟୁ ସୂଚନା ମିଳିଛି; ହେଲେ ପ୍ରଶାସନ ଏହାକୁ ସ୍ପଷ୍ଟ କରିନାହିଁ। ଅନ୍ୟପକ୍ଷରେ, ଏହି ସମ୍ବେଦନଶୀଳ ଘଟଣା ପରେ ରାଜ୍ୟ ବିଜୁ ଜନତା ଦଳ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ୍ ଟାଙ୍ଗୀରି ଦୁବନାଳି ଜୁଆଙ୍ଗ ସାହିରେ ପହଞ୍ଚି ମୃତକଙ୍କ ପରିବାରକୁ



ଭେଟି ସମବେଦନା ଜଣାଇବା ସହ ଦାଦନ ମୃତ୍ୟୁକୁ ନେଇ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ମୃତକଙ୍କ ପରିବାରକୁ ଅନୁକମ୍ପା ରାଶି ୧୦ ଲକ୍ଷ ପରିବର୍ତ୍ତେ ୫୦ ଲକ୍ଷ କରିବାକୁ ଦାବି କରିଛନ୍ତି। ଆଦିମ ଜୁଆଙ୍ଗ ଜନଜାତିଙ୍କ ପ୍ରତି ସରକାର ସମ୍ବେଦନହୀନ ହୋଇ ପଡ଼ିଥିବା ବିଜେଡି ବିଧାୟକ ଦେବଗଡ଼ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଅଭିଯୋଗ କରିଥିବା ବେଳେ କେନ୍ଦୁଝର ଜିଲ୍ଲାରେ ଦାଦନ ଶ୍ରମିକ ଚାଲାଣ ହେବା ଓ ଶବ ହୋଇ ଫେରିବା ସରକାରଙ୍କ ଅପାରଗତାକୁ ପଦାରେ ପକାଇଛି ବୋଲି ପୂର୍ବତନ ବିଧାୟକ ମୁକେଶ ପାଲ୍ ଅଭିଯୋଗ ଆଣିଛନ୍ତି। ଏହି ଗସ୍ତରେ ଜିଲ୍ଲା ପରିଷଦ ସଦସ୍ୟ କେଦାରଚନ୍ଦ୍ର ପ୍ରଧାନ, ବ୍ଲକ ଅଧ୍ୟକ୍ଷ ବିକ୍ରମ ନାୟକ, ବିମଳା ସରପଞ୍ଚ ପ୍ରଶ୍ନ ନାୟକ, ଛାମୁଣ୍ଡା ସରପଞ୍ଚ ସୁଷମା ନାୟକ, ସଲେଇକେନା ସରପଞ୍ଚ ପାଙ୍ଗେଲା ମୁଣ୍ଡା, ପଡ଼ାଙ୍ଗ ସମିତି ସଭ୍ୟା ଲିପି ପରିଡ଼ା ପ୍ରମୁଖ ସାମିଲ ହୋଇଥିଲେ।

## ଫେରାର୍ ବିଜେପି ନେତାଙ୍କୁ ଗିରଫ କରିବାରେ ବିଫଳ

# ଜୁଲାଇ ୨୯ରେ ହାଜର କରାଇବାକୁ ପାଇଁ ପୁଲିସକୁ ନିର୍ଦ୍ଦେଶ

ବ୍ରହ୍ମପୁର,୨୫।୬(ସମିସ): ନାବାଳିକା ଛାତ୍ରୀଙ୍କୁ ଉଚ୍ଚଶିକ୍ଷାର ପ୍ରଲୋଭନ ଦେଖାଇ ମୃଦୁ ପାନୀୟରେ ନିଶା ଦେଇ ଦୁଷ୍କର୍ମ କରିବା ଅଭିଯୋଗରେ ଗିରଫ ହୋଇଥିଲେ ବିଜେପି ନେତା ତଥା ନକଲି ଡାକ୍ତର ଭବାନୀ ଶଙ୍କର ଦାଶ। ଗିରଫ ହୋଇ ଦୀର୍ଘ ଏକ ବର୍ଷ ଧରି ଜେଲ୍‌ରେ ରହିବା ପରେ ନିଜର ଏକମାତ୍ର ପୁଅର ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଯୋଗ ଦେବା ପାଇଁ ହାଇକୋର୍ଟରୁ ସର୍ତ୍ତମୂଳକ ଅନ୍ତରୀଣ ଜାମିନରେ ଆସି ଫେରାର୍ ହୋଇଯାଇଛନ୍ତି।

- କୋର୍ଟରୁ ନୋଟିସ ପାଇ ଚିନ୍ତାରେ ଉଭୟ ଜାମିନଦାର ଓ ପୁଲିସ
- ଅଭିଯୋଗକାରୀଙ୍କ ସମେତ ପରିବାର ଓ ସାକ୍ଷ୍ୟଙ୍କୁ ଧମକ ମିଳୁଥିବା ଅଭିଯୋଗ

ଦୁଷ୍କର୍ମ ଅଭିଯୋଗର ତଦନ୍ତ କରି ପୁଲିସ ବିଜେପି ନେତା ଡାକ୍ତର ଭବାନୀ ଶଙ୍କର ଦାଶ ଓ ଜନୈକା ଅଙ୍ଗନୱାଡି କର୍ମୀ ଓ କ୍ଲିନିକର ସହାୟିକାଙ୍କ ସମେତ ମୋଟ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଗତ ମେ ୮ ତାରିଖରେ ପୁଅର ପ୍ରଥମ ଶ୍ରାଦ୍ଧବାର୍ଷିକୀ ଥିବା ବେଳେ ଅନ୍ତରୀଣ ଜାମିନ ଆବେଦନକୁ ମଞ୍ଜୁର କରି କୋର୍ଟ ୧୦ଦିନ ପାଇଁ ଅର୍ଥାତ୍ ମେ ୭ତାରିଖରୁ ୧୮ତାରିଖ ପର୍ଯ୍ୟନ୍ତ ସର୍ତ୍ତମୂଳକ ଜାମିନ ଦେଇଥିଲେ। କୋର୍ଟଙ୍କ ନିର୍ଦ୍ଦେଶ ପ୍ରକାରେ



ମେ ୧୮ତାରିଖରେ ଅଭିଯୁକ୍ତ ଭବାନୀଙ୍କୁ କୋର୍ଟରେ ଆତ୍ମସମର୍ପଣ କରିବାର ଥିଲା। କିନ୍ତୁ ଭବାନୀ ଜେଲ୍‌ରୁ ମୁକୁଳିବା ପରେ କୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା କରି ଆଜି ପର୍ଯ୍ୟନ୍ତ ଆତ୍ମସମର୍ପଣ ନକରି ଫେରାର ରହିଛନ୍ତି। ଏହାକୁ ନେଇ କୋର୍ଟ ପକ୍ଷରୁ ତାଙ୍କ ବିରୋଧରେ ଜାମିନ ବିହୀନ ଗିରଫ ପରୱାନା ଜାରି କରିଛନ୍ତି। କେବଳ ଫେରାର ଭବାନୀଙ୍କୁ ନୁହେଁ; ବରଂ ତାଙ୍କୁ ଜାମିନରେ ନେଇଥିବା ଦୁଇ ଜାମିନଦାର ନିରାକାର ସାହୁ ଓ ସନ୍ନ୍ୟାସୀ ମହାନ୍ତିଙ୍କ ସମେତ ବୈଦ୍ୟନାଥପୁର ଥାନା ପୁଲିସକୁ ଜୁନ ୨୫ତାରିଖରେ ଫେରାର ଭବନୀଙ୍କୁ କୋର୍ଟରେ ହାଜର ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଆଜି ସନ୍ଧ୍ୟା ସୁଦ୍ଧା ପୁଲିସ ଭବାନୀଙ୍କୁ ଗିରଫ କରିପାରି ନ ଥିବାରୁ ଉଭୟ ଜାମିନଦାର ନିରାଶ ହୋଇଛନ୍ତି।

ସବୁଠାରୁ ବଡକଥା ଫେରାର ସମୟରେ ଭବାନୀ ଶଙ୍କର ଦାଶ ପୀଡିତା ତଥା ତାଙ୍କର ପରିବାର ବର୍ଗ ଓ ସାକ୍ଷ୍ୟଙ୍କୁ ଧମକଚମକ ଦେଉଥିବା ନେଇ ଅଭିଯୋଗ ହୋଇଛି। ମାମଲା ପ୍ରତ୍ୟାହାର କରିବାକୁ ଭବାନୀ ପୀଡ଼ିତା ତଥା ତାଙ୍କ ପରିବାର ଉପରେ ଚାପ ସୃଷ୍ଟି କରୁଥିବା ଅଭିଯୋଗ ହୋଇଛି। ଫେରାର ଭବାନୀଙ୍କୁ ଗିରଫ କରିବାରେ ବୈଦ୍ୟନାଥପୁର ଥାନା ପୁଲିସ ବିଫଳ ହୋଇଥିବା ବେଳେ ଆସନ୍ତା ଜୁଲାଇ ୨୯ତାରିଖ ସୁଦ୍ଧା ତାଙ୍କୁ କୋର୍ଟରେ ହାଜର କରିବାକୁ କୋର୍ଟ ଉଭୟ ଜାମିନଦାର ଓ ପୁଲିସଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି।

● ଜନଗଣନା କର୍ମଚାରୀଙ୍କ ବଦଳି ଆଦେଶରେ ଅନ୍ତରୀଣ ସ୍ଥଗିତାଦେଶ

# ରାଜ୍ୟ ସରକାରଙ୍କୁ ଜବାବ ତଲବ

କଟକ,୨୫ ।୬(ସମିସ): ଜନଗଣନା କାର୍ଯ୍ୟରେ ନିୟୋଜିତ ଥିବା ସରକାରୀ କର୍ମଚାରୀଙ୍କ ବଦଳି ମାମଲାରେ ଓଡ଼ିଶା ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ଆଦେଶ ଦେଇଛନ୍ତି। ଆବେଦନକାରୀଙ୍କ ବଦଳି ନିର୍ଦ୍ଦେଶ ଉପରେ ଅନ୍ତରୀଣ ରୋକ ଲଗାଇଛନ୍ତି ହାଇକୋର୍ଟ। ଭବାନୀ ଶଙ୍କର ବେହେରାଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ର ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ବଦଳି ଆଦେଶକୁ ସ୍ଥଗିତ ରଖିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଏହି ମାମଲାରେ ଆସନ୍ତା ଦୁଇ ସପ୍ତାହ ମଧ୍ୟରେ ସରକାରଙ୍କ ନିକଟରୁ ଜବାବ ମାଗିଛନ୍ତି ହାଇକୋର୍ଟ। ମାମଲାରୁ ପ୍ରକାଶ ଯେ ଭବାନୀ ଶଙ୍କର ବେହେରା ଜନଗଣନା ଦାୟିତ୍ୱରେ ଥିବା ସମୟରେ ଗତ ଜୁନ୍ ୧୨ରେ ତାଙ୍କୁ ମୟୂରଭଞ୍ଜରୁ କେନ୍ଦୁଝରକୁ ବଦଳି କରାଯାଇଥିଲା। ଏହି ସରକାରୀ ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀ ଦର୍ଶାଇଥିଲେ ଯେ, ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଗତ ଏପ୍ରିଲ ୨ରେ ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହି ବିଜ୍ଞପ୍ତିର ନିୟମ ଅନୁଯାୟୀ, ଜନଗଣନା କାର୍ଯ୍ୟରେ ନିୟୋଜିତ ଥିବା କୌଣସି ବି ସରକାରୀ କର୍ମଚାରୀଙ୍କୁ ବଦଳି କରାଯାଇପାରିବ ନାହିଁ। ସରକାରଙ୍କ ଏହି ନିର୍ଦ୍ଦେଶନାମାକୁ ଉଲ୍ଲଙ୍ଘନ କରି ଆବେଦନକାରୀଙ୍କୁ ବଦଳି କରାଯାଇଛି, ଯାହା ସମ୍ପୂର୍ଣ୍ଣ ବେଆଇନ। ଆସନ୍ତା ଜୁଲାଇ ୧୩ରୁ ଆରମ୍ଭ ହେଉଥିବା ସପ୍ତାହରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଦିନ ଧାର୍ଯ୍ୟ କରାଯାଇଛି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଫାଲଗୁନି ରାଜଗୁରୁ ମହାପାତ୍ର ମାମଲା ପରିଚାଳନା କରୁଛନ୍ତି।

## ଚାଷୀଙ୍କ ପ୍ରତି ଡବଲ ଇଞ୍ଜିନର ଚରମ ଉଦାସୀନତା

# ଫସଲ ବୀମା ପଞ୍ଜୀକରଣ ପାଇଁ ବିଜ୍ଞପ୍ତି ପ୍ରକାଶ ନୋହିଲା

ଭୁବନେଶ୍ୱର,୨୫।୬(ସମିସ): ଏବର୍ଷ ଏଲ୍‌ନିନୋ ପ୍ରଭାବ ହେତୁ ଚାଷ କାମ ବଡ଼ ଧରଣରେ ପ୍ରଭାବିତ ହେବା ଆଶଙ୍କା ରହିଛି। ବିଶେଷକରି ଖରିଫ ଋତୁରେ ବର୍ଷାର ଅନିୟମିତତା ଯୋଗୁଁ ଧାନ ଚାଷ ପ୍ରଭାବିତ ହୋଇପାରେ ବୋଲି ଅନୁମାନ କରାଯାଉଛି। ଏଥିପାଇଁ ଚଳିତ ବର୍ଷ ଚାଷକୁ ନେଇ ରାଜ୍ୟର ଚାଷୀକୁଳ ଭୟ ଆଶଙ୍କାରେ ରହିଛି। ତେବେ ଏ ସବୁ ଭିତରେ ଚାଷୀଙ୍କୁ ଆର୍ôଥକ ସୁରକ୍ଷା ପ୍ରଦାନ କରିବାକୁ ଉତ୍ତରଦାୟିତ୍ୱ ନେଇଥିବା ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାକୁ ନେଇ ମଧ୍ୟ ଆଶଙ୍କା ସୃଷ୍ଟି ହୋଇଛି। କାରଣ ଏ ବର୍ଷ ବର୍ତ୍ତମାନ ସୁଦ୍ଧା ଚାଷୀଙ୍କ ନାମ ପଞ୍ଜୀକରଣ କରିବା ପାଇଁ ସରକାର କୌଣସି ବିଜ୍ଞପ୍ତି ଜାରି କରି ନାହାନ୍ତି। ସାଧାରଣ ଭାବେ ମେ' ଶେଷ କିମ୍ବା ଜୁନ୍ ପ୍ରଥମ ସପ୍ତାହ ସୁଦ୍ଧା ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା ପଞ୍ଜୀକରଣ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥାଏ। ଜୁଲାଇ ଶେଷ ପର୍ଯ୍ୟନ୍ତ ଏହି ପ୍ରକ୍ରିୟା ଜାରି ରହେ। ହେଲେ ଚଳିତ ବର୍ଷ ଜୁନ୍ ମାସ ଶେଷ ହେବାକୁ ବସିଥିଲେ ମଧ୍ୟ ଏହି ବିଜ୍ଞପ୍ତି ପ୍ରକାଶ ନ ପାଇବାକୁ ନେଇ ବିରାଟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଏହି ଘଟଣାକୁ ନେଇ ରାଜ୍ୟ କଂଗ୍ରେସର ସମବାୟ ପ୍ରକୋଷ୍ଠ ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି। ସେ କହିଛନ୍ତି, ବିଗତ ୨ ବର୍ଷ ହେଲା ଅନୁକୂଳ ଜଳବାୟୁ ହେତୁ ବୀମା କମ୍ପାନୀମାନେ ସରକାରଙ୍କଠାରୁ ଢେର ଫାଇଦା ଉଠାଇଛନ୍ତି। ଚଳିତ ଖରିଫ୍ ବର୍ଷରେ ଏଲ-ନିନୋ ପ୍ରଭାବରେ ଫସଲ ପ୍ରଭାବିତ ହେବାର ପୂର୍ବାନୁମାନ କରାଯାଇଛି। ତେଣୁ ଚାଷୀଙ୍କ ବୃହତ୍ତର ସ୍ୱାର୍ଥ ରକ୍ଷା ପାଇଁ ସରକାରଙ୍କ ପକ୍ଷରୁ ଖୁବ୍ ଶୀଘ୍ର ଫସଲବୀମା କମ୍ପାନୀଗୁଡ଼ିକ ସ୍ଥିର କରି ଚାଷୀ ନାମ ପଞ୍ଜିକରଣ ପାଇଁ ବିଜ୍ଞପ୍ତି ପ୍ରକାଶ କରିବାର ଆବଶ୍ୟକତା ରହିଛି। ଏହି ଦିଗରେ ସମବାୟ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବା ବେଳେ ସରକାର ଚାଷୀଙ୍କ ପ୍ରତି ଏପରି ଅବହେଳା ପ୍ରଦର୍ଶନ କଲେ ଚାଷୀର ଫସଲ ସୁରକ୍ଷିତ ହେବା ଏବଂ ଚାଷୀର ଆୟ ଦ୍ୱିଗୁଣିତ ହେବା ତ ଦୂରର କଥା ବରଂ ଚାଷୀ ବହୁ ଅସୁବିଧାର ସମ୍ମୁଖୀନ ହେବେ ବୋଲି ସେ କହିଛନ୍ତି। ସେହିପରି ଗ୍ରାମ ପଞ୍ଚାୟତ ପରିବର୍ତ୍ତେ ପ୍ରତି ରାଜସ୍ୱ ଗ୍ରାମକୁ ଏକକ ଫସଲବୀମା ୟୁନିଟ୍ ଭାବେ ଘୋଷଣା କରିବା ପାଇଁ ଶ୍ରୀ ପଟ୍ଟନାୟକ ଦାବି କରିଛନ୍ତି।

ଦଳ ପକ୍ଷରୁ କୁହାଯାଇଛି, କେନ୍ଦ୍ରରେ ବିଜେପି ସରକାର ଆସିବା ପରେ ୨୦୧୬ ଖରିଫ୍‌ଠାରୁ ରାଷ୍ଟ୍ରୀୟ ଉଦ୍ୟୋଗକୁ ଭାଙ୍ଗି ଦେଶର ହାତ ଗଣତି କେତୋଟି ଅଭିଜ୍ଞତା ନ ଥିବା ଘରୋଇ କମ୍ପାନୀମାନଙ୍କୁ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି। ଏହାଦ୍ୱାରା ଗତ ୧୨ ବର୍ଷ ମଧ୍ୟରେ ଚାଷୀ ଫସଲବୀମାରେ ଉପକୃତ ହେବା ପରିବର୍ତ୍ତେ ସରକାର ଓ ଘରୋଇ ବୀମା କମ୍ପାନୀ ଏହାର ସମ୍ପୂର୍ଣ୍ଣ ଫାଇଦା ଉଠାଇଛନ୍ତି। ଚାଷୀ ଅତୀତରେ ନିର୍ଦ୍ଧାରିତ ସମୟରେ ବୀମା ପ୍ରିମିୟମ ପୈଠ କରି ମଧ୍ୟ ସେମାନଙ୍କ କ୍ଷତିପୂରଣ ନ ପାଇବା ବହୁ ନଜିର ରହିଛି।

## ଅତିଥି ଅଧ୍ୟାପକ ନିଯୁକ୍ତିରେ ବିଳମ୍ବକୁ ନେଇ ଉଚ୍ଚଶିକ୍ଷା ବ୍ୟବସ୍ଥା ଉପରେ ଉଠିଛି ପ୍ରଶ୍ନ

# ଏମ୍‌ପିସିରେ ୫୮ ଓ ମହିଳା କଲେଜରେ ୩୫ ପଦବୀ ଖାଲି

ବାରିପଦା, ୨୫।୬(ସମିସ)




ଗୋଟିଏ ପଟେ ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପାଠ୍ୟପୁସ୍ତକରେ ହଜାରରୁ ଅଧିକ ତ୍ରୁଟିକୁ ନେଇ ସରକାର କାଠଗଡ଼ାରେ ଛିଡ଼ା ହୋଇଥିବାବେଳେ ଏବେ ପୁଣି ଉଚ୍ଚଶିକ୍ଷା ବିଭାଗ ପାଇଁ ସରକାରଙ୍କୁ ବିବାଦୀୟ ପରିସ୍ଥିତିର ସାମ୍ନା କରିବାକୁ ପଡ଼ୁଛି। ରାଜ୍ୟର ମହାବିଦ୍ୟାଳୟରେ ଅଧ୍ୟାପକ ଅଭାବ ଓ ଚଳିତ ବର୍ଷ ପାଇଁ ଅତିଥି ଅଧ୍ୟାପକ ନିଯୁକ୍ତିରେ ବିଳମ୍ବକୁ ନେଇ ନୂଆ ବିବାଦ ସୃଷ୍ଟି ହୋଇଛି। ୨୦୨୬-୨୭ ଶିକ୍ଷାବର୍ଷ ଆରମ୍ଭ ହୋଇଯାଇଥିଲେ ମଧ୍ୟ ରାଜ୍ୟର ଅନେକ ସରକାରୀ ଡିଗ୍ରୀ କଲେଜରେ ପାଠପଢ଼ା ସ୍ୱାଭାବିକ ଭାବେ ଆରମ୍ଭ ହୋଇପାରି ନ ଥିବା ବିଭିନ୍ନ କଲେଜରୁ ସୂଚନା ମିଳୁଛି। ବର୍ତ୍ତମାନ ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟରେ ୫୮ ଓ ମହିଳା କଲେଜରେ ୩୫ଟି ପଦବୀ ଖାଲିପଡ଼ିଛି। ଫଳରେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଖେଳାଯାଉଥିବା ଅଭିଯୋଗ ହେଉଛି।

ସୂଚନା ମୁତାବକ, ଗ୍ରୀଷ୍ମ ଅବକାଶ ପରେ ରାଜ୍ୟର ସରକାରୀ କଲେଜ ଚଳିତ ମାସ ୧୭ ତାରିଖରେ ଖୋଲିଛି। ଏଥିସହିତ +୩ ନାମଲେଖା ପ୍ରକ୍ରିୟା ମଧ୍ୟ ଚାଲିଛି। ପ୍ରଥମ ପର୍ଯ୍ୟାୟର ନାମଲେଖା ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ରହିଛି। କିଛି ନିୟମିତ ଅଧ୍ୟାପକ ଏ ସମ୍ବନ୍ଧିତ କାର୍ଯ୍ୟରେ ବ୍ୟସ୍ତ ରହୁଥିବା ଯୋଗୁଁ ସେମାନେ ଠିକ୍ ଭାବେ ଛାତ୍ରଛାତ୍ରୀଙ୍କୁ ପାଠ ପଢ଼ାଇବା ପାଇଁ ସମୟ ଦେଇ ପାରୁନାହାଁନ୍ତି। ଏଭଳି ସମୟରେ ଅନେକ କଲେଜରେ ଅତିଥି ଅଧ୍ୟାପକଙ୍କ ନିଯୁକ୍ତି ସମ୍ପୂର୍ଣ୍ଣ ନ ହେବା ଯୋଗୁଁ କେତେକ ବିଭାଗ ଗ୍ରୀଷ୍ମ ଅବକାଶଠାରୁ ଆଦୌ ଖୋଲା ମଧ୍ୟ ହୋଇପାରିନାହିଁ । ଯେଉଁଠାରେ ନିୟମିତ ଅଧ୍ୟାପକ ଅଛନ୍ତି, ସେଠାରେ ବିଭାଗ ଖୋଲା ହୋଇଥିଲେ ମଧ୍ୟ ଆବଶ୍ୟକ ସଂଖ୍ୟାରେ ଅଧ୍ୟାପକ ଅଭାବରୁ ନିୟମିତ ପାଠପଢ଼ା ହୋଇପାରୁନଥିବା ଅଭିଯୋଗ ସାମ୍ନାକୁ ଆସୁଛି। ତେବେ ବିଜେପି ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେଜିରୁ ପିଜି ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ମାଗଣା ଶିକ୍ଷା ଦିଆଯିବ ବୋଲି ଘୋଷଣା କରିଥିଲେ। କିନ୍ତୁ ଶିକ୍ଷା କ୍ଷେତ୍ରରେ ଦୀର୍ଘଦିନ ଧରି ଅନେକ ଅନୁମୋଦିତ ଶିକ୍ଷକ ଓ ଅଧ୍ୟାପକ ପଦବୀ ଖାଲି ପଡ଼ିଛି। ଏଭଳି ପରିସ୍ଥିତିରେ ଅତିଥି ଶିକ୍ଷକ ଓ ଅତିଥି ଅଧ୍ୟାପକଙ୍କ ଉପରେ ଶିକ୍ଷାଦାନ ବହୁ ଅଂଶରେ ନିର୍ଭର କରୁଛି।

ଅଭିଭାବକ ମହଲରୁ ମିଳିଥିବା ସୂଚନା ଅନୁଯାୟୀ, ପୂର୍ବ ସରକାର ପୂର୍ବ ବର୍ଷଗୁଡ଼ିକରେ ଅନୁମୋଦିତ ଖାଲି ପଦବୀ ବିରୋଧରେ କାର୍ଯ୍ୟରତ ଅତିଥି ଅଧ୍ୟାପକଙ୍କୁ ପ୍ରତିବର୍ଷ ପୁନଃ ନିଯୁକ୍ତ କରି ଶିକ୍ଷାବର୍ଷକୁ ଠିକ୍ ସମୟରେ ଆରମ୍ଭ କରିବା ସହ ପିଲାଙ୍କ ପାଠପଢ଼ା ସ୍ୱାଭାବିକ ରଖିବାକୁ ପଦକ୍ଷେପ ନେଉଥିଲେ। ବର୍ତ୍ତମାନର

**ଅନ୍ଧାରରେ ଉଚ୍ଚଶିକ୍ଷା ବ୍ୟବସ୍ଥା, ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଖେଳ**

ସରକାର ପ୍ରତିବର୍ଷ ନୂଆ ସାକ୍ଷାତ୍କାର ପ୍ରକ୍ରିୟା କରୁଥିବା ଯୋଗୁଁ ସମୟ ଅଧିକ ଲାଗୁଛି ଓ ସେହି ବିଳମ୍ବର ପ୍ରଭାବ ସିଧାସଳଖ ଭାବେ ଛାତ୍ରଛାତ୍ରୀଙ୍କ ପାଠପଢ଼ା ଉପରେ ପଡୁଛି ବୋଲି ସେମାନଙ୍କ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଅତିଥି ଅଧ୍ୟାପକଙ୍କୁ ପ୍ରତିବର୍ଷ ୯ ମାସ ପାଇଁ ସରକାର ନିଯୁକ୍ତି ଦେଉଥିବାବେଳେ ଗତ ଶିକ୍ଷାବର୍ଷରେ ତାହା ମାର୍ଚ୍ଚ ମାସରେ ଶେଷ ହୋଇଯାଇଥିଲା। ସେ ସମୟରେ ବିଭିନ୍ନ କଲେଜରେ ପରୀକ୍ଷା ଚାଲୁଥିବା ସତ୍ତ୍ୱେ ସରକାର ଏକମାସ ପାଇଁ ସେମାନଙ୍କ କାର୍ଯ୍ୟକାଳକୁ ବଢ଼ାଇବା ପରିବର୍ତ୍ତେ ସେମାନଙ୍କୁ କାର୍ଯ୍ୟରୁ ଅବ୍ୟାହତି ଦେଇଥିଲେ। ଯାହାପାଇଁ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ମୟୂରଭଞ୍ଜ ଜିଲ୍ଲା ସଦର ମହକୁମା ବାରିପଦାରେ ଥିବା ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟ କଥା ବିଚାରକୁ ନେଲେ ଏଠାରେ ୯୨ ଜଣ ଅଧ୍ୟାପକ/ଅଧ୍ୟାପିକା ମଞ୍ଜୁରୀ ପଦରୁ ମାତ୍ର ୩୪ ଜଣ ଥିବାବେଳେ ୫୮ଟି ପଦବୀ ଖାଲିପଡିଛି। ଖାଲି ଥିବା ସ୍ଥାନରେ ଗତବର୍ଷ ୪୭ ଜଣ ଅତିଥି ଅଧ୍ୟାପକ ନିଯୁକ୍ତ ହୋଇଥିଲେ। ଯାହା ଏବେ ଖାଲିପଡିଛି। ସେହିପରି ସ୍ଥାନୀୟ ସରକାରୀ ମହିଳା ମହାବିଦ୍ୟାଳୟର ଏଠାରେ ୪୪ ଜଣ ଅଧ୍ୟାପକ/ଅଧ୍ୟାପିକା ମଞ୍ଜୁରୀ ପଦରୁ ମାତ୍ର ୯ ଜଣ ଥିବାବେଳେ ୩୫ଟି ପଦବୀ ଖାଲିପଡିଛି। ଖାଲିଥିବା ସ୍ଥାନରେ ଗତବର୍ଷ ୩୦ ଜଣ ଅତିଥି ଅଧ୍ୟାପକ ନିଯୁକ୍ତ ହୋଇଥିଲେ। ଯାହା ଏବେ ଖାଲି ପଡିଛି। ଜିଲ୍ଲାର ଦୁଇ ପ୍ରମୁଖ ବିଦ୍ୟାଳୟର ସ୍ଥିତି ଯଦି ଏମିତି, ତେବେ ସାରା ଜିଲ୍ଲାରେ ଉଚ୍ଚଶିକ୍ଷା କିପରି ହେବ, ତାହା ଅନୁମେୟ। ସାଧାରଣରେ ଏବେ ପ୍ରଶ୍ନ ଉଠୁଛି ଯେ, ଯଦି ଶିକ୍ଷାବର୍ଷ ଆରମ୍ଭ ପୂର୍ବରୁ ଅଧ୍ୟାପକଙ୍କ ଆବଶ୍ୟକତା ଜଣାଥିଲା, ତେବେ ନିଯୁକ୍ତି ପ୍ରକ୍ରିୟା ଯଥାସମୟରେ ସମ୍ପୂର୍ଣ୍ଣ ହୋଇପାରିଲା ନାହିଁ କାହିଁକି? କଲେଜ ଖୋଲିବା ପରେ ମଧ୍ୟ ଯଦି ଅନେକ ବିଭାଗରେ ନିୟମିତ ଶିକ୍ଷାଦାନ ଆରମ୍ଭ ହୋଇନାହିଁ, ତେବେ ଶିକ୍ଷାବର୍ଷର ପ୍ରାରମ୍ଭିକ କ୍ଷତି କିପରି ପୂରଣ ହେବ? ଶିକ୍ଷାବିତ୍‌ଙ୍କ ମତରେ, ଶିକ୍ଷାବର୍ଷର ପ୍ରଥମ ମାସ ହେଉଛି ପାଠ୍ୟକ୍ରମର ଭିତ୍ତି। ଏହି ସମୟରେ ଶ୍ରେଣୀ କାର୍ଯ୍ୟ ବନ୍ଦ ରହିଲେ ପରବର୍ତ୍ତୀ ସମୟରେ ପାଠ୍ୟକ୍ରମ ସମାପ୍ତ କରିବା, ସେମିଷ୍ଟାର୍ ପରୀକ୍ଷା ଓ ଶିକ୍ଷାର ଗୁଣବତ୍ତା ଉପରେ ଚାପ ପଡ଼ିପାରେ। ଯଥାଶୀଘ୍ର ଅତିଥି ଅଧ୍ୟାପକଙ୍କୁ ପୁନଃନିଯୁକ୍ତ କରି ଆବଶ୍ୟକ ସ୍ଥଳେ ହିଁ କେବଳ ସାକ୍ଷାତକାର କରି ସମସ୍ତ ପଦବୀ ପୂରଣ କରିବା ସହ ଶ୍ରେଣୀ କାର୍ଯ୍ୟକୁ ଯଥାଶୀଘ୍ର ଆରମ୍ଭ କରାଯାଉ। ଏଭଳି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ଉଚ୍ଚଶିକ୍ଷା ବିଭାଗ ଉପରେ ନଜର ରହିଛି ଯେ, କେବେ ସମସ୍ତ ଆବଶ୍ୟକୀୟ ଅତିଥି ଅଧ୍ୟାପକଙ୍କ ନିଯୁକ୍ତି ସମ୍ପୂର୍ଣ୍ଣ ହେବ, କେବେ ସମସ୍ତ କଲେଜରେ ନିୟମିତ ପାଠପଢ଼ା ଆରମ୍ଭ ହେବ ଓ ଛାତ୍ରଛାତ୍ରୀଙ୍କ ଶିକ୍ଷାରେ ହୋଇଥିବା ପ୍ରାରମ୍ଭିକ କ୍ଷତିକୁ କିପରି ପୂରଣ କରାଯିବ, ସେ ନେଇ ରହିଛି ନଜର।

## ଅନୁଦାନ ଓ ପୁରୁଣା ପେନସନ୍ ଦାବିରେ ଶିକ୍ଷକ-କର୍ମଚାରୀଙ୍କ ବିକ୍ଷୋଭ



**ରାସଗୋବିନ୍ଦପୁର, ୨୫।୬ (ସମିସ):** ଅନୁଦାନ ଯୋଗ୍ୟ ସ୍କୁଲ ଓ କଲେଜକୁ ତୁରନ୍ତ ଅନୁଦାନ ପ୍ରଦାନ, ପୁରୁଣା ପେନସନ ବ୍ୟବସ୍ଥା ଲାଗୁ ଓ ଅବସର ବୟସ ସୀମା ୬୦ରୁ ୬୨ ବର୍ଷକୁ ବୃଦ୍ଧି କରିବା ଦାବିରେ ରାସଗୋବିନ୍ଦପୁର ବ୍ଲକ୍‌ସ୍ତରୀୟ ଓଡ଼ିଶା ସ୍କୁଲ-କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ତିନିଦଫା ଦାବି ନେଇ ରାଜ୍ୟବ୍ୟାପୀ ଆନ୍ଦୋଳନର ଅଂଶ ଭାବେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ଜଣାପଡ଼ିଛି। ସୁବାନଡିହସ୍ଥ ପଣ୍ଡିତ ରଘୁନାଥ ମୁର୍ମୁ ମେମୋରିଆଲ ଉଚ୍ଚବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ବିଭିନ୍ନ ସ୍କୁଲ ଓ କଲେଜର ଶିକ୍ଷକ ଓ କର୍ମଚାରୀ ଯୋଗଦେଇ ସରକାରଙ୍କ ନିକଟରେ ନିଜ ନ୍ୟାୟସଙ୍ଗତ ଦାବି ପୂରଣ ପାଇଁ ଆହ୍ୱାନ ଜଣାଇଥିଲେ। ପ୍ରଧାନଶିକ୍ଷକ ରମାକାନ୍ତ ଗିରିଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ରାଜ୍ୟ ସମ୍ପାଦକ ରାଧାବଲ୍ଲଭ ଭୂୟାଁ, ରାଜ୍ୟ ସମ୍ପାଦକ ଅଞ୍ଜନ କୁମାର ଜେନା, ବ୍ଲକ ଓଷ୍ଟା ସଭାପତି ପ୍ରଶାନ୍ତ କୁମାର ଲେଙ୍କା, ବ୍ଲକ ସମ୍ପାଦକ ବିକର୍ତ୍ତନ ସାହୁ, ପ୍ରଦ୍ୟୁମ୍ନ ଘୋଷ, ବ୍ୟମକେଶ ଚୌଧୁରୀ, ଜୟନ୍ତ କୁମାର ମହାନ୍ତ, ଶୁଭଲକ୍ଷ୍ମୀ ଗାନ୍ଧୀ ଓ ସନ୍ତୋଷ କୁମାର ମହାନ୍ତ ପ୍ରମୁଖ ଉପସ୍ଥିତ ରହି ଦାବିଗୁଡ଼ିକର ଯଥାର୍ଥତା ସମ୍ପର୍କରେ ମତ ପ୍ରକାଶ କରିଥିଲେ। ଅତିଥିମାନେ କହିଥିଲେ ଯେ, ଅନୁଦାନ ଯୋଗ୍ୟ ଶିକ୍ଷାନୁଷ୍ଠାନର ଶିକ୍ଷକ ଓ କର୍ମଚାରୀ ଦୀର୍ଘଦିନ ଧରି ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇଆସୁଛନ୍ତି। ସରକାର ତୁରନ୍ତ ସେମାନଙ୍କ ଦାବି ପୂରଣ ନ କଲେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ସେମାନେ ଚେତାବନୀ ଦେଇଥିଲେ।

## ସାମ୍ବାଦିକ ଦିଲ୍ଲୀପ ମହାନ୍ତଙ୍କ ସ୍ମୃତିସଭା



**ଠାକୁରମୁଣ୍ଡା/ମହୁଲଡିହା, ୨୫।୬ (ସମିସ):** ସାମ୍ବାଦିକ ଦିଲ୍ଲୀପ କୁମାର ମହାନ୍ତଙ୍କ ଏକାଦଶାହରେ ଠାକୁରମୁଣ୍ଡା ପ୍ରେସ କ୍ଲବ ପକ୍ଷରୁ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଶରତ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସ୍ମୃତିସଭାରେ ସାମ୍ବାଦିକ ତାରାକାନ୍ତ ପଟ୍ଟନାୟକ, ଯୋଗେନ୍ଦ୍ର ପାତ୍ର, ଚକ୍ରଧର ଦାସ, ସଚ୍ଚିଦାନନ୍ଦ ପଲେଇ, ବସନ୍ତ କୁମାର ସୋରେନ, କୃଷ୍ଣଚନ୍ଦ୍ର ମୁର୍ମୁ, ରମେଶ ମହାନ୍ତ, ଲକ୍ଷ୍ମୀନାରାୟଣ ରାଉତରାୟ, ହରେକୃଷ୍ଣ ତ୍ରିପାଠୀ, ସରପଞ୍ଚ ବ୍ରହ୍ମାନନ୍ଦ ଦେହୁରୀ, ବ୍ଲକ ଉପାଧ୍ୟକ୍ଷ ସନ୍ତୋଷ କୁମାର ମହାନ୍ତ ଓ ସ୍ଥାନୀୟ ଲୋକ ଯୋଗଦେଇ ସ୍ୱର୍ଗତ ଦିଲ୍ଲୀପଙ୍କ ସ୍ମୃତିଚାରଣ କରିଥିଲେ। ତାରାକାନ୍ତ ପଟ୍ଟନାୟକ ନିଜ ବକ୍ତବ୍ୟରେ ଶେଷ ନିଶ୍ୱାସ ନେବାର ୨ ଦିନ ପୂର୍ବରୁ ସେ ଖବର ପଠାଇଥିବା ଓ ପ୍ରକାଶିତ ହୋଇଥିବା ତାଙ୍କ ଦୃଢ ଇଚ୍ଛାଶକ୍ତିର ନମୁନା ବୋଲି କହିଥିଲେ। ଯୋଗେନ୍ଦ୍ର ପାତ୍ର ନିଜ ବକ୍ତବ୍ୟରେ ଯୋଗାଯୋଗ ଓ ଲୋକ ସମ୍ପର୍କ ରକ୍ଷା ଦିଗରେ ଦିଲ୍ଲୀପଙ୍କ ଭୂମିକାକୁ ସ୍ମରଣ କରିଥିଲେ ଓ ସମାଜ କାଗଜରେ ଯୋଗ ଦେବା ପଛରେ ଥିବା ଘଟଣା ମନେ ପକାଇଥିଲେ। ସାମ୍ବାଦିକ ଚକ୍ରଧର ଦାସ କହିଥିଲେ ଯେ, ଦୈନିକ ଖବର ଜାଣିବାକୁ ସେ ନିଶ୍ଚିତ ଫୋନ କରୁଥିବା ଓ କୌଣସି ଅଘଟଣ ଘଟିଲେ ସେ ଯାଇ ପାରୁ ନ ଥିଲେ, ତାଙ୍କୁ ଯିବାକୁ ଅନୁରୋଧ କରୁଥିଲେ ବୋଲି କହିଥିଲେ। ବ୍ଲକ ଉପାଧ୍ୟକ୍ଷ ସନ୍ତୋଷ ମହାନ୍ତ ଦିଲ୍ଲୀପଙ୍କ ଦେହାନ୍ତ ସାମ୍ବାଦିକତା କ୍ଷେତ୍ରରେ ଏକ ଶୂନ୍ୟ ସ୍ଥାନ ଛାଡିଗଲା ବୋଲି କହିଥିଲେ। ଦିଲ୍ଲୀପଙ୍କ ଭଳି ନିର୍ଭିକ ସାମ୍ବାଦିକ କ୍ୱଚିତ ଅଛନ୍ତି ବୋଲି କହିଥିଲେ। ଠାକୁରମୁଣ୍ଡା ପାଇଁ ଏକ ଅପୂରଣୀୟ କ୍ଷତି ବୋଲି କହିଥିଲେ। ମୟୂରଭଞ୍ଜ ଜିଲ୍ଲା ସାମ୍ବାଦିକ ସଂଘ ଓ ଠାକୁରମୁଣ୍ଡା ପ୍ରେସ କ୍ଲବ ମିଳିତ ଭାବେ ଦିଲ୍ଲୀପଙ୍କ ପରିବାରକୁ ୧୫ ହଜାର ଟଙ୍କା ପ୍ରଦାନ କରିଥିଲେ।

## ମାନଗୋବିନ୍ଦପୁର ପଞ୍ଚାୟତରେ କଂକ୍ରିଟ୍ ରାସ୍ତା କାମ ନିମ୍ନମାନର ଅଭିଯୋଗ

**ବଡ଼ସାହି,୨୫।୬(ସମିସ):** ବଡ଼ସାହି ବ୍ଲକ୍ ଅଧୀନ ମାନଗୋବିନ୍ଦପୁର ପଞ୍ଚାୟତରେ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ୪ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ କଂକ୍ରିଟ୍ ରାସ୍ତା କାମ ନିମ୍ନମାନର ହୋଇଥିବା ନେଇ ଅଭିଯୋଗ ହୋଇଛି। ଏ ନେଇ ଗ୍ରାମବାସୀ ଓ ୱାର୍ଡମେମ୍ବର ବିଡିଓଙ୍କୁ ଲିଖିତ ଅଭିଯୋଗ କରିଥିବାବେଳେ ଏହାର ନକଲ ଜିଲ୍ଲାପାଳ, ଭିଜିଲାନ୍ସ ଏସ୍‌ପି, ବଡସାହି ବିଧାୟକ, ନିର୍ବାହୀ ଯନ୍ତ୍ରୀ ଓ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିବା ଜଣାଯାଇଛି। ଏହି କାମର ତଦନ୍ତ ସହିତ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।

୨୦୨୫-୨୬ ଆର୍ଥିକ ବର୍ଷରେ ମାନଗୋବିନ୍ଦପୁର ପଞ୍ଚାୟତର ମାନୁ ଦାସଙ୍କ ଘରଠାରୁ ବସନ୍ତ ବୁଗୁଡେଇଙ୍କ ଘର ପର୍ଯ୍ୟନ୍ତ କଂକ୍ରିଟ୍ ରାସ୍ତା ନିର୍ମାଣ ପାଇଁ ବିଭାଗୀୟ ଅନୁମୋଦନ ଲାଭ କରିଥିଲା। ଉକ୍ତ କାମ ବିଭାଗ ପକ୍ଷରୁ ହେଉଥିବାବେଳେ ଠିକାଦାର ନିମ୍ନମାନର କାମ କରୁଛନ୍ତି। ଉକ୍ତ କାମରେ ଅଣସ୍ୱୀକୃତିପ୍ରାପ୍ତ ରିପେକିଂ ସିମେଣ୍ଟ, ଧଳା ମେଟାଲ ଓ ଚିପ୍‌ସ, ମାଟି ମିଶା ବାଲି ବ୍ୟବହାର କରାଯାଉଥିବାବେଳେ ଏହାର ମେଟାଲ ଢଳେଇ ଓ ଚିପ୍‌ସ ଢଳେଇରେ ଭାଗମାପ ଓ ମୋଟେଇ ଅଟକଳକୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଉଛି। ୪ ଲକ୍ଷ ଟଙ୍କାରେ କେତେ ଓସାର, କେତେ ଲମ୍ବ, ମେଟାଲ ଓ ଚିପ୍ସ ଢଳେଇର ମୋଟେଇ କେତେ ଇଞ୍ଚ ଅଟକଳରେ ରହିଛି, ତାହା ଯନ୍ତ୍ରୀ ସ୍ପଷ୍ଟ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏହି ରାସ୍ତାଟି ଅତ୍ୟନ୍ତ ନିମ୍ନମାନର ନିର୍ମାଣ ହୋଇଥବାବେଳେ ଗୋଟିଏ ଦିନରେ ତରବରିଆ ଭାବେ ୪ ଲକ୍ଷ ଟଙ୍କାର କାମକୁ ସାରି ଦିଆଯାଇଛି। ଏପରିକି କାମ କରିବା ସମୟରେ ଯନ୍ତ୍ରୀ କିମ୍ବା ତାଙ୍କର କୋ÷ଣସି ପ୍ରତିନିଧି ଉପସ୍ଥିତ ନ ଥିବାରୁ ଏହା ଠିକାଦାରଙ୍କୁ ବେଶ ସୁହାଇଛି। ଫଳରେ ୨ ଲକ୍ଷ ଟଙ୍କା ଭିତରେ କାମ ଶେଷ କରିଦେଇଛନ୍ତି। ଏହି କାମର ଉଚ୍ଚସ୍ତରୀୟ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି ହୋଇଛି। ଏ ସମ୍ପର୍କରେ ଯନ୍ତ୍ରୀ ସୁଶୀଲ ସିଂଙ୍କୁ ପଚାରିବାରୁ ସେ କାମର ଉଚିତ ତଦାରଖ କରି ପଦକ୍ଷେପ ନେବେ ବୋଲି କହିଛନ୍ତି।

## ବୈଷୟିକ ପରାମର୍ଶଦାତା ସମୀକ୍ଷା ବୈଠକ

# ୫୫ଟି ଧନ୍ଦାମୂଳକ ଗୃହର ମରାମତି ଓ ୪୭ଟି ପିଏମ୍‌ଶ୍ରୀ ବିଦ୍ୟାଳୟ କାମକୁ ଗୁରୁତ୍ୱ



**ବାରିପଦା, ୨୫।୬ (ସମିସ):** ମୟୂରଭଞ୍ଜ ସମଗ୍ର ଶିକ୍ଷା କାର୍ଯ୍ୟାଳୟ ଅନ୍ତର୍ଗତ ଜିଲ୍ଲା ଶିକ୍ଷା ଅଧିକାରୀ ତଥା ଜିଲା ପ୍ରକଳ୍ପ ସଂଯୋଜକ ପ୍ରକୋଷ୍ଠରେ ବୈଷୟିକ ପରାମର୍ଶଦାତାଙ୍କ ଏକ ସମୀକ୍ଷା ବୈଠକ ଜିଲ୍ଲା ପ୍ରକଳ୍ପ ସଂଯୋଜକ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମୁଖ୍ୟତଃ ଜିଲ୍ଲାରେ ଚାଲିଥିବା ସମସ୍ତ ପ୍ରାଥମିକ ଓ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଆବଶ୍ୟକ ମୁତାବକ ଅତିରକ୍ତ ଶ୍ରେଣୀଗୃହ, ଶୌଚାଳୟ, ପାଚେରି, ରୋଷେଇ ଘର ଆଦି ସକାଶେ ପ୍ରସ୍ତାବମାନ ସରକାରଙ୍କ ନିର୍ଦ୍ଧାରିତ ଫର୍ମାଟରେ ତଥ୍ୟ ପ୍ରଦାନ ନିମନ୍ତେ ଜିଲ୍ଲା କାର୍ଯ୍ୟାଳୟରେ ୩ ଦିନ ମଧ୍ୟରେ ଦାଖଲ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲ୍ଲାରେ ଥିବା ୫୫ଟି ଧନ୍ଦାମୂଳକ ଗୃହର ମରାମତି କରିବା ପାଇଁ ସରକାରଙ୍କ ନିର୍ଦ୍ଦେଶନାମା ଅନୁଯାୟୀ କାର୍ଯ୍ୟ ଆରମ୍ଭ କରି ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମ୍ପୂର୍ଣ୍ଣ କରିବା ପାଇଁ ପରାମର୍ଶ ଦିଆଯାଇଛି। ସେହିପରି ଜିଲ୍ଲାର ୪୭ଟି ପିଏମ୍‌ଶ୍ରୀ ବିଦ୍ୟାଳୟରେ ଚାଲିଥିବା ଭାଷାଗୃହ, ଭିନ୍ନକ୍ଷମ ପିଲାଙ୍କ ପାଇଁ ଉଦ୍ଦିଷ୍ଟ ସକ୍ଷମ କେନ୍ଦ୍ର ଓ ବାଧାମୁକ୍ତ ବିଦ୍ୟାଳୟ କାର୍ଯ୍ୟ ଆଗାମୀ ଜୁଲାଇ ୧୫ ତାରିଖ ସୁଦ୍ଧା ଶେଷ କରିବା ପାଇଁ ସମସ୍ତ ବୈଷୟିକ ପରାମର୍ଶଦାତାଙ୍କୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ପୂର୍ବରୁ ବିଭିନ୍ନ ଯୋଜନାରେ ପ୍ରଦାନ କରାଯାଇଥିବା ବିଭିନ୍ନ ଅର୍ଥରାଶି ମଧ୍ୟରୁ ସର୍ବମୋଟ ୪ କୋଟି ଟଙ୍କାର ବିନିଯୋଗ ପ୍ରମାଣପତ୍ର ସହିତ ଅନ୍ୟାନ୍ୟ ତଥ୍ୟ ପ୍ରଦାନ ନିମନ୍ତେ ବ୍ଲକୱାରୀ ଆଗାମୀ ୩୦ ତାରିଖ ସୁଦ୍ଧା କାର୍ଯ୍ୟାଳୟରେ ଦାଖଲ କରାଯିବାକୁ ସମୟ ଧାର୍ଯ୍ୟ କରାଯାଇଛି। ବୈଷୟିକ ପରାମର୍ଶଦାତା ପଦ୍ମଲୋଚନ ପ୍ରଧାନ, ଅର୍ଥ ପରାମର୍ଶଦାତା ଅଶୋକ କୁମାର ସାମଲ, ଜିଲ୍ଲା ଏସଟିଏସସି ସଂଯୋଜକ ସପନ କୁମାର ପୃଷ୍ଟି ଓ ଜିଲ୍ଲା ଭିନ୍ନକ୍ଷମ ସଂଯୋଜକ ନିରଞ୍ଜନ ନାୟକ ପ୍ରମୁଖଙ୍କ ସମେତ ୨୬ଟି ବ୍ଲକର ସମସ୍ତ ବୈଷୟିକ ପରାମର୍ଶଦାତା ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ବାଇକ୍‌ରୁ ପଡ଼ି ଯୁବକ ଗୁରୁତର

**କୁଆମରା,୨୫।୬(ସମିସ):** ଉଦଳା-ବୈଶିଙ୍ଗା ପୂର୍ତ୍ତ ବିଭାଗ ରାସ୍ତାର କୁଆମରାଠାରେ ଜଣେ ଯୁବକ ବାଇକ୍‌ରୁ ପଡି ଗୁରୁତର ହୋଇଛନ୍ତି। ଯୁବକ ଜଣକ ହେଉଛନ୍ତି ବସ୍ତା ଥାନା ଜମାଲପୁର ଗ୍ରାମର ବିଜୟ ଘଡେଇ (୪୦)। ବିଜୟ ବାଇକ୍‌ରେ କୌଣସି କାମରେ ଉଦଳା ଯାଉଥିବାବେଳେ ଏକ କାର୍‌କୁ ଓଭରଟେକ କରୁଥିବାବେଳେ ଅସାବଧାନତା ବଶତଃ ରାସ୍ତାରେ ଥିବା ଗର୍ତ୍ତରେ ପଡ଼ିଯାଇଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ପ୍ରଥମେ ଉଦଳା ଡାକ୍ତରଖାନା ଓ ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ବାଇକ୍‌କୁ କୁଆମରା ଫାଣ୍ଡି ପୁଲିସ ଜବତ କରିଛି। ଭୀମଦାଠାରୁ ଦାମାସାହି ପର୍ଯ୍ୟନ୍ତ ୧୭ କିଲୋମିଟର ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡିଥିବାବେଳେ ବର୍ଷକୁ ୩୦ରୁ ଅଧିକ ଦୁର୍ଘଟଣା ଘଟୁଛି। ବିଗତ ଦୁଇବର୍ଷ ମଧ୍ୟରେ ଏହି ରାସ୍ତାରେ ଦୁର୍ଘଟଣା ଘଟି ୫ ଜଣଙ୍କ ଜୀବନ ଯାଇଥିବା ଅଭିଯୋଗ ହେଉଛି।

## ପଞ୍ଚାୟତ ସମିତିସ୍ତରୀୟ ଜାତି, ଜନଜାତି ସମାରୋହ



**କରଞ୍ଜିଆ,୨୫।୬(ସମିସ):** କରଞ୍ଜିଆ ବ୍ଲକରେ ରାଜ୍ୟ ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ଅବସରରେ ପଞ୍ଚାୟତ ସମିତିସ୍ତରୀୟ ଜାତି, ଜନଜାତି ସମାରୋହ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏହି କାର୍ଯ୍ୟକ୍ରମରେ କରଞ୍ଜିଆ ଉପଖଣ୍ଡ ଉପଜିଲ୍ଲାପାଳ ଡ. କୃପାସିନ୍ଧୁ ପରିଡା ମୁଖ୍ୟଅତିଥି ଭାବେ ଯୋଗଦେଇ କେନ୍ଦ୍ର ସରକାରଙ୍କ ୧୨ ବର୍ଷ ଓ ରାଜ୍ୟ ସରକାରଙ୍କ ୨ ବର୍ଷରେ ଚାଲିଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦ୍ୟୁମ୍ନ ନାଏକ, ବ୍ଲକ ଅଧ୍ୟକ୍ଷା ସୁଭଦ୍ରା ମାରାଣ୍ଡି, ଉପାଧ୍ୟକ୍ଷ ଛତିଶ ମହାନ୍ତ ଯୋଗ ଦେଇଥିଲେ। ଡମ୍ବୁରିଆ ଆଶ୍ରମ ବିଦ୍ୟାଳୟର ଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବିଭିନ୍ନ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ, ସ୍ୱୟଂସହାୟକ ଗୋଷ୍ଠୀ (ଏସଏସଜି) ମହିଳା ଓ ବହୁ ସଂଖ୍ୟକ ଜନସାଧାରଣ ଯୋଗ ଦେଇଥିଲେ। ଏ ଅବସରରେ ପ୍ରସାଦ ନାଏକ, ଦୀପାଞ୍ଜଳି ନାଏକ, ବାଲୁକା ଶିଳ୍ପୀ ଫୁଲମଣୀ ମୁର୍ମୁ, ଗୋବିନ୍ଦ ବାଦ୍ରା, ଅନୁଷ୍କା ପ୍ରିୟଦର୍ଶନୀ ନାଏକ, ପ୍ରିୟଦର୍ଶିନୀ ବେହେରା, ଜଗନ୍ନାଥ ପୂର୍ତ୍ତି, ଲଳିତା ନାଏକ, ଭାନୁମତି ନାଏକ ଓ ଶରତ ଚନ୍ଦ୍ର ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ସୋନ ନଦୀରୁ ବେଆଇନ୍ ବାଲି ଉତ୍ତୋଳନ; ଲୋକଙ୍କ ପାଇଁ ବିପଦ

**କୁଆମରା,୨୫।୬(ସମିସ):** ଗୋପବନ୍ଧୁନଗର ବ୍ଲକ ଦେଇ ପ୍ରବାହିତ ସୋନ ନଦୀ ସାଧାରଣ ଲୋକଙ୍କ ପାଇଁ ବିପଦ ସାଜିଛି। ଏହି ନଦୀରୁ ବେଆଇନ ଭାବେ ବାଲି ଚାଲାଣ ହେଉଥିବାବେଳେ ପ୍ରଶାସନ ଏହାକୁ ରୋକିବା ଦିଗରେ ବିଫଳ ହୋଇଛି। ପ୍ରତ୍ୟେକ ଟ୍ରକ ଟ୍ରକ ବାଲି ଜିଲ୍ଲା ବାହାରକୁ ଚାଲାଣ ହେଉଛି। ଦିଘି ନୂଆସାହିଠାରୁ କଣ୍ଟିସାହି ପର୍ଯ୍ୟନ୍ତ ପ୍ରାୟ ୧୦/୧୨ ସ୍ଥାନରୁ ବାଲି ଉଠୁଛି। ଗୋଟିଏ ପଟେ ଜୟପୁରରୁ କୁଆମରା ଦେଇ ୧୮ ନମ୍ବର ଜାତୀୟ ରାଜପଥରକୁ ଉଠୁଥିବାବେଳେ ଅନ୍ୟପଟେ ଜୟପୁରରୁ କାଁଶ ଦେଇ ବାଲେଶ୍ୱର ଜିଲ୍ଲାକୁ ବାଲି ଚାଲାଣ ହେଉଛି। ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ବାଲି ଉଠିବା ଯୋଗୁଁ ନଦୀ ଗର୍ଭରେ ୧୫/୨୦ ଫୁଟର ଗଣ୍ଡ ସୃଷ୍ଟି ହେଲାଣି। ତିନିରୁ ଚାରି କିଲୋମିଟର ଦୂରତ୍ୱ ମଧ୍ୟରେ ପ୍ରାୟ ୫ରୁ ୬ଟି ଗଣ୍ଡ ଦେଖିବାକୁ ମିଳୁଛି। ଏହା ସ୍ଥାନୀୟ ଲୋକଙ୍କ ପାଇଁ ବିପଦର କାରଣ ହୋଇଛି। ଗତ ୧୨ ତାରିଖରେ ଜଣଙ୍କ ଜୀବନ ଯାଇଥିବାବେଳେ ୪ ଦିନ ତଳେ ଜଣଙ୍କୁ ରକ୍ଷା କରିବାକୁ ଯାଇ ଦୁଇଜଣ ବିପଦରେ ପଡ଼ିଥିଲେ। ସ୍ଥାନୀୟ ଲୋକ ଉଦ୍ଧାର କରି ଜଣକୁ ସାଇଁକୁଳା ଡାକ୍ତରଖାନା ଓ ଅନ୍ୟ ଜଣକୁ ଗୁରୁତର ଅବସ୍ଥାରେ ଉଦଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତେବେ ଆଗାମୀ ଦିନରେ ଅସାବଧାନତା ଯୋଗୁଁ ନଦୀର ଗଣ୍ଡ କେତେ ଯେ ଜୀବନ ନେବ, ତାହା କିଏ କହିପାରିବ। ଏଥିପ୍ରତି ପ୍ରଶାସନ ଦୃଢ଼ ପଦକ୍ଷେପ ନେବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।

## ବିପଦସଙ୍କୁଳ ଅବସ୍ଥାରେ ଖଡ଼ିକାପଦା କଲ୍‌ଭର୍ଟ

# ଯାତ୍ରୀଙ୍କ ଜୀବନ ଅସୁରକ୍ଷିତ; ପୋଲ ନିର୍ମାଣ ଦାବି

କୁଆମରା,୨୫।୬(ସମିସ)

ଗୋପବନ୍ଧୁନଗର ବ୍ଲକ କୁଆମରାରୁ ବଡ଼ସାହି ବ୍ଲକକୁ ସଂଯୋଗ କରୁଥିବା ରାସ୍ତାର ପ୍ରବାହିତ ଗଙ୍ଗାହାର ନଦୀର ଖଡିକାପଦାଠାରେ ନିର୍ମିତ କଲଭର୍ଟ ଦୋହଲିବା ସହ ନଦୀର ଦୁଇ ପାଶ୍ୱର୍ ଆଡି ବନ୍ଧ ଦୁର୍ବଳ ହୋଇପଡିବା ଯୋଗୁଁ ଏବେ ସାଧାରଣ ଜୀବନ ଯାତ୍ରା ଅସୁରକ୍ଷିତ ହୋଇପଡିଛି। କୌଣସି ଅଘଟଣ ଘଟିବା ପୂର୍ବରୁ ଏଠାରେ ପୋଲ ନିର୍ମାଣ କରାଯିବାକୁ ଦାବି ହେଉଛି।

୨୨୨ ଫୁଟ ଲମ୍ବ ଓ ୧୭ ଫୁଟ ଓସାର ନିର୍ମିତ ପୋଲ ନିର୍ମାଣ ପାଇଁ ୨୦୦୩ରେ ବାରିପଦା ଆଇଟିଡିଏ ପକ୍ଷରୁ ୩୦ ଲକ୍ଷ ଓ ସାଂସଦଙ୍କ ପାଣ୍ଠିରୁ ୨୦ ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଥିଲା। ଉକ୍ତ ସ୍ଥାନରେ ଗଙ୍ଗାହାର ଓ ନାଲୁହା ଦୁଇଟି ନଦୀର ମିଶ୍ରଣ ହେବା ଫଳରେ ଏହା ଦୋମୁହାଣି ନାମରେ ନାମିତ। ବର୍ଷାଦିନେ ଦୁଇ ନଦୀର ଜଳ ଏକାଠି ହେବା ଯୋଗୁଁ ତଳ ମୁଣ୍ଡରେ ବିପଦ ସୃଷ୍ଟି କରିବା ସହ ପ୍ରଖରସ୍ରୋତ ସୃଷ୍ଟି ହୋଇଥାଏ। ତେବେ ପୋଲ ନିର୍ମାଣ ହେବା ପରିବର୍ତ୍ତେ କଲଭର୍ଟ ନିର୍ମାଣ କରାଯାଇଥିଲା। ଅଞ୍ଚଳବାସୀ ପୋଲ ନିର୍ମାଣ ଦାବି କରିଥିବାବେଳେ ବିଭାଗ ଏହାକୁ ଗୁରୁତ୍ୱ ନ ଦେଇ ହୋମ ପାଇପ ବସାଇ କଲଭର୍ଟ ନିର୍ମାଣ କରି କାର୍ଯ୍ୟ ସାରି ଦେଇଥିଲା। ତେବେ ବିଭାଗ ପକ୍ଷରୁ ଏହି ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ଯୋଗୁଁ ଏବେ କଲଭର୍ଟର ସ୍ଥାୟିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବନ୍ୟା ଜଳ ନିଷ୍କାସନ ହୋଇ ନ ପାରି କଲଭର୍ଟର ଦୁଇ ପାଶ୍ୱର୍ ଆଡି ବନ୍ଧ ବର୍ଷେ ମଧ୍ୟରେ ଭୁଶୁଡି ପଡିଥିଲା। ଏହି ରାସ୍ତା ଦେଇ ପ୍ରତ୍ୟେହ ଭାରୀଯାନ ବଡ଼ସାହି ଦେଇ ବାରିପଦାକୁ ଯାଉଛି। ଅଧିକ ଭାରୀଯାନ ଯାତାୟାତ କରୁଥିବାବେଳେ କଲଭର୍ଟ ଦୋହଲୁଛି। କେତେବେଳେ କ'ଣ ହେବ, ତାହା କହି ହେବନାହିଁ। ତେବେ ଧନଜୀବନ ସୁରକ୍ଷା ପାଇଁ କଲଭର୍ଟ ସ୍ଥାନରେ ପୋଲ ନିର୍ମାଣ କରିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି। କଲଭର୍ଟ ନିର୍ମାଣ ସମୟରେ



ଅଞ୍ଚଳବାସୀ ପୋଲ ନିର୍ମାଣ କରିବାକୁ ଦାବି କରିଥିଲେ ମଧ୍ୟ ଆଇଟିଡିଏ ଅଧିକାରୀ ଏହାକୁ ଅଣଦେଖା କରିଥିଲେ। ଏହି ରାସ୍ତା ପ୍ରସିଦ୍ଧ ତୀର୍ଥକ୍ଷେତ୍ର ମା' ହିଙ୍ଗୁଳା ପୀଠକୁ ଯାଇଥିବାବେଳେ ଏହାର ଗୁରୁତ୍ୱ ଅଧିକ ରହିଛି। ଏ ନେଇ ବର୍ଷେ ତଳେ ଖବର ପ୍ରକାଶ ପାଇବା ପରେ ବଡ଼ସାହି ବିଧାୟକ ସନାତନ ବିଜୁଳି ଓ ଉଦଳା ବିଧାୟକ ଭାସ୍କର ଚନ୍ଦ୍ର ମଢେଇ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ପୋଲ ନିର୍ମାଣ ପ୍ରସଙ୍ଗ ଉଠାଇଥିଲେ। ଖୁବ୍‌ଶୀଘ୍ର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀ କହିଥିଲେ। ଇତିମଧ୍ୟରେ ୯ ମାସ ବିତିଯାଇଥିଲେ ମଧ୍ୟ ପୋଲ ନିର୍ମାଣର ନାଁ ଗନ୍ଧ ନାହିଁ। ଆଗକୁ ବର୍ଷା ଋତୁ। ଏଣୁ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି ଜନସାଧାରଣ। ଏ ନେଇ ଗ୍ରାମ୍ୟ ଉନ୍ନୟନ ସହକାରୀ ଯନ୍ତ୍ରୀ ପ୍ରକାଶ ରଞ୍ଜନ ଦାସଙ୍କୁ ପଚାରିବାରୁ ପୋଲ ନିର୍ମାଣ ଯୋଜନା ସରିଛି। ବର୍ଷାଋତୁ ପରେ କାମ ଆରମ୍ଭ ହେବ ଓ ଖୁବ୍‌ଶୀଘ୍ର ସରିବ ବୋଲି କହିଛନ୍ତି।

# ଶାଳୀ ବାହାଘରକୁ ଆସି କୂଅରେ ପଡ଼ି ଭିଣୋଇ ମୃତ

ଡୁରୁମୁଙ୍ଗା, ୨୫।୬(ସମିସ): କେନ୍ଦୁଝର ଜିଲ୍ଲା ଡୁରୁମୁଙ୍ଗା ଥାନା ଅନ୍ତର୍ଗତ କୋଡ଼ଖମଣ ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ଏକ ବିବାହ ଉତ୍ସବ ଚାଲିଥିବା ବେଳେ ଘଟିଛି ଦୁଃଖଦ ଘଟଣା। ପରମ୍ପରା ଅନୁସାରେ କନ୍ୟାଙ୍କୁ ମହୁଲ ଗଛ ସହ ବିବାହ କରାଇବା ପାଇଁ ପରିବାର ଓ ସମ୍ପର୍କୀୟମାନେ ଯାଉଥିବା ସମୟରେ କନ୍ୟାଙ୍କ ଭିଣୋଇ ଅସାବଧାନତା ବଶତଃ ଏକ କୂଅରେ ଖସି ପଡ଼ିଥିଲେ। ପରିବାର ଲୋକ ଓ ଗ୍ରାମବାସୀଙ୍କ ସହାୟତାରେ ଅଗ୍ନିଶମ ବାହିନୀ ତୁରନ୍ତ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ପାଟଣା ମେଡିକାଲ ନେଇଥିଲେ ମଧ୍ୟ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ବିଳମ୍ବିତ ରାତିରେ ଏହି ଅଘଟଣ ଘଟିଛି। ମୃତକ ବାରିଆ ଥାନା ପାଣପୋଷି ଗ୍ରାମର ବିଶ୍ୱନାଥଙ୍କ ପୁଅ ଭାସ୍କର ମହାନ୍ତ (୩୮) ବୋଲି ଜଣାପଡ଼ିଛି। ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ପରିବେଶ ସୃଷ୍ଟି ହୋଇଛି। କୋଡ଼ଖମଣ ଗ୍ରାମର ଗୋବର୍ଦ୍ଧନ ମହାନ୍ତଙ୍କ ଝିଅ ବାହାଘର ହରିହରପୁର ଗ୍ରାମରେ ହେଉଥିବା ବେଳେ ଭାସ୍କର ଖୁସି ମାହୋଲ ମଧ୍ୟରେ ଏଭଳି ଅଭାବନୀୟ ଘଟଣାର ଶିକାର ହୋଇଥିଲେ। ଏହା ସମସ୍ତଙ୍କୁ ସ୍ତବ୍ଧ କରିଦେଇଥିବା ବେଳେ କୂଅରେ ଖସି ପଡ଼ି ଭିଣୋଇଙ୍କ ମୃତ୍ୟୁ ପରେ ଉଭୟ ପରିବାର ଉପରେ ଦୁଃଖର ପାହାଡ଼ ଭାଙ୍ଗି ପଡ଼ିଛି। ଡୁରୁମୁଙ୍ଗା ପୁଲିସ ପାଟଣା ମେଡିକାଲରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ୩ ବାଲି ବୋଝେଇ ହାଇୱା ଜବତ



ଡୁରୁମୁଙ୍ଗା, ୨୫।୬(ସମିସ): କେନ୍ଦୁଝର ଜିଲ୍ଲା ଡୁରୁମୁଙ୍ଗା ପୁଲିସ ବେଆଇନ ବାଲି ଚାଲାଣ ବିରୋଧରେ ଚଢ଼ଉ କରିଛି। ବିନା ଟ୍ରାନଜିଟ୍ ପାସ୍‌ରେ ବାଲି ପରିବହନ ହେଉଥିବା ସମୟରେ ୪୯ ନମ୍ବର ଜାତୀୟ ରାଜପଥ ଝାରବେଡା ଛକ ନିକଟରେ ଯାଞ୍ଚ କଡ଼ାକଡ଼ି କରିଥିଲା। ଯାଞ୍ଚ ବେଳେ ତିନୋଟି ବାଲି ବୋଝେଇ ହାଇୱାର କାଗଜପତ୍ର ଯାଞ୍ଚ କରାଯାଇଥିଲା। ଆବଶ୍ୟକ ଟ୍ରାନଜିଟ୍ ପାସ୍ ଦେଖାଇବାରେ ବିଫଳ ହେବା ପରେ ପୁଲିସ ତିନୋଟି ଗାଡ଼ିକୁ ଜବତ କରିଛି। ଜବତ ଗାଡ଼ିଗୁଡ଼ିକୁ ଥାନାକୁ ଅଣାଯାଇ ଖଣି ଓ ରାଜସ୍ୱ ବିଭାଗକୁ ହସ୍ତାନ୍ତର କରାଯାଇଛି। ବେଆଇନ ଖଣିଜ ପରିବହନ ରୋକିବା ପାଇଁ ଆଗାମୀ ଦିନରେ ଏଭଳି ଚଢ଼ଉ ଜାରି ରହିବ ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି। ବିନା ଟିପିରେ ବାଲି ଚାଲାଣ ଅଭିଯୋଗ ପରେ ଡୁରୁମୁଙ୍ଗା ପୁଲିସର ଏହି କାର୍ଯ୍ୟାନୁଷ୍ଠାନ ବେଆଇନ ଖଣିଜ ପରିବହନ କରୁଥିବା ମାଫିଆଙ୍କ ମନରେ କୋକୁଆ ଭୟ ସୃଷ୍ଟି କରିଛି।

# ଖଣି ବିଭାଗ ପକ୍ଷରୁ ଗଚ୍ଛିତ ଚୋରା ଲୁହାପଥର ଜବତ

ଯୋଡ଼ା, ୨୫।୬ (ସମିସ): କେନ୍ଦୁଝର ଜିଲ୍ଲାର ଯୋଡ଼ା ଖଣି ଅଞ୍ଚଳରେ ବେଆଇନ ଖଣି କାର୍ଯ୍ୟକଳାପ ଓ ଲୁହାପଥର ଚୋରା ଚାଲାଣକୁ ନେଇ ବିଭାଗ ପକ୍ଷରୁ ଶୂନ୍ୟ ସହନଶୀଳତା ଦେଖିବାକୁ ମିଳିଛି। ଭୁବନେଶ୍ୱର ଖଣି ନିର୍ଦ୍ଦେଶକ ରୋହିତ କୁମାର ଲେଙ୍କାଙ୍କ ନିର୍ଦ୍ଦେଶକ୍ରମେ ଯୋଡ଼ା ଖଣି ଉପନିର୍ଦ୍ଦେଶକ ବିଶ୍ୱରଞ୍ଜନ ସେଠୀଙ୍କ ତତ୍ତ୍ୱାବଧାନରେ ଖଣି ବିଭାଗର ଏକ ଟିମ ନୟାଗଡ ସାଇଡିଙ୍ଗ ନିକଟରେ ଏକ ଘରୋଇ ସ୍ଥାନରେ ଗଚ୍ଛିତ ଥିବା ପ୍ରାୟ ୪.୫ କୋଟି ଟଙ୍କା ମୂଲ୍ୟର ଲୁହାପଥର ଜବତ କରିଥିବା ଖବର ମିଳିଛି। ସୂଚନା ଅନୁସାରେ, ଦୀର୍ଘଦିନ ଧରି ଉକ୍ତ ଅଞ୍ଚଳରେ ବେଆଇନ ଭାବେ ଲୁହାପଥର ମହଜୁଦ ରହିବା ଓ ବେଆଇନ ଭାବେ ପରିବହନ ହେଉଥିବା ନେଇ ଅଭିଯୋଗ ଆସୁଥିଲା। ତେଣୁ କାଳ ବିଳମ୍ବ ନ କରି ଖଣି ବିଭାଗ ଉକ୍ତ ଖଣିଜକୁ ଜବତ କରିଛି। ଜବତ ଲୁହାପଥରର ବଜାର ମୂଲ୍ୟ ପ୍ରାୟ ୪.୫ କୋଟି ଟଙ୍କା ହେବ ବୋଲି ଖଣି ବିଭାଗ ପକ୍ଷରୁ ଅନୁମାନ କରାଯାଉଛି।



# ମହିଳାଙ୍କ ଆତ୍ମହତ୍ୟା

ଡୁରୁମୁଙ୍ଗା, ୨୫।୬(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅସନବାହଳି ଗ୍ରାମରେ ଜଣେ ବିବାହିତା ମହିଳା ବୁଧବାର ବିଳମ୍ବିତ ରାତିରେ ବାଡ଼ି ପଛରେ ଥିବା ଆମ୍ବ ଗଛରେ ଝୁଲି ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ଉକ୍ତ ଗ୍ରାମର ବୁଧୁରାମ ମୁଣ୍ଡାଙ୍କ ସ୍ତ୍ରୀ ସୀତା (୪୦)। ଆତ୍ମହତ୍ୟାର କାରଣ ଅସ୍ପଷ୍ଟ ଥିବା ବେଳେ ତାଙ୍କ ମସ୍ତିଷ୍କ ବିକୃତ ଥିବା ଜଣାପଡ଼ିଛି। ଗୁରୁବାର ପାଟଣା ଥାନା ଏଏସଆଇ ଧନେଶ୍ୱର ପାତ୍ର ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଏନେଇ ପାଟଣା ଥାନାରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ସୁଧ କାରବାରକୁ ନେଇ ଆକ୍ରମଣ: ଗୁରୁତର ବ୍ୟକ୍ତିଙ୍କ ମୃତ୍ୟୁ, ୨ ଗିରଫ

# ନ୍ୟାୟ ଦାବିରେ ଶବ ରଖି ରାସ୍ତା ଅବରୋଧ

ହାଟଡିହୀ,୨୫ ।୬(ସମିସ)



କେନ୍ଦୁଝର ଜିଲ୍ଲା ନନ୍ଦିପଦା ଥାନା ବଡ଼ରମ୍ପାସ ପଞ୍ଚାୟତ ନୂଆରମ୍ପାସ ଗ୍ରାମରେ ସୁଧ କାରବାରକୁ ନେଇ ହୋଇଥିବା ଆକ୍ରମଣ ଘଟଣାରେ ଗୁରୁତର ଥିବା ବିଶ୍ୱନାଥ ଓଝାଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ଏହି ଘଟଣାରେ ପୁଲିସ ଦୁଇଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ବନ୍ଧକ ରଖିଥିବା ସୁନାଗହଣା ଫେରସ୍ତ ନକରିବାରୁ ବିଶ୍ୱନାଥ ଥାନାରେ ଅଭିଯୋଗ କରିଥିଲେ। ଏହାକୁ ନେଇ ବାବୁଲିଙ୍କ ପରିବାର ଲୋକେ ଉତ୍ତ୍ୟକ୍ତ ହୋଇ ବିଶ୍ୱନାଥଙ୍କୁ ନୃଶଂସ ଭାବେ ଆକ୍ରମଣ କରି ରକ୍ତାକ୍ତ କରିଦେଇଥିଲେ। ମୁମୂର୍ଷୁ ଅବସ୍ଥାରେ ପରିବାର ଓ ଗାଁଲୋକେ ମିଶି ବିଶ୍ୱନାଥଙ୍କୁ ହାଟଡ଼ିହୀ ସ୍ୱାସ୍ଥ୍ୟକେନ୍ଦ୍ର, ଆନନ୍ଦପୁର ଉପଖଣ୍ଡ ମେଡିକାଲ ଓ ପରେ କଟକ ନେଇଯାଇଥିଲେ। ଗତକାଲି ଚିକିତ୍ସାଧୀନ ଅବସ୍ଥାରେ ବିଶ୍ୱନାଥଙ୍କ ମୃତ୍ୟୁ ଘଟିଥିଲା। ଘଟଣା ଘଟିବା ପରେ ପୁଲିସ ଦୁଇଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଅଭିଯୁକ୍ତମାନେ ଏବେ ସୁଦ୍ଧା ଫେରାର ଅଛନ୍ତି। ଫେରାର ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ୍ ଏବଂ ମୃତକଙ୍କ ପରିବାରକୁ ନ୍ୟାୟ ଦାବିରେ ବୁଧବାର ବିଳମ୍ବିତ ରାତିଯାଏ ମୃତ ବିଶ୍ୱନାଥଙ୍କ ପରିବାର ଲୋକେ ଏବଂ କିଛି ଗ୍ରାମବାସୀ ଅଣା-ବରାଙ୍ଗ ରାସ୍ତା ଅବରୋଧ କରିଥିଲେ। ଶାନ୍ତି ଫେରାଇ ଆଣିବା ପାଇଁ ଏଯାଏଁ ବ୍ୟାପକ ପୁଲିସ ବଳ ମୁତୟନ ରହିଛନ୍ତି। ଅଭିଯୁକ୍ତ ପ୍ରଦୀପକୁ ପୁଲିସ ଘଟଣାସ୍ଥଳକୁ ଆଣି ଅପରାଧର ପୁନଃଦୃଶ୍ୟାୟନ କରିଛି। ମୁଖ୍ୟ ଅଭିଯୁକ୍ତ ବାବୁଲି ପହି ଓ ତାଙ୍କ ବଡ଼ପୁଅ ଚଗୁଲୁ ଫେରାର ଅଛନ୍ତି।

ସୂଚନାଯୋଗ୍ୟ, ନୂଆରମ୍ପାସ ଗ୍ରାମର ବିଶ୍ୱନାଥ ଓଝା ତିନିବର୍ଷ ତଳେ ସେହି ଗ୍ରାମର ବାବୁଲି ପହିଙ୍କ ପତ୍ନୀ ରମାମଣିଙ୍କ ନିକଟରେ ୩ ଭରି ଓଜନର ସୁନାଗହଣା ବନ୍ଧା ରଖି ୧୫ ହଜାର ଟଙ୍କା ଧାର ନେଇଥିଲେ। ପରବର୍ତ୍ତୀ ସମୟରେ ସୁଧ ସହ ମୂଳ ଟଙ୍କା ଫେରସ୍ତ କରି ସୁନାଗହଣା ଫେରାଇବାକୁ କହିବାରୁ ବାବୁଲି ବନ୍ଧକ ସୁନା ଫେରସ୍ତ କରି ନଥିଲେ। ପଞ୍ଚାୟତରେ ବୈଠକରେ ସମାଧାନ ନହେବାରୁ ବିଶ୍ୱନାଥ ଥାନାରେ ଅଭିଯୋଗ କରିଥିଲେ। ଏନେଇ ବାବୁଲିଙ୍କ ପରିବାର ଲୋକେ ବିଶ୍ୱନାଥଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ମୃତ ବିଶ୍ୱନାଥଙ୍କ ପତ୍ନୀ କାଞ୍ଚନ ଓଝାଙ୍କ ଅଭିଯୋଗ ଆଧାରରେ ଏନେଇ ଏକ ମାମଲା ରୁଜୁ ହୋଇଛି। ଅତିରିକ୍ତ ଏସ୍‌ପି ପ୍ରତ୍ୟୁଷ ମହାପାତ୍ର, ଏସଡ଼ିପିଓ ପ୍ରଶାନ୍ତ ବେହେରା, ଚମ୍ପୁଆ ଏସ୍‌ଡିପିଓ ରଶ୍ମିରଞ୍ଜନ ସାହୁ, ନନ୍ଦିପଦା ଥାନା ଆଇଆଇସି ଧର୍ମେନ୍ଦ୍ର ଶାନ୍ତି ଘଟଣାସ୍ଥଳରେ ଉପସ୍ଥିତ ଥିଲେ।

# କେଭିକେରେ ଜିଲ୍ଲାସ୍ତରୀୟ ଜୈବିକ କୃଷି କର୍ମଶାଳା

କେନ୍ଦୁଝର, ୨୫।୬(ସମିସ): କୃଷି ବିଜ୍ଞାନ କେନ୍ଦ୍ର ଜୁଡ଼ିଆ ସମ୍ମିଳନୀ କକ୍ଷରେ ବିକାଶର ଧାରା ଓଡିଶା ସାରା କାର୍ଯ୍ୟକ୍ରମ ଅନ୍ତର୍ଗତ ଜିଲ୍ଲାସ୍ତରୀୟ ଜୈବିକ କୃଷି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ପ୍ରିଥୁରାଜ ମଣ୍ଡଳଙ୍କ ସଭାପତିତ୍ୱରେ ଆୟୋଜିତ ଏହି କର୍ମଶାଳାରେ ଅତିଥି ଭାବେ ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡ ଚନ୍ଦ୍ରଶେଖର ରଥ, ଆଞ୍ଚଳିକ ଗବେଷଣା ଓ କୃଷି କୌଶଳ ସମ୍ପ୍ରସାରଣ କେନ୍ଦ୍ରର ମୁଖ୍ୟ ଡ଼ କିଶୋରଚନ୍ଦ୍ର ସାହୁ, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ଼ ସୁକାନ୍ତ କୁମାର ସାହୁ, ଉପ ଉଦ୍ୟାନ କୃଷି ନିର୍ଦ୍ଦେଶକ ସୌମେନ୍ଦ୍ର ପାଣିଗ୍ରାହୀ, କୃଷି ନିର୍ବାହୀଯନ୍ତ୍ରୀ ଇଂ ସମର ବିଶ୍ୱାଳ ମଞ୍ଚାସୀନ ଥିଲେ। ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ସ୍ୱାଗତ ଭାଷଣ ଦେବା ସହ ଏହି କର୍ମଶାଳାର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଚଳିତବର୍ଷର ପାଣିପାଗର ପୂର୍ବାନୁମାନ ଅନୁଯାୟୀ, ଆଗୁଆ ଚାଷ, ସ୍ପ୍ରିଙ୍କଲର ଓ ବୁନ୍ଦା ଜଳସେଚନ ଆପଣାଇ ସଞ୍ଚିତ ଜଳର ସଦୁପଯୋଗ, ଫଳ ଚାଷ, ଛତୁ ଚାଷ ପ୍ରଭୃତି କରିବା ପାଇଁ ଉପ ଉଦ୍ୟାନ କୃଷି ନିର୍ଦ୍ଦେଶକ ପରାମର୍ଶ ଦେଇଥିଲେ। ଆଞ୍ଚଳିକ କୃଷି ଗବେଷଣା କେନ୍ଦ୍ରର ମୁଖ୍ୟ, ଏଲନିନୋର ପ୍ରଭାବ, ମାଟିର ଜଳଧାରଣ ଶକ୍ତି, ଜୈବିକ କୃଷିର ଆବଶ୍ୟକତା ବିଷୟରେ ମତ ରଖିଥିଲେ। କୃଷି ଯନ୍ତ୍ରପାତିର ଉପଯୋଗ ବିଷୟରେ କୃଷି ନିର୍ବାହୀଯନ୍ତ୍ରୀ ଉପସ୍ଥିତ ଚାଷୀଭାଇଭଉଣୀଙ୍କୁ ପରାମର୍ଶ ଦେଇଥିଲେ। ଆପିକଲର ଜିଲ୍ଲା ସଂଯୋଜକ, ବିଭିନ୍ନ ଉଦ୍ୟୋଗ ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ଥିବା ରିଆତି ବିଷୟରେ ଆଲୋକପାତ କରିଥିଲେ। ସହକାରୀ କୃଷି ଯନ୍ତ୍ରୀ, କୃଷିଯନ୍ତ୍ରପାତି ପାଇଁ ସରକାରଙ୍କ ତରଫରୁ ମିଳୁଥିବା ରିହାତି ସମ୍ବନ୍ଧରେ ତଥ୍ୟ ରଖିଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ଏହି କର୍ମଶାଳାରେ କ୍ଷେତ ବଞ୍ଚାଅ ଅଭିଯାନ, ପ୍ରାକୃତିକ ଚାଷର ଉପକାରିତା, ଆବଶ୍ୟକତା ଓ ପଦ୍ଧତି ବିଷୟରେ ଆଲୋକପାତ କରିଥିଲେ। ସାଧନା ଟ୍ରଷ୍ଟର ମୁଖ୍ୟ ଅଜିତ ମହାଭୋଇ, ପ୍ରାକୃତିକ ଚାଷ ସମ୍ପର୍କରେ ତାଙ୍କର ଅଭିଜ୍ଞତା ଓ ପରିବର୍ତ୍ତିତ ଜଳବାୟୁ ଯୋଗୁଁ ପ୍ରାକୃତିକ ଚାଷର ଆବଶ୍ୟକତା ବିଷୟରେ ମତ ରଖିଥିଲେ। କର୍ମଶାଳାରେ ତେଲକୋଇ ବ୍ଲକର ରିଙ୍କି ବେହେରାଙ୍କୁ କୃଷି ସେବା କେନ୍ଦ୍ର ସ୍ଥାପନ ନିମନ୍ତେ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାର ରିଆତି ରାଶି ୧୫ ଲକ୍ଷ ୫୯ ହଜାର ୫୧୬ ଟଙ୍କା ପ୍ରଦାନ କରାଯିବା ସହ ସଦର ବ୍ଲକର ପ୍ରମୋଦ କୁମାର ସାହୁ, ହରିଚନ୍ଦନପୁର ବ୍ଲକର ଦୁଃଶାସନ ସେଠୀ, ସଦର ବ୍ଲକର ଭାରତୀଲତା ଗିରି ଓ ସାହାରପଡା ବ୍ଲକର ସୁରେଶଚନ୍ଦ୍ର ମହାନ୍ତଙ୍କୁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। କୃଷି ଜିଲ୍ଲା ଅଧିକାରୀ ଘଟଗାଁ କବିତା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। କର୍ମଶାଳାରେ ଶତାଧିକ ଚାଷୀ ଭାଇଭଉଣୀ, ସମ୍ପ୍ରସାରଣ କର୍ମୀ, ଅଧିକାରୀ ଓ ବୈଜ୍ଞାନିକ ଯୋଗ ଦେଇଥିଲେ।

# ଆନନ୍ଦପୁର ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ବିଦାୟ ସମ୍ବର୍ଦ୍ଧନା



ଆନନ୍ଦପୁର, ୨୫।୬ (ସମିସ): ଆନନ୍ଦପୁର ମହାବିଦ୍ୟାଳୟରେ କାର୍ଯ୍ୟ କରି ଅବସର ଗ୍ରହଣ କରିଥିବା ଅଧ୍ୟକ୍ଷଙ୍କୁ ଷ୍ଟାଫ୍ ଆସୋସିଏସନ ତରଫରୁ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଷ୍ଟାଫ ଆସୋସିଏସନର ସଭାପତି ଦୁର୍ଗାଶଙ୍କର ପରିଡା ଓ ସମ୍ପାଦିକା ଭାରତୀ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼. ନିମାଇଁ ଚରଣ ରାଉତ ଏବଂ ବିଦାୟୀ ଅତିଥି ତଥା ପ୍ରାକ୍ତନ ଅଧ୍ୟକ୍ଷ ଡ଼. ନାରାୟଣ ମିଶ୍ର ଉପସ୍ଥିତ ଥିଲେ। ବିଦାୟୀ ଅତିଥିଙ୍କ ଉଦ୍ଦେଶ୍ୟରେ ମହାବିଦ୍ୟାଳୟର ଏକାଡେମୀକ ମୁଖ୍ୟ ଡ଼. ଶକ୍ତିପ୍ରସାଦ ମିଶ୍ର, ପ୍ରଶାସକ ପ୍ରଫୁଲ୍ଲ କୁମାର ପଣ୍ଡା, ଅଧ୍ୟାପକ ପ୍ରିୟରଞ୍ଜନ ମହାପାତ୍ର, ପତିତପାବନ ମିଶ୍ର, ଅଧ୍ୟାପିକା ମିତାଶ୍ରୀ ବେହେରା, ଡିଇଓ ପୁଷ୍ପଲତା ରାମ ଅଭିଭାଷଣ ରଖିଥିଲେ। ସଭାରେ ମହାବିଦ୍ୟାଳୟର ସମସ୍ତ ପ୍ରାଧ୍ୟାପକପ୍ରାଧ୍ୟାପିକା, ଅଧ୍ୟାପକଅଧ୍ୟାପିକା ଓ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଅଧ୍ୟାପକ ରଘୁଦୀପ୍ତି ନାୟକ ମାନପତ୍ର ପାଠ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

# ଅଜଣା ଯୁବତୀଙ୍କ ମୃତ୍ୟୁ ମାମଲାରେ ଯୁବକ ଅଟକ

ହାଟଡିହୀ,୨୫।୬(ସମିସ): ହାଟଡିହୀ ବ୍ଲକ ସୋସୋ ଥାନା ଅନ୍ତର୍ଗତ ବରୁଣପଦୀ-ବାଲିଆ ଗାଁ ମଝି ବିଲରୁ ଜଣେ ଅଜଣା ଯୁବତୀଙ୍କ ମୃତଦେହ ଉଦ୍ଧାର ହେବା ଘଟଣାରେ ପୁଲିସ ତଦନ୍ତ ଜୋରଦାର କରିଛି। ମଙ୍ଗଳବାର ସୋସୋ ପୁଲିସ ମୃତଦେହକୁ ଜବତ କରିଥିବା ବେଳେ ବୁଧବାର ଏକ ସ୍ୱତନ୍ତ୍ର ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳକୁ ଆସି ଅଧିକ ତଦନ୍ତ କରିଥିଲା। ଏହି ଯାଞ୍ଚ ସମୟରେ ଅତିରିକ୍ତ ଏସପି, ଆନନ୍ଦପୁର ଏସଡ଼ିପିଓ ଏବଂ ସୋସୋ ଥାନାଧିକାରୀ ଉପସ୍ଥିତ ଥିଲେ। ପୁଲିସ ମୃତ ଯୁବତୀଙ୍କ ନିକଟରୁ ମିଳିଥିବା ଏକ ଭ୍ୟାନିଟ୍ ବ୍ୟାଗକୁ ଯାଞ୍ଚ କରି କିଛି ଗୁରୁତ୍ୱପୂର୍ଣ୍ଣ ସୁରାକ୍ ପାଇଛି। ବ୍ୟାଗରୁ ମିଳିଥିବା ଟ୍ରେନ୍ ଟିକେଟ୍ ଅନୁସାରେ, ଯୁବତୀ ଜଣକ କଲିକତାରୁ ଟ୍ରେନ୍ ଯୋଗେ ଭଦ୍ରକ ଆସିଥିଲେ। ଏହି ସୁରାକ୍ ଆଧାରରେ ସୋସୋ ପୁଲିସ ବୁଧବାର ଭଦ୍ରକ ଜିଲ୍ଲା ଗ୍ରାମାଞ୍ଚଳ ଥାନା ଅଧୀନସ୍ଥ ବରପଦା ଅଞ୍ଚଳର ଅକ୍ଷୟ କୁମାର ଜେନାଙ୍କୁ ଉଠାଇ ଆଣି ପଚରାଉଚରା କରୁଛି। ପୁଲିସ ସେହି ଅଟକ ଯୁବକଙ୍କୁ ସାଙ୍ଗରେ ଧରି ବିଭିନ୍ନ ସ୍ଥାନକୁ ଯାଇ ତଥ୍ୟ ସଂଗ୍ରହ କରିଛି। ତେବେ ଖବର ଲେଖା ହେବା ପର୍ଯ୍ୟନ୍ତ ମାମଲାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ପୁଲିସ ଗଣମାଧ୍ୟମକୁ ଅଧିକ କିଛି ସୂଚନା ଦେଇ ନଥିବା ବେଳେ ମୃତ ଯୁବତୀଙ୍କ ପରିଚୟ ଏଯାଏଁ ଅସ୍ପଷ୍ଟ ରହିଛି। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ଏଯାଏଁ ଗିରଫ ହୋଇନାହିଁ।

# ଏସ୍‌ଆଇଆର୍ କାର୍ଯ୍ୟରେ ୧୦୦% ସଫଳତା ନେଇ ଉତ୍ସବ



ଚମ୍ପୁଆ, ୨୫।୬(ସମିସ): ଏସ୍‌ଆଇଆର୍ କାର୍ଯ୍ୟକ୍ରମରେ ଚମ୍ପୁଆ ନିର୍ବାଚନମଣ୍ଡଳୀରେ ୧୦୦ ପ୍ରତିଶତ ଲକ୍ଷ୍ୟ ପୂରଣ କରି କେନ୍ଦୁଝର ଜିଲ୍ଲାରେ ପ୍ରଥମ ସ୍ଥାନ ଅଧିକାର କରିଛି। ଏହି ଉଲ୍ଲେଖନୀୟ ସଫଳତାକୁ ନେଇ ଗୁରୁବାର ଚମ୍ପୁଆ ଉପଜିଲ୍ଲାପାଳ କାର୍ଯ୍ୟାଳୟ ସଭାଗୃହରେ ଉତ୍ସବମୁଖର ପରିବେଶ ସୃଷ୍ଟି ହୋଇଥିଲା। ଚମ୍ପୁଆ ଉପଜିଲ୍ଲାପାଳ ତଥା ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଉମାକାନ୍ତ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ସହାୟକ ନିର୍ବାଚନ ପଞ୍ଜୀକରଣ ଅଧିକାରୀ, ବିଏଲ୍‌ଓ ସୁପରଭାଇଜର ଏବଂ ନିର୍ବାଚନ କାର୍ଯ୍ୟରେ ସମ୍ପୃକ୍ତ କର୍ମଚାରୀମାନେ ଯୋଗଦେଇଥିଲେ। ସମସ୍ତଙ୍କ ସମ୍ମିଳିତ ପ୍ରୟାସ ଓ ନିଷ୍ଠାପୂର୍ଣ୍ଣ କାର୍ଯ୍ୟ ଯୋଗୁଁ ଏହି ସଫଳତା ସମ୍ଭବ ହୋଇଥିବା ଉପଜିଲ୍ଲାପାଳ ଶ୍ରୀ ପରିଡ଼ା କହିଥିଲେ। ବୈଠକରେ ସହାୟକ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ରାକେଶ ପଣ୍ଡା, ସ୍ମୃତିରଞ୍ଜନ ସାହୁ, ଡାନିଶ ବେହେରା, ସତ୍ୟବ୍ରତ ସାହୁ, ରମେଶଚନ୍ଦ୍ର ନାଏକ, ଜଗନ୍ନାଥ ବେହେରା, ଶ୍ୱେତପଦ୍ମା ଧାଲଙ୍କ ସମେତ ଆସିଷ୍ଟାଣ୍ଟ କଲେକ୍ଟର ଫୁଲରାଣୀ ବେଶ୍ରା ଓ ସୁଜିତ କୁମାର ସ୍ୱାଇଁ ଉପସ୍ଥିତ ଥିଲେ। ସମସ୍ତ ଅଧିକାରୀ, ସୁପରଭାଇଜର ଓ କର୍ମଚାରୀ ପରସ୍ପରକୁ ଅଭିନନ୍ଦନ ଜଣାଇ କେକ୍ କାଟି ଏହି ସଫଳତାର ଉତ୍ସବ ପାଳନ କରିଥିଲେ।

**ଜିଲ୍ଲାରେ ପ୍ରଥମ**

# କେନ୍ଦୁଝର ସାଂସଦଙ୍କ ଜନସମ୍ପର୍କ ଅଭିଯାନ



ଡୁରୁମୁଙ୍ଗା, ୨୫।୬(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ୍ ମୁଖ୍ୟାଳୟ ସଅଁରାପଶି ଲକ୍ଷ୍ମୀ ପଣ୍ଡପରେ ଗୁରୁବାର କେନ୍ଦୁଝର ସାଂସଦ ଅନନ୍ତ ନାୟକ ନିର୍ବାଚନମଣ୍ଡଳୀର ବରିଷ୍ଠ ନାଗରିକଙ୍କ ସହ ଜନସଂପର୍କ ଅଭିଯାନରେ ସାମିଲ୍ ହୋଇ ବିଶିଷ୍ଟ ନାଗରିକ, ନାଗରିକ, ବୁଦ୍ଧିଜୀବୀ, ଅବସରପ୍ରାପ୍ତ ସେନା ଓ ଶିକ୍ଷକଙ୍କୁ କେନ୍ଦ୍ର ସରକାରଙ୍କ ଏବଂ ଓଡ଼ିଶା ସରକାରଙ୍କ ୨ ବର୍ଷ ପୂର୍ତ୍ତି ଅବସରରେ ବିଭିନ୍ନ ପ୍ରଭାବୀ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ସାଂସଦଙ୍କ ସହ ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ, ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷା ମମିତା ନାଏକ, ପାଟଣା ବ୍ଲକ୍ ଅଧ୍ୟକ୍ଷା ବୀଣାପାଣି ନାୟକ, ସାଂସଦଙ୍କ ପ୍ରତିନିଧି ପ୍ରହଲ୍ଲାଦ ପଲେଇ, ପାଟଣା ମଣ୍ଡଳ ସଭାପତି ବ୍ରଜବନ୍ଧୁ ସେଠୀ, ବଶିଷ୍ଠ ବିଜେପି ନେତା ଦୁର୍ଗାଚରଣ ନାୟକଙ୍କ ସହ ବରିଷ୍ଠ ବୁଦ୍ଧିଜୀବୀ ସାମିଲ ହୋଇଥିଲେ।

# ଆକାଂକ୍ଷୀ ବ୍ଲକ୍ ପାଇଁ ଜିଲ୍ଲାସ୍ତରୀୟ ପ୍ରଦର୍ଶନୀ

କେନ୍ଦୁଝର, ୨୫।୬(ସମିସ)



କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଦରବାର ହଲଠାରେ 'ବିକାଶର ଧାରା, ଓଡ଼ିଶା ସାରା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନୀତି ଆୟୋଗଙ୍କ 'ଚାମ୍ପିଅନ୍ସ ଅଫ୍ ଚେଞ୍ଜ' ଅଭିଯାନ ଅନ୍ତର୍ଗତ କେନ୍ଦୁଝର ଜିଲ୍ଲାର ସମସ୍ତ ଆକାଂକ୍ଷୀ ବ୍ଲକଗୁଡ଼ିକର ସାମଗ୍ରିକ ବିକାଶ ଲକ୍ଷ୍ୟ ନେଇ ଏହି ଜିଲ୍ଲାସ୍ତରୀୟ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସ୍ୱାସ୍ଥ୍ୟ, ପୁଷ୍ଟିସାଧନ, ଶିକ୍ଷା, କୃଷି ଓ ଆନୁଷଙ୍ଗିକ ସେବା, ମୌଳିକ ଭିତ୍ତିଭୂମି ଏବଂ ସାମାଜିକ ବିକାଶ ଭଳି କ୍ଷେତ୍ରଗୁଡ଼ିକରେ ବ୍ଲକସ୍ତରୀୟ ପ୍ରଗତିର ସମୀକ୍ଷା କରାଯାଇଥିଲା। ଆକାଂକ୍ଷୀ ବ୍ଲକଗୁଡ଼ିକରେ କିପରି ସରକାରୀ ଯୋଜନାକୁ ଅଧିକ ପ୍ରଭାବଶାଳୀ ଭାବେ କାର୍ଯ୍ୟକାରୀ କରାଯାଇପାରିବ ଏବଂ ସାଧାରଣ ଜନତାଙ୍କ ପାଖରେ ସେବା ପହଞ୍ଚାଇ ହେବ, ସେ ନେଇ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା ତେଲକୋଇ ବିଧାୟକ ଡାକ୍ତର ଫକୀର ମୋହନ ନାଏକ ପ୍ରଥମେ ତାମିଲନାଡୁର ତିରୁଭଲ୍ଲୁର ଜିଲ୍ଲାରେ ଏକ ସି-ଫୁଡ୍ ପ୍ରକ୍ରିୟାକରଣ କାରଖାନାରେ ଆମୋନିଆ ଗ୍ୟାସ୍ ଲିକ୍ ହେବା ଫଳରେ ପ୍ରାଣ ହରାଇଥିବା ଶ୍ରମିକଙ୍କ ପାଇଁ ଶୋକ ପ୍ରକାଶ କରିଥିଲେ। ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ "ପଛୁଆ ଅଞ୍ଚଳ ବୋଲି ନ କହି 'ଆକାଂକ୍ଷୀ' ଅଞ୍ଚଳ ବୋଲି କହିବା ଅଧିକ ଯୁକ୍ତିଯୁକ୍ତ ବୋଲି ଦର୍ଶାଇବା ସହ ସରକାରୀ ଯୋଜନାଗୁଡ଼ିକର ସଠିକ୍ ସମୟରେ 'ଫଲୋ-ଅପ୍' କରା ନ ଗଲେ ଲକ୍ଷ୍ୟ ହାସଲ କରିବା ପାଇଁ ଅଧିକ ସମୟ ଲାଗିବ ବୋଲି ଆଲୋଚନା କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକ, କେନ୍ଦୁଝର ଜିଲ୍ଲା ବନଖଣ୍ଡ ଅଧିକାରୀ ଧନରାଜ ହନୁମନ୍ତ ଧାମଧେରେ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସୋମନାଥ ଦାସ, ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ବିବେକାନନ୍ଦ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା ବରିଷ୍ଠ ଅଧିକାରୀ, କର୍ମଚାରୀ, ଅଙ୍ଗନବାଡ଼ି ଓ ଆଶାକର୍ମୀ ନିଜ ନିଜ କ୍ଷେତ୍ରରେ କିଭଳି ଅଧିକ ସଫଳତା ହାସଲ କରାଯାଇପାରିବ, ସେ ନେଇ ପରାମର୍ଶ ଗ୍ରହଣ କରିଥିଲେ।

# ଫିଜିଓଥେରାପି ସୋସାଇଟିର ବାର୍ଷିକ ସମ୍ମିଳନୀ




ଆନନ୍ଦପୁର, ୨୫।୬ (ସମିସ): କେନ୍ଦୁଝର ଫିଜିଓଥେରାପି ସୋସାଇଟିର ବାର୍ଷିକ ସମ୍ମିଳନୀ କେନ୍ଦୁଝର ସହରରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଜିଲ୍ଲାର ବହୁ ସଂଖ୍ୟକ ଫିଜିଓଥେରାପିଷ୍ଟ ଯୋଗଦେଇ ଫିଜିଓଥେରାପି ପେସାର ଉନ୍ନତିକରଣ, ନିୟମିତତା ଏବଂ ସମାଜରେ ଏହାର ଗୁରୁତ୍ୱ ବୃଦ୍ଧି ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ସଭାରେ ଉପସ୍ଥିତ ସଦସ୍ୟମାନେ ଫିଜିଓଥେରାପି କ୍ଷେତ୍ରରେ ଏକ ସୁଦୃଢ ନିୟାମକ ବ୍ୟବସ୍ଥା ଗଠନ, ପେସାଦାର ମାନଦଣ୍ଡର ପାଳନ ଏବଂ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱ ଆରୋପ କରିଥିଲେ। ରୋଗୀମାନଙ୍କୁ ଗୁଣାତ୍ମକ ଓ ବୈଜ୍ଞାନିକ ଚିକିତ୍ସା ସେବା ପ୍ରଦାନ ପାଇଁ ଫିଜିଓଥେରାପିଷ୍ଟମାନଙ୍କ ନିରନ୍ତର ଦକ୍ଷତା ବିକାଶ ଏବଂ ପ୍ରଶିକ୍ଷଣର ଆବଶ୍ୟକତା ଉପରେ ମଧ୍ୟ ଆଲୋଚନା କରାଯାଇଥିଲା। ବକ୍ତାମାନେ କହିଥିଲେ ଯେ ଆଧୁନିକ ଚିକିତ୍ସା ପ୍ରଣାଳୀରେ ଫିଜିଓଥେରାପିର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ମାଂସପେଶୀ, ଅସ୍ଥି ଓ ସ୍ନାୟୁଜନିତ ସମସ୍ୟା ସହିତ ବିଭିନ୍ନ ଦୀର୍ଘସ୍ଥାୟୀ ରୋଗର ପୁନର୍ବାସନ କ୍ଷେତ୍ରରେ ଫିଜିଓଥେରାପି ଏକ ଅପରିହାର୍ଯ୍ୟ ସେବା ଭାବେ ପରିଗଣିତ ହେଉଛି। ଏହି ପେସାର ଯଥାଯଥ ସ୍ୱୀକୃତି ଏବଂ ନିୟମିତତା ସମୟର ଆବଶ୍ୟକତା ବୋଲି ମତ ପ୍ରକାଶ ପାଇଥିଲା। ସଭା ଶେଷରେ କେନ୍ଦୁଝର ଫିଜିଓଥେରାପି ସୋସାଇଟି ପକ୍ଷରୁ ଫିଜିଓଥେରାପି ପେସାର ସାମଗ୍ରିକ ବିକାଶ, ପେସାଦାର ସ୍ୱାର୍ଥ ସୁରକ୍ଷା ଏବଂ ଜନସାଧାରଣଙ୍କ ନିକଟରେ ଉତ୍ତମ ସେବା ପହଞ୍ଚାଇବା ପାଇଁ ଆଗାମୀ ଦିନରେ ବିଭିନ୍ନ ସଚେତନତା ଏବଂ ବୃତ୍ତିଗତ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ସିଦ୍ଧାନ୍ତ ନିଆଯାଇଥିଲା।

ସକାଳ
THE SAKALA

# ସମ୍ପାଦକୀୟ



କୃତ୍ରିମ ବୁଦ୍ଧିମତ୍ତାର ସମ୍ପୂର୍ଣ୍ଣ ବିକାଶ ଘଟିଲେ ମଣିଷ-ମଣିଷ ମଧ୍ୟରେ ପ୍ରତିଯୋଗିତାର ଅନ୍ତ ହେବ।

-ଷ୍ଟିଫେନ୍ ହକିଙ୍ଗ

## ପାସପୋର୍ଟ ବିବାଦ

ବିଦେଶ ଯାତ୍ରା ପାଇଁ ପାସ୍‌ପୋର୍ଟ ବିଶ୍ୱସ୍ତରରେ ଏକ ବୈଧ ପରିଚୟ ପତ୍ର ଭାବେ ଗୃହୀତ ହେଉଥିବା ବେଳେ ଏହା କୌଣସି ଦେଶର ନାଗରିକତ୍ୱର ପ୍ରମାଣପତ୍ର ଭାବେ ପରୋକ୍ଷ ସ୍ୱୀକୃତ। ଅନେକ ସ୍ଥାନରେ ଆଧାର କାର୍ଡ, ପାନ୍ କାର୍ଡ, ଭୋଟର କାର୍ଡ, ଡ୍ରାଇଭିଂ ଲାଇସେନ୍ସ ଆଦି ସହିତ ପାସ୍‌ପୋର୍ଟ ମଧ୍ୟ ବୈଧ ପ୍ରମାଣପତ୍ର ଭାବେ ଜାତୀୟସ୍ତରରେ ପ୍ରଚଳିତ। କିନ୍ତୁ 'ପାସପୋର୍ଟ କେବଳ ଏକ ଦେଶାଟନ ବା ବିଦେଶଭ୍ରମଣର ଅନୁମତିପତ୍ର, ନାଗରିକତ୍ୱର ବୈଧ ପ୍ରମାଣପତ୍ର ନୁହେଁ' ବୋଲି ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯିବା ପରେ ବିବାଦ ସୃଷ୍ଟି ହୋଇଛି। ବିରୋଧୀ ଦଳ ସମେତ ଅନେକ ବୁଦ୍ଧିଜୀବୀ ଏଥିରେ ଆପତ୍ତି ଉଠାଇଛନ୍ତି।

ସାଧାରଣତଃ ଜଣେ ବ୍ୟକ୍ତିର ସବିଶେଷ ପରିଚୟ, ପୁଙ୍ଖାନୁପୁଙ୍ଖ ବିବରଣୀ, ଠିକଣା, ଚରିତ୍ର, ଶାରୀରିକ ଗଠନ(ବାୟୋମାଟ୍ରିକ) ଆଦି ପୁଲିସ୍ ପ୍ରଶାସନ ଦ୍ୱାରା ଯାଞ୍ଚ କରାଯାଇ ସବୁଜ ସଙ୍କେତ ଦିଆଯିବା ପରେ ଭାରତ ସରକାର ପାସ୍‌ପୋର୍ଟ ଜାରି କରୁଛନ୍ତି। ଏପରିକି ସମ୍ପ୍ରତି ଭାରତର ମୁଖ୍ୟ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଆରମ୍ଭ ହୋଇଥିବା ବିତର୍କିତ ଓ ବିବାଦୀୟ ଏସ୍‌ଆଇଆର ପ୍ରକ୍ରିୟାରେ ବୈଧ ନାଗରିକତ୍ୱର ପ୍ରମାଣ ପାଇଁ ଯେଉଁ ୧୧ଟି ପ୍ରମାଣପତ୍ରର ଆବଶ୍ୟକତା ଦର୍ଶାଯାଇଛି ସେଥିମଧ୍ୟରେ ପାସ୍‌ପୋର୍ଟ ମଧ୍ୟ ରହିଛି। ତେଣୁ ପାସ୍‌ପୋର୍ଟ ଭାରତୀୟତାକୁ ସୂଚିତ କରୁନାହିଁ ବୋଲି କହିବା ପରେ ବିବାଦ ଉଠିବା ସ୍ୱାଭାବିକ। ବୈଦେଶିକ ମନ୍ତ୍ରଣାଳୟର ମନ୍ତବ୍ୟ ପରେ ସରକାରୀ ୱେବ୍‌ସାଇଟଗୁଡ଼ିକରେ ଲେଖାଥିବା ବୈଧ ପ୍ରମାଣପତ୍ର ତାଲିକାରୁ ପାସ୍‌ପୋର୍ଟ ହଟାଇ ଦିଆଯାଉ ବୋଲି ଦାବି ହୋଇଛି। ଏପରିକି ଅଣଭାରତୀୟମାନଙ୍କୁ ଭାରତ ସରକାର ପାସ୍‌ପୋର୍ଟ ଦେଉଛନ୍ତି କି ବୋଲି ମଧ୍ୟ ପ୍ରଶ୍ନ ଉଠିଛି।

ଏହି ପରିପ୍ରେକ୍ଷୀରେ ଭାରତୀୟ ପାସ୍‌ପୋର୍ଟ ଆଇନ ୧୯୬୭ର ଧାରା ୨୦ ଏବଂ ୨୦୧୩ରେ ବମ୍ବେ ହାଇକୋର୍ଟଙ୍କ ଏକ ରାୟକୁ ଉଦ୍ଧୃତ କରି ସରକାରଙ୍କ ପକ୍ଷରୁ ସ୍ପଷ୍ଟୀକରଣରେ କୁହାଯାଇଛି ଯେ ପାସ୍‌ପୋର୍ଟ ଅଣଭାରତୀୟଙ୍କୁ ମଧ୍ୟ ଦିଆଯିବାର ପ୍ରାବଧାନ ଥିବାରୁ ପାସ୍‌ପୋର୍ଟକୁ ବୈଧ ନାଗରିକତ୍ୱର ବୈଧ ପ୍ରମାଣପତ୍ର ଭାବରେ ଗ୍ରହଣ କରାଯାଇପାରିବ ନାହିଁ। ବିଶେଷଜ୍ଞମାନେ ମଧ୍ୟ ସରକାରଙ୍କୁ ପରୋକ୍ଷ ସମର୍ଥନ କରିଛନ୍ତି। ବହିର୍ବ୍ୟାପାର ବିଶେଷଜ୍ଞଙ୍କ ମତାନୁଯାୟୀ ପାସ୍‌ପୋର୍ଟ ଓ ନାଗରିକତ୍ୱ ଦୁଇଟି ସମ୍ପୂର୍ଣ୍ଣ ଭିନ୍ନ ପ୍ରସଙ୍ଗ। ପାସପୋର୍ଟ କେବଳ ଜଣେ ପର୍ଯ୍ୟଟକ ବା ଯାତ୍ରୀଙ୍କ ସୁରକ୍ଷା ଓ ଚିହ୍ନଟର ଅନୁମତିପତ୍ର, ଯାହା ଯେକୌଣସି ଦେଶ ଦ୍ୱାରା ଜାରି କରାଯାଇପାରିବ। ଏହା ସରକାରୀ ଦସ୍ତାବେଜ୍ ବା ସରକାରୀ ସମ୍ପତ୍ତି ହୋଇଥିବାରୁ ସରକାର ଚାହିଁଲେ ତାହାକୁ ପ୍ରତ୍ୟାହାର କରିପାରିବେ। କିନ୍ତୁ ନାଗରିକତ୍ୱ ସରକାରୀ ସମ୍ପତ୍ତି ନୁହେଁ; ଏହା ସମ୍ବିଧାନ ପ୍ରଦତ୍ତ ପରିଚୟ ଓ ମୌଳିକ ଅଧିକାର ସନ୍ନିହିତ। ସରକାର କୌଣସି ନାଗରିକଙ୍କ ନାଗରିକତ୍ୱ ପ୍ରତ୍ୟାହାର କରିପାରିବେ ନାହିଁ; ଅନ୍ୟଥା ଜଣେ ନିଜ ଆଡ଼ୁ ନାଗରିକତ୍ୱ ଫେରାଇ ଦେଇପାରିବେ।

ଏହାର ବିରୋଧାଭାସରେ ମତ ପ୍ରକାଶ ପାଇଛି ଯେ ଯଦି ଏହା କେବଳ ଦେଶାଟନର ଏକ ଅନୁମତିପତ୍ର ତେବେ ପାସ୍‌ପୋର୍ଟ ପ୍ରଦାନ ଓ ନବୀକରଣ ବେଳେ ଆଧାର ଓ ପାନ୍ କାହିଁକି ଜରୁରୀ? ପାସ୍‌ପୋର୍ଟ ଆଇନର ଧାରା ୬(୨) କହୁଛି ଯେ ଯଦି ଆବେଦନକାରୀ ଭାରତୀୟ ନାଗରିକ ନୁହନ୍ତି ତେବେ ତାଙ୍କ ପାସପୋର୍ଟ ଆବେଦନକୁ ଖାରଜ କରିଦିଆଯିବ। ଅର୍ଥାତ୍ କେବଳ ନାଗରିକଙ୍କୁ ହିଁ ପାସ୍‌ପୋର୍ଟ ମିଳିବ। ତେଣୁ ପାସ୍‌ପୋର୍ଟ ଜାରି କରିବା ବେଳେ ଜନ୍ମ ତାରିଖ ଓ ପ୍ରମାଣପତ୍ର ବାଧ୍ୟତାମୂଳକ କରାଯାଇଛି। ସେହିପରି ୧୯୮୭ ଜୁଲାଇ ୧ ତାରିଖ ପରେ ଭାରତରେ ଜନ୍ମିତ ବ୍ୟକ୍ତିଙ୍କୁ ପାସ୍‌ପୋର୍ଟ ଆବେଦନ ବେଳେ କେବଳ ଜନ୍ମ ପ୍ରମାଣପତ୍ରରେ କାମ ଚଳିବ ନାହିଁ। ତାଙ୍କୁ ପ୍ରମାଣ କରିବାକୁ ପଡ଼ିବ ଯେ ଜନ୍ମ ବେଳେ ପିତାମାତାଙ୍କ ମଧ୍ୟରୁ ଅନ୍ୟୂନ ଜଣେ ଭାରତୀୟ ନାଗରିକ ହୋଇଥିବେ। ୨୦୦୪, ଡିସେମ୍ବର ୩ ତାରିଖ ପରେ ଜନ୍ମିତ ବ୍ୟକ୍ତି ପାସ୍‌ପୋର୍ଟ ଆବେଦନ କରିବା ବେଳେ ତାଙ୍କ ପିତାମାତା ଉଭୟ ଭାରତୀୟ ନାଗରିକ ବୋଲି ପ୍ରମାଣିତ କରିବାକୁ ପଡ଼ିବ। ତେଣୁ ପାସ୍‌ପୋର୍ଟ ସ୍ୱତଃ ଭାରତୀୟତାର ପ୍ରମାଣପତ୍ର ହୋଇଯାଉଛି।

ନିକଟରେ ଏସ୍‌ଆଇଆର ମାମଲାର ଶୁଣାଣି ବେଳେ ଭାରତର ସର୍ବୋଚ୍ଚ ନ୍ୟାୟାଳୟ କହିଥିଲେ ଯେ କେବଳ ଆଧାର କାର୍ଡକୁ ଭାରତୀୟ ନାଗରିକତ୍ୱର ପ୍ରମାଣ ଭାବେ ଗ୍ରହଣ କରାଯାଇପାରିବ ନାହିଁ। ସେହିପରି ପାନ୍ କାର୍ଡ ମଧ୍ୟ ନାଗରିକତ୍ୱର ପ୍ରମାଣ ଦେଉନାହିଁ। ନିର୍ବାଚନ ଆୟୋଗ ଭୋଟର ପରିଚୟ ପତ୍ରକୁ ନାଗରିକତ୍ୱର ବୈଧ ପ୍ରମାଣପତ୍ର ରୂପେ ମାନିବାକୁ ନାରାଜ୍। ଏବେ ସରକାର କହିଲେଣି ପାସ୍‌ପୋର୍ଟ ମଧ୍ୟ ନାଗରିକତ୍ୱର ପ୍ରମାଣପତ୍ର ନୁହେଁ। ତେବେ ଜଣେ ଭାରତୀୟର ନାଗରିକତ୍ୱର ପ୍ରମାଣ କ'ଣ, ତାହା ସରକାର ସ୍ପଷ୍ଟ କରିବା ଦରକାର। ବୋଧହୁଏ କୌଣସି ରାଜ୍ୟରେ ଏସ୍‌ଆଇଆର ଜରିଆରେ ଅଣଏନ୍‌ଡିଏ ଭୋଟରଙ୍କୁ ହଟାଇବା ପାଇଁ ସରକାରଙ୍କ ଏହା ଏକ ନୂଆ ଚାଲ୍ ହୋଇପାରେ ବୋଲି ବିରୋଧୀମାନେ ଯେଉଁ ମତ ଦେଉଛନ୍ତି ତାହାକୁ ସହସା ଅସ୍ୱୀକାର କରିହେଉନାହିଁ।

ମୂଳ କଥା ହେଲା ଆଇନଗୁଡ଼ିକ ଏଭଳି ଗୋଳମାଳିଆ ହୋଇ ରହିଛି ଯେ ଗୋଟିଏ ଅନ୍ୟଟିକୁ ବିବାଦୀୟ କରିଦେଉଛି। ଏହା ଅନ୍ଧମାନଙ୍କର ହାତୀଦର୍ଶନ ଭଳି। ଯିଏ ଗୋଡ଼କୁ ଛୁଇଁଲା ସେ କହିଲା ହାତୀ ଏକ ଖମ୍ବ ଭଳି; ଯିଏ ଲାଞ୍ଜକୁ ଛୁଇଁଲା ସେ କହିଲା ହାତୀ ଏକ ଦଉଡ଼ି ଭଳି; ଯିଏ କାନକୁ ଛୁଇଁଲା ସେ କହିଲା ହାତୀ ଏକ କୁଲା ଭଳି, ଯିଏ ଶୁଣ୍ଢକୁ ଛୁଇଁଲା ସେ କହିଲା ହାତୀ ଏକ ଓହଳ ଭଳି। ତେଣୁ ଆମ ଆଇନଗୁଡ଼ିକୁ ଯିଏ ଯେଉଁଭଳି ତର୍ଜମା କଲା ସେଭଳି ମନ୍ତବ୍ୟ ଦେଲା। ସମୟ ବଦଳୁଛି। ଆଇନର ଭାଷାକୁ ସମୟ ଅନୁଯାୟୀ ସରଳୀକରଣ କରାଯିବା ଆବଶ୍ୟକ, ଯାହା ଏକ ସାଧାରଣ ନାଗରିକ ବୁଝିପାରିବ ଏବଂ ଆଇନର ଶବ୍ଦବିନ୍ୟାସର ତର୍ଜମା ମଧ୍ୟ ଜଟିଳତା ଓ ବିବାଦ ସୃଷ୍ଟି କରିବ ନାହିଁ।

## ସମୃଦ୍ଧ ମାତୃଭାଷା ଓ ସୁରକ୍ଷିତ ମାତୃଭୂମି

ପ୍ରହଲାଦ କୁମାର ସିଂହ

ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପାଇଁ ସରକାର ଯୋଗାଉଥିବା ପାଠ୍ୟପୁସ୍ତକରେ ହଜାର ହଜାର ତ୍ରୁଟି ଘେନି ବିଭିନ୍ନ ମହଲରେ ଆଲୋଚନା ଓ ସମାଲୋଚନା ଚାଲିଥିବା ବେଳେ କେହି କେହି ଏହାକୁ 'ସାମାନ୍ୟ ତ୍ରୁଟି' ବୋଲି ପାଲଟା ଯୁକ୍ତି ବାଢ଼ୁଛନ୍ତି। ଏମିତିକି ତ୍ରୁଟିପୂର୍ଣ୍ଣ ପୁସ୍ତକଗୁଡ଼ିକରେ ଏବର୍ଷ ପିଲାଏ ପାଠ ପଢ଼ିବେ ଏବଂ ଶିକ୍ଷକମାନେ ପିଲାଙ୍କ ବହି ସଂଶୋଧନ ବିଭାଗୀୟ କର୍ତ୍ତୃପକ୍ଷ ଯୋଗାଉଥିବା ଶୁଦ୍ଧିପତ୍ର ଆଧାରରେ କରିବେ ବୋଲି ବରିଷ୍ଠ ଅଧିକାରୀମାନେ ସୂଚନା ଦେଉଥିବା ବେଳେ ଯୋଗାଯାଉଥିବା ଶୁଦ୍ଧିପତ୍ରରେ ବି ଅନେକ ଅଶୁଦ୍ଧି ଥିବା ଘେନି ପୁନର୍ବାର ଅଭିଯୋଗ ଉଠିଛି। ପିଲାଙ୍କ ପାଠ୍ୟପୁସ୍ତକ, ପରୀକ୍ଷାର ପ୍ରଶ୍ନପତ୍ର ଏମିତିକି କେତେକ ସ୍ଥଳରେ ନିଯୁକ୍ତି ଲାଗି ହେଉଥିବା ପ୍ରବେଶିକା ପରୀକ୍ଷା ପ୍ରଶ୍ନପତ୍ରରେ ବି ତ୍ରୁଟି ରହୁଛି ଏବଂ ଏହା ଧରାପଡ଼ିବା ପରେ କର୍ତ୍ତୃପକ୍ଷ କ୍ଷତିଭରଣା ପାଇଁ ପିଲାମାନଙ୍କୁ 'ଗ୍ରେସ୍ ମାର୍କ' ଦେବାର ଅନେକ ଦୃଷ୍ଟାନ୍ତ ମଧ୍ୟ ରହିଛି। ତେବେ ପ୍ରାଥମିକ ଓ ମାଧ୍ୟମିକ ସ୍ତରରେ ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତ ଜୀବନର ମୂଳଦୁଆ ପକାଯାଉଥିବା ବେଳେ ଏଥିରେ ରହୁଥିବା ତ୍ରୁଟି ସେମାନଙ୍କ ଭବିଷ୍ୟତ ପାଇଁ ଗୁରୁତର ସମସ୍ୟା ସୃଷ୍ଟି କରିପାରେ।

ମାତୃଭାଷା ହେଉଛି ସମାଜ, ସଂସ୍କୃତି, ଅସ୍ମିତା ଓ ରାଷ୍ଟ୍ରର ସୁରକ୍ଷା କବଚ। ଯାହାର ମାତୃଭାଷା ଯେତେ ଦୁର୍ବଳ ଓ ବିପଦସଂକୁଳ ତାହାର ସଂସ୍କୃତି, ସାହିତ୍ୟ ଓ ସାମାଜିକ ବ୍ୟବସ୍ଥା ସେତେ ବିପଜ୍ଜନକ। ତେଣୁ ମାତୃଭାଷାର ସୁରକ୍ଷା ଓ ସମୃଦ୍ଧି ପାଇଁ ଆବହମାନକାଳରୁ ନିରନ୍ତର ପ୍ରୟାସ ଜାରି ରହିଛି। ମଣିଷ ଭୁଲ କରିବା କିଛି ନୂଆକଥା ନୁହେଁ। କିଛି କାମ କଲେ କିଛି ଭୁଲ ରହିପାରେ। ଏହି ଭୁଲକୁ ସଂଶୋଧନ କରି ଆଗକୁ ମାଡ଼ିଚାଲିବା ହେଉଛି ପ୍ରଗତିର ଲକ୍ଷଣ। କିନ୍ତୁ ଯେଉଁମାନେ ତ୍ରୁଟି ବିଚ୍ୟୁତିକୁ ଜାଣି ସୁଦ୍ଧା ଏହାକୁ ସାଙ୍ଗରେ ଧରି ଚାଲନ୍ତି ସେମାନଙ୍କ ଯାତ୍ରାପଥ ବିପଦସଂକୁଳ ହୋଇପଡ଼େ। ଏହି ପ୍ରସଙ୍ଗରେ ଗାନ୍ଧିଜୀ ମନେ ପଡ଼ନ୍ତି।

ମାତୃଭାଷା ଓ ପୁସ୍ତକର ତ୍ରୁଟି-ବିଚ୍ୟୁତି ସଂକ୍ରାନ୍ତରେ ଗାନ୍ଧିଜୀଙ୍କ ଆଭିମୁଖ୍ୟ ଅତି ସ୍ପଷ୍ଟ ଥିଲା। ତାଙ୍କ ରଚନାତ୍ମକ କାମରେ ମାତୃଭାଷାରେ ଶିକ୍ଷା ଉପରେ ବିଶେଷ ଗୁରୁତ୍ୱାରୋପ କରାଯାଉଥିଲା। ଗାନ୍ଧିଜୀଙ୍କ ପ୍ରବର୍ତ୍ତିତ ମୌଳିକ ଶିକ୍ଷା ଓ ନୟୀ ତାଲିମ୍ ବ୍ୟବସ୍ଥାରେ ମାତୃଭାଷାର ସ୍ଥାନ ଉଚ୍ଚରେ ରହିଥିଲା। ତାଙ୍କ ପ୍ରଥମ ଓଡ଼ିଶା ଗସ୍ତ ବେଳେ ୧୯୨୧ରେ ସେ ମାତୃଭାଷାରେ ଶିକ୍ଷା ସଂକ୍ରାନ୍ତରେ ଯେଉଁ ବକ୍ତବ୍ୟ ଦେଇଥିଲେ ତାହା ସଦା ପ୍ରାସଙ୍ଗିକ।

ଲୋକମାନ୍ୟ ବାଳ ଗଙ୍ଗାଧର ତିଳକଙ୍କୁ ଗାନ୍ଧିଜୀ ବେଶ୍ ସମ୍ମାନ କରୁଥିଲେ। ତିଳକ ମାଣ୍ଡାଲେ ଜେଲ୍‌ରେ ବନ୍ଦୀ ଥିବା ବେଳେ ମରାଠୀ ଭାଷାରେ 'ଗୀତା ରହସ୍ୟ' ଲେଖିଥିଲେ। ଏହା ବେଶ୍ ଉଚ୍ଚକୋଟୀର। ଏହାର ଗୁଜୁରାଟୀ ଅନୁବାଦ ଛପେଇ କାମ ଶେଷ ପରେ ଗାନ୍ଧିଜୀଙ୍କୁ ମୁଖବନ୍ଧ ଲେଖିବା ପାଇଁ କୁହାଗଲା। ମୁଦ୍ରିତ ଫର୍ଦ୍ଦଗୁଡ଼ିକରେ ଅନେକ ଭାଷା ଓ ବ୍ୟାକରଣଗତ ତ୍ରୁଟି ଥିବାରୁ ଗାନ୍ଧିଜୀ ଭାଷା ବିଶେଷଜ୍ଞମାନଙ୍କ ଦ୍ୱାରା ତାହାର ସଂଶୋଧନ କରାଇ ନିର୍ଭୁଲ ଗୁଜୁରାଟୀ ଅନୁବାଦ ଛପାଇଲେ ଏବଂ ତ୍ରୁଟିପୂର୍ଣ୍ଣ ଛାପା ଫର୍ଦ୍ଦଗୁଡ଼ିକୁ ଜାଳିଦେଲେ। ଗାନ୍ଧିଜୀଙ୍କ ମତ ଥିଲା ଭାଷାରେ ତ୍ରୁଟିବିଚ୍ୟୁତି ନଜରକୁ ଆସିବା ମାତ୍ରେ ତାହାର ତୁରନ୍ତ ସଂଶୋଧନ କରାଯିବା ଆବଶ୍ୟକ। ନ ହେଲେ ଭାଷା ବିକୃତ ହୋଇଯିବ ଏବଂ ତାହାର କୁପ୍ରଭାବ ସଂସ୍କୃତି, ସମାଜ ଓ ଜାତି ଉପରେ ପଡ଼ିବ। ବହୁ ଅର୍ଥବ୍ୟୟରେ ଛପା କାମ ସରିଥିବାରୁ ପ୍ରଥମ ସଂସ୍କରଣଟି ପ୍ରକାଶ କରିଦେବା ପାଇଁ କେହି କେହି ମତ ଦେଇଥିଲେ। କିନ୍ତୁ ଗାନ୍ଧିଜୀ ଏହାର ବିରୋଧ କରିଥିଲେ। ଏମିତିକି ତ୍ରୁଟିପୂର୍ଣ୍ଣ ଛପା ଫର୍ଦ୍ଦଗୁଡ଼ିକୁ ଠୁଙ୍ଗା ପାଇଁ ବିକ୍ରି କଲେ ତାହା ମଧ୍ୟ ଭାଷାକୁ ବିକଳାଙ୍ଗ କରିବ ବୋଲି ଯୁକ୍ତି ବାଢ଼ି ସେ ଏଗୁଡ଼ିକ ଜଳାଇଦେବାର ବ୍ୟବସ୍ଥା କରିଥିଲେ।

ଗାନ୍ଧିଜୀ 'ଗୁଜରାଟ ରାଜକୀୟ ପରିଷଦ' ସଂସ୍ଥାର ଅଧ୍ୟକ୍ଷ ଥିବା ବେଳେ ସେଠାରେ ଗୃହୀତ ପ୍ରସ୍ତାବ ବଡ଼ଲାଟଙ୍କ ନିକଟକୁ ଇଂରାଜୀରେ ପଠାଇବାକୁ ଚିଠା ତିଆରି ହୋଇଥିଲା। ତେବେ ଗାନ୍ଧିଜୀଙ୍କ ନଜରକୁ ଏହା ଆସିବା ପରେ ସେ ବଡ଼ଲାଟଙ୍କ ଉଦ୍ଦେଶ୍ୟରେ ଥିବା ସ୍ତବବନ୍ଦନାତକ କାଟିଦେବା ସହିତ ଗୁଜୁରାଟୀ ଭାଷାର ପ୍ରୟୋଗ କରିଥିଲେ। ବଡ଼ଲାଟ ଇଂରେଜ ହୋଇଥିବାରୁ ସେ ଗୁଜୁରାଟୀ କିଭଳି ବୁଝିବେ ବୋଲି କେତେକ ପ୍ରଶ୍ନ ଉଠାଇଥିଲେ। ଏହାର ଉତ୍ତରରେ ଗାନ୍ଧିଜୀ କହିଥିଲେ ଇଂରେଜମାନେ ବେପାର କରିବାକୁ ଆମ ଦେଶକୁ ଆସି ଏଠାରେ ଶାସନ କରୁଛନ୍ତି। ତେଣୁ ଆମ ଭାଷା ବୁଝିବା ଓ ଶିଖିବା ସେମାନଙ୍କ ଦାୟିତ୍ୱ। ଶେଷରେ ଗାନ୍ଧିଜୀଙ୍କ କଥା ରହିଲା ଏବଂ ଗୁଜୁରାଟୀରେ ପଠାଯାଇଥିବା ପତ୍ରର ଉତ୍ତର ମଧ୍ୟ ବଡ଼ଲାଟଙ୍କଠାରୁ ଆସିଲା।

ଦକ୍ଷିଣ ଆଫ୍ରିକାରେ ସତ୍ୟାଗ୍ରହ ସଂଗ୍ରାମର ବିଜିତ ସେନାପତି ଗାନ୍ଧିଜୀ ଭାରତ ଫେରିଲେ ୧୯୧୫ ଜାନୁଆରୀ ୯ ତାରିଖରେ। ବମ୍ବେରେ ଏହି ଅବସରରେ ଗୋଟିଏ ଗୁଜୁରାଟୀ ଅଭ୍ୟର୍ଥନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏ ସଭାରେ ଜଣେ ଗୁଜୁରାଟୀ ହିସାବରେ ମହମ୍ମଦ ଅଲ୍ଲୀ ଜିନ୍ନାଙ୍କ ସମେତ ଅନେକ ଉପସ୍ଥିତ ଥିଲେ। ଜିନ୍ନା ଓ ଅନେକ ଗାନ୍ଧିଜୀଙ୍କୁ ସ୍ୱାଗତ ଜଣାଇ ଇଂରାଜୀରେ ବକ୍ତୃତା ଦେଇଥିଲେ। ତାଙ୍କ ଆତ୍ମକଥା 'ସତ୍ୟର ପ୍ରୟୋଗ'ରେ ଗାନ୍ଧିଜୀ ଠାଏ ଲେଖିଛନ୍ତି, 'ମୋ ପାଳି ପଡ଼ିବାରେ ମୁଁ ଜବାବ୍ ଗୁଜୁରାଟୀରେ ଦେଲି। ଗୁଜୁରାଟୀ ଓ ହିନ୍ଦୁସ୍ତାନୀ ପ୍ରତି ମୋର ପକ୍ଷପାତିତାକୁ ସ୍ୱଳ୍ପ କଥାରେ ବୁଝାଇଦେଲି ଏବଂ ଗୁଜୁରାଟୀଙ୍କ ସଭାରେ ଇଂରାଜୀ ଭାଷାର ବ୍ୟବହାର ବିରୋଧରେ ମୋର ପ୍ରତିବାଦ ନମ୍ର ଭାବେ ଜଣାଇଦେଲି...; ମାତ୍ର ମୁଁ ଯେ ସାହସ ସହକାରେ ଗୁଜୁରାଟିରେ ଉତ୍ତର ଦେଲି, ତା'କୁ କେହି ଭୁଲ୍ ବୁଝି ନ ଥିଲେ। ସମସ୍ତେ ମୋ ପ୍ରତିବାଦକୁ ସହି ଯାଇଥିଲେ। ଏହା ଦେଖି ମୁଁ ଖୁସି ହେଲି ଏବଂ ନୂଆ ଦିଶୁଥିବା ମୋର ଅନ୍ୟ ବିଚାରଗୁଡ଼ିକୁ ଦେଶର ଜନତାଙ୍କ ଆଗରେ ଉପସ୍ଥାପିତ କରିବାରେ କଷ୍ଟ ହେବ ନାହିଁ, ଏହି ସଭାର ଅନୁଭବରୁ ମୁଁ ଉକ୍ତ ସିଦ୍ଧାନ୍ତରେ ପହଞ୍ଚିଲି।'

ବମ୍ବେରେ ସେତେବେଳେ ଗାନ୍ଧିଜୀଙ୍କର ପ୍ରଥମ ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିବା ସାମ୍ବାଦିକମାନଙ୍କ ସହ ପରିଚୟ ପ୍ରଦାନ ପରେ ଜଣେ ସାମ୍ବାଦିକ ଗାନ୍ଧିଜୀଙ୍କୁ ଏକ ନିର୍ଦ୍ଦିଷ୍ଟ ପ୍ରଶ୍ନ ଇଂରାଜୀରେ ପଚାରିଥିଲେ। ଗାନ୍ଧିଜୀ ଏହି ପ୍ରଶ୍ନର ଉତ୍ତର ଦେବା ପରିବର୍ତ୍ତେ ଓଲଟା ପ୍ରଶ୍ନ କରିଥିଲେ ଯେ ସାମ୍ବାଦିକ ଜଣକ ଗୁଜୁରାଟୀ ଓ ସେ ନିଜେ ଗୁଜୁରାଟୀ ହୋଇଥିବା ବେଳେ ଦୁଇ ଗୁଜୁରାଟୀଙ୍କ ମଧ୍ୟରେ କଥାବାର୍ତ୍ତା ପାଇଁ ଲଣ୍ଡନ ଦେଇ ଆସିବାର କ'ଣ ଆବଶ୍ୟକତା ଅଛି। ଆଶଙ୍କା କରାଯାଉଥିଲା ଯେ ଗାନ୍ଧିଜୀଙ୍କ ଏଭଳି ପ୍ରଶ୍ନକୁ ସାମ୍ବାଦିକମାନେ ଭୁଲ୍ ବୁଝି ହୁଏତ ନକାରାତ୍ମକ ସମ୍ବାଦ ପରିବେଷଣ କରିବେ। କିନ୍ତୁ ପରଦିନ ପ୍ରାୟ ସମସ୍ତ ଅଗ୍ରଣୀ କାଗଜର ପ୍ରଥମପୃଷ୍ଠାରେ ସକାରାତ୍ମକ ଭାବେ ସାମ୍ବାଦିକମାନେ ଏହି ଭାଷା ପ୍ରସଙ୍ଗକୁ ସ୍ଥାନିତ କରିଥିଲେ।

ଗାନ୍ଧିଜୀ ଭାରତ ଫେରିବା ପରେ ପ୍ରଥମେ ଅହମ୍ମଦାବାଦ ନିକଟବର୍ତ୍ତୀ କୋଚ୍ଛରବଠାରେ ସତ୍ୟାଗ୍ରହ ଆଶ୍ରମ ଏକ ଭଡ଼ାଘରେ ଆରମ୍ଭ କରିଥିଲେ ଏବଂ ପରେ ତାହା ସାବରମତୀରେ ସ୍ଥାୟୀ ଭାବେ ପ୍ରତିଷ୍ଠା ହେଲା। ଲବଣ ସତ୍ୟାଗ୍ରହ ପରେ ଗାନ୍ଧିଜୀ ଏହି ଆଶ୍ରମକୁ ହରିଜନ ସେବକ ସଂଘକୁ ଦାନ କରିଦେଲେ ଏବଂ ତାହାପରଠାରୁ ଆଉ କେବେ ସାବରମତୀକୁ ଫେରିନାହାନ୍ତି। ଏହି ଆଶ୍ରମ ପ୍ରତିଷ୍ଠା ସମ୍ପର୍କରେ ଗାନ୍ଧିଜୀ ତାଙ୍କ ଆତ୍ମକଥାରେ ଲେଖିଛନ୍ତି, 'ସନ ୧୯୧୫ ମେ ୨୫ ତାରିଖରେ ସତ୍ୟାଗ୍ରହ ଆଶ୍ରମ ସ୍ଥାପିତ ହେଲା। ଶ୍ରଦ୍ଧାନନ୍ଦଜୀ ଚାହୁଁଥିଲେ ମୁଁ ହରଦ୍ୱାରରେ ରହେ। କଲିକତାର କେତେକ ବନ୍ଧୁ ବୈଦ୍ୟନାଥଧାମର ପ୍ରସ୍ତାବ ରଖିଥିଲେ..., ଆଗରୁ ଅହମ୍ମଦାବାଦ ପାଇଁ ମୋର ଗୋଟାଏ ମୋହ ଥିଲା। ମୁଁ ଗୁଜୁରାଟୀ ଥିବାରୁ ଗୁଜୁରାଟୀ ଭାଷା ଜରିଆରେ ଦେଶର ସବୁଠାରୁ ବେଶୀ ସେବା କରିପାରିବି ବୋଲି ମୋର ବିଶ୍ୱାସ ଥିଲା... ଅହମ୍ମଦାବାଦରେ ଆଶ୍ରମ ସ୍ଥାପନ କରିବାର ତେଣୁ ଶେଷ ସିଦ୍ଧାନ୍ତ କଲି।'

ଭାଷା ଭିତ୍ତିରେ ଓଡ଼ିଶା ପ୍ରଦେଶ ଗଠନ ପାଇଁ ଯେଉଁ ଉଦ୍ୟମ ଚାଲିଥିଲା ତା'କୁ ଗାନ୍ଧିଜୀ ଖୋଲା ସମର୍ଥନ ଦେଇ ଜାତୀୟସ୍ତରରେ ଓଡ଼ିଆଙ୍କ ଦାବି ଉଠାଇବା ସହିତ ପଡ଼ୋଶୀ ରାଜ୍ୟର ନେତାମାନଙ୍କୁ ବି ପ୍ରଭାବିତ କରିଥିଲେ। ଓଡ଼ିଶାକୁ ରାଜନୈତିକ ପରିଚିତି ଦେବା ପାଇଁ ସେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ପ୍ରାୟ ୧୫ ବର୍ଷ ପୂର୍ବରୁ ଗୋପବନ୍ଧୁଙ୍କ ନେତୃତ୍ୱରେ ଉତ୍କଳ ପ୍ରଦେଶ କଂଗ୍ରେସ କମିଟି ଗଢ଼ିଥିଲେ। ତାଙ୍କ ସମ୍ପାଦିତ 'ୟଙ୍ଗ୍ ଇଣ୍ଡିଆ', 'ନବଜୀବନ' ଆଦି ପତ୍ରିକାରେ ଧାରାବାହିକ ଭାବେ ଓଡ଼ିଆ ଭାଷାଭାଷୀ ଅଞ୍ଚଳମାନଙ୍କୁ ନେଇ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ କଥା ବାରମ୍ବାର ଲେଖୁଥିଲେ।

ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ମଧ୍ୟ ବହୁ କ୍ଷେତ୍ରରେ ନିଜର ତ୍ରୁଟି ସୁଧାରିବା ସହିତ ସମାଲୋଚନାକୁ ସ୍ୱାଗତ କରୁଥିଲେ। ଏ ସଂକ୍ରାନ୍ତରେ ସାପ୍ତାହିକ ସମାଜର ୯/୨/୧୯୨୬ ସଂସ୍କରଣରେ ଦାସେ ଆପଣେ ଲେଖିଥିଲେ, 'କେହି ମୋର ଦୋଷ ଦେଖାଇଲେ ମୁଁ ମନେ କରେ ହୁଏତ ଯଥାର୍ଥରେ ମୋର ସେ ଦୋଷ ଅଛି, ନହେଲେ ବା ସେ ଭୁଲ ବୁଝିଛନ୍ତି, ସୁତରାଂ ମୋର ପ୍ରଥମେ ନିଜ ଭିତରକୁ ଚାହିଁବା ଉଚିତ୍। ଭଲ ରୂପେ ଆତ୍ମପରୀକ୍ଷା କରି ନିଜ ଦୋଷ ଦେଖିଲେ ତାହା ସଂଶୋଧନ କରିବା ଉଚିତ୍। ନିଜର ସେପରି ଦୋଷ ନଦେଖିଲେ ସେ ଭୁଲ ବୁଝିଛନ୍ତି ବୋଲି ବୁଝିବାକୁ ହେବ। ଭୁଲ ପୁଣି ଦୁଇପ୍ରକାର ହୋଇପାରେ। ସରଳ ଭାବରେ ଏହି ଯଥାର୍ଥ ବିଷୟ ନଜାଣି ଭୁଲ କରିପାରନ୍ତି। ଏ ଭୁଲ ବେଶି ଦିନ ରହେ ନାହିଁ। ତାଙ୍କର ସତ୍ୟ, ସରଳତା ଅକ୍ଷୁଣ୍ଣ ଥିଲେ ପରବର୍ତ୍ତୀ ଘଟଣାରେ ଏ ଭ୍ରମ ଆପେଆପେ ତୁଟିଯାଏ।'

ଏ ପରିପ୍ରେକ୍ଷୀରେ ବ୍ୟକ୍ତିଗତ, ସାମାଜିକ ଓ ରାଷ୍ଟ୍ରୀୟ ଜୀବନରେ ତ୍ରୁଟି ସ୍ୱୀକାର କରି ତାହାର ସଂଶୋଧନ କରାଯିବା ଆବଶ୍ୟକ। ନହେଲେ ଭୁଲ ବାଟରେ ଯାଇ ଠିକଣା ସ୍ଥାନରେ ପହଞ୍ଚିବା କିପରି?

ଭୁବନେଶ୍ୱର, ମୋ: ୯୪୩୭୦୧୭୩୯୫

## ଆମ ସମାଜର ନିରବ ନାୟକ

ସୌଜନ୍ୟ କୁମାର ପରିଡ଼ା

ସକାଳ ହେବା ପୂର୍ବରୁ କେହି ରାସ୍ତା ଝାଡୁ ଦେଉଛନ୍ତି, କେହି ଖବରକାଗଜ ବାଣ୍ଟୁଛନ୍ତି, କେହି କ୍ଷେତରେ ହଳ ଧରୁଛନ୍ତି, କେହି ଇଟା, ବାଲି ଓ ସିମେଣ୍ଟ ବୋହି ଘର ଗଢୁଛନ୍ତି। ଆଉ କେହି ଖରା, ବର୍ଷା ଓ ଶୀତକୁ ଅବହେଳା କରି ଆମ ଘରଦ୍ୱାରକୁ ଖାଦ୍ୟ, ଔଷଧ କିମ୍ବା ଆବଶ୍ୟକ ସାମଗ୍ରୀ ପହଞ୍ଚାଉଛନ୍ତି। ଆମେ ସେମାନଙ୍କୁ ସାଧାରଣତଃ 'ମଜଦୂର', 'ଶ୍ରମିକ', 'ଡେଲିଭରି ବୟ' କିମ୍ବା 'କାମକରୁଥିବା ଲୋକ' ବୋଲି ଡାକୁ। କିନ୍ତୁ ଆମେ କେବେ ଭାବିଛୁ କି, ଏହି ଲୋକମାନଙ୍କ ବିନା ଆମର ଦୈନନ୍ଦିନ ଜୀବନ କେତେ ଅସହାୟ ହୋଇଯିବ?

ସମାଜରେ ପ୍ରାୟତଃ ଗୋଟିଏ କଥା ଶୁଣିବାକୁ ମିଳେ, 'ମଜବୁର ଅଛି ବୋଲି ମଜଦୂର।' କଥାଟି ଶୁଣିବାକୁ ସହଜ ହେଲେ ମଧ୍ୟ ଏହା ଅଧା ସତ୍ୟ। ଅନେକ ଲୋକ ପରିସ୍ଥିତିର ଚାପରେ କଠିନ ପରିଶ୍ରମ କରନ୍ତି, କିନ୍ତୁ ସମସ୍ତ ଶ୍ରମିକଙ୍କ ପରିଚୟକୁ କେବଳ 'ମଜବୁରୀ'ରେ ସୀମିତ କରିଦେବା ତାଙ୍କର ପରିଶ୍ରମ, ସଂଘର୍ଷ ଓ ଆତ୍ମସମ୍ମାନକୁ ଛୋଟ କରିଦେବା ସହ ସମାନ। ସେମାନଙ୍କ ହାତରେ ଥାଏ ଝାଳ, କିନ୍ତୁ ସେହି ହାତ ହିଁ ଆମ ଭବିଷ୍ୟତ ଗଢ଼େ। ସେମାନଙ୍କ ମୁହଁରେ ଥାଏ କ୍ଲାନ୍ତି, କିନ୍ତୁ ସେହି କ୍ଲାନ୍ତି ହିଁ ଆମ ସୁଖର ଭିତ୍ତି। ସେମାନେ ନିରବ, କିନ୍ତୁ ସେମାନଙ୍କ ପରିଶ୍ରମର ସ୍ୱରରେ ହିଁ ଚାଲୁଛି ସାରା ଦୁନିଆ। କାରଣ ଦୁନିଆର ସବୁଠୁ ସୁନ୍ଦର ଇମାରତ, ସବୁଠୁ ଚଉଡ଼ା ରାସ୍ତା ଓ ସବୁଠୁ ବଡ଼ ସଫଳତାର ମୂଳରେ ଥାଏ ଜଣେ ଶ୍ରମିକର ନିରବ ଝାଳ ବୁନ୍ଦା। ମଜଦୁରଙ୍କ ହାତ ମାଟିରେ ଲାଗିଥାଏ, କିନ୍ତୁ ସେହି ହାତ ହିଁ ଆକାଶଛୁଆଁ ସ୍ୱପ୍ନ ଗଢ଼ିଥାଏ। ସେମାନେ ଖବରର ଶିରୋନାମା ହୁଅନ୍ତି ନାହିଁ, କିନ୍ତୁ ସେମାନଙ୍କ ବିନା କୌଣସି ଶିରୋନାମା ସୃଷ୍ଟି ହୁଏ ନାହିଁ।

ବାସ୍ତବରେ 'ମଜଦୂର' କୌଣସି ପରିଚୟ ନୁହେଁ, ଏକ ଗୌରବ। କାରଣ ଯିଏ ନିଜ ପରିଶ୍ରମରେ ଜୀବନ ଚଳାଏ, ଯିଏ ନିଜ ହାତର ଶକ୍ତିରେ ପରିବାରର ସ୍ୱପ୍ନକୁ ବଞ୍ଚାଇ ରଖେ, ସେ କେବେବି ଦୟାର ପାତ୍ର ନୁହେଁ, ବରଂ ସମ୍ମାନର ଅଧିକାରୀ। ଆଜି ଆମେ ଯେଉଁ ଘରେ ରହୁଛୁ, ଯେଉଁ ରାସ୍ତାରେ ଚାଲୁଛୁ, ଯେଉଁ ବିଦ୍ୟାଳୟରେ ପଢ଼ୁଛୁ, ଯେଉଁ ହସ୍ପିଟାଲରେ ଚିକିତ୍ସା ପାଉଛୁ ଏବଂ ଯେଉଁ କାର୍ଯ୍ୟାଳୟରେ କାମ କରୁଛୁ, ସେସବୁର ପଛରେ ଅସଂଖ୍ୟ ଶ୍ରମିକଙ୍କ ଝାଳ ଓ ପରିଶ୍ରମ ଲୁଚି ରହିଛି। ଆମେ କେବଳ ତିଆରି ହୋଇଥିବା ସୁବିଧାକୁ ଦେଖୁଛୁ। ତୀବ୍ର ଖରାରେ ରାସ୍ତାର ପିଚୁ ତରଳି ଯାଉଥିଲେ ମଧ୍ୟ, ପ୍ରବଳ ବର୍ଷାରେ ପୋଷାକ ଭିଜିଯାଉଥିଲେ ମଧ୍ୟ, ରାତିର ଅନ୍ଧକାରରେ ବିପଦକୁ ମୁହାଁ ହୋଇ ଡେଲିଭରି ବୟମାନେ ଆମ ଦୁଆରେ ପହଞ୍ଚିଯାଆନ୍ତି। ଆମେ ମୋବାଇଲରେ ଗୋଟିଏ ବଟନ ଦବାଉଛୁ, କିନ୍ତୁ ସେହି ଗୋଟିଏ କ୍ଲିକ୍ ପଛରେ କାହାର ଦୌଡ଼, କାହାର ପରିଶ୍ରମ ଓ କାହାର ସମୟ ଜଡ଼ିତ ରହିଛି, ତାହା ଅନେକ ସମୟରେ ଭୁଲିଯାଉଛୁ।

ଯେତେବେଳେ ଆମେ ଆରାମରେ ଶୋଇ ରହୁଥାଉ, ସେତେବେଳେ କେହି ଜଣେ ଜାଗି ରହି ନିଜ କର୍ତ୍ତବ୍ୟ ପୂରଣ କରୁଥାଏ। ଯେତେବେଳେ ଆମେ ପରିବାର ସହ ସମୟ କାଟୁଥାଉ, ସେତେବେଳେ କେହି ଜଣେ ନିଜ ପରିବାରଠାରୁ ଦୂରେ ରହି ଆମ ସୁବିଧା ସୁନିଶ୍ଚିତ କରୁଥାଏ। ଆମ ହସ ପଛରେ ଅନେକ ଅଜଣା ମୁହଁର ତ୍ୟାଗ ଲୁଚି ରହିଛି। ସେମାନଙ୍କର ମଧ୍ୟ ପରିବାର ଅଛି, ସ୍ୱପ୍ନ ଅଛି, ଦାୟିତ୍ୱ ଅଛି। ସେମାନେ ମଧ୍ୟ ଚାହାନ୍ତି ପରିବାର ସହ କିଛି ସମୟ କାଟିବାକୁ, ସନ୍ତାନର ହସ ଦେଖିବାକୁ, ନିଜ ପାଇଁ କିଛି ସମୟ ବଞ୍ଚାଇ ରଖିବାକୁ। କିନ୍ତୁ ଜୀବନର ଦାୟିତ୍ୱ ଓ କର୍ତ୍ତବ୍ୟ ସେମାନଙ୍କୁ ନିରନ୍ତର ଚାଲିବାକୁ ବାଧ୍ୟ କରେ। ସେମାନଙ୍କ ଜୀବନ କୌଣସି ଚଳଚ୍ଚିତ୍ରର ନାୟକଙ୍କ ପରି ଆଲୋଚିତ ହୁଏନାହିଁ, କିନ୍ତୁ ବାସ୍ତବ ଜୀବନର ନାୟକ ସେମାନେ।

ଆମ ସମାଜର ଏକ ବିଡ଼ମ୍ବନା ହେଉଛି, ଯେଉଁ କାମ ଯେତେ ଅଧିକ ଆବଶ୍ୟକ, ସେହି କାମ କରୁଥିବା ଲୋକଙ୍କୁ ସେତେ କମ୍ ସମ୍ମାନ ମିଳେ। ଆମେ ବଡ଼ ବଡ଼ ପଦବୀ ଓ ଚାକିରିକୁ ସମ୍ମାନ ଦେଉ; କିନ୍ତୁ ସେହି ଶ୍ରମିକଙ୍କୁ ଭୁଲିଯାଉ ଯିଏ ନିଜ ହାତରେ ସେହି କାର୍ଯ୍ୟାଳୟର ଭିତ୍ତି ତିଆରି କରିଥିଲେ। ଆମେ ରେଷ୍ଟୁରାଣ୍ଟରେ ଖାଦ୍ୟ ଖାଇ ଖୁସି ହେଉ, କିନ୍ତୁ ଖାଦ୍ୟ ପହଞ୍ଚାଇଥିବା ଯୁବକଙ୍କୁ ହସି 'ଧନ୍ୟବାଦ' କହିବାକୁ ଭୁଲିଯାଉ। ସମ୍ମାନ କେବଳ ଟଙ୍କା କିମ୍ବା ପଦବୀରୁ ଆସେ ନାହିଁ। ସମ୍ମାନ ଆସେ ମଣିଷର ପରିଶ୍ରମ ଓ କର୍ତ୍ତବ୍ୟନିଷ୍ଠାରୁ। ଜଣେ ଶ୍ରମିକ, ଜଣେ ପରିଚ୍ଛନ୍ନତା କର୍ମଚାରୀ, ଜଣେ ଡେଲିଭରି କର୍ମଚାରୀ, ଜଣେ ଚାଷୀ କିମ୍ବା ଜଣେ ଦିନମଜୁରିଆ ଯେପରି ସମ୍ମାନର ଅଧିକାରୀ, ସେପରି ଜଣେ ଅଧିକାରୀ, ଶିକ୍ଷକ କିମ୍ବା ବ୍ୟବସାୟୀ ମଧ୍ୟ।

ଆଜିର ଦ୍ରୁତଗାମୀ ଯୁଗରେ ଆମେ ସଫଳତାକୁ ମାପୁଛୁ ବେତନ, ଗାଡ଼ି, ଘର ଓ ସାମାଜିକ ପ୍ରତିଷ୍ଠାରେ। କିନ୍ତୁ ଜଣେ ଶ୍ରମିକଙ୍କ ଝାଳର ମୂଲ୍ୟକୁ ମାପିବା ପାଇଁ କୌଣସି ଯନ୍ତ୍ର ନାହିଁ। ସେ ଦିନସାରା ଖଟି ପରିବାର ପାଇଁ ଦୁଇ ମୁଠା ଖାଦ୍ୟ ଯୋଗାଡ଼ କରେ। ତା'ର ସ୍ୱପ୍ନ ବହୁତ ବଡ଼ ନ ହୋଇପାରେ; କିନ୍ତୁ ସେହି ସ୍ୱପ୍ନର ଭିତ୍ତି ତା'ର ସତ ପରିଶ୍ରମ ଉପରେ ଗଢ଼ା। ଇତିହାସ ସାଧାରଣତଃ ରାଜା, ନେତା ଓ ମହାନ ବ୍ୟକ୍ତିଙ୍କ ନାମ ମନେ ରଖେ; କିନ୍ତୁ ସଭ୍ୟତାର ପ୍ରକୃତ ଭିତ୍ତି ଗଢ଼ିଥିବା ଅସଂଖ୍ୟ ଶ୍ରମିକଙ୍କ ନାମ ଅନେକ ସମୟରେ ଅଜଣା ହୋଇ ରହିଯାଏ। ତଥାପି ସେମାନଙ୍କ ପରିଶ୍ରମ ବିନା ଉନ୍ନତିର କୌଣସି କାହାଣୀ ସମ୍ପୂର୍ଣ୍ଣ ହୋଇପାରେ ନାହିଁ।

ଆସନ୍ତୁ ଆମେ ଆମର ଦୃଷ୍ଟିଭଙ୍ଗୀ ବଦଳାଇବା। 'ମଜବୁର ଅଛି ବୋଲି ମଜଦୂର' କହିବା ପରିବର୍ତ୍ତେ କହିବା, 'ମଜଦୂର ଅଛି ବୋଲି ଦୁନିଆ ଚାଲୁଛି' ବୋଲି କହିବା। ସମସ୍ତ କାର୍ଯ୍ୟରତ ପୁରୁଷ, ମହିଳା, ଶ୍ରମିକ, ଚାଷୀ, ପରିଚ୍ଛନ୍ନତା କର୍ମଚାରୀ, ଡ୍ରାଇଭର, ସୁରକ୍ଷାକର୍ମୀ ଓ ଡେଲିଭରି କର୍ମଚାରୀମାନଙ୍କୁ ଏହି ଲେଖା ଶ୍ରଦ୍ଧାଭରା ସମର୍ପଣ।

ବାରୁଅ(କେନ୍ଦ୍ରାପଡ଼ା), ମୋ: ୮୨୪୯୯୪୩୨୪୭

## ବୋହୂ ରୂପରେ ପୂଜା ପା'ନ୍ତି ପିତା ଶୁଖୁଆ

### ବିଚିତ୍ର ବିଶ୍ୱାସ

ଓଜସ୍ୱିନୀ

ଆଦିମାନବର ପ୍ରକୃତି ପୂଜନରୁ ସୃଷ୍ଟି ହୋଇଥିବା ଆଧ୍ୟାତ୍ମ ଧାରା ସମୟକ୍ରମେ ସଭ୍ୟ ସମାଜରେ ବିଭିନ୍ନ ପ୍ରକାର ଓଷା ବା ବ୍ରତର ରୂପ ଧାରଣ କରିଛି। ଏହି ମହାର୍ଘ ପରମ୍ପରାରେ ମୃତଜୀବର ଅଂଶବିଶେଷ ଶଙ୍ଖ, କଉଡ଼ି, ମୃଗଛାଲ, ଚାମର ଆଦି ବସ୍ତୁ ଦିବ୍ୟ ଓ ପବିତ୍ରତାର ପ୍ରତୀକ ହୋଇଥିବା ବେଳେ ମୃତଜୀବ ଭାବେ ଶୁଖୁଆ ମଧ୍ୟ ପୂଜନୀୟ। ଓଡ଼ିଶାରେ ଏହାକୁ ନେଇ 'କାଞ୍ଜିଅଁଳା ଓଷା' ନାମକ ଏକ ବିଶେଷ ପର୍ବ ମଧ୍ୟ ପାଳନ କରାଯାଉଛି। ବିଶ୍ୱାସ ରହିଛି ଯେ, ଏହି ଓଷାକୁ ନିଷ୍ଠାର ସହ ପାଳନ କରାଗଲେ ନିଃସନ୍ତାନ ନାରୀମାନଙ୍କର ଉତ୍ତମ ସନ୍ତାନପ୍ରାପ୍ତି ହେବା ସହିତ ଶିଶୁଙ୍କର ମଙ୍ଗଳସାଧନ ହୋଇଥାଏ।

ଓଡ଼ିଶାର କେତେକ ସ୍ଥାନରେ ମାର୍ଗଶୀର ମାସ କୃଷ୍ଣ ନବମୀ ଦିନ କାଞ୍ଜିଅଁଳା ଓଷା ପାଳନ କରାଯାଏ। ଏହି ପର୍ବ ଷଠୀଦେବୀଙ୍କୁ ସମର୍ପିତ। ପୌରାଣିକ ମତାନୁସାରେ ଷଠୀଦେବୀ ଜନ୍ମ ସମୟରେ ସନ୍ତାନସନ୍ତତିଙ୍କ ଭାଗ୍ୟ ନିର୍ଦ୍ଧାରଣ କରନ୍ତି ଏବଂ ଶିଶୁର ମଙ୍ଗଳବିଧାନ କରି ପ୍ରତ୍ୟେକ କ୍ଷେତ୍ରରେ ସୁରକ୍ଷା ପ୍ରଦାନ କରିଥା'ନ୍ତି। ମାର୍ଗଶୀର ମାସ କୃଷ୍ଣପକ୍ଷର ନବମୀ ଦିନ ବିବାହିତାମାନେ ଦିନସାରା ଉପବାସ ରହିବା ପରେ ସନ୍ଧ୍ୟା ସମୟରେ ଅଗଣାରେ ଥିବା ତୁଳସୀ ଚଉରା ମୂଳରେ ଗୋଟିଏ ଛୋଟ ଚାରିକୋଣିଆ ଗାତ ଖୋଳି ତହିଁରେ ପାଣି ଭରି ପୋଖରୀରୁ ଛୋଟ ଛୋଟ ମାଛ ଆଣି ସେଥିରେ ଛାଡ଼ିଥା'ନ୍ତି। ଏହି ଗାତ ଚାରିପଟେ ବାଲୁଙ୍ଗା ଧାନ ଏବଂ ପୋଖରୀ ମଝିରେ ସାରୁ ଗଛଟିଏ ପୋତି ତା'ରି ମୂଳରେ ପିଢ଼ାଟିଏ ରଖାଯାଏ। ସାତଟି ପିତା ଶୁଖୁଆ ଆଣି ସେଗୁଡ଼ିକୁ ହଳଦୀ ପାଣିରେ ଧୋଇ ହଳଦିଆ କନାରେ ଗୁଡ଼ାଇ ବୋହୂ ପରି ବେଶ କରି କଜ୍ଜ୍ୱଳ, ସିନ୍ଦୂର ଲଗାଇ ପିଢ଼ା ଉପରେ ରଖାଯାଏ। ପ୍ରତିଟି ଶୁଖୁଆ ପାଖରେ ଗୋଟିଏ ଲେଖାଏଁ ପୋଇ ଖାଡ଼ି ରଖିଯାଏ। ଭୋଗ ନିମନ୍ତେ ଘରେ ଭାତ, ଡାଲି ଓ କାଞ୍ଜି ସହିତ ସାରୁ, ମୂଳା, ପିତା ଶୁଖୁଆ ପକାଇ ତରକାରୀ ଓ ଦୁଇଟି ଚକୁଳି ପିଠା ପ୍ରସ୍ତୁତ କରାଯାଏ। ଶିଶୁମାନଙ୍କର ମଙ୍ଗଳକାମନା ସହ ଉତ୍ତମ ସନ୍ତାନ ପ୍ରାପ୍ତି ପାଇଁ କାମନା କରି ଭୋଗ ଅର୍ପଣ କରାଯାଏ। ପୂଜା ସରିବା ପରେ ଉକ୍ତ ଭୋଗକୁ ମା'ମାନେ ଯେଉଁ ପିଲାଙ୍କ ପାଇଁ ମାନସିକ କରିଥିବେ, ସେମାନଙ୍କୁ ଖୁଆଇଦିଅନ୍ତି। ଅବଶିଷ୍ଟ ଭୋଗ ନଦୀରେ ଭସାଇ ଦିଆଯାଏ କିମ୍ବା ପୋତି ଦିଆଯାଏ। ଏହାପରେ ଶୁଖୁଆ ବୋହୂଙ୍କ ପାଖରେ ରଖା ଯାଇଥିବା ସାତଖଣ୍ଡି ପୋଇକୁ ମଧ୍ୟ ଜଳରେ ବିସର୍ଜନ କରାଯାଏ। କାରଣ ସେଗୁଡ଼ିକୁ ଅନ୍ୟ କାହାକୁ ଦେବା ପାଇଁ ବାରଣ ରହିଥାଏ।

ଶୁଖୁଆ ପୂଜନ ସମ୍ପର୍କିତ ଏହି ଓଷା ପାଳନ ପଛରେ ଗୋଟିଏ ଲୋକକଥା ମଧ୍ୟ ଅଛି। - ଜଣେ ସାଧବଙ୍କର ଚାରିପୁଅ ଓ ଚାରିବୋହୂ ଥିଲେ। ସାନବୋହୂ ପ୍ରଥମେ ଗର୍ଭବତୀ ହେଲା। ଗର୍ଭଧାରଣର ଚାରିମାସ ପରେ ବୋହୂକୁ କଖାରୁ ଖାଇବାକୁ ଇଚ୍ଛା ହେଲା। ତେଣୁ ସେ ପଡ଼ିଶାଘର ବାଡ଼ିରୁ କଖାରୁଟିଏ ଚୋରି କରି ଆଣି ଆମ୍ବିଳ କରି ଖାଇଦେଲା। ତା' ପର ଦିନ ପଡ଼ିଶାଘର ଲୋକ ବଗିଚାରେ କଖାରୁ ନ ଥିବା ଦେଖି କହିଲେ ଯେ, 'ଯିଏ ଆମ ବାଡ଼ିରୁ କଖାରୁ ଚୋରିକରି ନେଇଛି, ତା'ର ଛୁଆ ଜନ୍ମହେବା ମାତ୍ରେ ଷଠୀଦେବୀ ଚୋରିକରିନେଇଯା'ନ୍ତୁ।' କିଛିଦିନ ପରେ ସାନବୋହୂର ପୁଅଟିଏ ହେଲା। ଗର୍ଭକଷ୍ଟ ସହି ନ ପାରି ସେ ଅଚେତ ହୋଇ ଶୋଇଥିବା ବେଳେ ଷଠୀ ଠାକୁରାଣୀ ଜନ୍ମଶିଶୁଟିକୁ ଚୋରାଇ ନେଇଗଲେ। ଏହିକ୍ରମରେ ସାଧବାଣୀର ପରକୁ ପର ପାଞ୍ଚପୁଅକୁ ଷଠୀଦେବୀ ଚୋରିକରି ନେଇଗଲେ। ବୋହୂ ଷଷ୍ଠ ଥର ଗର୍ଭବତୀ ହେଲା ଏବଂ ପ୍ରସବ ସମୟ ପାଖେଇ ଆସିବାରୁ ଶାଶୂ ସାଧବାଣୀ ରାଗିଯାଇ କହିଲେ - 'ତୁ ପାଞ୍ଚଟି ପିଲା ଖାଇସାରିଲୁଣି। ଆଉ ତୋର ଏହି ଘରେ ସ୍ଥାନ ନାହିଁ।' ବୋହୂକୁ ଘରୁ ବାହାର କରିଦେବା ସମୟରେ ଗୋଟିଏ ସୂତାକଣ୍ଡା ଦେଇ କହିଲେ, 'ଯେଉଁଠି ଏହିସୂତା ସରିବ, ସେହିଠାରେ ଶିଶୁକୁ ଜନ୍ମ ଦେବୁ।' ସାନବୋହୂ ସୂତାକୁ ଧରି ଚାଲିଗଲା। ସୂତାକଣ୍ଡାର ଅଗ୍ରଭାଗ ଗୋଟିଏ ନିର୍ଜନ ବନସ୍ତ ଭିତରେ ସରିଲା। ସେଠାରେ ଜନ୍ମିତ ଛୁଆଟି ଗୋଟିଏ କାଠକଣ୍ଢେଇ ହୋଇଗଲା। ଏହାଦେଖି ସାଧବାଣୀ ବିକଳ ହୋଇ ମା' ଷଠୀଦେବୀଙ୍କୁ ସ୍ମରଣ କରି କାନ୍ଦିଲା। ଷଠୀଦେବୀ ତା'ର ବ୍ୟାକୁଳତାକୁ ସହି ନ ପାରି ସେଠାରେ ଆବିର୍ଭୂତା ହେଲେ ଏବଂ ତା'ର ପାଞ୍ଚପୁଅକୁ ଫେରାଇ ଦେଇ କହିଲେ - 'ଆଉ କେବେ କାହାର ଜିନିଷ ଚୋରି କରିବୁ ନାହିଁ ଏବଂ ମାର୍ଗଶିର ମାସ ଅଷ୍ଟମୀ ପରଦିନ କାଞ୍ଜିଅଁଳା ଓଷା ଓ ଉପବାସ କରିବୁ। ତୋର ପୁତ୍ରମାନଙ୍କର ମଙ୍ଗଳ ହେବ।' ସାଧବାଣୀ ଓଷାର ବିଧିବିଧାନର ଜ୍ଞାନ ଦେବୀଙ୍କଠାରୁ ପ୍ରାପ୍ତ କରିଥିଲେ।'

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।

୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।

୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।

୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।

୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।

୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।

୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଆଜିର ରାଶିଫଳ

**ମେଷ:** କର୍ମଚଞ୍ଚଳ ରହିବେ। ମନ ଖୁସି ରହିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇପାରେ। ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଉତ୍ତମ। ବ୍ୟବସାୟରୁ ଲାଭ ମିଳିବ। ପାରିବାରିକ ମତଭେଦ ଦୂର ହେବ।

**ବୃଷ:** ପରିବାର ସହ କୌଣସି ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ପ୍ରେମ ମାମଲାରେ କିଛି ନୂଆ ନିଷ୍ପତ୍ତି ନେବେ। କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ପରିବାର ପାଇଁ ସମୟ ବାହାର କରିବେ।

**ମିଥୁନ:** ବ୍ୟବସାୟ ଓ ଧାର୍ମିକ କାର୍ଯ୍ୟ ପାଇଁ ଅନୁକୂଳ ସମୟ। ବ୍ୟାୟାମ, ଯୋଗ, ଉଚ୍ଚଶିକ୍ଷା, ଧ୍ୟାନ ଆଦି ପ୍ରତି ରୁଚି ବଢ଼ିବ। ଶୁଭ ସମ୍ବାଦ ମିଳିବ। ନିବେଶ କରିବା ପାଇଁ ଉପଯୁକ୍ତ ସମୟ।

**କର୍କଟ:** କାର୍ଯ୍ୟ ସ୍ଥିତିରେ ସୁଧାର ଆସିଲେ ମଧ୍ୟ ସ୍ୱାସ୍ଥ୍ୟ ଭଲ ରହିବ ନାହିଁ। ଦାମ୍ପତ୍ୟ ଜୀବନ ଚିନ୍ତାଜନକ ହେବ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଧାର୍ମିକ ସ୍ଥାନକୁ ଯାତ୍ରା ଯୋଗ ଅଛି।

**ସିଂହ:** ଦାମ୍ପତ୍ୟ ଜୀବନ ଅନୁକୂଳ ରହିବ। କିଛି କ୍ଷେତ୍ରରେ ଅସଫଳ ରହିବେ। ନୂଆ ଯୋଜନା ପାଇଁ ଉପଯୁକ୍ତ ସମୟ। କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ।

**କନ୍ୟା:** ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ବିରୋଧୀଙ୍କଠାରୁ ଦୂରେଇ ରୁହନ୍ତୁ। ପ୍ରେମିକ ପ୍ରେମିକାଙ୍କ ମଧ୍ୟରେ ଥିବା ଭୁଲ ବୁଝାମଣା ଦୂର ହେବ। ଛାତ୍ରଛାତ୍ରୀ ପଢ଼ାରେ ମନ ଦେବେ।

**ତୁଳା:** ମନ ପ୍ରସନ୍ନ ରହିବ। ଦିନଟି ଶୁଭଫଳ ପ୍ରଦାନ କରିବ। ବ୍ୟବସାୟରୁ ଲାଭ ମିଳିବ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ସନ୍ତାନଙ୍କ ସହଯୋଗ ପ୍ରାପ୍ତ ହେବ। ଧାର୍ମିକ ଯାତ୍ରା କରିପାରନ୍ତି।

**ବିଛା:** ପୈତୃକ ସମ୍ପତ୍ତିକୁ ନେଇ ବିବାଦ ଦେଖା ଦେବ। କୋର୍ଟକଚେରୀ ମାମଲା ଆପଣଙ୍କ ସପକ୍ଷରେ ରହିବ। ପ୍ରତିଯୋଗୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ।

**ଧନୁ:** ପିଲାଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟ ଉପରେ ଅଧିକ ଖର୍ଚ୍ଚ କରିବାକୁ ପଡ଼ିପାରେ। ଭଲ କାର୍ଯ୍ୟ ଯୋଗୁଁ ସମାଜରେ ପ୍ରତିଷ୍ଠା ବଢ଼ିବ। ମନୋରଞ୍ଜନ କାର୍ଯ୍ୟରେ ନିଜକୁ ସାମିଲ କରିବେ। ଘର ପାଇଁ ନୂଆ ଜିନିଷ କିଣିବେ।

**ମକର:** ଧନ ବୃଦ୍ଧି ସହ ଅର୍ଥ ସଞ୍ଚୟ କରିବେ। ବ୍ୟବହାରରେ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରିବେ। ଦିନଟିରେ ଖୁସି ରହିବେ। ବିବାଦୀୟ କାର୍ଯ୍ୟରୁ ଦୂରେଇ ରହିବେ। ନୂଆ ଗାଡ଼ି କିଣିବେ।

**କୁମ୍ଭ:** ବ୍ୟବସାୟକୁ ମଜଭୁତ କରିବା ପାଇଁ ଅଧିକ ପ୍ରୟାସ କରିବାକୁ ହେବ। ସ୍ୱାସ୍ଥ୍ୟ ଭଲ ରହିବ। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଛାତ୍ରଛାତ୍ରୀ ମନୋରଞ୍ଜନରେ ସମୟ ଅତିବାହିତ କରିବେ।

**ମୀନ:** କାର୍ଯ୍ୟ ଆରମ୍ଭ ପାଇଁ ଅନୁକୂଳ ସମୟ। ଗୀତ, ନାଚରେ ସମୟ ଅତିବାହିତ କରିବେ। ମାନସିକ ସ୍ୱାସ୍ଥ୍ୟରେ ସୁଧାର ଆସିବ। ପରୀକ୍ଷାର୍ଥୀ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ। ଅସହାୟଙ୍କୁ ସାହାଯ୍ୟ କରିବେ।

# ଡିଜିଟାଲ ଆରେଷ୍ଟ: ଓଡ଼ିଶା ସମେତ ୧୬ ରାଜ୍ୟରେ ସିବିଆଇ ଚଢ଼ଉ

ଭୁବନେଶ୍ୱର, ୨୫।୬ (ସମିସ): ଡିଜିଟାଲ ଆରେଷ୍ଟ କରୁଥିବା ଗ୍ୟାଙ୍ଗ୍ ଉପରେ ସିବିଆଇର ବଡ଼ କାର୍ଯ୍ୟାନୁଷ୍ଠାନ। କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) "ଡିଜିଟାଲ ଗିରଫ' ଠକେଇ ନେଟୱର୍କ ବିରୋଧରେ ଦେଶବ୍ୟାପୀ ବଡ଼ଧରଣର ଅଭିଯାନ ଆରମ୍ଭ କରିଛି। ଓଡ଼ିଶା ସମେତ ୧୬ଟି ରାଜ୍ୟରେ ୮୦ରୁ ଅଧିକ ସ୍ଥାନରେ ଚଢ଼ଉ କରାଯାଇଛି। ଅପରେସନ ଚକ୍ର-୬ ଅଧୀନରେ ସିବିଆଇ ୬୦ଟି ସ୍ୱତନ୍ତ୍ର ଟିମ୍ ନିୟୋଜିତ କରି ସାଇବର ଠକେଇରେ ସମ୍ପୃକ୍ତ ସନ୍ଦିଗ୍ଧ ଅପରାଧୀ ନେଟୱର୍କ ଉପରେ ଚଢ଼ଉ କରିଛି। ପଞ୍ଜାବ, ଗୁଜରାଟ, ଦିଲ୍ଲୀ, ମହାରାଷ୍ଟ୍ର, ହରିୟାଣା, ତାମିଲନାଡୁ, ତେଲଙ୍ଗାନା, ଆନ୍ଧ୍ରପ୍ରଦେଶ, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ରାଜସ୍ଥାନ, ଆସାମ, ପଶ୍ଚିମବଙ୍ଗ, ମଣିପୁର, କର୍ଣ୍ଣାଟକ ଏବଂ ଓଡ଼ିଶାରେ ଚଢ଼ଉ ହୋଇଥିଲା। ରିପୋର୍ଟ ଅନୁସାରେ, "ଡିଜିଟାଲ ଗିରଫ' ଠକେଇ ସହ ଜଡିତ ୨୦୦ରୁ ଅଧିକ ମାମଲା ପରେ ସଂଗଠିତ ଅପରାଧୀ ନେଟୱର୍କକୁ ଧ୍ୱଂସ କରିବା ଉଦ୍ଦେଶ୍ୟରେ ସିବିଆଇ ଏହି ଚଢ଼ଉ କରିଥିଲା। ଚେନ୍ନାଇ ଓ କୋଲକାତାରୁ ଦୁଇ ଜଣ ଅଭିଯୁକ୍ତଙ୍କୁ ସିବିଆଇ ଗିରଫ କରିଥିଲା। ଏମାନେ ମ୍ୟୁଲ୍ ବ୍ୟାଙ୍କ ଆକାଉଣ୍ଟ ଜରିଆରେ ପ୍ରାୟ ୨କୋଟି ଟଙ୍କାର ମନି ଲଣ୍ଡରିଂ କରିଥିଲେ।


## DOCUMENT LOST

I, **Lalita Panda**, W/o-Ramlal Panda, aged about 60 years, resident of Vill/PO-Karangamal, PS: Boden, Dist: Nuapada, PIN: 766118, Odisha, do hereby declare that the Original Record Of Rights (R.O.R/Patta) Pertaining to Khata No- 213/174 of Mouza: Karangamal, PS: Boden, was lost / misplaced during my transit from my residence to the Tahasil Office, Boden. If found, please return it to the above address and contact Mr. Aswini Kumar Debta, Mobile: 9437158519.

## ଦଲିଲ ହଜିଛି

ମୁଁ, ସଂଗୀତା ଜେନା, ସ୍ୱାମୀ - ଅର୍ଜୁନ ଚରଣ ଜେନା, ଗ୍ରାମ-ଅଲ୍ଲୀଗାଁ, ପୋ-କେନ୍ଦୁଖୁଣ୍ଟା ଜିଲ୍ଲା-କେନ୍ଦୁଝର ଗତ ତା- ୦୨/୦୬/୨୦୨୬ ରିଖରେ ମୁଁ ଅଲ୍ଲୀଗାଁ ରୁ ଘସିପୁରା ଯିବା ରାସ୍ତାରେ ମୋରୋ ଲିଙ୍କ ଦଲିଲ ଯାହାର ନମ୍ବର- ୧୫୦୫ ତା- ୧୮/୧୨/୨୦୦୯ ରିଖରେ ହୋଇଥିଲା ତାହା କେଉଁଠି ହଜିଯାଇଛି। ଯଦି କେହି ସହୃଦୟ ବ୍ୟକ୍ତି ପାଇଥାନ୍ତି ତେବେ ଏହାକୁ VERITAS FINASH LTD, PANIKOILI ଶାଖାରେ ହସ୍ତାନ୍ତର କରିବାକୁ ଅନୁରୋଧ, ମୁଁ ଏହି ଦଲିଲ କୁ କୌଣସି ବ୍ୟକ୍ତି କିମ୍ବା ଆର୍ଥିକ ଅନୁଷ୍ଠାନରେ ବନ୍ଧକ ରଖିନାହିଁ ଯୋଗାଯୋଗ-୯୫୫୬୨୭୭୯୮୭

## ସୂଚନା

ଏତଦ୍ୱାରା ଜଣାଇ ଦିଆଯାଉଛି କି **ଅଂଶିକା ଆପେକ୍ସ ସର୍ଭିସେସ୍ ପ୍ରା. ଲିଃ.**, ଗ୍ରାମ: ଦୁଖୁଗୁଡ଼ା, ଥା.: ପାପଡ଼ାହାଣ୍ଡି, ତହସିଲ: ତେନ୍ତୁଲିଖୁଣ୍ଟି, ଜି.: ନବରଙ୍ଗପୁରଠାରେ CBWTF ପାଇଁ (EC25B3301OR 5855778N Dt.11.9.25) ପରିବେଶ ମଞ୍ଜୁରୀ ପାଇଅଛି।

## AFFIDAVIT

By virtue of an affidavit sworn before the Executive Magistrate, Khordha, dtd 24.06.2026, I, Amatur Rahim, D/o Sayad Fazlul Raheman, At- Sardar Sahi, P.O. Keranga, P.S./Dist.- Khordha hereby declare that my name and date of birth has been wrongly recorded as year 1944 and Amtur Rahim in Aadhar card, my correct name is Amatur Rahim and date of birth is 12.09.1945. Henceforth, my correct name & DOB shall be read as **Amatur Rahim & 12.09.1945** for all purposes.

**Amatur Rahim**

## NOTICE

By virtue of an affidavit no - 1006 sworn before Executive Magistrate Sundargarh dated-23.06.2026, I, Lalaprasad Sahoo, S/o. Laxmidhar Sahoo, aged 24 years, residing At- Manjuripada, po- Pingua ,Block- Gondia , Dist- Dhenkanal, Pin- 759016 Odisha declare that , I have changed my name from "Lalaprasad Sahoo" to "Prasad Sahoo".Henceforth I Shall be known as **"Prasad Sahoo"** for all future purposes.

**(PRASAD SAHOO)**

## PUBLIC NOTICE

This is to inform all concerned that Indian Institute of Management and Science (IIMS) proposes to change its name to "Ashaa Kirann Institute of Management and Research" (AKIMR) with effect from the Academic Session 2026–27.Any person having any objection, concern, or query regarding the proposed name change may submit the same within 30 (Thirty) days from the date of publication of this notice through e-mail.

**Contact Details:**
**Indian Institute of Management and Science (IIMS)**
**E-mail: iimsodisha@gmail.com**
**Regional Director of Education (RDE), Government of Odisha**
**E-mail: rdebbsr@rediffmail.com**

## AFFIDAVIT

I, Farha Fatima, D/o- Kasam Memon, resident of Shantinagar, Padampur, Rajborasamber, Dist.- Bargarh, do hereby declare that declare that from now onwards I shall be known as Farha Memon vide an affidavit no.3355/2026 sworn before Executive Magistrate, Sambalpur on Dt.24.06.2026. Both **Farha Fatima and Farha Memon** is one and same person.

## AFFIDAVIT

By virtue of an Affidavit sworn Before the Executive Magistrate, Bhubaneswar, I Monarama Mishra , D/o.: Late Gopal Chandra Panda & W/o.: Late Radhamohan Mishra, Resident of At: Bazar Pada, Junagarh, P.O.: Junagarh, P.S.: Junagarh, Dist.: Kalahandi, Odisha, PIN-766014, declare by this Affidavit Dated 22.06.2026 that now onwards I shall be known as **Manorama Mishra** for all future purposes.


## ପୂର୍ବ ତଟ ରେଳପଥ

ଟେଣ୍ଡର ସଂ. CAOCRSPBBS-31-2026

**କାର୍ଯ୍ୟର ନାମ :** (1) ଖୋର୍ଦ୍ଧା ରୋଡ୍ ମଣ୍ଡଳ ଅନ୍ତର୍ଗତ କେରେଜଙ୍ଗା–ଅନୁଗୁଳ ଷ୍ଟେସନ ମଧ୍ୟରେ କିଲୋମିଟର 154/13-15 ଠାରେ ଅବସ୍ଥିତ ଲେଭେଲ କ୍ରସିଂ ନଂ. ST-100 ପରିବର୍ତ୍ତେ ରେଳ ଅଂଶ ପାଇଁ 1×24.0 ମିଟର କମ୍ପୋଜିଟ୍ ଗାର୍ଡର + 1×60.0 ମିଟର କ୍ୟାମେଲ୍ ବ୍ୟାକ୍ ଗାର୍ଡର (Camel Back Girder) + 3×24.0 ମିଟର କମ୍ପୋଜିଟ୍ ଗାର୍ଡର + 1×42.0 ମିଟର କମ୍ପୋଜିଟ୍ ଗାର୍ଡର କ୍ଲିୟର ସ୍ପାନ ବିଶିଷ୍ଟ ସଡ଼କ ଉପରି ସେତୁ (Road Over Bridge-ROB) ନିର୍ମାଣ ଏବଂ ଆପ୍ରୋଚ୍ ଅଂଶରେ ଅନୁଗୁଳ ପାର୍ଶ୍ୱରେ 6×25.040 ମିଟର RCC ଟି-ବିମ୍ ଗାର୍ଡର ତଥା ସମ୍ବଲପୁର– ତାଳଚେର ରେଳ ଶାଖା ଲାଇନର ହିଙ୍ଗୁଳା ମନ୍ଦିର ପାର୍ଶ୍ୱରେ 5×25.040 ମିଟର RCC ଟି-ବିମ୍ ଗାର୍ଡର ନିର୍ମାଣ କାର୍ଯ୍ୟ।
(ii)ଖୋର୍ଦ୍ଧା ରୋଡ୍ ମଣ୍ଡଳ ଅନ୍ତର୍ଗତ ନିର୍ଗୁଣ୍ଡି-ତାଳଚେର ଶାଖା ଲାଇନର ଅନୁଗୁଳ-ତାଳଚେର ଷ୍ଟେସନ ମଧ୍ୟରେ କି.ମି. 159/09-11 ଠାରେ ଅବସ୍ଥିତ ଲେଭେଲ୍ କ୍ରସିଂ ନଂ. ST-105 ପରିବର୍ତ୍ତେ ରେଳ ଅଂଶ ପାଇଁ 1×60.0 ମିଟର କ୍ୟାମେଲ୍ ବ୍ୟାକ୍ ପ୍ରକାର ଟ୍ରସ୍ ଗାର୍ଡର ବିଶିଷ୍ଟ ସଡ଼କ ଉପର ସେତୁ (ROB) ନିର୍ମାଣ; ତତ୍ସହ ଆପ୍ରୋଚ୍ ଅଂଶରେ ଅନୁଗୁଳ ପାର୍ଶ୍ୱରେ 5×24.600 ମିଟର RCC 'ଟି' ବିମ୍ ଗାର୍ଡର ଏବଂ ନୂଆପଡ଼ା ପାର୍ଶ୍ୱରେ 13×24.600 ମିଟର RCC 'ଟି' ବିମ୍ ଗାର୍ଡର ସହିତ ଆପ୍ରୋଚ୍ ସଂରଚନା ନିର୍ମାଣ କାର୍ଯ୍ୟ।

**ବିଜ୍ଞାପିତ ମୂଲ୍ୟ :** ₹ 1,40,91,09,341.14, **EMD :** ₹ 2,81,82,200/-, ଶେଷ ହେବା ଅବଧି: 24 ମାସ।

ବିଡ୍ ଆରମ୍ଭ ହେବା ତାରିଖ : ତା.23.06.2026ରିଖ

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.07.07.2026ରିଖ 1200 ଘଟିକାରେ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଶୁଦ୍ଧିପତ୍ର www.ireps.gov.inରେ ଉପଲବ୍ଧ ଅଟେ।

ଉପ ମୁଖ୍ୟ ଯନ୍ତ୍ରୀ / ନିର୍ମାଣ / RSP / ଭୁବନେଶ୍ୱର

PR-92/CJ/26-27

## ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ସଂ. ST-OT-LHS-NORTH-KUR-572, ତା.19.06.2026ରିଖ

**କାର୍ଯ୍ୟର ନାମ :** ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ଲେଭେଲ କ୍ରସିଙ୍ଗ ନଂ. 14 (ଗୋଆଲଡ଼ିହ-କେନ୍ଦୁଝରଗଡ଼), ଲେଭେଲ କ୍ରସିଙ୍ଗ ନଂ. 8 (ଗୋଆଲଡ଼ିହ-ପର୍ଜନପୁର), ଲେଭେଲ କ୍ରସିଙ୍ଗ ନଂ. 23 (ହରିଚନ୍ଦନପୁର-ନୀଳକଣ୍ଠେଶ୍ୱର) ଏବଂ ଲେଭେଲ କ୍ରସିଙ୍ଗ ନଂ. CP-1 (କଟକ-କନ୍ଦରପୁର) ପରିବର୍ତ୍ତେ ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ଉପମାର୍ଗର ନିର୍ମାଣ, ବାଘୁଆପାଳ-ସୁକିନ୍ଦା ରୋଡ୍ ମଧ୍ୟରେ ଅନଧିକାର ପ୍ରବେଶ ସ୍ଥାନଗୁଡ଼ିକରେ ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ଉପମାର୍ଗର ବ୍ୟବସ୍ଥା, ଢେଙ୍କାନାଳ ୟାର୍ଡ ସ୍ଥିତ R1 ଠାରୁ R4 ପର୍ଯ୍ୟନ୍ତ ଅଂଶରେ ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ଉପମାର୍ଗର ନିର୍ମାଣ, ପ୍ରାଥମିକ ଲକ୍ଷ୍ୟ କାର୍ଯ୍ୟର ସମ୍ପାଦନ, ଅତ୍ୟଧିକ ପୁରୁଣା ବ୍ୟାଟେରୀ ଉର୍ଜର, ଚୋକ୍ ଏବଂ ଅନ୍ୟାନ୍ୟ ଟ୍ରାକ୍ ସର୍କିଟ ଉପକରଣର ପୁନଃସ୍ଥାପନ ଏବଂ 02 ଗୋଟି SIEMENS ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଙ୍ଗ ସଂସ୍ଥାପନରେ ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଙ୍ଗ ପରିବର୍ତ୍ତନ।

**ଟେଣ୍ଡର ମୂଲ୍ୟ :** ₹2,93,19,662.24, **EMD :** ₹5,86,400/-

ବିଡ୍ ଆରମ୍ଭ ହେବା ତାରିଖ : ତା.29.06.2026ରିଖ

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.13.07.2026ରିଖ 1100 ଘଟିକା।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ, ଖୋର୍ଦ୍ଧା ରୋଡ୍

PR-261/R/26-27

GOVERNMENT OF ODISHA 25001/512/2627

### OFFICE OF THE SUPERINTENDING ENGINEER
### RURAL WORKS DIVISION, MOHANA

e-mail: rwdmohana@gmail.com

**NATIONAL COMPETITIVE BIDDING THROUGH e-Procurement**
**Identification No. Online Tender 06/MOHANA/2026-27**

1. **Name of the Work** : Road Work
2. **Total No. of Works** : 01 (One) No.
3. **Estimated Cost** : Rs. **93.74 Lakhs**
4. **Class of Contractor** : As per Annexure
5. **Period of Completion** : As per Annexure
6. **Other Details:**

| | | | | | | | |
|---|---|---|---|---|---|---|---|
| Executive Engineer, Rural Works Division, Mohana | Online Tender 06 / MOHANA /2026-27 | 01 (One) Road Work | 30.06.2026 from 10:00 AM | 09.07.2026 up to 5:00 PM | 07.07.2026 up to 5:00 PM | 10.07.2026 at 11:00 AM | Will be intimated later |

Executive Engineer
R.W. Division, Mohana

OIPR-25001/25148/1/26-27/0008

11001/160/2627
E-mail: jeyporegwc@yahoo.in
Website:www.gwcjeypore.ac.in

### OFFICE OF THE PRINCIPAL
### GOVERNMENT WOMEN'S COLLEGE, JEYPORE
(NH-26, Jeypore, District: Koraput, (Odisha), PIN-764001)

No. 674/GWC/26 Date 25.06.2026

**WALK-IN-INTERVIEW**

Online applications are hereby invited from eligible candidates to attend a Walk-in-interview for the engagement of Guest Faculties in various subjects of Government Women's College, Jeypore for the Academic Session 2026-27 on purely temporary basis as per the Govt. guidelines. Interested candidates must apply through the https://hims.odisha.gov.in/ (HIMS) Portal of Department of Higher Education, Government of Odisha on or before 03.07.2026 before appearing in the Walk-in-interview as per the schedule mentioned below. Candidates appearing the interview without the online application through the HIMS portal shall not be entertained.

| Date of Interview | Reporting Time | Subject |
|---|---|---|
| 04.07.2026 | 09.00 AM to 11.00 AM | Education |
| | 01.00 PM to 03.00 PM | IR & PM |
| 05.07.2026 | 09.00 AM to 11.00 AM | Home Science |
| | 01.00 PM to 03.00 PM | Economics |
| 06.07.2026 | 09.00 AM to 11.00 AM | Political Science |
| | 01.00 PM to 03.00 PM | Sociology |
| 07.07.2026 | 09.00 AM to 11.00 AM | History, English |
| | 01.00 PM to 03.00 PM | Odia |

PRINCIPAL
Government Women's College, Jeypore

OIPR-11001/11184/1/26-27/0001

### OFFICE OF THE MUNICIPAL COUNCIL: RAYAGADA
DIST.-RAYAGADA
PIN CODE – 765001, ODISHA
E-mail ID: rayagadam.hud@od.gov.in
Letter No.: 3056, Date: 24/06/2026

13001/992/2627

**Expression of Interest**

Sealed quotations are invited from the intending Suppliers/Firms/Companies with valid GST and PAN to supply the following sanitary goods/materials to the office of the Rayagada Municipality for the F.Y. 2026–27. The last date of receipt of the quotation is dated **08.07.2026 till 1:00 PM**. All the quotations shall be opened on the same day at **4:00 PM** in presence of quotationer or their authorized representatives. The quotationer are required to quote their rates inclusive of all taxes (GST) and transportation. This office is not responsible for absence of any quotationers during opening of the quotations. The authority reserves the right to reject any or all quotations without assigning any reason thereof.

The applicant should deposit refundable **EMD amounting to Rs. 5,000/-** through Demand Draft in favour of **Executive Officer, Rayagada Municipality** and deposit an amount of **Rs. 1,000/-** towards **non-refundable Tender Paper Cost** with the application.

| Sl. No. | Items | Unit | Particulars |
|---|---|---|---|
| 1 | Gum Boot | Pair | Reputed Brand |
| 2 | Long Handle Kudi | Nos. | High Quality Material |
| 3 | Long Handle Kati | Nos. | High Quality Material |
| 4 | White Phenyl | Ltrs | High Quality Material |
| 5 | Iron Sabal | Nos. | High Quality Material |
| 6 | Long Handle Danti | Nos. | High Quality Material |
| 7 | Long Handle Tangia | Nos. | High Quality Material |
| 8 | Try Cycle | Nos. | High Quality Material |
| 9 | Wheel Barrow | Nos. | High Quality Material |

Executive Officer
Rayagada Municipality

OIPR-13001/13150/1/26-27/0005

32001/454/2627
E-mail ID: - mianandapur@yahoo.co.in
eemidanandapur@gmail.com

### ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, କ୍ଷୁଦ୍ର ଜଳସେଚନ ବିଭାଜନ, ଆନନ୍ଦପୁର
### OFFICE OF THE SUPERINTENDING ENGINEER, M.I. DIVISION, ANANDAPUR
AT/P.O: - Salapada, Dist- Keonjhar, Pin Code- 758020

**e- Procurement Notice**
**Bid Identification No.- 05 / MIDA / 2026-27**
**e-mail ID: mianandapur@yahoo.co.in**
**No. 1443 / Date 18.06.2026**

The Superintending Engineer, Minor Irrigation Division Anandapur on behalf of the Governor of Odisha invites online percentage rate tender through "e" procurement for the works as detailed in the Annexure to this bid notice.

| | |
|---|---|
| Name of the work: | Construction of 07 nos of Check Dams under MATY scheme |
| No. of Works: | 07 Nos only |
| Estimated Cost: | 43.91 to 80.57 lakh (Approximately) |
| Cost of Tender Paper: | 6000/- and 10000/- (Non-refundable) |
| Period of Completion: | 6 (SIX) Calendar months |
| Availability of bid documents for sale and receipt through on-line | From dt. 30.06.2026, 10.00 A.M, to dt.17.07.2026 up to 5.00 P.M. |
| Last date / time of receipt of bids in the portal | 17.07.2026 (5.30 PM) |
| Date of Technical bid opening through online | On dt.17.07.2026 at 5.30 P.M in the Office of the S.E, M.I. Division, Anandapur. |
| Mode of payment of Bid Cost | Online |
| Digital Signature Certificate of Bidder: | The Bidder must possess compatible digital signature certificate (DSC). |
| The detail tender call notice can also be seen in the DOWR web site http:/dowrorissa.gov.in | |
| Name & Address of the OIT: | Superintending Engineer, Minor Irrigation Division, Anandapur. At / P.O / District – Keonjhar. Email ID:mianandapur@yahoo.co.in |
| Further details can be seen from the e-Procurement market place. http://tendersorissa.gov.in | |

Superintending Engineer,
M.I. Division, Anandapur.

OIPR-32001/32250/1/26-27/0002

## ପଶ୍ଚିମ ରେଳବାଇ - ରତଲାମ ମଣ୍ଡଳ

ନଂ.W/623/5/1/NIT **ଇ-ଟେଣ୍ଡର ବିଜ୍ଞପ୍ତି** ତାରିଖ: ୨୩.୦୬.୨୦୨୬

**ବିଭିନ୍ନ ପ୍ରକାରର ଇଞ୍ଜିନିୟରିଂ କାର୍ଯ୍ୟ**

ରତଲାମ ଡିଭିଜନର ଡିଭିଜନାଲ ରେଳ ପ୍ରବନ୍ଧକ (ୱର୍କସ୍) ପକ୍ଷରୁ ପ୍ରତିଷ୍ଠିତ ଠିକାଦାରମାନଙ୍କ ଠାରୁ ନିମ୍ନଲିଖିତ ଇଞ୍ଜିନିୟରିଂ କାର୍ଯ୍ୟଗୁଡ଼ିକ ପାଇଁ ଅନଲାଇନ୍ ମାଧ୍ୟମରେ ଇ-ଟେଣ୍ଡର ଆହ୍ୱାନ କରାଯାଉଛି। ଟେଣ୍ଡର ନଂ. RTM-2026-27-52: ରତଲାମ ଡିଭିଜନର ବିଭିନ୍ନ ଡାଇନାମିକ୍ ସୁବିଧା ପାଇଁ ସାଣ୍ଡ ଟ୍ୟାକଲ୍ ଗାଇଡିଂ ଓ ୱାର୍ନିଂ ବ୍ଲକ୍ ଯୋଗାଣ କାର୍ଯ୍ୟ। ଆନୁମାନିକ ମୂଲ୍ୟ ଟ.8,01,80,897.46, ଅମାନତ ଜମା ଟ.16,03,600.00, କାର୍ଯ୍ୟ ସମାପ୍ତି ସମୟ 15 ମାସ ଏବଂ ଟେଣ୍ଡର ଖୋଲିବା ତାରିଖ 28.07.2026। ଟେଣ୍ଡର ନଂ. RTM-2026-27-53: ଉଜ୍ଜୟିନୀରୁ ସନ୍ତ ହିରଦାରାମ ନଗର ସେକ୍ସନ ମଧ୍ୟରେ ବିଭିନ୍ନ ସିଭିଲ୍ ସଂରଚନାର ମରାମତି ଓ ଉନ୍ନତି କାର୍ଯ୍ୟ। ଆନୁମାନିକ ମୂଲ୍ୟ ଟ. 2,98,96,663.90, ଅମାନତ ଜମା ଟ. 5,97,900.00, କାର୍ଯ୍ୟ ସମାପ୍ତି ସମୟ 10 ମାସ ଏବଂ ଟେଣ୍ଡର ଖୋଲିବା ତାରିଖ 16.07.2026। ଟେଣ୍ଡର ନଂ. RTM-2026-27-54: ଆକୋଡିଆ ଷ୍ଟେସନର ପ୍ଲାଟଫର୍ମ ନଂ-1 ର ଉଚ୍ଚତା ବୃଦ୍ଧି କାର୍ଯ୍ୟ। ଆନୁମାନିକ ମୂଲ୍ୟ ଟ.1,94,40,389.40, ଅମାନତ ଜମା ଟ.3,88,800.00, କାର୍ଯ୍ୟ ସମାପ୍ତି ସମୟ 8 ମାସ ଏବଂ ଟେଣ୍ଡର ଖୋଲିବା ତାରିଖ 20.07.2026। ଟେଣ୍ଡର ନଂ. RTM-2026-27-59: ଉଜ୍ଜୟିନୀଠାରେ 20 ଶଯ୍ୟା ବିଶିଷ୍ଟ ରେଳ ହସ୍ପିଟାଲ ପାଇଁ ଶାଖା ଭବନ ନିର୍ମାଣ (ବିଦ୍ୟୁତ କାର୍ଯ୍ୟ ସହିତ)। ଆନୁମାନିକ ମୂଲ୍ୟ ଟ.2,09,96,958.82, ଅମାନତ ଜମା ଟ.4,19,900.00, କାର୍ଯ୍ୟ ସମାପ୍ତି ସମୟ 10 ମାସ ଏବଂ ଟେଣ୍ଡର ଖୋଲିବା ତାରିଖ 20.07.2026। ଟେଣ୍ଡର ନଂ. RTM-2026-27-49: ବାକାନି, ଭାନପୁରୀ ଓ ବୋଲାଇ ଷ୍ଟେସନରେ ପ୍ଲାଟଫର୍ମ ନଂ-1, 2 ଓ 3 ର ଉଚ୍ଚତା ବୃଦ୍ଧି ସହିତ ପ୍ରତ୍ୟେକ ଷ୍ଟେସନରେ ଦୁଇଟି ରାମ୍ପ ସହିତ ଫୁଟ୍ ଓଭର୍ ବ୍ରିଜ୍ ନିର୍ମାଣ କାର୍ଯ୍ୟ। ଆନୁମାନିକ ମୂଲ୍ୟ ଟ.8,82,85,968.00, ଅମାନତ ଜମା ଟ.17,65,700.00, କାର୍ଯ୍ୟ ସମାପ୍ତି ସମୟ 15 ମାସ ଏବଂ ଟେଣ୍ଡର ଖୋଲିବା ତାରିଖ 31.07.2026। ଟେଣ୍ଡର ନଂ. RTM-2026-27-57: ଉଜ୍ଜୟିନୀ ସେକ୍ସନର ଡିଇଏନ୍ (ପୂର୍ବ) ଅଧୀନସ୍ଥ ୱାର୍କସପ୍ ପାଇଁ ଜଳ ଯୋଗାଣ ନିମନ୍ତେ 25ଟି ପମ୍ପ ସହିତ ନୂତନ ଟ୍ୟୁବୱେଲ୍ ନିର୍ମାଣ କାର୍ଯ୍ୟ। ଆନୁମାନିକ ମୂଲ୍ୟ ଟ.21,56,680.70, ଅମାନତ ଜମା ଟ.43,100.00, କାର୍ଯ୍ୟ ସମାପ୍ତି ସମୟ 6 ମାସ ଏବଂ ଟେଣ୍ଡର ଖୋଲିବା ତାରିଖ 16.07.2026। ସମସ୍ତ ଟେଣ୍ଡର ପାଇଁ ଆନୁମାନିକ ପରିମାଣ ଟେଣ୍ଡର ସୂଚୀ ଅନୁଯାୟୀ ରହିବ। ୱେବସାଇଟରେ ଟେଣ୍ଡର ଅପଲୋଡ୍ ତାରିଖ 23.06.2026। ବିସ୍ତୃତ ଟେଣ୍ଡର ସୂଚନା, ଯୋଗ୍ୟତା ମାନଦଣ୍ଡ ଏବଂ ସର୍ତ୍ତାବଳୀ www.ireps.gov.in ୱେବସାଇଟରେ ଉପଲବ୍ଧ।

Apex/110

Like us on: facebook.com/WesternRly

### Directorate of Animal Husbandry & Veterinary Services
Odisha, Mangalabag, Cuttack – 753001 6001/59/2627
Phone No.: 0671-2414629
Email: dahvsorissa@gmail.com, Website: http://odishaahvs.nic.in

**CORRIGENDUM**

**Correction of Notice Inviting Expression of Interest (EoI)**

This is with reference to the advertisement published in newspapers on **25.06.2026** regarding **Empanelment of Supplier for Dairy Animals** under **EoI No. 10474 dated 22.06.2026.**

Please note the following correction regarding the website address for downloading the EOI document:

- **Wrong Website:** odishaahvs.nic.in
- **Correct Website:** dahvs.odisha.gov.in

All other terms, conditions, and deadlines specified in the original advertisement remain unchanged.

DIRECTOR, AH & VS
Odisha, Cuttack

OIPR-6001/6014/1/26-27/0007

NOTICE INVITING TENDER 7001/49/2627

**Office of Chief CSO/ CSO-cum-District Managers Odisha State Civil Supplies Corporation Ltd.**

**District BARGARH**

**Tender No. for Paddy Transport Contractor for KMS 2025-26 :**

| | |
|---|---|
| Ambabhona Block-2712/23.06.2026 | Bijepur Block -2718/23.06.2026 |
| Attabira Block -2713/23.06.2026 | Gaisilet Block-2719/23.06.2026 |
| Bargarh Block-2714/23.06.2026 | Jharbandh Block -2720/23.06.2026 |
| Barpali Block -2715/23.06.2026 | Paikmal Block -2721/23.06.2026 |
| Bhatli Block-2716/23.06.2026 | Padampur Block -2722/23.06.2026 |
| Bheden Block-2717/23.06.2026 | Sohela Block-2723/23.06.2026 |

**Tender No. for CMR Transport Contractor for KMS 2025-26 :**

**Bargarh Sub-Division-2711/23.06.2026** **Padampur Sub-Division-2710/23.06.2026**

District Manager, Odisha State Civil Supplies Corporation Ltd., Bargarh invites tender in Double Cover System through **ONLINE MODE ONLY on e-procurement portal** www.tendersodisha.gov.in for the works below.

| | | |
|---|---|---|
| 1 | Name of the Work | Selection and Appointment of Transport Contractors for transportation of Paddy from Paddy Purchase Centres (PPCs) / Mandis to Rice Mill points in Bargarh District & transportation of Custom Miller Rice (CMR) from Rice Mills points to Rice Receiving Centers (RRCs)/Depots in Bargarh District for the KMS 2025-26 |
| 2 | Availability of tender documents in the portal | **From Dt. 25.06.2026 11:00 AM onwards** |
| 3 | Last date & time for receipt of complete Tender Documents in the portal | **Dt.08.07.2026 Up to 5:00 PM** |
| 4 | Date & time for opening of Technical Bid | **Dt.09.07.2026 at 11:00 AM** |
| 5 | Name & address of the Officer Inviting Tender | **Chief CSO-cum-District Manager, OSCSC Ltd., Bargarh** |

Tender Documents & other details can be seen from the e-procurement portal www.oscsc.in, www.foododisha.in, www.tendersodisha.gov.in and www.bargarh.nic.in. Amendments /corrigendum/cancellation/re-tenders etc. if any shall be published only in above websites.

Chief CSO-cum-District Manager
OSCSC Ltd.,Bagarh

OIPR-7001/7036/1/26-27/0002


## AFFIDAVIT

By virtue of an affidavit sworn before Executive Magistrate, Jajpur Road, Jajpur No. 3689 on dated 12/06/2026, I **MOHAMMAD AJHAR MASUD**, S/o Mohammed Masud resident of At-Barada, PO/PS- Korai, Dist-Jajpur, Odisha, PIN- 755022, declare that I have changed my name from **MOHAMMED AZHAR MASUD (Old Name)** to **MOHAMMAD AJHAR MASUD (New Name)**. Henceforth, I shall be known as **MOHAMMAD AJHAR MASUD** for all purposes.

## AFFIDAVIT

By Virtue of an affidavit sworn before in the Court of Executive Magistrate and Tahasildar, Basta,Balasore, dtd-23/06/2026 by Affidavit Sl No: - 2790. I, Bharati Maharana C/o- Susanta Maharana of permanent Resident Vill -Dudhahansa,Po-Nalabahar, Ps- Basta, Dist-Balasore, Odisha 756028. Declared that. I, have changed the name of my Minor Son from SAIKRISHNA MAHARANA to CHINMAY MAHARANA. Henceforth, He shall be known as **CHINMAY MAHARANA** for all future purposes.

**Bharati Maharana**

## AFFIDAVIT

By an Affidavit I SASMITA KAR, W/o. KESHAB CHANDRA KAR, Village Gabsahi Housing Colony, Bhadrak Dist. Bhadrak, Odisha – 756100, declare that my old name of Minor son was SASMITA DEEBYANSHU KAR. But now I have changed his surname to **DIVYANSHU SASMITA KAR.** This Affidavit is for Aadhar Card correction.

## AFFIDAVIT

I, Mohammad Imadadullah, aged about 37 years, S/o- Haji Mohammad Israil, resident of Urdu High School, Plantsite, PO: Rourkela-1, PS: Plantsite, Dist: Sundargarh, PIN-769001, Odisha declared by this affidavit No. A/47, dtd- 24/06/2026 that now onwards I shall be known as **MOHAMMAD IMDADULLAH** for all future purposes.

## AFFIDAVIT

By virtue of an affidavit dtd-26/06/2026 sworn before The Notary Public, Bhubaneswar. I, **Dipanjali Pradhan,** D/o-Jagannath Pradhan, resident of AT: Koila Ada, PO: Kharipada, PS: Puri Sadar, Dist: Puri, State: Odisha, PIN: 752002 declare that I have changed my name from **Anjali Pradhan** (old name) to **Dipanjali Pradhan.** Henceforth, I shall be known as **Dipanjali Pradhan** (new name) for all purposes.

**Dipanjali Pradhan**

## AFFIDAVIT

By Virtue of an affidavit (SL NO-318 ,dtd-24.06.2026 )sworn before The Executive Magistrate, Bisoi, Mayurbhanj. I, Dhasharatha Murmu ,S/O- Late Dulal Murmu , permanent resident of village-Rugudidihi, PO- Majhigaon, PS-Bisoi, DIST - Mayurbhanj. That , My son's good name is RAJARAMDULA MURMU which is reflected in his Birth certificate vide Regd. No.-60/2014.That in Aadhar card No -792910017610 my son's name has been wrongly entered as RAJARAMDURGA MURMU instead of RAJARAMDULA MURMU.That ,Both the name RAJARAMDULA MURMU and RAJARAMDURGA MURMU is one and same person belongs to my son's name . Henceforth,he shall be known as RAJARAMDULA MURMU for all purpose .

**S/D - DHASHARATHA MURMU**

## AFFIDAVIT

I Jaspal Singh Bhogal, resident of New Street, 1st Lane, Po/Ps- Jeypore, Dist- Koraput, declare by this Affidavit No. 2055, Dtd.-24.06.2026 that now onwards I shall be known as **Jaspal Singh Bhogal** for all future purposes.

## AFFIDAVIT

By virtue of affidavit sworn before the Executive Magistrate, Bhubaneswar, I, Mrs. Prajna Paramita Mishra aged about 45 years, W/o-Apurba Ranjan Upadhyay, residing At- Plot No-170, Raghunathpur, Po-Raghunathpur, Ps-Nandankanan, Dist-Khordha, Odisha, 754005, bearing Aadhar No-907376495917, declare that, my actual name is Prajna Paramita Mishra. That, my name wrongly mentioned as Pragyan Paramita Upadhyay in my daughter's Matriculation Certificate bearing Serial No. -SSE/ 2023/0168826, Regn. No. B123/15430/0011 issued by the CBSE (Central Board Of Secondary Education), Delhi on date-12/05/2023. The correct spelling of my name has been reflected in my Aadhar Card No.907376495917) and Pan Card No. AZCPM0164A namely Prajna Paramita Mishra. Henceforth, I declare that PRAJNA PARAMITA MISHRA and PRAGYAN PARAMITA UPADHYAY is one and same person i.e me.

## AFFIDAVIT

By virtue of an affidavit before the Executive Magistrate, Boudh, dtd.24.06.2026, I, Prasanta Kumar Karna, Vill/P.O.-Sampoch, Dist. Boudh - 762024 hereby declare that due to inadvertent error my name and my father's name have been recorded in my Aadhaar Card as PRASHANT KARNA and BASANT KARNA instead of my correct names PRASANTA KUMAR KARNA and BASANTA KUMAR KARNA. Henceforth, my correct name shall be read as PRASANTA KUMAR KARNA & my father's name as BASANTA KUMAR KARNA for all purposes.

**Prasanta Kumar Karna**


Office of the Principal
### MAHAPAT DEGREE MAHAVIDYALAYA, JANGHIRA
Keonjhar

## Walk-in-Interview

A walk-in-interview will be held at Mahapat Degree Mahavidyalaya, Janghira, Keonjhar at **10:00 A.M. on 30.06.2026** for the post of Lect. Guest Faculty in the subjects Pol. Science, Odia, History, Economics, Sociology and a Lady Attendant. So the interested candidates having requisite qualification (as per Govt. rules) may attend the interview with complete bio-data.

**Principal I/C-cum-Secretary**
**Mahapat Degree Mahavidyalaya, Janghira, Kenojhar**

**ବାରିପଦା ସହର ପ୍ରତି ବିପଦ ୱାଟକୋ**

# ଦେଢ଼ ମାସ ହେଲା ଖୋଳାଯାଇଥିବା ଗାତ ଏବେ ମରଣଯନ୍ତା

ବାରିପଦା, ୨୫।୬(ସମିସ)

ପାନୀୟଜଳ ଯୋଗାଣ କାମ ନାମରେ ବାରିପଦା ସହରର ଜନସାଧାରଣଙ୍କ ଜୀବନ ସହ ଖେଳ। ୱାଟକୋର ଅବହେଳା ପାଇଁ ପାଇପ ଜଳଯୋଗାଣ ନିମନ୍ତେ ଖୋଳାଯାଇଥିବା ଗାତ ଏବେ ରାସ୍ତାରେ ଯାତାୟାତ କରୁଥିବା ଲୋକଙ୍କ ପାଇଁ ନାହିଁ ନ ଥିବା ଅସୁବିଧା ସୃଷ୍ଟି କରୁଛି। ଏଭଳି ଏକ ସଂଗୀନ ଚିତ୍ର ବାରିପଦା ପୌରାଞ୍ଚଳର ୧୭ ନମ୍ବର ୱାର୍ଡ ଅନ୍ତର୍ଗତ ମଙ୍ଗଳା ମନ୍ଦିର ଛକ ନିକଟରେ ଦେଖିବାକୁ ମିଳିଛି। ଦେଢ଼ ମାସ ଧରି ଏହି କାର୍ଯ୍ୟ ଅଧପନ୍ତରିଆ ହୋଇପଡିଛି। ଅଭିଯୋଗ କଲେ ନା ୱାଟକୋ ଶୁଣୁଛି, ନା ବାରିପଦା ପୌରପାଳିକା ବୁଝୁଛି। ଫଳରେ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନା ମୁତାବକ, ଜନଗହଳିପୂର୍ଣ୍ଣ ମଙ୍ଗଳା ମନ୍ଦିର



ରାସ୍ତାରେ ପାଣି ପାଇପ୍ କାମ ପାଇଁ ପ୍ରାୟ ଦେଢ଼ ମାସ ହେବ ଏକ ବିରାଟ ଗାତ ଖୋଳି ସେମିତି ଛାଡ଼ି ଦିଆଯାଇଛି। କାମ ସରିବା ପରେ ଗାତକୁ ସୁରକ୍ଷିତ ଭାବେ ବନ୍ଦ କରିବା କଥା, କିନ୍ତୁ ଏଠାରେ ସ୍ଥିତି ସମ୍ପୂର୍ଣ୍ଣ ଓଲଟା। ରାସ୍ତାର ଠିକ୍ ବଙ୍କାଣି ସ୍ଥାନରେ ଏହି ଗାତ ଥିବାରୁ ଓ ରାସ୍ତା ଉପରେ ମାଟି ଗଦା ହୋଇଥିବାରୁ ଏହା ଯାତ୍ରୀ ଓ ଚାଳକଙ୍କ ପାଇଁ ମରଣଯନ୍ତା ପାଲଟିଛି। ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଏବେ ଏହାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ରାସ୍ତା ମଝିରେ ବ୍ୟାରିକେଡ୍ କିମ୍ବା କୋନ୍ ରଖାଯାଇଥିଲେ ସୁଦ୍ଧା ରାତି ସମୟରେ ଏହି ଅନ୍ଧାରୁଆ ବଙ୍କାଣି ରାସ୍ତାରେ ଯାତାୟାତ କରିବା ଅତ୍ୟନ୍ତ ବିପଦପୂର୍ଣ୍ଣ ହୋଇପଡ଼ିଛି। ଏଠାରେ ପ୍ରତ୍ୟେକ ଦିନ ଛୋଟବଡ଼ ଦୁର୍ଘଟଣା ଘଟୁଛି। ବିଶେଷକରି ବାଇକ୍ ଚାଳକ ଓ ପଥଚାରୀ ଅଧିକ ବିପଦର ସମ୍ମୁଖୀନ ହେଉଛନ୍ତି। ପ୍ରଶାସନ କୌଣସି ବଡ଼ଧରଣର ଅଘଟଣକୁ ଅପେକ୍ଷା କରିଛି କି ବୋଲି ସ୍ଥାନୀୟ ଲୋକେ କ୍ଷୋଭର ସହ ପ୍ରଶ୍ନ କରିଛନ୍ତି। ତୁରନ୍ତ ଏହି ସମସ୍ୟାର ସମାଧାନ କରାଯାଉ ଓ ଲୋକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଗାତକୁ ସଠିକ୍ ଭାବେ ପୋତି ରାସ୍ତା ମରାମତି କରାଯାଉ। ଯଦି ଆଗାମୀ ଦିନରେ ଏଠାରେ କୌଣସି ଅଘଟଣ ଘଟେ, ତେବେ ଏଥିପାଇଁ ସମ୍ପୃକ୍ତ ବିଭାଗ ସମ୍ପୂର୍ଣ୍ଣ ଦାୟୀ ରହିବେ ବୋଲି ୱାର୍ଡବାସୀ ଚେତାବନୀ ଦେଇଛନ୍ତି।

## କଣ୍ଟିପାଳ-ରଙ୍ଗାମାଟିଆ ଜଙ୍ଗଲରୁ ମୋରମ୍ ଲୁଟ୍

ଆନନ୍ଦପୁର, ୨୫।୬(ସମିସ): ମନଇଚ୍ଛା ବିଭିନ୍ନ ସ୍ଥାନରୁ ଜେସିବି ମେସିନ ଲଗାଇ ଦିନ ଦ୍ୱିପ୍ରହରରେ ମୋରମ ଲୁଟି ନେଉଥିବା ବେଳେ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ। ଆନନ୍ଦପୁର ତହସିଲ ଅନ୍ତର୍ଗତ କଣ୍ଟିପାଳର କୁଆମରା ହୁଡ଼ି ଓ ହାତୀ ନଳାରୁ ଦିନରାତି ମୋରମ ଚାଲାଣ ହେଉଛି। ପୂର୍ବରୁ ରାଇପାଳରୁ



ହେଉଥିବା ପଥର ଚୋରିକୁ ପ୍ରଶାସନ ରୋକ ଲଗାଇବାରୁ ଏବେ ବେଧଡକ ଭାବେ ମୋରମ ଚାଲାଣ ହେଉଛି। ସେହିପରି ଘସିପୁରା ତହସିଲ ଅନ୍ତର୍ଗତ ରଙ୍ଗମାଟିଆ ଗ୍ରାମ ନିକଟ ଜଙ୍ଗଲରୁ ଆଜି ଦିନତମାମ ଜେସିବି ମେସିନ ଲଗାଇ ମୋରମ ଉତ୍ତୋଳନ କରାଯିବା ପରେ ଟ୍ରାକ୍ଟର ଯୋଗେ ଚାଲାଣ କରାଯାଇଛି। ଆଜି ପୂର୍ବାହ୍ନରେ ଜେସିବି ମେସିନ ଲଗାଇ ବେଧଡ଼କ ମୋରମ ଉତ୍ତୋଳନ କରାଯାଇଥିଲା। ୬ରୁ ଉର୍ଦ୍ଧ୍ୱ ଟ୍ରାକ୍ଟର ଯୋଗେ ଜଣେ ପ୍ରଭାବଶାଳୀ ବ୍ୟକ୍ତିଙ୍କ ନିର୍ମାଣ ହେବାକୁ ଥିବା ଫାର୍ମହାଉସ୍ ପାଇଁ ପଠାଯାଇଥିଲା। ମୋରମ ଉତ୍ତୋଳନ ପାଇଁ କୌଣସି ଅନୁମତି ନିଆଯାଇ ନଥିବା ଅଭିଯୋଗ ହୋଇଛି। ପ୍ରତିବାଦ କରିବାରୁ ସ୍ଥାନୀୟ ଗ୍ରାମବାସୀଙ୍କୁ ପରୋକ୍ଷରେ ଧମକ ଦିଆଯାଇଥିବା ମଧ୍ୟ ଅଭିଯୋଗ ହୋଇଛି। ସେହିପରି ମୋରମ ଚାଲାଣ ବେଳେ ଶାଳ, କେନ୍ଦୁଗଛକୁ ନଷ୍ଟ କରାଯାଉଛି। ମୋରମ ଉତ୍ତୋଳନ ପରେ ବିରାଟ ଖାଲ ସୃଷ୍ଟି ହୋଇଥିବାରୁ ଏହା ବନ୍ୟଜନ୍ତୁ ଓ ଗୃହପାଳିତ ପଶୁଙ୍କ ପାଇଁ ବିପଦ ସୃଷ୍ଟି କରୁଥିବାରୁ ରାଜସ୍ୱ ଓ ଲଘୁଖଣିଜ ବିଭାଗ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଜ୍ୟୋତିପୁରରେ ଆପ୍ ସମାବେଶ



ତୁରୁମୁଙ୍ଗା, ୨୫।୬(ସମିସ): କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକ ଜ୍ୟୋତିପୁର ବୈତରଣୀ ନଦୀ କୂଳରେ ଥିବା ମନ୍ଦିରରେ ଗୁରୁବାର ଆମ ଆଦମୀ ପାର୍ଟିର ଏକ ସାଙ୍ଗଠନିକ ସମାବେଶ ରାଜ୍ୟ ସଙ୍ଗଠନ ସମ୍ପାଦକ ଶ୍ରୀକାନ୍ତ କୁମାର ପାଣିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଓଡ଼ିଶାର ସହପ୍ରଭାରୀ ପ୍ରଭିନ୍ କବ୍ୟା ଜିଲ୍ଲା ସଭାପତି ପ୍ରେମାନନ୍ଦ ସିଂ, ସହପ୍ରଭାରୀ ସରୋଜ ନାଏକ, ସାଧାରଣ ସମ୍ପାଦକ ଶୁଭଙ୍କର ମହାନ୍ତି, ଜୟକୃଷ୍ଣ ନାଏକ, ଦିପୁକୁମାର ମହାନ୍ତ, ପ୍ରିୟବ୍ରତ ଆରୁକ ଅରୁଣ କୁମାର ନାଏକ, ବରଦାକାନ୍ତ କର ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଜ୍ୟୋତିପୁର ପଞ୍ଚାୟତ ଅଞ୍ଚଳର ୪୦ରୁ ଅଧିକ ଲୋକ ଆମ ଆଦମୀ ପାର୍ଟିରେ ସାମିଲ ହୋଇଥିଲେ। ଅଗାମୀ ପଞ୍ଚାୟତ ନିର୍ବାଚନରେ ଦଳ ପକ୍ଷରୁ ପ୍ରାର୍ଥୀ ଦିଆଯାଇ ନିର୍ବାଚନ ଲଢ଼ିବେ ବୋଲି ରାଜ୍ୟ ସଙ୍ଗଠନ ସମ୍ପାଦକ ଶ୍ରୀ ପାଣି କହିଛନ୍ତି।

## ଶ୍ରୀଜଗନ୍ନାଥ ଓ ହନୁମାନ ମନ୍ଦିର ପ୍ରତିଷ୍ଠା

ଆନନ୍ଦପୁର, ୨୫।୬ (ସମିସ): ବହୁ ବର୍ଷର ପ୍ରତୀକ୍ଷା, ଅଗଣିତ ଭକ୍ତଙ୍କ ଆସ୍ଥା ଏବଂ ସମସ୍ତ ଗ୍ରାମବାସୀଙ୍କ ସମ୍ମିଳିତ ଉଦ୍ୟମରେ ଘଷିପୁରା ବ୍ଲକ ଅନ୍ତର୍ଗତ ଗଡବାନ୍ଧଗୋଡା ପଞ୍ଚାୟତର କଇଁଶିଆରୀ ଗ୍ରାମର ନବନିର୍ମିତ ଶ୍ରୀଜଗନ୍ନାଥ ଓ ହନୁମାନ ମନ୍ଦିରର ପ୍ରତିଷ୍ଠା ତଥା ବିଜେ ମହୋତ୍ସବ ଅତ୍ୟନ୍ତ ଭକ୍ତିମୟ ଏବଂ ଆଧ୍ୟାତ୍ମିକ ପରିବେଶରେ ମହାସମାରୋହରେ ସମ୍ପନ୍ନ ହୋଇଛି। ପତିତପାବନ ଟ୍ରଷ୍ଟର ସହଯୋଗରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ଆଶୀର୍ବାଦ ପ୍ରାର୍ଥନା କରିବା ସହିତ ସାଧୁ ଦର୍ଶନ ବିଦ୍ୟାର୍ଥୀଙ୍କ



ତତ୍ତ୍ୱାବଧାନରେ ଚାରଣ ଗୋଷ୍ଠୀର ପୂଜ୍ୟ ସାଧୁ-ସନ୍ଥଙ୍କ ସମାବେଶ ହୋଇଥିଲା। ପୂଜ୍ୟ ସାଧୁକବୀନ୍ଦ୍ରବାବାଶରତଚନ୍ଦ୍ରସ୍ୱାଇଁପ୍ରମୋଦକୁମାରସ୍ୱାଇଁ, ଭୀମସେନବିଶ୍ୱାଳଦେବାଶିଷ ମହାନ୍ତି ମନୋରଞ୍ଜନ ନାଥ, ସୁଶାନ୍ତ କୁମାର ସ୍ୱାଇଁ ମିହିର ରଞ୍ଜନ ସ୍ୱାଇଁ, ପ୍ରେମାନନ୍ଦ ଦାସ ରାଜେଶ ସ୍ୱାଇଁ, ବୈଶାଳୀ ସ୍ୱାଇଁ, ଅନୁରାଧା ସ୍ୱାଇଁ, ଜୟନ୍ତୀ ରାଉତ, ରୀନାରାଣୀ ସ୍ୱାଇଁ, ମମତା ସ୍ୱାଇଁଙ୍କ ସମେତ ହଜାର ହଜାର ଭକ୍ତ ଓ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ।

## କଂଗ୍ରେସର 'ଶିକ୍ଷା ବଞ୍ଚାଅ, ଭବିଷ୍ୟତ ବଞ୍ଚାଅ' କାର୍ଯ୍ୟକ୍ରମ

ଆନନ୍ଦପୁର, ୨୫।୬ (ସମିସ): ଦେଶରେ ଶିକ୍ଷା ବ୍ୟବସ୍ଥା ଦିନକୁ ଦିନ ନଷ୍ଟ ହେଉଛି। ଏନେଇ ଜନମତ ସୃଷ୍ଟି କରିବା ପାଇଁ କଂଗ୍ରେସ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ 'ଶିକ୍ଷା ବଞ୍ଚାଅ, ଭବିଷ୍ୟତ ବଞ୍ଚାଅ' ଅନୁଷ୍ଠିତ ହୋଇଯାଇଛି। ଆନନ୍ଦପୁର ମ୍ୟୁନିସିପାଲିଟି କଲ୍ୟାଣ ମଣ୍ଡପରେ ଆୟୋଜିତ ସଭାରେ ନଗର କଂଗ୍ରେସ ସଭାପତି ହାଡିବନ୍ଧୁ ଖୁଣ୍ଟିଆ ସଭାପତିତ୍ୱ କରିଥିଲେ। ଏଥିରେ ବରିଷ୍ଠ ନେତା ଜୟଦେବ ଜେନା ବିଜେପି ଶାସନ କାଳରେ ବାରମ୍ବାର ପ୍ରଶ୍ନପତ୍ର ପ୍ରଘଟ ଘଟଣାରେ କ୍ଷୋଭ ପ୍ରକାଶ କରିଥିଲେ। ଏହି ଅବସରରେ ରାହୁଲ ଗାନ୍ଧୀ କୋଟାରୁ ଆରମ୍ଭ କରିଥିବା ଶିକ୍ଷା ସଚେତନତା ଅଭିଯାନର ଭିଡିଓ ପ୍ରଦର୍ଶନ କରାଯାଇଥିଲା। ଆନନ୍ଦପୁର ନିର୍ବାଚନମଣ୍ଡଳୀର ବିଭିନ୍ନ ପଞ୍ଚାୟତ ଓ ବୁଥସ୍ତରୀୟ କର୍ମକର୍ତ୍ତା ଯୋଗ ଦେଇଥିଲେ। ବିଶ୍ୱରଞ୍ଜନ ପାଣିଗ୍ରାହୀ, ରମେଶ ବାରିକ ସନ୍ତୋଷ ସାମଲ, ଅକ୍ଷୟ ମହାନ୍ତି, ନିତ୍ୟାନନ୍ଦ ସାମଲ, ଚିତ୍ତରଞ୍ଜନ ପାତ୍ର, ବିକାଶ ବଳ, ଲୀଳାବତୀ ନାଇକ, ମୁରଲୀ ବେହେରା, ଶଶି ଦାଶ, ମନ୍ମଥ ଜେନା, ବିଭୁତି ଘଡେଇ, ମଧୁସୂଦନ ମହାନ୍ତ, ଆଲୋକ ଜେନା, ସେକ ଜାକିର ଯୋଗ ଦେଇଥିଲେ।

## ଷ୍ଟ୍ରିଟ ଲାଇଟ୍ ଦୁର୍ନୀତିର ତଦନ୍ତ ଦ୍ୱିତୀୟ ଦିନରେ

ତୁରୁମୁଙ୍ଗା, ୨୫।୬(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଓ ସାହାରପଡା ବ୍ଲକର ବିଭିନ୍ନ ପଞ୍ଚାୟତରେ ଲାଗିଥିବା ଷ୍ଟ୍ରିଟ ଲାଇଟ୍ ଦୁର୍ନୀତିର ତଦନ୍ତ ଚାଲିଛି। ଭୁବନେଶ୍ୱରରୁ ଆସିଥିବା ୨ଟି ଭିଜିଲାନ୍ସ ଟିମ ଗାଁକୁ ଗାଁ ବୁଲି ଏହି ଦୁର୍ନୀତିର ତଦନ୍ତ କରୁଛନ୍ତି। ୫ମ ଅର୍ଥ କମିଶନରୁ ଡିଆରଡିଏଙ୍କୁ ପ୍ରତି ପଞ୍ଚାୟତରୁ ୯୧ହଜାର ଲେଖାଏଁ ସେୟାର ନେଇ ଯାଜପୁରର ଏକ ଠିକାସଂସ୍ଥା ପ୍ରତି ପଞ୍ଚାୟତରେ ୧୦ଟି ଲେଖାଏ ଲାଇଟ୍ ଲଗାଇଥିଲା। ଗୁରୁବାର ପାଟଣା ବ୍ଲକର ଚାକୁଣ୍ଡାପାଳ ପଞ୍ଚାୟତ ଜହ୍ନେଇପଶି, ଖିରେଇଟାଙ୍ଗିରୀ ପଞ୍ଚାୟତର ତାଳପଦା ଗ୍ରାମ ସହ ଯମୁନାପଶି, ପଞ୍ଚାୟତର ପଦ୍ମକେଶରପୁର ଚେମଣା, ରାଜନଗର, ତୁରୁମୁଙ୍ଗା, ମୁରୁସୁଆଁ, ବୁଢ଼ିକାପୁଡି, କଣ୍ଟିଆପଡା ପଞ୍ଚାୟତ ସହ ସାହାରପଡା ବ୍ଲକ ଡାଳପକା ପଞ୍ଚାୟତର ସୁନାପଶି ଗ୍ରାମ ଓ ଦାମାହୁଦା ପଞ୍ଚାୟତର ବେଲ ସରେଇ ଗ୍ରାମରେ ତଦନ୍ତ କରିଥିବା ଜଣାପଡ଼ିଛି। ତଦନ୍ତ ସମୟରେ ବ୍ୟାପକ ଅନିୟମିତତା ଏବଂ ଟେଣ୍ଡର ନିର୍ଦ୍ଦେଶାବଳୀର ଉଲ୍ଲଂଘନର ହୋଇଥିବା ଜଣାପଡ଼ିଛି। ସରକାରୀ ପାଣ୍ଠିର ଅପବ୍ୟବହାର କରାଯାଇଥିବା ନେଇ ବୈଷୟିକ ତଦନ୍ତ ଏବଂ ଯାଞ୍ଚ କରାଯାଇଛି।

## ନୂତନ ବିଇଓଙ୍କ ଯୋଗଦାନ

କପ୍ତିପଦା,୨୫।୬ (ସମିସ): କପ୍ତିପଦା ବ୍ଲକରେ ନୂତନ ଭାବେ ପାନମଣି ବେଶ୍ରା ଯୋଗଦେଇଛନ୍ତି। ନୂତନ ବିଇଓଙ୍କୁ କପ୍ତିପଦା ପ୍ରାଥମିକ ଶିକ୍ଷକ ସଙ୍ଘ ପକ୍ଷରୁ ସ୍ୱାଗତ



କରାଯାଇଛି। ନୂତନ ବିଇଓଙ୍କୁ ଶିକ୍ଷକଙ୍କ ସମସ୍ୟା ଓ ଶିକ୍ଷା କ୍ଷେତ୍ରରେ ସୁଧାର ଆଣି ବ୍ଲକର ଗୌରବ ବୃଦ୍ଧି ପାଇଁ ଉପସ୍ଥିତ ଶିକ୍ଷକ ପ୍ରତିନିଧି ଜଣାଇଥିଲେ। ଉକ୍ତ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବରେ ରାଜ୍ୟ ସଂଗଠନ ଓ ଗଣମାଧ୍ୟମ ସଂଯୋଜକ ଚକ୍ରପାଣି ଦଲେଇ, ମୟୂରଭଞ୍ଜ ଜିଲ୍ଲାର କାର୍ଯ୍ୟକାରୀ ସଭାପତି ସୁବଳ କୁମାର ଶଙ୍ଖୁଆ, ସାଧାରଣ ସମ୍ପାଦକ ବିରଞ୍ଚିନାରାୟଣ ଆଚାର୍ଯ୍ୟ, ସାଙ୍ଗଠନିକ ସମ୍ପାଦକ ଶିଶିର କୁମାର ପାଢ଼ୀ, ଶିକ୍ଷକ ଚନ୍ଦନେଶ୍ୱର ମହାନ୍ତି, ନବୀନ ସେଠୀ, ପ୍ରଶାନ୍ତ ବେହେରା, ଶିକ୍ଷୟିତ୍ରୀ ପ୍ରିୟତମା ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ଅନ୍ୟ ଧର୍ମରେ ବିବାହକୁ ବିରୋଧ / ଧର୍ମକୁ ଫେରିବା ପରେ ହେଲା ବିବାହ

କପ୍ତିପଦା,୨୫।୬ (ସମିସ): ମାଙ୍କଡପଡ଼ା ପଞ୍ଚାୟତ ମହିଷିଡୁବା ଗ୍ରାମରେ ଅନ୍ୟ ଧର୍ମର ଝିଅକୁ ପ୍ରେମ ବିବାହକୁ ଗ୍ରାମବାସୀ ବିରୋଧ କରି ବାସନ୍ଦ କରିଥିଲେ। ତେବେ ଧର୍ମକୁ ଫେରିବା ପରେ ଆଦିବାସୀ ପରମ୍ପରା ଅନୁସାରେ ବିବିଧ ସମ୍ପନ୍ନ ହୋଇଛି। ମଝିଗଡ଼ିଆ



ପଞ୍ଚାୟତ ମହିଷିଡୁବା ଗ୍ରାମର ପାଣ୍ଡୁ ସେନଙ୍କ ପୁଅ ରତ୍ନ ସୋରେନ (୨୫) ଭୁବନେଶ୍ୱରର ଏକ ଘରୋଇ କମ୍ପାନୀରେ କାମ କରୁଥିଲେ। ସେଠାରେ ଜାନକୀ ହାଁସଦାଙ୍କ ସହିତ ତାଙ୍କର ପ୍ରେମ ହୋଇଥିଲା ଓ ପରେ ସେମାନେ ବିବାହ କରିବାକୁ ଗାଁରେ ପହଞ୍ଚିଥିଲେ। ଗାଁରେ ପହଞ୍ଚିବା ପରେ ଜଣାପଡିଥିଲା କି ଜାନକୀ ଖ୍ରୀଷ୍ଟିଆନ ପରିବାରର। ତେଣୁ ଧର୍ମ ପରିବର୍ତ୍ତନ ନ କଲେ ବିବାହ ଅସମ୍ଭବ। ଗାଁ ମୁଖିଆଙ୍କ ନିର୍ଦ୍ଦେଶରେ ବିଧି ବ୍ୟବସ୍ଥା ଅନୁଯାୟୀ ଏକ ବିରାଟ ଉଇହୁଙ୍କାରୁ ପୁନଃ ଜନ୍ମ ନେବାକୁ ପଡିବ। ହଳଦୀ ଓ ଗଙ୍ଗା ଜଳରେ ସ୍ନାନକରି ପବିତ୍ର ହେବାପରେ ୪ଟି କୁକୁଡ଼ା, ଗୋଟିଏ ବୋଦା, ୨ଟି ହାଣ୍ଡିଆ ପୂଜା କଲେ ସ୍ୱଜାତିକୁ ଫେରିବ। ଗ୍ରାମ ମୁଖିଆ ଭୋଳାନାଥ ହାଁସଦା, ରମେଶ ହାଁସଦା, ସାଲୋ ମାରାଣ୍ଡି, ଜଗଦୀଶ ମୁର୍ମୁ ଓ ଗ୍ରାମବାସୀଙ୍କ କଥାନୁଯାୟୀ ପରିବାର ଏ ସମସ୍ତ କାମ କରିବା ପରେ ପ୍ରେମୀ ଯୁଗଳଙ୍କ ବିବାହ ସମ୍ପନ୍ନ ହୋଇଥିବା ଜଣାପଡ଼ିଛି।

## କୃଷକ କ୍ଷେତ୍ର ଦିବସ ପାଳିତ



ମହୁଲଡିହା,୨୫।୬(ସମିସ): ଠାକୁରମୁଣ୍ଡା ଟସର ସମବାୟ ସମିତିରେ କୃଷକ କ୍ଷେତ୍ର ଦିବସ ପାଳିତ ହୋଇଯାଇଛି। କେନ୍ଦ୍ର ସରକାରଙ୍କ କେନ୍ଦ୍ରୀୟ ରେଶମ ବୋର୍ଡ ଅଧୀନରେ ଆଞ୍ଚଳିକ ରେଶମ ଗବେଷଣା କେନ୍ଦ୍ର ବାରିପଦା ଦ୍ୱାରା ଆୟୋଜିତ ଠାକୁରମୁଣ୍ଡା ଟସର ସମବାୟ ସମିତି ପରିସରରେ ଆୟୋଜିତ କୃଷକ କ୍ଷେତ୍ର ଦିବସ ପାଳିତ ହୋଇଛି। ମୁଖ୍ୟଅତିଥି ଭାବେ ଠାକୁରମୁଣ୍ଡା ବନାଞ୍ଚଳ ଅଧିକାରୀ ଉମାକାନ୍ତ ବେହେରା ଯୋଗଦେଇ ଟସର ଚାଷର ଉପକାରିତା, ଟସର ଚାଷ ହେଉଥିବା ଅସନ, ଅର୍ଜୁନ ଗଛମୁଳ ସଫାସୁତୁରା, ଚାଷ ହେଉଥିବା ଗଛଡାଳ ସାତ ଫୁଟ ଉଚ୍ଚତାରେ ସଫା କରିବାକୁ ଚାଷୀଙ୍କୁ ଉପଦେଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ବୈଜ୍ଞାନିକ ଡଃ ସବୁଜ ଗାଙ୍ଗୁଲି ଯୋଗଦେଇ ଚାଷୀ କିପରି ରୋଗମୁକ୍ତ ଅଣ୍ଡା ବିହନ ନେଇ ଚାଷ କରି ବିଶେଷ ଭାବେ ଉପକୃତ ହେବେ, ସେ ବିଷୟରେ ବିବରଣୀ ପ୍ରଦାନ କରିଥିଲେ। ବୈଜ୍ଞାନିକ ଡଃ ସ୍ୱାତିଗା ଜି ଯୋଗଦେଇ ଟସର ଚାଷର ନୂତନ ପ୍ରଣାଳୀ ଓ ଜଙ୍ଗଲି କିଟ ଦାଉରୁ ଟସର ପୋକକୁ କିପରି ରକ୍ଷା କରିପାରିବା ସେ ବିଷୟରେ ଆଲୋଚନା କରିଥିଲେ। ଠାକୁରମୁଣ୍ଡା ଟସର ସମବାୟ ସମିତିର ସମ୍ପାଦକ ପ୍ରଦୀପ ପ୍ରଧାନ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଥିବା ବିଭିନ୍ନ ଯୋଜନାରେ ଚାଷୀ କିପରି ଲାଭବାନ ହୋଇପାରିବେ, ସେ ବିଷୟରେ ଆଲୋଚନା କରିଥିଲେ। ୧୧୫ ଜଣ ଟସର ଚାଷୀ ଅଂଶଗ୍ରହଣ କରିଥିବାବେଳେ ବସନ୍ତ କୁମାର ମହାନ୍ତ ସହଯୋଗ କରିଥିଲେ। ବରିଷ୍ଠ ସହାୟକ ଭାରତୀ ସାହାଣୀ ଧନ୍ୟବାଦ ଅର୍ପଣ କରିଥିଲେ।

## ବଡ଼ଡାଳିମାରେ ଭଞ୍ଜସେନାର ମଶାଲ ଶୋଭାଯାତ୍ରା



ରାଇରଙ୍ଗପୁର, ୨୫।୬(ସମିସ): ରତ୍ନଗର୍ଭା ଶିମିଳିପାଳର ସମ୍ପୂର୍ଣ୍ଣ ସୁରକ୍ଷା ସହ ପର୍ଯ୍ୟଟନ ଶିଳ୍ପ ଓ ପ୍ରାକୃତିକ ସମ୍ପଦ ମାଧ୍ୟମରେ ମୟୂରଭଞ୍ଜବାସୀଙ୍କୁ ଆତ୍ମନିର୍ଭରଶୀଳ କରିବା ସହିତ ଜିଲ୍ଲାରୁ ଦାଦନ ସମସ୍ୟାର ଦୂରୀକରଣ କରାଯିବା ଲକ୍ଷ୍ୟ ନେଇ ଜିଲ୍ଲାବାସୀଙ୍କ ମଧ୍ୟରେ ଜନସଚେତନତା ସୃଷ୍ଟି କରି ସରକାରଙ୍କ ଉପରେ ଚାପ ପ୍ରୟୋଗ କରାଇବା ନିମନ୍ତେ 'ଦାଦନ ହଟିବ ମୟୂରଭଞ୍ଜ ହସିବ' ସ୍ଲୋଗାନ ନେଇ ଚଳିତ ମାସ ୧୭ରୁ ଜୁଲାଇ ୧୨ ପର୍ଯ୍ୟନ୍ତ ଜିଲ୍ଲା ତମାମ ପର୍ଯ୍ୟାୟକ୍ରମେ ଅଣରାଜନୈତିକ ସଂଗଠନ ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ଆହ୍ୱାନକ୍ରମେ ଖିଚିଂସ୍ଥ ମା' କିଚକେଶ୍ୱରୀ ଦେବୀଙ୍କ ପୀଠରୁ ମଶାଲ ଶୋଭାଯାତ୍ରା ଆରମ୍ଭ ହୋଇସାରିଥିବା ସ୍ଥଳେ ଆଜି ତିରିଙ୍ଗ ବ୍ଲକସ୍ଥ ବଡ଼ଡାଳିମାଠାରେ ଭଞ୍ଜସେନା ବ୍ଲକ୍ ସଭାପତି ସୁନୀଲ ପାତ୍ର, ବ୍ଲକ ସାଧାରଣ ସମ୍ପାଦକ ଠାକୁର ଦାସ ମାରାଣ୍ଡିଙ୍କ ନେତୃତ୍ୱରେ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶୋଭାଯାତ୍ରାରେ ଜିଲ୍ଲା କର୍ଯ୍ୟକାରୀ ସଭାପତି ଇଂ ରମଜାନ୍ ବେଗ, ବାମନଘାଟି ଉପଖଣ୍ଡ ସଭାପତି ସୁନ୍ଦରମୋହନ ଟୁଡୁ, ଭଗବତ ହେମ୍ବ୍ରମ, ବିଘ୍ନେଶ୍ୱର୍ ବାସ୍କେ, ମହମ୍ମଦ ଅଲି ଖାନ୍, ମଧୁସୂଦନ ହେମ୍ବ୍ରମ, ଗୋବିନ୍ଦ ମୁର୍ମୁ, ଭାଗମାତ ସୋରେନ, ଶ୍ରୀରାମ ମୁର୍ମୁ, ରଜ ମୁର୍ମୁ, ସାନ ସୋରେନ, ସମୁରାମ ହେମ୍ବ୍ରମ ପ୍ରମୁଖଙ୍କ ସହିତ ସଂଗଠନର ଶତାଧିକ ଯୁବ ଛାତ୍ର ସଂଗଠକ ସାମିଲ ଥିଲେ।

## ସ୍ତ୍ରୀକୁ ହତ୍ୟା; ସ୍ୱାମୀ ଗିରଫ

ଯୋଡ଼ା, ୨୫।୬(ସମିସ): କେନ୍ଦୁଝର ଜିଲ୍ଲା ବାମେବାରୀ ଥାନା ଗୁରୁଡ଼ା ଗ୍ରାମରେ ଜଣେ ସ୍ୱାମୀ ନିଜ ସ୍ତ୍ରୀକୁ ହତ୍ୟା କରିଛି। ବାମେବାରୀ ଥାନାଧିକାରୀ ଝସକେତନ ଭୋଇଙ୍କ ସୂଚନା ଅନୁଯାୟୀ, ଗୁରୁଡ଼ା ଗ୍ରାମର ରାଉତ ମୁଣ୍ଡା ନିଜ ସ୍ତ୍ରୀ ପଡଡି ମୁଣ୍ଡାକୁ ପାରିବାରିକ କଳହରୁ ପିଟି ପିଟି ହତ୍ୟା କରିଛି। ଏନେଇ ପୁଲିସ ମାମଲା ରୁଜୁ କରି ଅଭିଯୁକ୍ତ ସ୍ୱାମୀକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ରାସ୍ତା ଜାମ୍‌କୁ ଅଭିଭାବକଙ୍କ ଅଭିଯୋଗ; ବୈଠକରେ ସମାଧାନର ପ୍ରତିଶ୍ରୁତି

ଯୋଡ଼ା, ୨୫।୬ (ସମିସ): ଜିନ୍ଦଲ ପ୍ଲାଣ୍ଟ ଅଞ୍ଚଳ ସମୀପରେ ଦୀର୍ଘଦିନ ଧରି ଲାଗିରହିଥିବା ରାସ୍ତା ଜାମ ସମସ୍ୟାକୁ ନେଇ ସ୍ଥାନୀୟ ଅଭିଭାବକ ଓ ବାସିନ୍ଦାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ବିଶେଷ କରି ବିଲେଇପଡାଠାରୁ ଜିନ୍ଦଲ ପ୍ଲାଣ୍ଟ ପର୍ଯ୍ୟନ୍ତ ରାସ୍ତାରେ ଲାଗି ରହୁଥିବା ଜାମ ଯୋଗୁଁ ସାଧାରଣ ଯାତାୟାତ ଗୁରୁତର ଭାବେ ପ୍ରଭାବିତ ହେଉଛି। ସ୍କୁଲ ବସ ଯାଇପାରୁ ନଥିବାରୁ ଅଭିଭାବକମାନେ ଅଧିକ କ୍ଷୁବ୍ଧ ହୋଇପଡିଛନ୍ତି। ସମସ୍ୟାର ସ୍ଥାୟୀ ସମାଧାନ ଦାବି କରି ଅଭିଭାବକମାନେ ଥାନାର ଦ୍ୱାରସ୍ଥ ହୋଇ ନ୍ୟାୟ ପାଇଁ ଅନୁରୋଧ କରିଥିଲେ। ଘଟଣାକୁ ଗୁରୁତ୍ୱର ସହ ନେଇ ଦେଓଝର ଓ ବିରିକଳା ପଞ୍ଚାୟତର ପ୍ରତିନିଧି ଏବଂ ସ୍ଥାନୀୟ ବାସିନ୍ଦାମାନେ ଜିନ୍ଦଲ କମ୍ପାନୀର ୟୁନିଟ୍ ହେଡଙ୍କ ସହ ବୈଠକ କରିଥିଲେ। ବୈଠକରେ ସ୍ଥାନୀୟ ଲୋକମାନେ ରାସ୍ତା ଜାମ ଯୋଗୁଁ ଉପୁଜୁଥିବା ନାନା ସମସ୍ୟା, ବିଶେଷ କରି ସ୍କୁଲ ବସ ଚଳାଚଳରେ ବାଧା, ଜରୁରୀ ସେବା ପ୍ରଭାବିତ ହେବା ଓ ସାଧାରଣ ଲୋକଙ୍କ ଦୈନନ୍ଦିନ ଯାତାୟାତରେ ଅସୁବିଧା ବିଷୟ ଉଠାଇଥିଲେ। ବୈଠକରେ କମ୍ପାନୀର ୟୁନିଟ୍ ହେଡ୍ ସମସ୍ତ ଅଭିଯୋଗ ଓ ଦାବିକୁ ଧୈର୍ଯ୍ୟର ସହ ଶୁଣିଥିବା ସହ ରାସ୍ତା ଜାମ ନିୟନ୍ତ୍ରଣ ପାଇଁ ଆବଶ୍ୟକ ସମସ୍ତ ପଦକ୍ଷେପ ନିଆଯିବ ବୋଲି ଆଶ୍ୱାସନା ଦେଇଥିଲେ। ଭବିଷ୍ୟତରେ ଏପରି ସମସ୍ୟା ପୁନରାବୃତ୍ତି ନ ହେବା ପାଇଁ କମ୍ପାନୀ ପକ୍ଷରୁ ସମନ୍ୱିତ ପଦକ୍ଷେପ ନିଆଯିବ




ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟପଟେ, ସ୍ଥାନୀୟ ଲୋକମାନେ ସ୍ପଷ୍ଟ କରିଛନ୍ତି ଯେ ଯଦି ଯୁକ୍ତିସଙ୍ଗତ ସମୟ ମଧ୍ୟରେ ରାସ୍ତା ଜାମ ସମସ୍ୟାର ସମାଧାନ ନ ହୁଏ, ତେବେ ଦେଓଝର ଓ ବିର୍କଳା ପଞ୍ଚାୟତର ଲୋକମାନେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପଦକ୍ଷେପ ନେବାକୁ ବାଧ ହେବେ। ବର୍ତ୍ତମାନ କମ୍ପାନୀ ପକ୍ଷରୁ କେବେ ଓ କିପରି ସ୍ଥାୟୀ ସମାଧାନ କାର୍ଯ୍ୟକରୀ ହେଉଛି, ତାହାକୁ ନେଇ ସମସ୍ତଙ୍କ ନଜର ରହିଛି।

## ରିଲିଭ ହେବା ପରେ ବି ବଦଳି ସ୍ଥାନକୁ ଯାଉନାହାନ୍ତି ବିଡିଓ

ଉଦଳା,୨୫।୯ (ସମିସ): କପ୍ତିପଦା ବ୍ଲକ ବିଡିଓ ତାଙ୍କ ବଦଳି ହୋଇଥିବା ସ୍ଥାନରେ ଯୋଗ ଦେଉନାହାନ୍ତି। ଯାହାକୁ ନେଇ ପୂର୍ବରୁ ଜିଲ୍ଲାପାଳଙ୍କୁ କପ୍ତିପଦା ଜନସାଧାରଣଙ୍କ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଥିବାବେଳେ ଆଜି କପ୍ତିପଦା ଉପଖଣ୍ଡ ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। କପ୍ତିପଦାବାସୀଙ୍କ ସହିତ ବିଜେଡି ମଧ୍ୟ ସାମିଲ ହୋଇ ଦାବିପତ୍ର ପ୍ରଦାନ କରିଛି। କପ୍ତିପଦା ବ୍ଲକର ନୂତନ ବିଡିଓ ଭାବେ ସଲମା ସୋରେନ ଯୋଗଦାନ କରିବା ପାଇଁ ମେ ୨୭ ତାରିଖରେ ଅର୍ଡର ବାହାରିଥିଲା। ଫଳରେ କପ୍ତିପଦା ବିଡିଓ ରେଶମା ଟେଟେ ରିଲିଭ ମଧ୍ୟ ହୋଇଛନ୍ତି। ହେଲେ ସେ ବ୍ଲକ ଛାଡି ଯାଉନାହାନ୍ତି ଓ ନୂତନ ବିଡିଓ ଯୋଗ ଦେଇପାରୁନାହାନ୍ତି। ଫଳରେ କପ୍ତିପଦା ବ୍ଲକରେ ଉନ୍ନୟନ କାମ ବାଧାପ୍ରାପ୍ତ ହେଉଛି। ସେହିପରି ଆସିଷ୍ଟାଣ୍ଟ ଇଞ୍ଜିନିୟର ସଦାଶିବ ବେହେରା ମଧ୍ୟ ବଦଳି ପରେ ଯାଉନାହାନ୍ତି। ତେଣୁ ଉଭୟଙ୍କୁ ତୁରନ୍ତ ବ୍ଲକ୍‌ରୁ ବଦଳି କରିବା ଦାବି ନେଇ କପ୍ତିପଦା ଜନସାଧାରଣ ଓ ବିଜେଡି ପକ୍ଷରୁ ଆଜି ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ୧୦ ଦିନ ମଧ୍ୟରେ ଯଦି ଏହାର ସମାଧାନ ନ ହୁଏ, ତେବେ ଆନ୍ଦୋଳନ ପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ସ୍ଲରି ପାଇପ୍ ଫାଟି କ୍ଷୟକ୍ଷତି; ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନବାଚୀ



ଯୋଡ଼ା, ୨୫।୬(ସମିସ)

ସୁଲଭ ଦର ଓ ସୁରକ୍ଷିତ ଭାବେ ଖଣିଜ ପରିବହନ ନିମନ୍ତେ ଯୋଡ଼ା ଖଣି ମଣ୍ଡଳରୁ ଅନେକ ଖଣି ଓ ଶିଳ୍ପ କମ୍ପାନୀ ସ୍ଲରି ପାଇପକୁ ଆପଣେଇଥିବା ବେଳେ ଯୋଡ଼ା ବ୍ଲକ କାଳିମାଟି ଅଞ୍ଚଳରେ ସ୍ଲରି ପାଇପ୍ ଫାଟି ଅନେକ କ୍ଷୟକ୍ଷତି ସୂଚନା ମିଳିଛି। ପାଇପ୍‌ଲାଇନ ବିଛାଇ ସାରିବା ପରେ ଏହାକୁ ପରୀକ୍ଷା କରୁଥିବା ବେଳେ କିଛି ସ୍ଥାନରେ ଛିଦ୍ର ହୋଇଯିବା ଦ୍ୱାରା ପାଣି ମିଶ୍ରିତ ଖଣିଜ ଛିଟିକି ପଡିଥିଲା। ଯ'ଦ୍ୱାରା ଅଞ୍ଚଳ ପୁରା କାଦୁଅ ଓ ଧୂଳିରେ ଭର୍ତ୍ତି ହେବା ଦ୍ୱାରା କିଛି ସମୟ ଚଳାଚଳରେ ବ୍ୟାଘାତ ସୃଷ୍ଟି ହୋଇଥିଲା। ଛିଦ୍ରରୁ ବିଦ୍ୟୁତ ବ୍ୟାଗରେ ନିର୍ଗତ ହେଉଥିବା ଲୁହା ଗୁଣ୍ଡ ବାହାରି ନିକଟରେ ଥିବା, ଗାଡି, ଘର, ଜନସାଧାରଣ ମଧ୍ୟ ଏଥିରେ ଆଘାତ ପାଇଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ, ଆର୍ସେଲର ମିତ୍ତଲ କମ୍ପାନୀର ସାଗାସାହିଠାରେ ଥିବା ଖଣିରୁ ସ୍ଲରି ପାଇପ ଯୋଗେ ଦୁବୁନାସ୍ଥିତ ପ୍ଲାଣ୍ଟକୁ ଖଣିଜ ପରିବହନ କରିବାକୁ ସ୍ଲରି ପାଇପ ବିଛାଇବା କାର୍ଯ୍ୟ ସାରି ଦେଇଥିବା ବେଳେ ଏହାକୁ ପ୍ରଥମ ଥର ପରୀକ୍ଷା କରିବା ପାଇଁ ଖଣିଜ ପରିବହନ ହେଉଥିଲା। ତେବେ କାଳିମାଟି ଅଞ୍ଚଳରେ ଗୁରୁବାର ଅପରାହ୍ନ ୩ଟା ସମୟରେ ହଠାତ ପାଇପରୁ ଛିଦ୍ର ହେବା ଦ୍ୱାରା ବିଦ୍ୟୁତ ବେଗରେ ଖଣିଜ ବାହାରକୁ ଛିଟିକି ପଡିଥିଲା। ରାସ୍ତା ଦେଇ ଯାଉଥିବା ଲୋକ ଆହତ ହେବା ସହ ଭୟଭୀତ ହୋଇ



ପଡ଼ିଥିଲେ। ଏକ ଅଟୋ ଚାଳକ ଆହତ ହେବା ସହ କିଛି ଦୂରକୁ ଅଟୋ ସହ ଛିଟିକି ପଡିଥିଲା। ଅଟୋଟି କ୍ଷତିଗ୍ରସ୍ତ ହୋଇଛି। ନିକଟରେ ଥିବା ଏକ ଗ୍ୟାରେଜରେ ଏକ ଡମ୍ପର ମରାମତି ନିମନ୍ତେ ଛିଡା ହୋଇଥିବା ବେଳେ ଡମ୍ପରଟି ସମ୍ପୂର୍ଣ୍ଣ ନଷ୍ଟ ହେବା ସହ ଗ୍ୟାରେଜ ବି ନଷ୍ଟ ହୋଇଯାଇଛି। ଘଟଣା ଘଟିବା ଦ୍ୱାରା ଗ୍ୟାରେଜ ଓ ନିକଟରେ ଥିବା ଲୋକ ଭୟରେ ଧାଁଦୌଡ଼ କରୁଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି। ସ୍ଥାନୀୟ ଲୋକ କହିଛନ୍ତି ଯେ କମ୍ପାନୀ ସ୍ଲରି ପାଇପ ପରୀକ୍ଷା କରିବା ପୂର୍ବରୁ ଲୋକଙ୍କୁ ଅବଗତି କରାଇବା ସହ ଏକ ସାଇରନର ବ୍ୟବସ୍ଥା କରିବାର ଥିଲା। ଯ'ଦ୍ୱାରା ଦୁର୍ଘଟଣା ଘଟିଲେ ମଧ୍ୟ ବିଶେଷ କ୍ଷତି ହେଇ ନଥାନ୍ତା କିମ୍ବା ସ୍ଥାନୀୟ ଲୋକ ଭୟଭୀତ ହୋଇ ନ ଥାନ୍ତେ। କମ୍ପାନୀ କର୍ତ୍ତୃପକ୍ଷଙ୍କ ଖାମଖିଆଲି ପାଇଁ ଅଞ୍ଚଳରେ ଭୟର ବାତାବରଣ ଦେଖାଦେଇଛି।

## ରାଇରଙ୍ଗପୁର ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

# ସ୍ନାନଯାତ୍ରା ଓ ରଥଯାତ୍ରାର ଶୃଙ୍ଖଳିତ ସମ୍ପାଦନ ଉପରେ ଗୁରୁତ୍ୱ

ରାଇରଙ୍ଗପୁର, ୨୫।୬(ସମିସ): ଚଳିତ ବର୍ଷ ରାଇରଙ୍ଗପୁର ରଥଯାତ୍ରାକୁ ବ୍ୟବସ୍ଥିତ ଢଙ୍ଗରେ ପରିଚାଳନା ନିମନ୍ତେ ଉପଖଣ୍ଡ ପ୍ରଶାସନ ତତ୍ତ୍ୱାବଧାନରେ ରାଇରଙ୍ଗପୁର ଦେବୋତ୍ତର ବିଭାଗ ପକ୍ଷରୁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ସମ୍ମିଳନୀ କକ୍ଷରେ ଲୋକସଭା ସାଂସଦ ତଥା ରାଇରଙ୍ଗପୁର ରଥଯାତ୍ରା ପରିଚାଳନା କମିଟି ଅଧ୍ୟକ୍ଷ ନବଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅନ୍ୟମାନଙ୍କ ମଧ୍ୟରେ ରାଇରଙ୍ଗପୁର ବିଧାୟକ ଜଲେନ ନାଏକ, ରାଇରଙ୍ଗପୁର ପୌରପାଳିକା ଅଧ୍ୟକ୍ଷ ଅଭିଷେକ ପଟ୍ଟନାୟକ, ରାଇରଙ୍ଗପୁର ଉପଜିଲ୍ଲାପାଳ ଉଗ୍ରସେନ ଓରାମ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ବୀରେନ୍ଦ୍ର ସେନାପତି, ଅତିରିକ୍ତ ଉପଜିଲ୍ଲାପାଳ ବାସନ୍ତୀ ଲାକ୍ରା ଓ ଟାଉନ ଥାନା ଅଧିକାରୀ ଜ୍ୟୋତିପ୍ରକଶ ସ୍ୱାଇଁ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଅଧ୍ୟକ୍ଷ ଶ୍ରୀ ମାଝୀ ଉପସ୍ଥିତ ସମସ୍ତଙ୍କୁ ସ୍ୱାଗତ ଜଣାଇ ଚଳିତ ବର୍ଷ ରାଇରଙ୍ଗପୁର ରଥଯାତ୍ରା ପ୍ରତି ବର୍ଷ ଭଳି ପାରମ୍ପରିକ ନୀତିକାନ୍ତି ଅନୁଯାୟୀ ଶାନ୍ତିଶୃଙ୍ଖଳାର ସହିତ ପାଳନ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ପରେ ରାଇରଙ୍ଗପୁର ଦେବୋତ୍ତର ବିଭାଗ ରଥଯାତ୍ରା ପାଳନ ସମ୍ପର୍କିତ ପ୍ରସ୍ତାବିତ କାର୍ଯ୍ୟସୂଚୀର ବିବରଣୀକୁ ସମସ୍ତଙ୍କ ଅବଗତି ନିମନ୍ତେ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତିଙ୍କ ଦ୍ୱାରା ଉପସ୍ଥାପନ କରାଯାଇଥିଲା। ଏହା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ଦେବୋତ୍ତର ବିଭାଗ ସହିତ ଅନ୍ୟାନ୍ୟ ସମ୍ପୃକ୍ତ ବିଭାଗ, ସେବାୟତଙ୍କ ମଧ୍ୟରେ ସମନ୍ୱୟ ରକ୍ଷାକରି ସ୍ନାନ ପୂର୍ଣ୍ଣିମାଠାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ସମସ୍ତ ନୀତିକାନ୍ତି ନିର୍ଦ୍ଧାରିତ ସମୟରେ ସମ୍ପାଦନ ପୂର୍ବକ ବ୍ୟବସ୍ଥିତ ଢଙ୍ଗରେ ସମାପନ ପାଇଁ ପରାମର୍ଶ ଦିଆଯାଇଥିଲା।

ଚଳିତ ମାସ ୨୯ ତାରିଖ ଦେବସ୍ନାନ ପୂର୍ଣ୍ଣିମାରେ ମହାପ୍ରଭୁଙ୍କ ସ୍ନାନ, ସନ୍ଧ୍ୟାରେ ଗଜାନନ ବେଶ ଦର୍ଶନ, ରାତ୍ର ୧୦ ଘଟିକା ସମୟରେ ଶ୍ରୀଜୀଉଙ୍କ ଅଣସର ପିଣ୍ଡିକୁ ଯାତ୍ରା, ଜୁଲାଇ ୧୧ ତାରିଖରେ ମହାପ୍ରଭୁ ଶ୍ରୀଅଙ୍ଗେ ଖଳିଲାଗି ବିଧାନ, ଜୁଲାଇ ୧୪ ତାରିଖ ସକାଳେ ନବଯୌବନ ଦର୍ଶନ, ପରେ ନେତ ଉଠା, ୧୬ ତାରିଖ ରଥ ପ୍ରତିଷ୍ଠା, ପ୍ରଭୁଙ୍କ ପହଣ୍ଡି ଯାତ୍ରା ଓ ରଥାରୁଢ଼, ୧୬ ଓ ୧୭ ତାରିଖ ଦୁଇଦିନ ଅପରାହ୍ଣରେ ରଥଟଣା, ୨୦ ତାରିଖରେ ହେରାପଞ୍ଚମୀ ନୀତି, ୨୧ ତାରିଖ ଶ୍ରୀଗୁଣ୍ଡିଚା ମନ୍ଦିରରେ ମା' ବିପତ୍ତାରିଣୀ ବ୍ରତ ବିଧାନ, ୨୩ ତାରିଖରେ ନବମୀ ସନ୍ଧ୍ୟା ଦର୍ଶନ, ୨୪ ତାରିଖ ପୂର୍ବାହ୍ଣରେ ବାହୁଡା ଯାତ୍ରାର ପହଣ୍ଡି ଓ ରଥାରୁଢ଼, ୨୪ ଓ ୨୫ ତାରିଖ ଦୁଇଦିନ ଅପରାହ୍ଣରେ ବାହୁଡା ଯାତ୍ରାର ରଥଟଣା, ୨୫ ତାରିଖରେ ଏକାଦଶୀ ନୀତି, ଅଧରପଣା ଲାଗି ଓ ସୁନାବେଶ ଦର୍ଶନ, ୨୬ ତାରିଖ ଅପରାହ୍ଣରେ ନୀଳାଦ୍ରି ବିଜେ ଇତ୍ୟାଦି ମହାପ୍ରଭୁଙ୍କ ସମସ୍ତ ନୀତିକାନ୍ତିର ସୁଚାରୁ ସମ୍ପାଦନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ରାଧାମୋହନ ମନ୍ଦିର, ମାଉସୀମା ବାଡ଼ି ଓ ରଥରେ ରଙ୍ଗ ଦେବା ଆଦି ଆନୁସଙ୍ଗିକ କାର୍ଯ୍ୟକ୍ରମ ନିର୍ଦ୍ଧାରିତ ସମୟରେ ସମ୍ପନ୍ନ କରିବା ପାଇଁ ପରାମର୍ଶ ଦିଆଯାଇଛି।

ସେହିପରି ରଥଟଣା ପାଇଁ ଆବଶ୍ୟକ ପଡୁଥିବା ଦଉଡି ଯୋଗାଇ ଦେବାକୁ ଟାଟା ପାୱାର କର୍ତ୍ତୃପକ୍ଷ, ରାସ୍ତା ଓ ଗୃହ ନିର୍ମାଣ ବିଭାଗ ଓ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଠାକୁରଙ୍କ ଲାଗିହେବା ପାଇଁ ଆବଶ୍ୟକ ପଡୁଥିବା ଫୁଲ ଓ ଫୁଲମାଳ ଯୋଗାଇ ଦେବା ନିମନ୍ତେ ସହକାରୀ ଉଦ୍ୟାନ କୃଷି ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରଥଯାତ୍ରା ସମୟରେ ରଥଦାଣ୍ଡ ଓ ସହରର ବିଭିନ୍ନ ଗଳି ଓ ଅନ୍ଧାରୁଆ ସ୍ଥାନରେ ବିଦ୍ୟୁତ ଆଲୋକ ବ୍ୟବସ୍ଥା, ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଆବଶ୍ୟକ ପୁଲିସ ମୁତୟନ ଓ ଟ୍ରାଫିକ ନିୟନ୍ତ୍ରଣ, ରଥଟଣା ସମୟରେ ଏନସିସି, ଏନଏସଏସ, ଯୁଥ ରେଡକ୍ରସ, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର ଯୁବ ସ୍ୱେଚ୍ଛାସେବୀଙ୍କୁ ବିଭିନ୍ନ ସେବାମୂଳକ କାର୍ଯ୍ୟରେ ନିୟୋଜିତ କରାଯିବା, ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ୱାସ୍ଥ୍ୟ ସେବା ଶିବିର ଓ ଆମ୍ବୁଲାନ୍ସ ସେବା ଯୋଗାଇ ଦେବା ସହ ହୋଟେଲ, ଅସ୍ଥାୟୀ ଜଳଖିଆ ଦୋକାନରେ ପ୍ରସ୍ତୁତ ଖାଦ୍ୟ ପଦାର୍ଥର ମାନ, ଗୁଣବତ୍ତାକୁ ସ୍ୱାସ୍ଥ୍ୟ ବିଭାଗ ଓ ରାଇରଙ୍ଗପୁର ପୌରପାଳିକା ପକ୍ଷରୁ ନିୟମିତ ଯାଞ୍ଚ ଓ ତଦାରଖ ପାଇଁ ପଦକ୍ଷେପ ନେବା, ଜନଗହଳି କାରଣରୁ ଉପୁଜୁଥିବା ଅସ୍ୱାଭାବିକ ପରିସ୍ଥିତିରୁ ଲୋକଙ୍କୁ ଉଦ୍ଧାର କରିବା ତଥା ଆକସ୍ମିକ ଅଗ୍ନିକାଣ୍ଡଜନିତ ଦୁର୍ଘଟଣାର ମୁକାବିଲା ପାଇଁ ଅଗ୍ନିଶମ ବିଭାଗ ଦ୍ୱାରା ଆବଶ୍ୟକ ଅଗ୍ନି ନିର୍ବାପକ ବ୍ୟବସ୍ଥା କରିବା, ସହର ଓ ବଡଦାଣ୍ଡ ଅଞ୍ଚଳର ସ୍ୱାସ୍ଥ୍ୟ, ପରିମଳ ଓ ପାନୀୟଜଳ ଯୋଗାଣ ବ୍ୟବସ୍ଥା କରାଯିବା, ରଥଯାତ୍ରା ସମୟରେ ରଥଦାଣ୍ଡରେ ଆମିଷ ଖାଦ୍ୟ ପ୍ରସ୍ତୁତି ଓ ବିକ୍ରିକୁ ନିଷେଧ କରାଯିବା, ମଦ ଦୋକାନ ବନ୍ଦ ରଖାଯିବା ଓ ନିୟମିତ ତଦାରଖ ଓ ଚଢ଼ଉ କରାଯିବା ଆଦି ଦିଗ ପ୍ରତି ତୀକ୍ଷ୍ଣ ଦୃଷ୍ଟି ଦେବା ଇତ୍ୟାଦି ସମସ୍ତ କାର୍ଯ୍ୟ ସୁପରିଚାଳନା କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ସାଂସଦ ପରାମର୍ଶ ଦେଇଛନ୍ତି। ରଥଯାତ୍ରା ସମୟରେ ରଥଦାଣ୍ଡରେ ମହାପ୍ରଭୁ ଜଗନ୍ନାଥ ସଂସ୍କୃତି ଉପରେ ଧାରା ବିବରଣୀ ଓ ସନ୍ଧ୍ୟାରେ ଭଜନ ସନ୍ଧ୍ୟା ଆୟୋଜନ ପାଇଁ ନିଷ୍ପତି ନିଆଯାଇଛି।



ପାରମ୍ପରିକ ରୀତି ଅନୁଯାୟୀ ଜୁଲାଇ ୧୮ରୁ ୨୩ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ସନ୍ଧ୍ୟାରେ ଶ୍ରଦ୍ଧାଳୁଙ୍କ ପାଇଁ ମହାପ୍ରଭୁଙ୍କ ବିଭିନ୍ନ ଦିବ୍ୟ ବେଶ ଦର୍ଶନ ହେବ। ରଥଟଣାର ଦ୍ୱିତୀୟ ଦିବସରେ କେବଳ ମହିଳାଙ୍କ ଦ୍ୱାରା ରଥ ଟଣାଯିବା ନେଇ ନିଷ୍ପତ୍ତି ନିଆଯାଇଥିବାବେଳେ ଏଥିପାଇଁ ଇନର କର୍ଡନରେ ଆବଶ୍ୟକ ସଂଖ୍ୟକ ମହିଳା ପୁଲିସ କର୍ମଚାରୀ ନିୟୋଜିତ କରାଯାଇ ସମସ୍ତ କାର୍ଯ୍ୟକ୍ରମ ସୁଚାରୁରୂପେ ସମ୍ପାଦନ ନିମନ୍ତେ ବିଭାଗୀୟ ଅଧିକାରୀ ଓ ଦେବୋତ୍ତର ବିଭାଗ ସେବାୟତଙ୍କ ସହଯୋଗ କାମନା କରାଯାଇଛି। ଆଜି ବୈଠକରେ ସହକାରୀ ଜିଲ୍ଲାପାଳ ସୁଧାକର ସେଠୀ, ବରିଷ୍ଠ ରାଜସ୍ୱ ସହାୟକ ପ୍ରସାଦ ବେହେରା, ବିଭିନ୍ନ ବିଭାଗୀୟ ପଦାଧିକାରୀ, ଜଗନ୍ନାଥ ମନ୍ଦିର ପୂଜକ ପଣ୍ଡିତ ଦେବବ୍ରତ ରଥମହାପାତ୍ର, ରଥ କମିଟି ସଦସ୍ୟ, ସେବାୟତ, ରଥ ମହାରଣା, ରଥ ମହାପାତ୍ର, ସହରର ମାନ୍ୟଗଣ୍ୟ ବ୍ୟକ୍ତି ଓ ଗଣମାଧ୍ୟମ ପ୍ରତିନିଧି ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ଅଧ୍ୟକ୍ଷ ସମସ୍ତଙ୍କ ସହଯୋଗ କାମନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

## ଘୋଷଦାରେ 'ବିକାଶ ଧାରା ଓଡ଼ିଶା ସାରା' କାର୍ଯ୍ୟକ୍ରମ



କରଞ୍ଜିଆ, ୨୫।୬(ସମିସ): ରାଜ୍ୟ ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ଓ କେନ୍ଦ୍ର ସରକାରଙ୍କ ୧୨ ବର୍ଷ ପୂର୍ତ୍ତି ଅବସରରେ କରଞ୍ଜିଆ ବ୍ଲକ ପକ୍ଷରୁ ଘୋଷଦା ପଞ୍ଚାୟତରେ ବିଭିନ୍ନ ସଚେତନତା ଓ ଜନକଲ୍ୟାଣମୂଳକ କାର୍ଯ୍ୟକ୍ରମ 'ବିକାଶ ଧାରା ଓଡ଼ିଶା ସାରା' ଆୟୋଜିତ ହୋଇଯାଇଛି। ଏ ଅବସରରେ ସରକାରଙ୍କ ବିଭିନ୍ନ ଯୋଜନା, ବିକାଶମୂଳକ କାର୍ଯ୍ୟ ଓ ଜନହିତକର ପଦକ୍ଷେପ ସମ୍ପର୍କରେ ଲୋକଙ୍କୁ ସଚେତନ କରାଯାଇଥିଲା। ସ୍ଥାନୀୟ ଜନପ୍ରତିନିଧି, ପ୍ରଶାସନିକ ଅଧିକାରୀଙ୍କ ମଧ୍ୟରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱାଧୀନ ମହାନ୍ତ, ଏଡିଇଓ ଧିରେନ ପଲେଇ, ଯୋଗାଣ ସହାୟକ ଏମଡି ମୋତିଆର ରେହେମାନ, ସୁଭଦ୍ରା ସଂଯୋଜକ ବିଜୟ ଜେନା, ଏମବିକେ ପଦ୍ମିନୀ ସାମଲ, ସିଏଚଓ ସ୍ୱାତି ଶୀତମ ଜେନା, ରୁପାଲୀ ପାତ୍ର, ନମିତା ମହାନ୍ତ, ଚିତ୍ତରଞ୍ଜନ ନାଏକ, ଅନନ୍ତ କୁମାର ମହାନ୍ତ, ମିଶନ ଶକ୍ତି ସଦସ୍ୟା, ସ୍ୱୟଂସହାୟକ ଗୋଷ୍ଠୀ ମହିଳା ଓ ବହୁ ସଂଖ୍ୟକ ଗ୍ରାମବାସୀ ଯୋଗ ଦେଇଥିଲେ। ସରକାରଙ୍କ ଦୁଇବର୍ଷର ସଫଳତା, ମହିଳା ସଶକ୍ତୀକରଣ, କୃଷି, ସ୍ୱାସ୍ଥ୍ୟ, ଶିକ୍ଷା ଓ ଗ୍ରାମ୍ୟ ବିକାଶ କ୍ଷେତ୍ରରେ ହୋଇଥିବା କାର୍ଯ୍ୟ ଉପରେ ଆଲୋକପାତ କରାଯାଇଥିଲା। ଏଥିସହିତ ସରକାରୀ ଯୋଜନାର ସୁଫଳ କିପରି ସାଧାରଣ ଲୋକଙ୍କ ପାଖରେ ପହଞ୍ଚୁଛି, ସେ ନେଇ ମଧ୍ୟ ଆଲୋଚନା ହୋଇଥିଲା। ଅତିଥିମାନେ ରାଜ୍ୟ ସରକାରଙ୍କ ବିକାଶଧାରାକୁ ଆଗକୁ ନେବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଜନସାଧାରଣଙ୍କୁ ସରକାରୀ ଯୋଜନା ସମ୍ପର୍କିତ ସୂଚନାପତ୍ର ବଣ୍ଟନ କରାଯାଇଥିଲା।

## ଏମ୍‌ପିସି ସ୍ୱୟଂଶାସିତ କଲେଜରେ ସ୍ୱତନ୍ତ୍ର ବକ୍ତୃତା କାର୍ଯ୍ୟକ୍ରମ

# 'ସାମଗ୍ରିକ ବିକାଶରେ ଯୋଗର ଭୂମିକା ଅତୁଳନୀୟ'

ବାରିପଦା, ୨୫।୬(ସମିସ): ସ୍ଥାନୀୟ ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟରେ ଆନନ୍ଦ ମାର୍ଗ ପ୍ରଚାରକ ସଂଘ ଓ କଲେଜର ରୋଭର ରେଞ୍ଜର, ଯୁଥ ରେଡ଼କ୍ରସ, ଏନଏସଏସ ଓ ଏନସିସି ୟୁନିଟର ମିଳିତ ସହାଭାଗିତାରେ ଏକ ସ୍ୱତନ୍ତ୍ର ବକ୍ତୃତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଷୟ ବିଶାରଦ ଭାବେ ଆଚାର୍ଯ୍ୟ ପ୍ରିୟକୃଷ୍ଣାନନ୍ଦ ଅବଧୁତ ଯୋଗଦେଇ ସାମଗ୍ରିକ ବିକାଶରେ ଯୋଗର ଭୂମିକା ଶୀର୍ଷକ ପ୍ରସଙ୍ଗରେ ବିସ୍ତୃତ ବକ୍ତବ୍ୟ ଉପସ୍ଥାପନା କରିଥିଲେ। କଲେଜ ଅଧ୍ୟକ୍ଷ ନାରାୟଣ ପ୍ରସାଦ ବେହେରା ଅଧ୍ୟକ୍ଷତା କରିବା ସହ ନିଜ ଅଭିଭାଷଣରେ ଯୋଗ ଦ୍ୱାରା ବ୍ୟକ୍ତି ଜୀବନର ସମୃଦ୍ଧି ଓ ପ୍ରାୟୋଗିକ ବୈଶିଷ୍ଟ୍ୟ ସମ୍ପର୍କରେ ଉଲ୍ଲେଖ କରିଥିଲେ। ଯୁଥ ରେଡକ୍ରସ ୟୁନିଟ ଅଧିକାରୀ ରାଇମଣି ମାରାଣ୍ଡି, ରୋଭର ଲିଡର ରଶ୍ମିତା ନାୟକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ରୋଭର ରେଞ୍ଜର ୟୁନିଟ ଅଧିକାରୀ ଡ. ଦୀପକ କୁମାର ବେହେରା କାର୍ଯ୍ୟକ୍ରମର ସଂଯୋଜନା କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବହୁସଂଖ୍ୟାରେ ଛାତ୍ରଛାତ୍ରୀ, ଅଧ୍ୟାପକ ଅଧ୍ୟାପିକା ଓ ଅଣଶିକ୍ଷା କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଏନଏସଏସ ୟୁନିଟ ଅଧିକାରୀ ଡ. ଅନାମ ଚରଣ ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ।




## କରଞ୍ଜିଆ ଉପଖଣ୍ଡରେ ଅବକାରୀ ଚଢ଼ଉ

# ମହୁଲ ପୋଚ, ଦେଶୀମଦ ଜବତ

କରଞ୍ଜିଆ, ୨୫।୬(ସମିସ): ମୟୂରଭଞ୍ଜ ଜିଲ୍ଲାରେ ବଢ଼ି ଚାଲିଥିବା ମଦ କାରବାର ରୋକିବାକୁ ଅବକାରୀ ବିଭାଗ ପକ୍ଷରୁ ବଡ଼ଧରଣର ମିଳିତ ଚଢ଼ଉ ଅଭିଯାନ କରାଯାଇଛି। ରାଇରଙ୍ଗପୁର ଏସପିଙ୍କ ନିର୍ଦ୍ଦେଶକ୍ରମେ ଏସଡିପିଓ ନବକୃଷ୍ଣ ନାୟକ ଓ କରଞ୍ଜିଆ ଉପଖଣ୍ଡ ଥାନାଧିକାରୀ ମୃତ୍ୟୁଞ୍ଜୟ ପ୍ରଧାନଙ୍କ ନେତୃତ୍ୱରେ କରଞ୍ଜିଆ ଅଞ୍ଚଳର ବକଳା, ବାଟେସାହି, ଲଙ୍ଗଳଶିଳା ଓ ନୂଆଗାଁ ଗ୍ରାମର ବିଭିନ୍ନ ସ୍ଥାନରେ ଏହି ଚଢ଼ଉ ଚାଲିଥିଲା। ଏହି ଚଢ଼ଉରେ ବିପୁଳ ପରିମାଣର ମହୁଲ ପୋଚ ଓ ଦେଶୀମଦ ଜବତ କରାଯାଇଛି। ପ୍ରାୟ ୧୫ ହଜାର କିଲୋଗ୍ରାମ ମହୁଲ ପୋଚ ଓ ଦେଶୀମଦ ଜବତ ହୋଇଥିବାବେଳେ ମଦ ପ୍ରସ୍ତୁତିରେ ବ୍ୟବହୃତ ସାମଗ୍ରୀ ଓ ଉପକରଣ ଜବତ କରାଯାଇଥିବା ଜଣାପଡ଼ିଛି। ଜବତ ହୋଇଥିବା ପୋଚକୁ ଘଟଣାସ୍ଥଳରେ ନଷ୍ଟ କରାଯିବା ସହ ଅବୈଧ ମଦ କାରବାର ସହ ଜଡିତ ବ୍ୟକ୍ତିଙ୍କ ବିରୋଧରେ କଡ଼ା ଆଇନଗତ ପଦକ୍ଷେପ ଗ୍ରହଣ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି।



ସ୍ଥାନୀୟ ଅଞ୍ଚଳରେ ମଦ କାରବାର ଯୋଗୁଁ ସାମାଜିକ ପରିବେଶ ପ୍ରଭାବିତ ହେଉଥିବା ସହ ଯୁବପିଢ଼ି ନିଶା ପ୍ରତି ଆକୃଷ୍ଟ ହେଉଥିବା ଅଭିଯୋଗ ମିଳୁଥିଲା। ଏହାକୁ ଦୃଷ୍ଟିରେ ରଖି ପୁଲିସ ଓ ଅବକାରୀ ବିଭାଗ ପକ୍ଷରୁ ଏହି ବ୍ୟାପକ ଅଭିଯାନ ଚାଲିଥିବା ଜଣାପଡ଼ିଛି। ଅଭିଯାନ ସମୟରେ ଗ୍ରାମାଞ୍ଚଳର ବିଭିନ୍ନ ସନ୍ଦିଗ୍ଧ ସ୍ଥାନରେ ତଲାସି କରାଯାଇଥିଲା ଓ ବେଆଇନ ମଦ ପ୍ରସ୍ତୁତି ବିରୋଧରେ କଡ଼ା ବାର୍ତ୍ତା ଦିଆଯାଇଛି। ଏହି ମିଳିତ ଚଢ଼ଉରେ କରଞ୍ଜିଆ ଓ ଯଶୀପୁର ଅବକାରୀ ବିଭାଗ ଅଧିକାରୀ ଓ କର୍ମଚାରୀଙ୍କ ସମେତ କରଞ୍ଜିଆ ଥାନା ପୁଲିସ ଅଧିକାରୀ ମୃତ୍ୟୁଞ୍ଜୟ ପ୍ରଧାନ, ଏସଡିପିଓ ନବକୃଷ୍ଣ ନାୟକ, କାର୍ଯ୍ୟାଳୟର କର୍ମଚାରୀ ସକ୍ରିୟ ଅଂଶଗ୍ରହଣ କରିଥିଲେ। ସମସ୍ତ ବିଭାଗର ସମନ୍ୱିତ ପ୍ରୟାସ ଯୋଗୁଁ ଅଭିଯାନଟି ସଫଳ ହୋଇଥିବା ଅଧିକାରୀ କହିଛନ୍ତି। ମଦ କାରବାର ଓ ନିଶା ବ୍ୟବସାୟ ବିରୋଧରେ ଆଗାମୀ ଦିନରେ ମଧ୍ୟ ଏଭଳି ସ୍ୱତନ୍ତ୍ର ଓ ମିଳିତ ଚଢ଼ଉ ଅଭିଯାନ ଜାରି ରହିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

## ପୌରପାଳିକା ପକ୍ଷରୁ 'ବିକାଶର ଧାରା ଓଡ଼ିଶା ସାରା' କାର୍ଯ୍ୟକ୍ରମ

ବାରିପଦା, ୨୫।୬(ସମିସ): ବାରିପଦା ପୌରପାଳିକା କାର୍ଯ୍ୟାଳୟ ପକ୍ଷରୁ 'ବିକାଶର ଧାରା, ଓଡ଼ିଶା ସାରା' ରାଜ୍ୟସ୍ତରୀୟ ସହରାଞ୍ଚଳ ଜନସମ୍ପର୍କ ଓ ନାଗରିକ ଭାଗିଦାରୀ କାର୍ଯ୍ୟକ୍ରମର ସିଧା ପ୍ରସାରଣ କରାଯାଇଥିଲା। ମୁଖ୍ୟଅତିଥି ଭାବେ ବାରିପଦା ବିଧାୟକ ପ୍ରକାଶ ସୋରେନ ଓ ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଉପନଗରପାଳ ସୀମା ଦାସ, ସମସ୍ତ କାଉନସିଲର, ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ଦେବୀପ୍ରସାଦ ରାଉତ, ଶ୍ରମ ବିଭାଗ କର୍ମଚାରୀ, ସମସ୍ତ ବସ୍ତିବାସିନ୍ଦା, ଜନସାଧାରଣ, ଜଳସାଥୀ, ସ୍ୱଚ୍ଛସାଥି, ସ୍ୱୟଂସହାୟକ ଗୋଷ୍ଠୀ ଓ ପୌରପାଳିକାର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ବିଧାୟକ ଯୋଗ୍ୟ ହିତାଧିକାରୀଙ୍କୁ ପିଏମ ସ୍ୱନିଧି ଯୋଜନାର ଋଣ ଓ ଆୟୁଷ୍ମାନ କାର୍ଡ, ଇ-ଶ୍ରମ କାର୍ଡ ଓ ରାସନ କାର୍ଡ ପ୍ରଦାନ କରିଥିଲେ।




# ରାସ୍ତା ଓ ଡ୍ରେନ୍ ଅବରୋଧକୁ ନେଇ ଅସନ୍ତୋଷ

ବାରିପଦା, ୨୫।୬(ସମିସ): ବାରିପଦା ପୌରାଞ୍ଚଳ ୬ନଂ ୱାର୍ଡରେ ଚାଲିଥିବା ଡ୍ରେନ ନିର୍ମାଣ କାର୍ଯ୍ୟରେ ଅନିୟମିତତା ଓ ସରକାରୀ ଜମି ଅବରୋଧକୁ ନେଇ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପୌର ପ୍ରଶାସନ ପକ୍ଷରୁ ବେଆଇନ ଜବରଦଖଲକାରୀଙ୍କୁ ତିନି ତିନିଥର ନୋଟିସ ଜାରି କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ଉଚ୍ଛେଦ କାର୍ଯ୍ୟ କରାଯାଇନାହିଁ। ଅଞ୍ଚଳବାସୀଙ୍କ ଅଭିଯୋଗ ମୁତାବକ, ଏହି ଗଳିର ରାସ୍ତା ଓ ଡ୍ରେନକୁ କିଛି ଲୋକ ଜବରଦଖଲ କରି ରଖିଥିବାରୁ ଜରୁରିକାଳୀନ ସମୟରେ ଆମ୍ବୁଲାନ୍ସ କିମ୍ବା ଅନ୍ୟ ଗାଡ଼ି ଯାତାୟାତ କରିପାରୁନାହିଁ। ଏବେ ଚାଲିଥିବା ଡ୍ରେନ କାମରେ ମଧ୍ୟ ସଠିକ୍ ଲମ୍ବ, ପ୍ରସ୍ଥ ଓ ଉଚ୍ଚତା ରଖାଯାଉନାହିଁ। ଫଳରେ ଆଗକୁ ଡ୍ରେନ ପାଣି ଘରେ ପଶିବା ଆଶଙ୍କା ଦେଖାଦେଇଛି। ଏପରିକି ନିର୍ମାଣ ସାମଗ୍ରୀ ଲୋକଙ୍କ ବ୍ୟକ୍ତିଗତ ଜଗାରେ ଜବରଦସ୍ତ ପକାଯାଉଥିବା ନେଇ ରିହାନା ବେଗମ୍ ଓ ଶେଖ୍ ଲାଇକ୍ଙ୍କ ସମେତ ଅନ୍ୟ ବାସିନ୍ଦା ଅଭିଯୋଗ କରିଛନ୍ତି। ଏହି ସମସ୍ୟା ସମ୍ପର୍କରେ ବାରିପଦା ବିଧାୟକ ପ୍ରକାଶ ସୋରେନ ଜିଲ୍ଲାପାଳଙ୍କୁ ଚିଠି ଲେଖି ଜଣାଇବା ସହ ତୁରନ୍ତ ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ମନ୍ତ୍ରୀଙ୍କ ସ୍ତରରେ ମଧ୍ୟ ପୁଲିସ ସହାୟତାରେ ଜବରଦଖଲ ହଟାଇବାକୁ କୁହାଯାଇଥିଲା। କିନ୍ତୁ ବିଭାଗୀୟ ଅଧିକାରୀ ଏହାକୁ ଏଡ଼ାଇ ଯାଉଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। ଫଳରେ ଗୁରୁବାର ଉତ୍ୟକ୍ତ ଅଞ୍ଚଳବାସୀ ନିର୍ମାଣ କାର୍ଯ୍ୟକୁ ବନ୍ଦ କରିବା ସହ ପ୍ରଥମେ ସରକାରୀ ଜମି ମାପଚୁପ କରି ରାସ୍ତା ଫାଙ୍କା କରିବାକୁ ଦାବି କରିଛନ୍ତି।



## ● ବାଉଁଶତୋଫା ପ୍ରାଥମିକ ବିଦ୍ୟାଳୟ ଛାତ୍ରାବାସ ନିର୍ମାଣ

# କଚ୍ଛପ ଗତିରେ ଚାଲିଛି କାମ, ଅଭିଭାବକଙ୍କ ଅସନ୍ତୋଷ

ରାସଗୋବିନ୍ଦପୁର, ୨୫।୬(ସମିସ): ରାସଗୋବିନ୍ଦପୁର ବ୍ଲକ ଅନ୍ତର୍ଗତ କମାରଡିହ ପଞ୍ଚାୟତର ବାଉଁଶତୋଫା ପ୍ରାଥମିକ ବିଦ୍ୟାଳୟରେ ୫୦ ଶଯ୍ୟା ବିଶିଷ୍ଟ ଛାତ୍ରାବାସ କାମ ଅତ୍ୟନ୍ତ ମନ୍ଥର ଗତିରେ ଚାଲୁଥିବାରୁ ସ୍ଥାନୀୟ ଅଭିଭାବକ ଓ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ପ୍ରାୟ ୨ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେଉଥିବା ଏହି ଛାତ୍ରାବାସ ପାଇଁ ସରକାରଙ୍କ ପକ୍ଷରୁ ଟେଣ୍ଡର ଆହ୍ୱାନ କରାଯାଇଥିଲା। ଟେଣ୍ଡର ପ୍ରକ୍ରିୟା ସମାପ୍ତ ହେବା ପରେ ଗତବର୍ଷ ଡିସେମ୍ବର ୩୦ ତାରିଖରେ ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟ ସମାପନ ପାଇଁ ଚୁକ୍ତି ହୋଇଥିଲେ ମଧ୍ୟ କାମ ଆଶାନୁରୂପ ଗତିରେ ଆଗେଇ ପାରୁନାହିଁ। ଉକ୍ତ ବିଦ୍ୟାଳୟର ଅନ୍ତେବାସୀ ଛାତ୍ରଛାତ୍ରୀ ଏବେ ମଧ୍ୟ ଗୋଟିଏ ଶ୍ରେଣୀ ଗୃହରେ ଅତ୍ୟନ୍ତ ଦୟନୀୟ ପରିସ୍ଥିତିରେ ରହୁଥିବା ଅଭିଯୋଗ ହେଉଛି।

ବିଭାଗୀୟ ଯନ୍ତ୍ରୀ ସୁରାୟ ମୁର୍ମୁଙ୍କ ସୂଚନା ମୁତାବକ, ଚଳିତ ବର୍ଷ ସେପ୍ଟେମ୍ବର ଶେଷ ସୁଦ୍ଧା ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାର ଲକ୍ଷ୍ୟ ରହିଛି। ତେବେ ପ୍ରଶ୍ନ ଉଠୁଛି, ପ୍ରକଳ୍ପ ପାଇଁ ସରକାରୀ ଅର୍ଥ ଉପଲବ୍ଧ ଥିବା ସତ୍ତ୍ୱେ ଠିକାଦାରଙ୍କ ପକ୍ଷରୁ କାହିଁକି ଏତେ ବିଳମ୍ବ କରାଯାଉଛି। ଏହି ଅବହେଳା ଯୋଗୁଁ ଛାତ୍ରଛାତ୍ରୀଙ୍କ ରହଣୀ ବ୍ୟବସ୍ଥା ପ୍ରଭାବିତ ହେଉଥିବାବେଳେ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। ଏ ସମ୍ପର୍କରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଇଟିଡିଏ)ର ପ୍ରକଳ୍ପ ନିର୍ଦ୍ଦେଶକଙ୍କ ମତାମତ ନେବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ଯୋଗାଯୋଗ ସମ୍ଭବ ହୋଇପାରି ନ ଥିଲା। ବର୍ଷାଋତୁ ନିକଟବର୍ତ୍ତୀ ହୋଇଥିବାରୁ ଅନ୍ତେବାସୀଙ୍କ ସୁରକ୍ଷିତ ରହଣୀ ପାଇଁ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।




## କାଳବୈଶାଖୀରେ ଶରଧା ପ୍ରାଥମିକ ବିଦ୍ୟାଳୟ କ୍ଷତିଗ୍ରସ୍ତ

# ୬ ମାସ ପରେ ବି ହୋଇନି ମରାମତି

କରଞ୍ଜିଆ, ୨୫।୬(ସମିସ): ଗତ କାଳବୈଶାଖୀ ଝଡ଼ରେ କ୍ଷତିଗ୍ରସ୍ତ ହୋଇଥିବା କରଞ୍ଜିଆ ବ୍ଲକ ଅନ୍ତର୍ଗତ ଶରଧା ସରକାରୀ ପ୍ରାଥମିକ ବିଦ୍ୟାଳୟ ଆଜି ବି ଭଗ୍ନ ଅବସ୍ଥାରେ ପଡ଼ି ରହିଛି। ଘଟଣାକୁ ପ୍ରାୟ ଛଅ ମାସରୁ ଊର୍ଦ୍ଧ୍ୱ ବିତିଯାଇଥିଲେ ମଧ୍ୟ ବିଦ୍ୟାଳୟର କ୍ଷତିଗ୍ରସ୍ତ ଶ୍ରେଣୀ ଗୃହର ମରାମତି ପାଇଁ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବାରୁ ଅଭିଭାବକ ଓ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

### ■ ବିପଦସଙ୍କୁଳ ଘରେ ପଢୁଛନ୍ତି ଛାତ୍ରଛାତ୍ରୀ

ସୂଚନା ମୁତାବକ, କାଳବୈଶାଖୀରେ ବିଦ୍ୟାଳୟର ଶ୍ରେଣୀଗୃହ ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇଥିଲା। ଶ୍ରେଣୀ ଗୃହର ଛାତ ଓ କାନ୍ଥ ବିଭିନ୍ନ ସ୍ଥାନରେ ଫାଟି ଯାଇଥିବାବେଳେ କେତେକ ଅଂଶ ଭାଙ୍ଗିପଡ଼ିଛି। ଫଳରେ ଦିନକୁ ଦିନ ଅଧିକ ଜରାଜୀର୍ଣ୍ଣ ହେବାରେ ଲାଗିଛି। ତଥାପି ଏହି ଭଗ୍ନ ଶ୍ରେଣୀ ଗୃହରେ ହିଁ ଛାତ୍ରଛାତ୍ରୀ ନିୟମିତ ପାଠପଢ଼ା ଜାରି ରଖିଛନ୍ତି। ବର୍ଷା, ଶୀତ ଓ ପବନ ଭଳି ପ୍ରତିକୂଳ ପରିବେଶ ମଧ୍ୟରେ ପିଲାମାନେ ଭୟଭୀତ ଅବସ୍ଥାରେ ପାଠ ପଢୁଥିବାରୁ ଅଭିଭାବକଙ୍କ ଚିନ୍ତା ବଢ଼ିଯାଇଛି। ଯେକୌଣସି ସମୟରେ ଭଙ୍ଗା କାନ୍ଥ କିମ୍ବା ଛାତର ଅଂଶ ଖସିପଡ଼ି ଅଘଟଣ ଘଟିବାର ଆଶଙ୍କା ରହିଥିବାବେଳେ ପିଲାଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନ ଉଠିଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, ବିଦ୍ୟାଳୟର ଏଭଳି ଦୟନୀୟ ଅବସ୍ଥା ସମ୍ପର୍କରେ ବହୁବାର ସମ୍ପୃକ୍ତ ବିଭାଗ ଓ ପ୍ରଶାସନକୁ ଅବଗତ କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ସ୍ଥାୟୀ ସମାଧାନ ହୋଇନାହିଁ। ଫଳରେ ଛାତ୍ରଛାତ୍ରୀଙ୍କ ଶିକ୍ଷା ଓ ସୁରକ୍ଷା ଉଭୟ ପ୍ରଭାବିତ ହେଉଛି। ଏ ନେଇ ଅଭିଭାବକ ଓ ଅଞ୍ଚଳବାସୀ ପ୍ରଶାସନର ଦୃଷ୍ଟି ଆକର୍ଷଣ କରି ଯଥାଶୀଘ୍ର କ୍ଷତିଗ୍ରସ୍ତ ଶ୍ରେଣୀ ଗୃହର ମରାମତି କରିବା ସହ ବିଦ୍ୟାଳୟକୁ ସୁରକ୍ଷିତ ଓ ଉନ୍ନତ ଅବସ୍ଥାକୁ ଫେରାଇ ଆଣିବା ପାଇଁ ଦାବି କରିଛନ୍ତି। ଯଦି ଶୀଘ୍ର ପଦକ୍ଷେପ ଗ୍ରହଣ କରା ନ ଯାଏ, ତେବେ ଭବିଷ୍ୟତରେ କୌଣସି ଅଘଟଣ ଘଟିଲେ, ସେଥିପାଇଁ କିଏ ଦାୟୀ ରହିବ ବୋଲି ସାଧାରଣରେ ପ୍ରଶ୍ନ ଉଠିଛି।



■ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଘୋଷଣା

# ଶ୍ୟାମଳେନ୍ଦୁ ଓ ନମ୍ରତାଙ୍କୁ ମୋହନ ସୁନ୍ଦର ଦେବ ଗୋସ୍ୱାମୀ ପୁରସ୍କାର'

ଭୁବନେଶ୍ୱର,୨୫।୬(ସମିସ):୨୦୨୩ ଓ ୨୦୨୪ ବର୍ଷ ପାଇଁ ଘୋଷଣା ହୋଇଛି ୩୫ ଓ ୩୬ ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର। ଗୁରୁବାର ସଂସ୍କୃତି ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଭାଗୀୟ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ପୁରସ୍କାର ସମ୍ପର୍କରେ ସୂଚନା ଦେଇଛନ୍ତି।

ଚଳଚ୍ଚିତ୍ର ଜଗତରେ ଜୀବନବ୍ୟାପୀ ସାଧନା ନିମନ୍ତେ ୨୦୨୩ ମସିହା ପାଇଁ ବିଶିଷ୍ଟ ଅଭିନେତା ଶ୍ୟାମଳେନ୍ଦୁ ଭଟ୍ଟାଚାର୍ଯ୍ୟଙ୍କୁ 'ମୋହନ ସୁନ୍ଦର ଦେବଗୋସ୍ୱାମୀ' ପୁରସ୍କାର ପ୍ରଦାନ କରାଯିବ। ଏହାସହ 'ପୁଷ୍କରା' ଏବଂ 'ମାଇଁ ସ୍ୱିଟ୍ ହାଉସ୍ ୱାଇଫ୍' ଶ୍ରେଷ୍ଠ ଚଳଚ୍ଚିତ୍ର ଭାବେ ପୁରସ୍କୃତ କରାଯିବ। ଶ୍ରେଷ୍ଠ ଅଭିନେତା ଭାବେ 'ଧୋରେ ବାଇଆ ଧୋ' ପାଇଁ ହରିହର ମହାପାତ୍ର, ଶ୍ରେଷ୍ଠ ଅଭିନେତ୍ରୀ ସୁପ୍ରିୟା ନାୟକ(ପୁଷ୍କରା) ଓ ନୈନା ଦାସ (ମାଇଁ ସ୍ୱିଟ ହାଉସ ୱାଇଫ୍)ମନୋନୀତ ହୋଇଥିବା ବେଳେ ଶ୍ରେଷ୍ଠ ନିର୍ଦ୍ଦେଶକ ପିନାକୀ ସିଂ ମନୋନୀତ ହୋଇଛନ୍ତି। ଏହାସହିତ ଶ୍ରେଷ୍ଠ ପାଶ୍ୱର୍ ଅଭିନେତା 'ଫାଲଗୁନ ଚୈତ୍ର ପାଇଁ' ଚୌଧୁରୀ ଜୟପ୍ରକାଶ ଦାସ, 'ଡେଲିଭରି ବୟ' ପାଇଁ ଶ୍ରେଷ୍ଠ ପାଶ୍ୱର୍ ଅଭିନେତ୍ରୀ ସୂର୍ଯ୍ୟମୟୀ ମହାପାତ୍ର, ଶ୍ରେଷ୍ଠ ଖଳ ଅଭିନେତା ଚୌଧୁରୀ ବିକାଶ ଦାସ, ଶ୍ରେଷ୍ଠ ଖଳ ଅଭିନେତ୍ରୀ ପିଙ୍କି ପ୍ରଧାନ, ଶ୍ରେଷ୍ଠ ହାସ୍ୟ ଅଭିନେତା ସନ୍ତୋଷ କୁମାର କାଣ୍ଡି, ଶ୍ରେଷ୍ଠ ଶିଶୁ ଅଭିନେତ୍ରୀ ଆଲିଆ ନନ୍ଦ, ଶ୍ରେଷ୍ଠ କାହାଣୀକାର ପିନାକୀ ଶ୍ରୀଚନ୍ଦନ, ଶ୍ରେଷ୍ଠ ସଂଳାପ ଲେଖକ ଭରଦ୍ୱାଜ ପଣ୍ଡା, ଶ୍ରେଷ୍ଠ ସଙ୍ଗୀତ ନିର୍ଦ୍ଦେଶକ ଶରତ ନାୟକ, ଶ୍ରେଷ୍ଠ ଗୀତିକାର ଡ. ନିର୍ମଳ ନାୟକ, ଶ୍ରେଷ୍ଠ ପ୍ରଚ୍ଛଦପଟ୍ଟ ଗାୟକ ବିଷ୍ଣୁ ମୋହନ କବି, ଶ୍ରେଷ୍ଠ ପ୍ରଚ୍ଛଦପଟ୍ଟ ଗାୟିକା ଅନ୍ତରା ଚକ୍ରବର୍ତ୍ତୀଙ୍କ ସମେତ ବିଭିନ୍ନ ବିଭାଗରେ ବିଶିଷ୍ଟ ବ୍ୟକ୍ତିଙ୍କୁ ପୁରସ୍କୃତ କରାଯିବ। ୨୦୨୩ ବର୍ଷ ନିମନ୍ତେ ସମର୍ପିତା ଦାଶଙ୍କ 'ଏଇ ଆକାଶ ତଳେ'କୁ ସ୍ୱତନ୍ତ୍ର ଜୁରୀ ପୁରସ୍କାର ଘୋଷଣା କରାଯିବା ସହ ଶ୍ରେଷ୍ଠ ଓଡ଼ିଆ ସିନେମା ପୁସ୍ତକ ଅମିତାଭ ଖିଲାରଙ୍କ 'ମୋଲୋଗ୍ରାଫ୍'କୁ ଚୟନ କରାଯାଇଛି। ସେହିପରି ଶ୍ରେଷ୍ଠ ଶିଶୁ ଚଳଚ୍ଚିତ୍ର 'ଫୁଲ ଫୁଟି ମହକିଲା', ଶ୍ରେଷ୍ଠ ଶିକ୍ଷାଭିତ୍ତିକ ଚଳଚ୍ଚିତ୍ର 'ମାଇଁ ନ୍ୟାସନାଲ ଫ୍ଲାଗ୍', ଶ୍ରେଷ୍ଠ ପ୍ରାମାଣିକ ଚଳଚ୍ଚିତ୍ର 'ମୋ ବୋଉ ମୋ ଗାଁ'କୁ ପୁରସ୍କାର ପାଇଁ ଚୟନ କରାଯାଇଛି।

ସେହିପରି ୨୦୨୪ ବର୍ଷ ପାଇଁ ବିଶିଷ୍ଟ ଅଭିନେତ୍ରୀ ନମ୍ରତା ଦାସଙ୍କୁ 'ମୋହନ ସୁନ୍ଦର ଦେବ ଗୋସ୍ୱାମୀ'ପୁରସ୍କାର ପ୍ରଦାନ କରାଯିବ। ଶ୍ରେଷ୍ଠ ଚଳଚ୍ଚିତ୍ର ଭାବେ ତପନ କୁମାର ଦାସଙ୍କ 'ଆଶ୍ରମ' ସିନେମା ପୁରସ୍କାର ଗ୍ରହଣ କରିବ। ଏହାସହ ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ଅଶୋକ ପତି, ଶ୍ରେଷ୍ଠ ଅଭିନେତା ଭାବେ 'ବାବୁଶାନ୍ ଏବଂ ଅଭିନେତ୍ରୀ ଭାବେ ଦେବଯାନୀ ଦେଘୁରିଆ ପୁରସ୍କୃତ ହେବେ। ସେହିପରି ଶ୍ରେଷ୍ଠ ପାଶ୍ୱର୍ ଅଭିନେତା ଭାବେ ସୁକାନ୍ତ ରଥ(ତ୍ରିକନ୍ୟା), ପାଶ୍ୱର୍ ଅଭିନେତ୍ରୀ ଲିପ୍ସା ମିଶ୍ର (କେମିତି ଏ ସମ୍ପର୍କ), ଶ୍ରେଷ୍ଠ ଖଳ ଅଭିନେତା ହର ରଥ, ଖଳ ଅଭନେତ୍ରୀ ଉଷଶ୍ରୀ ମିଶ୍ର, ଶ୍ରେଷ୍ଠ ହାସ୍ୟ ଅଭିନେତା ଜୀବନ ପଣ୍ଡା, ଶିଶୁ ଅଭିନେତା ଲତାସା ଖୁରାନାଙ୍କ ନାମ ଘୋଷଣା ହୋଇଛି।

ଶ୍ରେଷ୍ଠ କାହାଣୀକାର ଭାବେ ଅଜୟ ମହାପାତ୍ର, ଶ୍ରେଷ୍ଠ ସଙ୍ଗୀତ ନିର୍ଦ୍ଦେଶକ ଦିବ୍ୟଜିତ ସାହୁ, ଶ୍ରେଷ୍ଠ ଗୀତିକାର ଦୁର୍ଗା ମାଧବ ପଣ୍ଡା, ଶ୍ରେଷ୍ଠ ପ୍ରଚ୍ଛଦପଟ୍ଟ ଗାୟକ ରୂପକ କୁମାର ପରିଡ଼ା, ଗାୟିକା ଅର୍ପିତା ଚୌଧୁରୀ, ଶ୍ରେଷ୍ଠ ଶିଶୁ ଚଳଚ୍ଚିତ୍ର 'ଅନୁଭବ', ଶ୍ରେଷ୍ଠ ପ୍ରାମାଣିକ ଚଳଚ୍ଚିତ୍ର 'ଦଣ୍ଡେ ରହେ-କାହାଣୀ କହେ-ବାହୁନା କନ୍ଦା', ଶ୍ରେଷ୍ଠ ଶିକ୍ଷାଭିତ୍ତିକ ଚଳଚ୍ଚିତ୍ର 'ସିନ୍ଦୁରା', ଶ୍ରେଷ୍ଠ ସିନେମା ପୁସ୍ତକ ଡ. ରଞ୍ଜନ କୁମାର ରଥଙ୍କ 'ଇଭୋଲ୍ୟୁସନ୍ ଅଫ୍ ଓଡ଼ିଆ ସିନେମା' ପୁରସ୍କାର ପାଇଁ ମନୋନୀତ ହୋଇଛି। ତେବେ ୨୦୨୪ ଜବର୍ଷ ପାଇଁ ସ୍ୱତନ୍ତ୍ର ଜୁରୀ ପୁରସ୍କାର 'ଆଭା' ଓ 'ଭଗିଆ ଭାରିଜା' ନାମ ଘୋଷଣା କରାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ବିଭାଗୀୟ ସଚିବ ବିଜୟ କେତନ ଉପାଧ୍ୟାୟ, ସ୍ୱତନ୍ତ୍ର ଶାସନସଚିବ ଦେବ ପ୍ରସାଦ ଦାସ, ସାହିତ୍ୟ ଏକାଡେମୀ ସଚିବ ଡ. ଚନ୍ଦ୍ର ଶେଖର ହୋତା, ଜୁରୀ କମିଟି ଅଧ୍ୟକ୍ଷ ପ୍ରଣବ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

■ 'ପୁଷ୍କରା', 'ଆଶ୍ରମ' ଓ 'ମାଇଁ ସ୍ୱିଟ୍ ହାଉସ୍ ୱାଇଫ୍' ଶ୍ରେଷ୍ଠ ଚଳଚ୍ଚିତ୍ର
■ ବାବୁଶାନ୍, ହରିହର, ନୈନା, ସୁପ୍ରିୟା ଶ୍ରେଷ୍ଠ ଅଭିନେତା-ଅଭିନେତ୍ରୀ




# ଏଲଇଡି ଷ୍ଟ୍ରିଟ୍ ଲାଇଟ୍ ଦୁର୍ନୀତି; ୩ ଗିରଫ

କଟକ,୨୫।୬(ସମିସ): କେନ୍ଦୁଝର, ନୟାଗଡ଼ ଏବଂ ଯାଜପୁର ଜିଲ୍ଲାରେ ଏଲ୍ଇଡି ଷ୍ଟ୍ରିଟ୍ ଲାଇଟ୍ ଲଗାଇବା କାର୍ଯ୍ୟରେ ପ୍ରାୟ ୩ କୋଟି ଟଙ୍କାର ସରକାରୀ ପାଣ୍ଠି ଆତ୍ମସାତ ଅଭିଯୋଗରେ ଭିଜିଲାନ୍ସ ଆଜି ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କୁ ସମ୍ପୃକ୍ତ ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ବାରିପଦା ପ୍ରଫୁଲ୍ଲ ନଗର କନଭେଣ୍ଟ ଏରିଆ ମେସର୍ସ ଟ୍ରାନ୍ସପାୱାରର ମାଲିକ ଗିରିଜା ଶଙ୍କର ଦାଶ, ଯାଜପୁର ଟାଉନ ଦେବୀଦ୍ୱାର ମେସର୍ସ ବିରଜା ଇଲେକ୍ଟ୍ରିକାଲ ଆଣ୍ଡ କନ୍ଷ୍ଟ୍ରକସନ ମାଲିକ ଧରଣୀଧର ସାହୁ ଓ ଖଣ୍ଡଗିରି ଜୟଦେବ ବାଟିକା ମେସର୍ସ ଯୋଗମାୟା ଟ୍ରେଡର୍ସ ମାଲିକ ବିଭୂତି ରଞ୍ଜନ ବିଶ୍ୱାଳ। ଭିଜିଲାନ୍ସ ସୂଚନା ଅନୁଯାୟୀ, ୨୦୨୧ରୁ ୨୦୨୩ ମଧ୍ୟରେ ପଞ୍ଚମ ରାଜ୍ୟ ଅର୍ଥ କମିସନଙ୍କ ପାଣ୍ଠିରୁ ମିଳିଥିବା ଅନୁଦାନରେ ଏହି ୩ଟି ଜିଲ୍ଲାରେ ଏଲ୍ଇଡି ଷ୍ଟ୍ରିଟ୍ ଲାଇଟ୍ ଲଗାଇବା ପାଇଁ ଚୁକ୍ତି ହୋଇଥିଲା। ଉପରୋକ୍ତ ସଂସ୍ଥାଗୁଡିକ ଏହି କାର୍ଯ୍ୟ କରିଥିଲେ। ଏହି ୩ଟି ଜିଲ୍ଲାରେ ପ୍ରାୟ ୧,୦୦୦ଟି କ୍ଲଷ୍ଟର (ପ୍ରତ୍ୟେକ କ୍ଲଷ୍ଟରରେ ୧୦ଟି ଲେଖାଏଁ )ଏଲଇଡି ଲାଇଟ୍ ଲଗାଇବା କାର୍ଯ୍ୟରେ ପ୍ରାୟ ୩ କୋଟି ଟଙ୍କା ହେରଫେର ଓ ସରକାରୀ ଅର୍ଥ ଆତ୍ମସାତ କରାଯାଇଥିବା ଅଭିଯୋଗ ହୋଇଥିଲା। ଏହି ଦୁର୍ନୀତି ମାମଲାରେ ଦୁର୍ନୀତି ନିବାରଣ ଆଇନ ଏବଂ ଆଇପିସିର ବିଭିନ୍ନ ଧାରାରେ ଭିଜିଲାନ୍ସ ୩ଟି ମାମଲା ରୁଜୁ କରିଛି। ପ୍ରତ୍ୟେକ କ୍ଲଷ୍ଟରରେ ହୋଇଥିବା କାର୍ଯ୍ୟ ଓ କମ୍ ଲାଇଟ୍ ଲଗାଯାଇଥିବା ସାମଗ୍ରୀର ପ୍ରମାଣ ସଂଗ୍ରହ ପାଇଁ ବିଶେଷଜ୍ଞଙ୍କ ଦ୍ୱାରା ବୈଷୟିକ ଯାଞ୍ଚ କରାଯାଉଛି। ଅର୍ଥ ମଞ୍ଜୁର ପ୍ରକ୍ରିୟାରେ କେଉଁ କେଉଁ ସରକାରୀ କର୍ମଚାରୀଙ୍କ ହାତ ରହିଛି, ତାହା ଜାଣିବା ପାଇଁ ସମ୍ପୃକ୍ତ ସମସ୍ତ ସରକାରୀ ନଥିପତ୍ର ଜବତ କରାଯାଇଛି। ଏହି ଘଟଣାରେ ଭିଜିଲାନ୍ସ ପକ୍ଷରୁ ଅଧିକ ଖୋଳତାଡ଼ ଜାରି ରହିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବିଜେଡିରେ ସୁଜାତା...

ବିଶେଷକରି ମହିଳାମାନଙ୍କ ବିକାଶ ତଥା ସେମାନଙ୍କୁ ସହଯୋଗ ପାଇଁ କାମ କରିବେ। ମୁଁ ତାଙ୍କୁ ପୁଣି ଥରେ ବିଜୁ ଜନତା ଦଳକୁ ସ୍ୱାଗତ କରୁଛି ।

ଆସନ୍ତା ୨୦୨୯ ସାଧାରଣ ନିର୍ବାଚନ ତାଙ୍କ ନେତୃତ୍ୱରେ ଦଳ ଲଢ଼ିବ ବୋଲି ନବୀନ ଦଳୀୟ ନେତା ଓ କର୍ମୀଙ୍କୁ ଏକ ସ୍ପଷ୍ଟ ବାର୍ତ୍ତା ଦେଇଛନ୍ତି । ସେ କହିଛନ୍ତି ଯେ ସମସ୍ତଙ୍କ ସୂଚନା ପାଇଁ ମୁଁ ଦୋହରାଇବାକୁ ଚାହୁଁଛି ଯେ ଆଗାମୀ ସାଧାରଣ ନିର୍ବାଚନରେ ମୁଁ ଦଳର ନେତୃତ୍ୱ ନେବି । ରାଜ୍ୟବାସୀଙ୍କ ଆଶୀର୍ବାଦରେ ଆମେ ଏକ ସମୃଦ୍ଧ ଓଡ଼ିଶା ଗଠନ ନିମନ୍ତେ କାର୍ଯ୍ୟ କରିବା ବୋଲି ନବୀନ ଏହି ଅବସରରେ କହିଛନ୍ତି । ଦଳରେ ଯୋଗଦାନ ପରେ ଦଳୀୟ ନେତା ଓ କର୍ମୀମାନେ ସୁଜାତାଙ୍କୁ ଉଚ୍ଛ୍ୱସିତ ସ୍ୱାଗତ କରିଛନ୍ତି। ଏହି ଅବସରରେ ଦଳର ସମସ୍ତ ସାଂସଦ, ବିଧାୟକ, ବରିଷ୍ଠ ନେତା ଓ ନେତ୍ରୀ ଉପସ୍ଥିତ ଥିଲେ।

### ଦଳ ପାଇଁ...

ଆମେ ରିପୋର୍ଟଟିକୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପାଖରେ ଉପସ୍ଥାପନ କରିଥିଲୁ। ସେହି ସମୟରେ ସାର୍ଙ୍କ ସହ ମୋର ପ୍ରଥମ ସାକ୍ଷାତ ହୋଇଥିଲା। ସେତେବେଳେ ସେ ବେଶ୍ ଗମ୍ଭୀରତାର ସହ ରିପୋର୍ଟକୁ ଅନୁଧ୍ୟାନ କରିଥିଲେ ଓ ଏ ସଂକ୍ରାନ୍ତରେ ଅନେକ ପ୍ରଶ୍ନ କରିଥିଲେ। ପରବର୍ତ୍ତୀ ସମୟରେ ଓଡ଼ିଶାର ବିପର୍ଯ୍ୟୟ ପରିଚାଳନା ମଡ଼େଲ ଜାତିସଂଘର ଦୃଷ୍ଟି ଆକର୍ଷଣ କଲା। ବିପର୍ଯ୍ୟୟ ପରିଚାଳନାରେ ସାରା ବିଶ୍ୱରେ ଓଡ଼ିଶା ମଡ଼େଲ ଗ୍ରହଣୀୟ ହେଲା, ଏଥିପାଇଁ ଜାତିସଂଘ ଓଡ଼ିଶାକୁ ସମ୍ମାନିତ କରିଥିଲା। ବିପର୍ଯ୍ୟୟ ସମୟରେ କିପରି ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ରକ୍ଷା କରାଯାଇପାରେ, ତାହା ଓଡ଼ିଶାଠାରୁ ଶିଖିବା ଆବଶ୍ୟକ ବୋଲି ନ୍ୟୁୟର୍କ ଟାଇମ୍ସରେ ଖବର ପ୍ରକାଶିତ ହୋଇଥିଲା।

ସେ ପୁଣି କହିଛନ୍ତି ଯେ ୨୦୦୫-୦୬ରେ ମୁଁ ସୁନ୍ଦରଗଡର ଜିଲ୍ଲାପାଳ ଥିବା ସମୟରେ ପିଲାମାନଙ୍କ ପୁଷ୍ଟି ସାଧନ ନିମନ୍ତେ ମଧ୍ୟାହ୍ନ ଭୋଜନରେ ଅଣ୍ଡା ପ୍ରଦାନ କରିବାକୁ ଆମେ ସେତେବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପ୍ରସ୍ତାବ ଦେଇଥିଲୁ। ସାର ସେତେବେଳେ ତୁରନ୍ତ ମଞ୍ଜୁରୀ ଦେଇଦେଇଥିଲେ ଆଉ ସୁନ୍ଦରଗଡ଼ ଜିଲ୍ଲା ବିଶ୍ରା ବ୍ଲକ୍ର ଗୋଟିଏ ସ୍କୁଲରେ ତାହାର ଉଦ୍ଘାଟନ କରିଥିଲେ। ସାର ସେତେବେଳେ ଆମକୁ କହିଥିଲେ କି ପିଲାମାନେ ହେଲେ ଓଡ଼ିଶାର ଭବିଷ୍ୟତ, ସବୁବେଳେ ତାଙ୍କୁ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି। ଛୋଟ ଛୋଟ ସ୍କୁଲ ପିଲାମାନେ, ତାଙ୍କର ଆଦର ଆଉ ସ୍ନେହ ମୁଁ ଦେଖିଥିଲି। ସାର୍ ସେମିତି 'ମମତା' ଯୋଜନା ଆରମ୍ଭ କରିଥିଲେ। ମହିଳା ଓ ଶିଶୁ ବିକାଶ ବିଭାଗରେ କାର୍ଯ୍ୟ କରିବା ସମୟରେ ଦିନେ ସାର୍ ଆମକୁ ଡ଼ାକିଲେ। ବାହାରେ କାର୍ଯ୍ୟ କରୁଥିବା ମହିଳାମାନଙ୍କର ମାତୃତ୍ୱ ଅବକାଶ କଥା ଉଲ୍ଲେଖ କରି ଗାଁରେ ରହିଥିବା ମହିଳାମାନଙ୍କ ପାଇଁ ଅନୁରୂପ ଯୋଜନା କିଛି ଅଛି କି ନାହିଁ ଆମକୁ ପ୍ରଶ୍ନ କରିଥିଲେ। ସଙ୍ଗେ ସଙ୍ଗେ ଆମେ ଏକ ଡ୍ରାଫ୍ଟ ପ୍ରସ୍ତୁତ କରି ତାଙ୍କ ନିକଟରେ ଉପସ୍ଥାପନ କଲୁ। ମାତୃତ୍ୱ ସୁରକ୍ଷା ପାଇଁ କିଛି ଏଲିଜିବିଲିଟି ଦରକାର ନାହିଁ, ଦୁଇଟି ପିଲାର କଟକଣା ଦରକାର ନାହିଁ ବୋଲି ଉଲ୍ଲେଖ କରି ତାହାକୁ ସାର୍ ଅନୁମୋଦନ କରିଥିଲେ। ଏଇଠୁ ହିଁ ଆରମ୍ଭ ହୋଇଥିଲା 'ମମତା' ଯୋଜନା । ଜାତୀୟସ୍ତରରେ ମାତୃତ୍ୱ ସୁରକ୍ଷା ଯୋଜନା ପ୍ରଣୟନ ସମୟରେ ଦିଲ୍ଲୀର ଅଧିକାରୀମାନେ ଓଡ଼ିଶା ଆସି ଏହାକୁ ଅନୁଧ୍ୟାନ କରିଥିଲେ ବୋଲି ସୁଜାତା କହିଛନ୍ତି ।

ସେ କହିଛନ୍ତି ଯେ ଓଡ଼ିଶାରେ ଶିଶୁ ମୃତ୍ୟୁହାର ଏବଂ ମାତୃ ମୃତ୍ୟୁହାର କମ ହେବା ପଛରେ ରହିଛି ନବୀନ ପଟ୍ଟନାୟକଙ୍କର ଅଭିନବ ଏବଂ ସମ୍ବେଦନଶୀଳ ଯୋଜନା। ସାର ନିଜ ବ୍ୟକ୍ତିତ୍ୱ ମାଧ୍ୟମରେ ଆମକୁ ବାରମ୍ବାର ଅନୁପ୍ରେରିତ କରିଛନ୍ତି। ମିଶନ ଶକ୍ତି ପରି ମହିଳା ସଶକ୍ତିକରଣ କାର୍ଯ୍ୟକ୍ରମ ପଛରେ ରହିଛି ନବୀନ ପଟ୍ଟନାୟକଙ୍କ ପ୍ରେରଣା। ଦଳର ଲକ୍ଷ ଲକ୍ଷ କର୍ମୀମାନଙ୍କ କାମ, ତ୍ୟାଗ, ବଳିଦାନ, ଦଳର ନେତୃବୃନ୍ଦଙ୍କର କଠିନ ପରିଶ୍ରମ ଓ ଦଳର ନେତା ନବୀନ ପଟ୍ଟନାୟକଙ୍କ ପାଇଁ ବିଜେଡି ଆଜି କୋଟିକୋଟି ଓଡ଼ିଶାବାସୀଙ୍କ ହୃଦୟରେ ସ୍ଥାନ ପାଇଛି। ମୁଁ ଆଜି ଏଇ ବିଶାଳ ପରିବାରରେ ମିଶିଲି ଏବଂ ସବୁବେଳେ ସମସ୍ତଙ୍କ ସାଙ୍ଗରେ ମିଶିକି କାମ କରିବା ପାଇଁ ଚେଷ୍ଟା କରିବି । ଗୋଟେ ସାଧାରଣ ମଧ୍ୟମ ବର୍ଗ ପରିବାରର, ଗୋଟେ ସାଧାରଣ ଝିଅଟି ଆଇଏଏସ ହବାର ସ୍ୱପ୍ନ ଦେଖିଥିଲା। ଶ୍ରୀ ଜଗନ୍ନାଥଙ୍କ କୃପାରୁ ଏଇ ସ୍ୱପ୍ନ ବି ସାକାର ହେଲା। ମତେ ସୁଯୋଗ ମିଳିଲା ମୋ ନିଜ ମାତୃଭୂମିରେ କାମ କରିବା ପାଇଁ। ଶ୍ରୀ ଜଗନ୍ନାଥ ମୋତେ ନବୀନ ପଟ୍ଟନାୟକଙ୍କ ଅଧିନରେ କାମ କରିବାକୁ ସୁଯୋଗ ଦେଇଥିଲେ ବୋଲି ଶ୍ରୀମତୀ ରାଉତ କହିଛନ୍ତି।

## ସରକାରଙ୍କ ଉପରେ ବର୍ଷିଲେ ପଞ୍ଚନ ଖେରା

# ଏୟାର ଫୋର୍ସ ବ୍ୟବହାର ଅପାରଗତାର ସାର୍ଟିଫିକେଟ

ଭୁବନେଶ୍ୱର,୨୫।୬(ସମିସ): ବିଜେପି ସରକାରରେ ବିଗତ ୧୦ ବର୍ଷରେ ୯୦ ଥର ପ୍ରଶ୍ନପତ୍ର ପ୍ରଘଟ ହୋଇଛି। ଏହାଦ୍ୱାରା ୭ କୋଟି ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧାରକୁ ଠେଲି ଦିଆଯାଇଛି। ପ୍ରଧାନମନ୍ତ୍ରୀ ପରୀକ୍ଷା ପେ ଚର୍ଚ୍ଚା କରୁଛନ୍ତି; ହେଲେ ପରୀକ୍ଷା କିଭଳି କରାଯାଏ ସରକାରଙ୍କୁ ଜଣାନାହିଁ ବୋଲି କହି କେନ୍ଦ୍ର ବିଜେପି ସରକାର ଉପରେ ବର୍ଷିଛନ୍ତି ରାଜ୍ୟସଭା ସାଂସଦ ତଥା ଏଆଇସିସି ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ପୱନ ଖେରା।

ଗୁରୁବାର ଓଡ଼ିଶା ଗସ୍ତରେ ଆସି ଭୁବନେଶ୍ୱରଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଖେରା ଓଡ଼ିଶଆରେ କଂଗ୍ରେସର 'ଛାତ୍ରୋଂକି ଗୁଞ୍ଜ' ଅଭିଯାନର ଶୁଭାରମ୍ଭ କରି କହିଛନ୍ତି, ବର୍ତ୍ତମାନ ନିଟ-ଲିକ-ରିପିଟ ଏକ ପରମ୍ପରା ହୋଇ ଗଲାଣି। ଯୁବପିଢ଼ିଙ୍କ ଭବିଷ୍ୟତ ଉପରେ ସମସ୍ତ ରାଜନୈତିକ ଦଳ ଏକଜୁଟ ହେବାର ଆବଶ୍ୟକତାଅଛି। କୋଟାରେ ଛାତ୍ରଙ୍କ ଆକ୍ରୋଶ ଦେଖିବାକୁ ମିଳିଲା। ସାରା ଦେଶରେ ଛାତ୍ର ସମାଜରେ ଗଭୀର ଆକ୍ରୋଶ ଦେଖାଯାଇଛି। ଯଦି ଠିକଣା ସମୟରେ ପଦକ୍ଷେପ ନିଆ ନ' ଯାଏ ତେବେ ଦେଶର ବହୁତ କ୍ଷତି ଘଟିବ ବୋଲି ଶ୍ରୀ ଖେରା ସରକାରଙ୍କୁ ଚେତାଇ ଦେଇଛନ୍ତି।

ଦେଶରେ ଆଜି ଏକାସଙ୍ଗେ ୨୮ଟି ସହରରେ ଏଆଇସିସି ପକ୍ଷରୁ ଏହି ଅଭିଯାନ ସମ୍ପରକରେ ସାମ୍ବାଦିକ ସମ୍ମିଳନୀ କରାଯାଉଥିବା ବେଳେ ସମସ୍ତ ବରିଷ୍ଠ ନେତାମାନେ ଏହା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଅପାରଗତାର ସାର୍ଟିଫିକେଟ ବୋଲି କହି ସେ ସରକାରଙ୍କୁ ସମାଲୋଚନା କରିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଛାତ୍ରୋଂ କି ଗୁଞ୍ଜ ଅଭିଯାନ ପୋଷ୍ଟର ଉନ୍ମୋଚିତ ହୋଇଥିଲା।

ଏହି ଅବସରରେ ପୂର୍ଣ୍ଣଚନ୍ଦ୍ର ପାଢ଼ୀ ଯୋଗଦେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି କରୁଛନ୍ତି। ସେ ଆହୁରି କହିଛନ୍ତି, ପୂରା ବିଶ୍ୱରେ ଛାତ୍ରଙ୍କ ପରୀକ୍ଷା ପାଇଁ ଏୟାର ଫୋର୍ସ ଓ ସେନାବାହିନୀର ବ୍ୟବହାର ଆପଣ କେବେ କେହି ଦେଖି ନ ଥିବେ। (କୋକୋ) କହିଥିଲେ, ଆଜିଠାରୁ ଦୀର୍ଘ ୪୦ ଦିନ ଧରି କଂଗ୍ରେସ ଭୁବନେଶ୍ୱରର ପ୍ରତ୍ୟେକ କୋଚିଂ ସେଣ୍ଟର, ଶିକ୍ଷାନୁଷ୍ଠାନ ଆଦିକୁ ଯାଇ ଛାତ୍ରଙ୍କ ଅସୁବିଧା ଓ ସମସ୍ୟା ଆଦି ବୁଝିବ ଓ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରିବ। ଏହି ଛାତ୍ରୋଂ କି ଗୁଞ୍ଜ କାର୍ଯ୍ୟକ୍ରମକୁ ପିସିସି ଗଣମାଧ୍ୟମ ଅଧ୍ୟକ୍ଷ ଅରବିନ୍ଦ ଦାସ ସଞ୍ଚାଳନ କରିଥିବାବେଳେ ପୂର୍ବତନ ବିଧାୟକ ତଥା ପିସିସି ଉପସଭାପତି ସନ୍ତୋଷ ସିଂ ସାଲୁଜା, ଦେବାଶିଷ ପଟ୍ଟନାୟକ, କୋକୋ ପାଢ଼ୀ, ସ୍ମୃତି ରଞ୍ଜନ ଲେଙ୍କା ଉପସ୍ଥିତ ଥିଲେ। ସୂଚନା ଥାଉ କି, ନିଟ୍ ପ୍ରଶ୍ନପତ୍ର ପ୍ରଘଟ, ସିବିଏସ୍ସି ମୂଲ୍ୟାୟନ ବିଭ୍ରାଟ ତଥା ବାରମ୍ବାର ବିଭିନ୍ନ ପରୀକ୍ଷାରେ ଅନିୟମିତତା, ପ୍ରଶ୍ନପତ୍ର ଲିକ୍ ପାଇଁ ଦେଶରେ ଛାତ୍ର ଆକ୍ରୋଶ ଦେଖାଯାଉଛି। ସେଇ ପରିପ୍ରେକ୍ଷୀରେ କଂଗ୍ରେସ ତଥା ବିପକ୍ଷ ନେତା ରାହୁଲ ଗାନ୍ଧୀଙ୍କ ଛାତ୍ରୋଂକି ଗୁଞ୍ଜ ଅଭିଯାନ ଆରମ୍ଭ ହୋଇ ଦେଶ ସାରା କଂଗ୍ରେସ ଛାତ୍ରଙ୍କ ପାଖକୁ ଯାଇ ସମସ୍ୟା ବୁଝୁଛି ବୋଲି ଦଳ ପକ୍ଷରୁ କୁହାଯାଇଛି।




**୧୦ ବର୍ଷରେ ୯୦ ଥର ପ୍ରଘଟ ହୋଇଛି ପ୍ରଶ୍ନପତ୍ର**
**କଂଗ୍ରେସର 'ଛାତ୍ରୋଂକି ଗୁଞ୍ଜ' ଅଭିଯାନ ଶୁଭାରମ୍ଭ**

■ ମହିଳା ପୁଲିସ ଏସଆଇଙ୍କୁ ଚାକିରିରୁ ବହିଷ୍କାର ପ୍ରସଂଗ

# ରାଜ୍ୟ ସରକାରଙ୍କ ଆବେଦନ ଖାରଜ

କଟକ,୨୫।୬(ସମିସ): ଜଣେ ମହିଳା ପୁଲିସ ସବ୍ଇନ୍ସପେକ୍ଟରଙ୍କୁ ଚାକିରିରୁ ବହିଷ୍କାର ପ୍ରସଂଗରେ ରୁଜୁ ମାମଲାର ଶୁଣାଣି କରି ଜଣିକିଆ ବିଚାରପତିଙ୍କ ଆଦେଶକୁ କାଏମ ରଖିଛନ୍ତି ହାଇକୋର୍ଟ। ଜଣିକିଆ ବିଚାରପତିଙ୍କ ଗତ ୨୦୨୫, ସେପ୍ଟେମ୍ବର ୨୫ର ରାୟକୁ ଚାଲେଞ୍ଜ କରି ରାଜ୍ୟ ସରକାର ଓ ପୁଲିସ ବିଭାଗ ପକ୍ଷରୁ ଦାୟର ରିଟ୍ ଅପିଲକୁ ମୁଖ୍ୟବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଖାରଜ କରି ଦେଇଛନ୍ତି। ପ୍ରକାଶଥାଉକି, ପ୍ରତିପକ୍ଷ ସାଗରିକା ପରିଡା ଗତ ୨୦୧୭ରେ ପୁଲିସ ଏସଆଇ ନିଯୁକ୍ତି ପାଇଥିଲେ। ଏରସମା ଥାନାରେ ତିନୋଟି ଫୌଜଦାରୀ ମାମଲା ଅତୀତରେ ପଞ୍ଜିକୃତ ହୋଇଥିବା ଅଭିଯୋଗ ହୋଇଥିଲା। ଏ ସଂକ୍ରାନ୍ତ ତଥ୍ୟ ଦାଖଲ କରି ନଥିବା ଅଭିଯୋଗରେ ତାଙ୍କୁ ୨୦୨୦ ନଭେମ୍ବର ୧୨ରେ କାର୍ଯ୍ୟରୁ ଅନ୍ତର କରାଯାଇଥିଲା। ଏପରି ନିର୍ଦ୍ଦେଶ ବିରୋଧରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଜଣିକିଆ ବିଚାରପତି ଗତ ୨୦୨୦, ନଭେମ୍ବର ୧୨ର ବହିଷ୍କାର ନିର୍ଦ୍ଦେଶକୁ ରଦ୍ଦ କରିବା ସହିତ ତାଙ୍କୁ ଚାକିରିରେ ପୁନଃଅବସ୍ଥାପିତ କରି ଆର୍ଥିକ ଓ ଚାକିରି ସଂପର୍କିତ ସୁବିଧା ପ୍ରଦାନ ପାଇଁ ୨୦୨୫, ସେପ୍ଟେମ୍ବର ୨୫ରେ ଆଦେଶ ଦେଇଥିଲେ। ଅନ୍ୟପକ୍ଷରେ ଏକ ତଦନ୍ତ ରିପୋର୍ଟରୁ ପ୍ରତିପକ୍ଷ ଫୌଜଦାରୀ ମାମଲା ସଂକ୍ରାନ୍ତରେ ଅବଗତ ନଥିବା ସ୍ପଷ୍ଟ ହୋଇଥିଲା।

# ଟାଇମ୍ସ ହାୟର ଏଜୁକେସନ ସଷ୍ଟେନେବିଲିଟି ଇମ୍ପାକ୍ଟ ରାଙ୍କିଙ୍ଗରେ କିସ୍ର ପ୍ରଭାବୀ ପ୍ରଦର୍ଶନ

ଭୁବନେଶ୍ୱର,୨୫।୬(ସମିସ):ଟାଇମ୍ସ ହାୟର ଏଜୁକେସନ୍ ସଷ୍ଟେନେବିଲିଟି ଇମ୍ପାକ୍ଟ ରାଙ୍କିଙ୍ଗ୍-୨୦୨୬ରେ ଭାରତର ସମସ୍ତ ସରକାରୀ ଏବଂ ଘରୋଇ ଶିକ୍ଷାନୁଷ୍ଠାନ ମଧ୍ୟରେ କିସ୍ ପ୍ରଭାବୀ ପ୍ରଦର୍ଶନ କରିଛି। କିସ୍ ବିଶ୍ୱବିଦ୍ୟାଳୟ ଚଳିତବର୍ଷ ପ୍ରଥମ ଥର ପାଇଁ ସଷ୍ଟେନେବିଲିଟି ଇମ୍ପାକ୍ଟ ରାଙ୍କିଙ୍ଗରେ ଅଂଶଗ୍ରହଣ କରି ୪୦୧–୬୦୦ ଗ୍ଲୋବାଲ୍ ବ୍ୟାଣ୍ଡରେ ସ୍ଥାନ ପାଇ ରାଜ୍ୟର ଗୌରବ ଆଣିଛି। ଏହା ସହ ଭାରତରେ ସାମଗ୍ରିକ ଭାବରେ ୭ମ ସ୍ଥାନ ହାସଲ କରିଛି। ପ୍ରଥମ ଥର ପାଇଁ ଏହି ପ୍ରତିଷ୍ଠିତ ଗ୍ଲୋବାଲ୍ ରାଙ୍କିଙ୍ଗରେ ଅଂଶଗ୍ରହଣ କରି କିସ୍ ଜାତିସଂଘ ସ୍ଥାୟୀ ବିକାଶ ଲକ୍ଷ୍ୟ (ଏସ୍ଡିଜି) ରେ ସ୍ୱୀକୃତି ପାଇଛି। ଏହି ତାଲିକାର ଗୁଣାତ୍ମକ ଶିକ୍ଷା ବର୍ଗରେ କିସ୍ ବିଶ୍ୱ ରାଙ୍କର ୯୦ ସ୍ଥାନରେ ରହିଥିବା ବେଳେ ଲିଙ୍ଗ ସମାନତାରେ ୬୦ ସ୍ଥାନ ହାସଲ କରିଛି। ସେହିପରି ଦାରିଦ୍ର୍ୟ ଦୂରୀକରଣରେ ୧୦୧–୨୦୦ ଗ୍ଲୋବାଲ୍ ବ୍ୟାଣ୍ଡରେ ସ୍ଥାନ ପାଇଥିବା ବେଳେ ଅସମାନତା ହ୍ରାସ ପାଇଁ ୪୦୧–୬୦୦ ବ୍ୟାଣ୍ଡରେ ମଧ୍ୟ ସ୍ଥାନ ପାଇଛି। ଜନଜାତି ଓ ଅବହେଳିତ ଛାତ୍ରଛାତ୍ରୀଙ୍କୁ ବିନାଦେୟରେ ସାମଗ୍ରିକ ଶିକ୍ଷା ପ୍ରଦାନ କରି ସ୍ଥାୟୀ ବିକାଶକୁ ପ୍ରୋତ୍ସାହିତ କରିବା ଦିଗରେ କିସ୍ର ଦୀର୍ଘକାଳୀନ ପ୍ରତିବଦ୍ଧତା ପାଇଁ ଏହି ରାଙ୍କିଙ୍ଗ ପ୍ରଦାନ କରାଯାଇଛି। ଏଥିରେ ସନ୍ତୋଷ ବ୍ୟକ୍ତ କରି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଛନ୍ତି କିସ୍ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ଇମ୍ପାକ୍ଟ ରାଙ୍କିଙ୍ଗରେ ଚମତ୍କାର ପ୍ରଦର୍ଶନ କରିଛି। ଏହି ମାନ୍ୟତା ଅନ୍ତର୍ଭୁକ୍ତି ଶିକ୍ଷା, ସାମାଜିକ ପରିବର୍ତ୍ତନ ଏବଂ ସ୍ଥାୟୀ ବିକାଶ ପ୍ରତି କିସ୍ ଅଟଳ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି ବୋଲି ଶ୍ରୀ ସାମନ୍ତ କହିଛନ୍ତି।



# ଜେଲ୍ ଡିଜିଙ୍କ ବିରୋଧରେ ସାଂସଦଙ୍କ ଏତଲା

ଭୁବନେଶ୍ୱର ୨୫।୬ (ସମିସ): ଚୌଦ୍ୱାର ସର୍କଲ ଜେଲ୍ ପାଚେରି ଡେଇଁ ଦୁଇ କଏଦୀ ଫେରାର ଘଟଣା ନୂଆ ମୋଡ଼ ନେଇଛି। ଜେଲର ବରିଷ୍ଠ ଅଧୀକ୍ଷକଙ୍କୁ ନେଇ ୯ ମାସ ହେବ ବିବାଦ ଲାଗିରହିଥିବାବେଳେ ଶାସକ ବିଜେପିର ଜଣେ ସାଂସଦ ସିଧାସଳଖ ଜେଲ୍ ଡିଜିଙ୍କ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି । ଚୌଦ୍ୱାର କଏଦୀ ଫେରାର ଘଟଣାରେ ଜେଲ ଡିଜି ଓ ତାଙ୍କ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀମାନେ ସମ୍ପୃକ୍ତ ଥିବା ସାଂଘାତିକ ଅଭିଯୋଗ ଆଣି ଥାନାରେ ଏତଲା ଦେଇଛନ୍ତି। ଯାହାକୁ ନେଇ ରାଜ୍ୟ ରାଜନୀତି ସରଗରମ ହୋଇଉଠିଛି । ଯେଉଁ ସମୟରେ ବିରୋଧୀ ରାଜ୍ୟର ଆଇନଶୃଙ୍ଖଳା ପ୍ରସଙ୍ଗରେ ସରକାରଙ୍କୁ ଘେରିବା ସହ ଜେଲରେ ଚାଲିଥିବା ଅବ୍ୟବସ୍ଥା ଓ ଅରାଜକତାକୁ ନେଇ ପ୍ରଶ୍ନ ଉଠାଉଛନ୍ତି; ସେହି ସମୟରେ ଶାସକ ଦଳର ସାଂସଦ ସୁଜିତ୍ କୁମାର ଜେଲ ଡିଜି ଓ ଚୌଦ୍ୱାର ଥାନାର ବରିଷ୍ଠ ଅଧୀକ୍ଷକଙ୍କ ବିରୋଧରେ ଆଣିଥିବା ସାଂଘାତିକ ଅଭିଯୋଗ ସରକାରଙ୍କୁ ବି ଅକଳରେ ପକାଇଛି। ଚୌଦ୍ୱାର ଜେଲରୁ କଏଦୀ ଫେରାର ହେବାଠାରୁ ଆରମ୍ଭ କରି ଦସ୍ତଖତ ଜାଲିଆତି ଓ ସରକାରୀ ରେକର୍ଡ ହେରଫେରରେ ଜେଲ୍ ଡିଜି ଓ ବରିଷ୍ଠ ଅଧୀକ୍ଷକ ସଂପୃକ୍ତି ଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି।

ଅଭିଯୋଗ ଅନୁସାରେ ଗତବର୍ଷ ଅକ୍ଟୋବର ମାସ ୨/୩ ତାରିଖ ରାତିରେ ଦୁଇ ଦୁର୍ଦ୍ଦାନ୍ତ ଅପରାଧୀ ମଧୁକାନ୍ତ ରଣା ଓ ରାଜା ସାହାଣୀ ଚୌଦ୍ୱାର ଜେଲ୍ ପାଚେରି ଡେଇଁ ଫେରାର ହୋଇ ଯାଇଥିଲେ। ଏହାକୁ ନେଇ ଜେଲ୍ କର୍ତ୍ତୃପକ୍ଷଙ୍କ ଅଭିଯୋଗ କ୍ରମେ ପକ୍ଷରୁ ଚୌଦ୍ୱାର ଥାନାରେ ମାମଲା ରୁଜୁ ହୋଇଛି। କିନ୍ତୁ ଜେଲ ଡିଜି ଓ ତାଙ୍କ କାର୍ଯ୍ୟାଳୟର କିଛି ବରିଷ୍ଠ ଅଧିକାରୀମାନେ ଦୁର୍ଦ୍ଦାନ୍ତ ଅପରାଧୀଙ୍କୁ ଫେରାର କରାଇବାରେ ସଂପୃକ୍ତ ଅଛନ୍ତି। ଏହାର ନିରପେକ୍ଷ ତଦନ୍ତ କରାଗଲେ ପ୍ରକୃତ ସତ୍ୟ ପଦାକୁ ଆସିବ। କଏଦୀ ଫେରାର ହେବା ପଛରେ ଦାୟୀ ଅଧିକାରୀଙ୍କୁ ସୁରକ୍ଷା ଦେବାପାଇଁ ଦସ୍ତଖତ ଜାଲିଆତି, ସରକାରୀ କାଗଜପତ୍ର ହେରଫେର, ସରକାରୀ ରେକର୍ଡ ସହିତ ହେରଫେର ଓ ସରକାରୀ ପଦବୀର ଅପବ୍ୟବହାର କରାଯାଇଛି। କଏଦୀ ଫେରାର ନେଇ ପୂର୍ବରୁ ମାମଲା ରୁଜୁ ହୋଇଥିଲା। କିନ୍ତୁ ଘଟଣାରେ ଜେଲ୍ ବିଭାଗର ବରିଷ୍ଠ ଅଧିକାରୀମାନେ ସଂପୃକ୍ତ ଥିବାର ଉଲ୍ଲେଖ ନଥିଲା। ତେଣୁ ବର୍ତ୍ତମାନର ଅଭିଯୋଗ ଆଧାରରେ ଆଉ ଏକ ମାମଲା ରୁଜୁ କରିବାକୁ ସାଂସଦ ସୁଜିତ ଉଲ୍ଲେଖ କରିଛନ୍ତି। ହାଇକୋର୍ଟଙ୍କ ନିର୍ଦ୍ଦେଶନାମା, ବିଭାଗୀୟ ଅଧିକାରୀଙ୍କ ମଧ୍ୟରେ ଦିଆ ନିଆ ହୋଇଥିବା ତଥ୍ୟ ଓ ଅନ୍ୟାନ୍ୟ ସୂତ୍ର କହୁଛି ଯେ, ଚୌଦ୍ୱାର ଜେଲର ବରିଷ୍ଠ ଅଧୀକ୍ଷକ ଦୁଇ କଏଦୀଙ୍କୁ ଫେରାର ଘଟଣାରେ ସଂପୃକ୍ତ ଅଛନ୍ତି। ଏହା ସହିତ ଅପରାଧିକ ଷଡ଼ଯନ୍ତ୍ର କରି ତଥ୍ୟ ଚାପିବା ସହ ଦସ୍ତଖତ ଜାଲିଆତି କରି ନିରପେକ୍ଷ ତଦନ୍ତରେ ବାଧା ସୃଷ୍ଟି କରିଛନ୍ତି। ସେପଟେ ଜେଲ୍ ଡିଜି ସୁଶାନ୍ତ ନାଥ ବରିଷ୍ଠ ଅଧୀକ୍ଷକ ଶ୍ରୀ ରାଉଳଙ୍କ ପ୍ରଚ୍ଛଦପଟରେ ରହି ତାଙ୍କୁ ବିଭିନ୍ନ ହେରଫେର କରିବାକୁ ସୁଯୋଗ ଦେଇଛନ୍ତି। ତେଣୁ ବରିଷ୍ଠ ଅଧୀକ୍ଷକ ଶ୍ରୀ ରାଉଳ ଓ ଜେଲ୍ ଡିଜି ଶ୍ରୀ ନାଥଙ୍କ ନାମରେ ଆବଶ୍ୟକୀୟ ବିଏନ୍ଏସ୍ ଦଫା ଲଗାଇ ମାମଲା ରୁଜୁ କରଯାଉ ବୋଲି ସେ କହିଛନ୍ତି ।

ନିକଟରେ ଉପବାଚସ୍ପତିଙ୍କ ଦସ୍ତଖତ ଜାଲିଆତି କରିଥିବା ଅଭିଯୋଗ ଆସିବା ପରେ କ୍ୟାପିଟାଲ ଥାନା ପୁଲିସ ମାମଲା ରୁଜୁ କରିଥିଲା। କେବଳ ଲିଖିତ ଏତଲା ଆଧାରରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଲକ୍ଷ୍ମଣ ହେମ୍ବ୍ରମଙ୍କୁ ଗିରଫ କରିଥିଲା। ଅନୁରୂପ ଭାବେ ଜେଲରୁ କଏଦୀ ଫେରାର ହେବାଠାରୁ ଆରମ୍ଭ କରି କାଗଜପତ୍ର ହେରଫେର ଓ ଦସ୍ତଖତ ଜାଲିଆତିର ପ୍ରାଥମିକ ପ୍ରମାଣ ରହିଥିବାରୁ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ସେ ଦାବି କରିଛନ୍ତି।

■ କଏଦୀ ଫେରାରରେ ଜେଲ ଡିଜିଙ୍କ ଭୂମିକା ସନ୍ଦେହରେ
■ ଜେଲ ଅଧିକାରୀଙ୍କୁ ଘଣ୍ଟ ଘୋଡ଼ାକୁ ନେଇ ଉଠାଇଲେ ପ୍ରଶ୍ନ

# ପୁରୀରେ ନିର୍ମାଣ ହେବ ୧୦୦୦ ଆସନ ବିଶିଷ୍ଟ ଅତ୍ୟାଧୁନିକ ସମ୍ମିଳନୀ କେନ୍ଦ୍ର

ଭୁବନେଶ୍ୱର,୨୫।୬(ସମିସ):ପବିତ୍ର ଶ୍ରୀକ୍ଷେତ୍ର ପୁରୀର ଭିତ୍ତିଭୂମି ବିକାଶ କ୍ଷେତ୍ରରେ ଏକ ବଡ଼ ଘୋଷଣା କରିଛନ୍ତି ରାଜ୍ୟ ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣ ଚନ୍ଦ୍ର ମହାପାତ୍ର। ପୁରୀକୁ ସମ୍ମିଳନୀ, ସାଂସ୍କୃତିକ କାର୍ଯ୍ୟକ୍ରମ, ପ୍ରଦର୍ଶନୀ ଏବଂ ବୃହତ ଜନସମାବେଶ ପାଇଁ ଏକ ପ୍ରମୁଖ ସ୍ଥଳ ଭାବେ ଗଢ଼ିତୋଳିବା ଲକ୍ଷ୍ୟରେ ସେଠାରେ ୧୦୦୦ ଆସନ ବିଶିଷ୍ଟ ଏକ ଅତ୍ୟାଧୁନିକ ବହୁମୁଖୀ ସମ୍ମିଳନୀ କେନ୍ଦ୍ର ନିର୍ମାଣ କରାଯିବ। ବିଭାଗ ପକ୍ଷରୁ 'ବିକଶିତ ଓଡ଼ିଶା ପାଇଁ ଜନ ଭାଗିଦାରୀ: ସଶକ୍ତ ନାଗରିକ-ସମାବେଶୀ ସହର-ସ୍ଥାୟୀ ସହରାଞ୍ଚଳ ଭବିଷ୍ୟତ' ଆଭିମୁଖ୍ୟରେ ଆୟୋଜିତ ରାଜ୍ୟସ୍ତରୀୟ ସହରାଞ୍ଚଳ ଜନସମ୍ପର୍କ କାର୍ଯ୍ୟକ୍ରମ ଅବସରରେ ମନ୍ତ୍ରୀ ଏହି ଘୋଷଣା କରିଛନ୍ତି। ଏହି କେନ୍ଦ୍ରରେ ଜାତୀୟ ଓ ଅନ୍ତର୍ଜାତୀୟ ସମ୍ମିଳନୀ, ଶିକ୍ଷାଗତ ତଥା ବୃତ୍ତିଗତ ଆଲୋଚନାଚକ୍ର, ସାଂସ୍କୃତିକ ମହୋତ୍ସବ, ସରକାରୀ କାର୍ଯ୍ୟକ୍ରମ ଏବଂ ସାମାଜିକ ସମାବେଶ ଆଦି ଆୟୋଜନ ସହ ପୁରୀରେ ଏକ ବୃହତ ଓ ଆଧୁନିକ ପ୍ରେକ୍ଷାଳୟର ବହୁ ପ୍ରତୀକ୍ଷିତ ଆବଶ୍ୟକତା ପୂରଣ ହେବ। ଏହି ପ୍ରକଳ୍ପର ଶୀଘ୍ର ରୂପାୟନ ପାଇଁ ଆବଶ୍ୟକ ପ୍ରଶାସନିକ ପ୍ରକ୍ରିୟା ଏବଂ ପ୍ରାଥମିକ ପ୍ରସ୍ତୁତି କାର୍ଯ୍ୟକୁ ପ୍ରାଥମିକତା ଭିତ୍ତିରେ ଆରମ୍ଭ କରିବାକୁ ମନ୍ତ୍ରୀ, ପୁରୀ ମହାନଗର ନିଗମର କମିଶନରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଓଡ଼ିଶାର ବିଭିନ୍ନ ପୌରସଂସ୍ଥା ଗୁଡ଼ିକରେ ପର୍ଯ୍ୟାୟକ୍ରମେ ଏଭଳି ବହୁମୁଖୀ ଭିତ୍ତିଭୂମି ସୃଷ୍ଟି କରିବା ପାଇଁ ରାଜ୍ୟ ସରକାର ଏକ ବ୍ୟାପକ ରୋଡମ୍ୟାପ୍ ପ୍ରସ୍ତୁତ କରୁଥିବା ମନ୍ତ୍ରୀ ସୂଚନା ଦେବା ସହ ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ପରେ ଏକ ପ୍ରମୁଖ ଜନ କଲ୍ୟାଣକାରୀ ଭିତ୍ତିଭୂମି ଭାବେ ଉଭା ହେବ, ଯାହା ପୁରୀର ସାଂସ୍କୃତିକ, ଆଧ୍ୟାତ୍ମିକ ଏବଂ ପର୍ଯ୍ୟଟନ ଗୌରବକୁ ଆହୁରି ବଢ଼ାଇବ ବୋଲି ମନ୍ତ୍ରୀ ଡ. ମହାପାତ୍ର କହିଛନ୍ତି।

**ପୌରସଂସ୍ଥା ଗୁଡ଼ିକରେ ପର୍ଯ୍ୟାୟକ୍ରମେ ଏଭଳି ବହୁମୁଖୀ ଭିତ୍ତିଭୂମି ପାଇଁ ରୋଡମ୍ୟାପ୍ ପ୍ରସ୍ତୁତ**



ଭୟଙ୍କର ଭୂକମ୍ପରେ ଦୋହଲିଗଲା ଭେନେଜୁଏଲା

# ଧ୍ୱଂସସ୍ତୂପ ତଳେ ଲକ୍ଷାଧିକ ଲୋକ

କାରାକାସ, ୨୫।୬ (ଏଜେନ୍ସି): ଲାଟିନ୍ ଆମେରିକୀୟ ଦେଶ ଭେନେଜୁଏଲାରେ ପ୍ରକୃତିର ତାଣ୍ଡବ। ଗତ ଏକ ଶତାବ୍ଦୀ ମଧ୍ୟରେ ଦେଶରେ ସବୁଠାରୁ ଶକ୍ତିଶାଳୀ ତଥା ଭୟାବହ ଦୁଇଟି ଭୂକମ୍ପ ଝଟକା ସମଗ୍ର ଅଞ୍ଚଳକୁ ଛାରଖାର କରିଦେଇଛି। ମାତ୍ର ୩୯ ସେକେଣ୍ଡ ବ୍ୟବଧାନରେ ଆସିଥିବା ଦୁଇଟି ଶକ୍ତିଶାଳୀ ଭୂକମ୍ପରେ ବର୍ତ୍ତମାନ ସୁଦ୍ଧା ୧୬୪ ଜଣ ପ୍ରାଣ ହରାଇଥିବା ବେଳେ ଏକ ହଜାରରୁ ଅଧିକ ଆହତ ହୋଇଛନ୍ତି। ତେବେ ଅନେକ ଅଞ୍ଚଳରେ ବହୁତଳ ପ୍ରାସାଦ ଗୁଡ଼ିକ ମାଟିରେ ମିଶିଯାଇଥିବା ବେଳେ ହଜାର ହଜାର ଲୋକ ପ୍ରାଣ ହରାଇଥିବା ଆଶଙ୍କା କରାଯାଉଛି। ଚାରିଆଡ଼େ କେବଳ ଧ୍ୱଂସାବଶେଷ, କାନ୍ଦ ବୋବାଳି ଏବଂ ଚିତ୍କାର ଶୁଣିବାକୁ ମିଳୁଛି। ଉଦ୍ଧାର କାର୍ଯ୍ୟ ଚାଲିଥିବାରୁ ଚୂଡ଼ାନ୍ତ ମୃତ୍ୟୁସଂଖ୍ୟା ଦଶ ହଜାରରୁ ଅଧିକ ହୋଇପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି।

**୧୬୪ ମୃତଦେହ ଉଦ୍ଧାର, ୧ ହଜାରରୁ ଅଧିକ ଆହତ ହସ୍ପିଟାଲ୍‌ରେ ଭର୍ତ୍ତି**



ସ୍ଥାନୀୟ ସମୟ ଅନୁସାରେ ସନ୍ଧ୍ୟା ଛଅଟା ପରେ ହଠାତ ଏହି ଦୁଇଟି ଭୂକମ୍ପ ହୋଇଥିଲା। ଏହି ଦୁଇଟି ଭୂକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ଯଥାକ୍ରମେ ୭.୨ ଏବଂ ୭.୫ ରେକର୍ଡ କରାଯାଇଛି। ଭୂକମ୍ପର କେନ୍ଦ୍ରସ୍ଥଳ ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳ ହୋଇଥିବାରୁ କାରିବିଆନ୍ ସାଗର ଆଖପାଖ ଅଞ୍ଚଳରେ ସୁନାମି ସତର୍କତା ଜାରି କରାଯାଇଛି। ମୁଖ୍ୟ ଭୂକମ୍ପ ପରେ ଦେଶରେ ପ୍ରାୟ କୋଡ଼ିଏରୁ ଅଧିକ ଅନୁକମ୍ପନ ବା ପରବର୍ତ୍ତୀ ଝଟକା ଅନୁଭୂତ ହୋଇଛି, ଯାହାର ତୀବ୍ରତା ୪.୯ ରୁ ୬.୪ ମଧ୍ୟରେ ଥିଲା। ଫଳାରେ ଉଦ୍ଧାର କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି। ଭୂକମ୍ପର ସବୁଠାରୁ ଭୟଙ୍କର ପ୍ରଭାବ ଭେନେଜୁଏଲାର ରାଜଧାନୀ କାରାକାସ ଏବଂ ଉପକୂଳବର୍ତ୍ତୀ ଲା ଗୁଆଇରା ରାଜ୍ୟରେ ଦେଖିବାକୁ ମିଳିଛି। ଭୂକମ୍ପ ପରେ ପୂରା ରାଜଧାନୀ ସହର ଧୂଳିର ଆସ୍ତରଣରେ ଘୋଡ଼େଇ ହୋଇଯାଇଥିଲା। ବଡ଼ ବଡ଼ ଅଟ୍ଟାଳିକା ତାସ ପତ୍ର ପରି ଖସିପଡ଼ିଥିଲା। ରାସ୍ତାଘାଟ ଏବଂ ଜାତୀୟ ରାଜପଥରେ ବଡ଼ ବଡ଼ ଫାଟ ସୃଷ୍ଟି ହୋଇଛି। ସହରର ସବୁଠାରୁ ପ୍ରତିଷ୍ଠିତ ଆଲ୍ଟାମିରା ଅଞ୍ଚଳରେ ଅନେକ ଆବାସିକ ଗୃହ ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ସେଠାରେ ସ୍ଥାନୀୟ ବାସିନ୍ଦା, ସ୍ୱେଚ୍ଛାସେବୀ ଏବଂ ଉଦ୍ଧାରକାରୀ ଦଳ ନିଜ ପ୍ରିୟଜନଙ୍କୁ ଖୋଜିବା ପାଇଁ ପଥର ଏବଂ କଂକ୍ରିଟ୍ ଚାଦରକୁ ହଟାଇବାରେ ଲାଗିଛନ୍ତି। ଅନ୍ଧାର ରାତିରେ ମଧ୍ୟ ବଡ଼ ବଡ଼ ମେସିନ୍ ସାହାଯ୍ୟରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି।

ଉପକୂଳବର୍ତ୍ତୀ ବନ୍ଦର ସହର ଲା ଗୁଆଇରାରେ ବ୍ୟାପକ କ୍ଷତିଘଟିଛି। ଏହି ସହରରେ ଥିବା ଦେଶର ମୁଖ୍ୟ ଆନ୍ତର୍ଜାତୀୟ ବିମାନବନ୍ଦରର ଅଟ୍ଟାଳିକା ଭାଙ୍ଗିଯାଇଥିବାରୁ ଏହାକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିଦିଆଯାଇଛି। ସମୁଦ୍ର କୂଳରେ ଥିବା ଅନେକ ହୋଟେଲ ଏବଂ ବ୍ୟବସାୟିକ ପ୍ରତିଷ୍ଠାନ ସମ୍ପୂର୍ଣ୍ଣ ମାଟିରେ ମିଶିଯାଇଥିବା ଜଣାପଡ଼ିଛି। ଏହି ମହାବିପତ୍ତିକୁ ଦୃଷ୍ଟିରେ ରଖି ଭେନେଜୁଏଲାର ମଧ୍ୟବର୍ତ୍ତୀକାଳୀନ ରାଷ୍ଟ୍ରପତି ଡେଲସି ରୋଡ୍ରିଗେଜ୍ ସମଗ୍ର ଦେଶରେ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିଛନ୍ତି। ବିଦ୍ୟୁତ ସେବା ଏବଂ ଯୋଗାଯୋଗ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଥିବାରୁ ପ୍ରକୃତ କ୍ଷତିର ଆକଳନ କରିବା କଷ୍ଟକର ହେଉଛି।

## ଭୂକମ୍ପ ପୂର୍ବରୁ ମୋବାଇଲ୍‌ରେ ସତର୍କ କରିଥିଲା ଗୁଗଲ୍

ନୂଆଦିଲ୍ଲୀ, ୨୫।୬(ଏଜେନ୍ସି): ଭେନେଜୁଏଲାରେ ଆସିଥିବା ସ୍ମରଣୀୟ ଭୟଙ୍କର ଭୂକମ୍ପ ସମୟରେ ଅନେକ ଆଣ୍ଡ୍ରଏଡ୍ ମୋବାଇଲ୍ ବ୍ୟବହାରକାରୀଙ୍କୁ ଭୂପୃଷ୍ଠ ଥରିବା ପୂର୍ବରୁ ହିଁ ଗୁଗଲ୍ ପକ୍ଷରୁ ସତର୍କ ସୂଚନା ମିଳିଥିଲା। ସ୍ମାର୍ଟଫୋନରେ ଥିବା ବିଶେଷ ପ୍ରଯୁକ୍ତିବିଦ୍ୟା ଯୋଗୁଁ ଏହି ଗୋଟିଏ ସେକେଣ୍ଡର ପୂର୍ବ ସୂଚନା ଲୋକଙ୍କ ଜୀବନ ରକ୍ଷା କରିବାରେ ସହାୟକ ହୋଇଛି। ପ୍ରତ୍ୟେକ ଆଧୁନିକ ସ୍ମାର୍ଟଫୋନରେ କମ୍ପନ ମାପିବା ପାଇଁ ଏକ ବିଶେଷ ସେନ୍ସର ବା ଗତିବେଗ ମାପକ ଯନ୍ତ୍ର ଥାଏ। ଭୂକମ୍ପର ପ୍ରାଥମିକ ତଥା ଦୁର୍ବଳ ତରଙ୍ଗକୁ ଏହି ସେନ୍ସର ତୁରନ୍ତ ଚିହ୍ନଟ କରି ଗୁଗଲ୍‌ର ମୁଖ୍ୟ ସର୍ଭରକୁ ଆଲୋକର ବେଗରେ ବାର୍ତ୍ତା ପଠାଇଥାଏ। ଏକ ନିର୍ଦ୍ଦିଷ୍ଟ ଅଞ୍ଚଳର ଅନେକ ମୋବାଇଲରୁ ସମାନ ସଙ୍କେତ ମିଳିବା ମାତ୍ରେ ଗୁଗଲ୍ ଭୂକମ୍ପ ଆସୁଥିବା ନିଶ୍ଚିତ କରେ। ଭୂକମ୍ପର ବିନାଶକାରୀ ଦ୍ୱିତୀୟ ଶକ୍ତିଶାଳୀ ତରଙ୍ଗ ଲୋକଙ୍କ ପାଖରେ ପହଞ୍ଚିବା ପୂର୍ବରୁ ହିଁ ଗୁଗଲ୍ ଆଲୋକର ଗତି ସହ ପ୍ରତିଯୋଗିତା କରି ମୋବାଇଲ୍‌କୁ ସତର୍କ ବାର୍ତ୍ତା ପଠାଇବାରେ ସଫଳ ହୋଇଥାଏ। ବିଶ୍ୱର ପ୍ରାୟ ୨ ଶହ କୋଟିରୁ ଅଧିକ ଆଣ୍ଡ୍ରଏଡ୍ ମୋବାଇଲ୍ ଏହି ନେଟ୍‌ୱର୍କ ସହ ଜଡ଼ିତ ଥିବାରୁ ଏହା ପୃଥିବୀର ସବୁଠାରୁ ବଡ଼ ଭୂକମ୍ପ ଚିହ୍ନଟକାରୀ ବ୍ୟବସ୍ଥା ପାଲଟିଛି। ମୋବାଇଲରେ ଇଣ୍ଟରନେଟ୍ ସଂଯୋଗ ଥିଲେ ଏହି ସେବା ମାଧ୍ୟମରେ ସାଧାରଣ ଜନତା କମ୍ପନର ତୀବ୍ରତା ଅନୁସାରେ ସତର୍କ ସୂଚନା ପାଇ ନିଜକୁ ସୁରକ୍ଷିତ ସ୍ଥାନକୁ ନେଇପାରିବେ। ଭେନେଜୁଏଲାରେ ଆସିଥିବା ଏକ ଶତାବ୍ଦୀର ସବୁଠାରୁ ଭୟଙ୍କର ଭୂକମ୍ପ ପଛର ବୈଜ୍ଞାନିକ କାରଣ ସାମ୍ନାକୁ ଆସିଛି। ମାତ୍ର ୩୯ ସେକେଣ୍ଡ ବ୍ୟବଧାନରେ ଆସିଥିବା ୭.୧ ଏବଂ ୭.୫ ତୀବ୍ରତାର ଏହି ଦୁଇଟି କ୍ରମାଗତ ଭୂକମ୍ପକୁ ଭୂବିଜ୍ଞାନୀମାନେ ଏକ ବିରଳ ଦ୍ୱୈତ ଭୂକମ୍ପ 'ଆର୍ଥକ୍ୱେକ୍ ଡବଲେଟ୍' ଭାବେ ଅଭିହିତ କରିଛନ୍ତି। ସାଧାରଣତଃ ଏକ ବଡ଼ ଭୂକମ୍ପ ପରେ ଛୋଟ ଛୋଟ ମୃଦୁ ଝଟକା ଆସିଥାଏ, ମାତ୍ର ଏହି ବିରଳ ସ୍ଥିତିରେ ଦୁଇଟିଯାକ ଭୂକମ୍ପ ସମାନ ଭାବେ ଶକ୍ତିଶାଳୀ ଥିଲେ।

## କେନ୍ଦ୍ର ମନ୍ତ୍ରିମଣ୍ଡଳ ଅଦଳବଦଳ ଚର୍ଚ୍ଚା: ରାଷ୍ଟ୍ରପତିଙ୍କୁ ଅମିତ ଶାହ ବି ଭେଟିଲେ

ନୂଆଦିଲ୍ଲୀ, ୨୫।୬(ଏଜେନ୍ସି): କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଗୁରୁବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମନ୍ତ୍ରୀପରିଷଦ ଏବଂ ଭାରତୀୟ ଜନତା ପାର୍ଟି (ବିଜେପି) ସଂଗଠନରେ ଏକ ବଡ଼ ଧରଣର ଅଦଳବଦଳ ନେଇ ଚର୍ଚ୍ଚା ଜୋର୍ ଧରିଛି। ସଂସଦର ମୌସୁମୀ ଅଧିବେଶନ ପୂର୍ବରୁ ଏହି ପ୍ରକ୍ରିୟା ଶେଷ ହୋଇପାରେ ବୋଲି ଅନୁମାନ କରାଯାଉଛି। ଏହି ସାକ୍ଷାତକାରର କିଛି ଦିନ ପୂର୍ବରୁ କେନ୍ଦ୍ର ମନ୍ତ୍ରୀ ଜର୍ଜ କୁରିଆନ୍ ମନ୍ତ୍ରୀପଦରୁ ଇସ୍ତଫା ଦେଇଥିଲେ, କାରଣ ଦଳ ତାଙ୍କୁ ପୁନର୍ବାର ରାଜ୍ୟସଭାକୁ ପଠାଇନାହିଁ। ସେହିପରି ଅନ୍ୟ ଜଣେ ମନ୍ତ୍ରୀ ରବନୀତ ସିଂହ ବିଟ୍ଟୁଙ୍କ ରାଜ୍ୟସଭା କାର୍ଯ୍ୟକାଳ ଶେଷ ହୋଇଥିଲେ ମଧ୍ୟ ତାଙ୍କୁ ପୁଣି ପ୍ରାର୍ଥୀ କରାଯାଇ ନାହିଁ। ଦଳର ଜଣେ ବରିଷ୍ଠ ନେତାଙ୍କ ସୂଚନା ଅନୁଯାୟୀ, ଏହି ଅଦଳବଦଳ କେବଳ ଶୂନ୍ୟ ପଦବୀ ପୂରଣ କରିବା ପାଇଁ ନୁହେଁ, ବରଂ ମନ୍ତ୍ରୀମାନଙ୍କ ପ୍ରଦର୍ଶନ, ଆଞ୍ଚଳିକ ପ୍ରତିନିଧିତ୍ୱ ଏବଂ ଆଗାମୀ ବିଧାନସଭା ନିର୍ବାଚନକୁ ଆଖିରେ ରଖି କରାଯିବ। ଏପ୍ରିଲ-ମେ ମାସରେ ହୋଇଥିବା ବିଧାନସଭା ନିର୍ବାଚନରେ ବିଜେପି ପଶ୍ଚିମବଙ୍ଗରେ ବହୁମତ ହାସଲ କରିଥିବାରୁ ଏହି ରାଜ୍ୟକୁ କେନ୍ଦ୍ର ମନ୍ତ୍ରୀମଣ୍ଡଳରେ ଅଧିକ ସ୍ଥାନ ମିଳିପାରେ।

## ମାହରଙ୍ଗ ବେଲୁଚ୍‌ଙ୍କୁ ଆଜୀବନ କାରାଦଣ୍ଡ

କରାଚୀ, ୨୫।୬(ଏଜେନ୍ସି): ପାକିସ୍ତାନର ଏକ ଆତଙ୍କବାଦ ବିରୋଧୀ ଅଦାଲତ ବେଲୁଚିସ୍ଥାନର ପ୍ରମୁଖ ମାନବାଧିକାର କର୍ମୀ ମାହରଙ୍ଗ ବେଲୁଚ୍‌ଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ୨୦୨୪ ମସିହାରେ ବେଲୁଚିସ୍ଥାନରେ ହୋଇଥିବା ଏକ ପ୍ରତିବାଦ ପ୍ରଦର୍ଶନ ସମୟରେ ଜଣେ ସାମରିକ ଯବାନଙ୍କ ହତ୍ୟା ଏବଂ ଆତଙ୍କବାଦ ଅଭିଯୋଗରେ ତାଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଛି। କୋର୍ଟଙ୍କ ଏହି ଆଦେଶ ପରେ ସାରା ବିଶ୍ୱରେ ଜନଅସନ୍ତୋଷ ପ୍ରକାଶ ପାଇଛି। ମାହରଙ୍ଗ ବେଲୁଚ୍ ବେଲୁଚିସ୍ଥାନ ଅଞ୍ଚଳରେ ସେନା ଦ୍ୱାରା ବେଆଇନ ଭାବେ ନିଖୋଜ କରାଯାଉଥିବା ନିରୀହ ଲୋକଙ୍କ ସୁରକ୍ଷା ପାଇଁ ଦୀର୍ଘ ଦିନ ଧରି ବ୍ୟାପକ ସାମାଜିକ ଆନ୍ଦୋଳନ ଚଳାଇ ଆସୁଛନ୍ତି। ପୂର୍ବରୁ ସେ ନିଖୋଜ ବ୍ୟକ୍ତିମାନଙ୍କ ନ୍ୟାୟ ପାଇଁ ରାଜଧାନୀ ଇସଲାମାବାଦ ପର୍ଯ୍ୟନ୍ତ ପ୍ରାୟ ୧, ୬୦୦ କିଲୋମିଟର ଦୀର୍ଘ ଏକ ବିଶାଳ ମହିଳା ପଦଯାତ୍ରାର ନେତୃତ୍ୱ ନେଇ ଚର୍ଚ୍ଚାକୁ ଆସିଥିଲେ। ଏହି ମାମଲାରେ ଅଦାଲତ ତାଙ୍କ ସହଯୋଗୀ ତଥା ବେଲୁଚ୍ ୟକଜେହତି କମିଟିର ଅନ୍ୟତମ ନେତା ସିବଗାତୁଲ୍ଲାଙ୍କୁ ମଧ୍ୟ ଆଜୀବନ କାରାଦଣ୍ଡ ଶୁଣାଇଛନ୍ତି। ଅନ୍ତର୍ଜାତୀୟ ମାନବାଧିକାର ସଂଗଠନ ଏବଂ ବିଶ୍ୱ ସମୁଦାୟ ପାକିସ୍ତାନ କୋର୍ଟର ଏହି ନିଷ୍ପତ୍ତିକୁ 'ନ୍ୟାୟର ପ୍ରହସନ' ବୋଲି କହି ସମାଲୋଚନା କରିଛନ୍ତି।

## ଢାକାରେ ଭାରତର ନୂତନ ହାଇକମିସନରଙ୍କ ଦାୟିତ୍ୱ ଗ୍ରହଣ

ଢାକା, ୨୫।୬(ଏଜେନ୍ସି): ବାଂଲାଦେଶରେ ଭାରତର ନୂତନ ହାଇକମିଶନର ଭାବେ ବରିଷ୍ଠ ବିଜେପି ନେତା ଦିନେଶ ତ୍ରିବେଦୀ ଗୁରୁବାର କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଦାୟିତ୍ୱ ଗ୍ରହଣ କରିବା ସହ ସେ ବାଂଲାଦେଶୀ ନାଗରିକଙ୍କ ପାଇଁ ସାଧାରଣ ପର୍ଯ୍ୟଟନ (ଟ୍ରାଭେଲ୍) ଭିସା ସେବା ପୁନଃ ଆରମ୍ଭ କରିବାକୁ ଘୋଷଣା କରିଛନ୍ତି। ଗତ ଦୁଇ ବର୍ଷ ଧରି ଉଭୟ ଦେଶ ମଧ୍ୟରେ ଥିବା ତିକ୍ତତା ଓ କଟକଣାକୁ ଦୂର କରିବା ଦିଗରେ ଏହା ଏକ ବଡ଼ ପଦକ୍ଷେପ ବୋଲି କୁହାଯାଉଛି। ୭୬ ବର୍ଷୀୟ ଦିନେଶ ତ୍ରିବେଦୀ ବାଂଲାଦେଶର ରାଷ୍ଟ୍ରପତି ମହମ୍ମଦ ଶାହାବୁଦ୍ଦିନଙ୍କୁ ନିଜର ପରିଚୟ ପତ୍ର ପ୍ରଦାନ କରି ଆନୁଷ୍ଠାନିକ ଭାବେ କାର୍ଯ୍ୟ ଆରମ୍ଭ କରିଛନ୍ତି। ସେ ବାଂଲାଦେଶରେ ଭାରତର ରାଷ୍ଟ୍ରଦୂତ ହୋଇଥିବା ପ୍ରଥମ ରାଜନେତା ଏବଂ ଭାରତ ସରକାର ତାଙ୍କୁ କେନ୍ଦ୍ର ମନ୍ତ୍ରୀଙ୍କ ମାନ୍ୟତା ଦେଇଛନ୍ତି। ୨୦୨୪ ଅଗଷ୍ଟରେ ଶେଖ୍ ହସିନାଙ୍କ ସରକାର ପତନ ପରେ ମହମ୍ମଦ ୟୁନୁସଙ୍କ ମଧ୍ୟବର୍ତ୍ତୀକାଳୀନ ଶାସନ ସମୟରେ ସୁରକ୍ଷା ଦୃଷ୍ଟିରୁ ଏହି ଭିସା ସେବା ବନ୍ଦ ରହିଥିଲା। ନୂତନ ହାଇକମିଶନରଙ୍କ ସୂଚନା ଅନୁଯାୟୀ, ଆସନ୍ତା ଜୁନ୍ ୨୮ ତାରିଖରୁ ଢାକା, ଚଟ୍ଟଗ୍ରାମ ସମେତ ୫ଟି କେନ୍ଦ୍ରରୁ ଭିସା ଆବେଦନ ପ୍ରକ୍ରିୟା ପୁଣି ଆରମ୍ଭ ହେବ, ଯାହା ଦ୍ୱାରା ଦୁଇ ଦେଶର ସମ୍ପର୍କ ସୁଦୃଢ଼ ହେବ।

## ମାନହାନୀ ମାମଲାରେ ରାହୁଲ ଗାନ୍ଧୀଙ୍କ ଦ୍ୱାରା ଦୁଃଖ ପ୍ରକାଶ

ଜବଲପୁର, ୨୫।୬(ଏଜେନ୍ସି): କଂଗ୍ରେସ ସାଂସଦ ତଥା ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, କେନ୍ଦ୍ର ମନ୍ତ୍ରୀ ଶିବରାଜ ସିଂହ ଚୌହାନଙ୍କ ପୁଅ କାର୍ତ୍ତିକେୟ ସିଂହଙ୍କ ବିରୋଧରେ ଦେଇଥିବା କଥିତ ଅପମାନଜନକ ମନ୍ତବ୍ୟ ପାଇଁ ମଧ୍ୟପ୍ରଦେଶ ହାଇକୋର୍ଟରେ ଦୁଃଖ ପ୍ରକାଶ କରିଛନ୍ତି। କାର୍ତ୍ତିକେୟ ସିଂହଙ୍କ ଦ୍ୱାରା ଭୋପାଳ କୋର୍ଟରେ ରୁଜୁ ହୋଇଥିବା ଏକ ମାନହାନି ମାମଲା ପ୍ରସଙ୍ଗରେ ରାହୁଲ ଗାନ୍ଧୀଙ୍କ ଓକିଲଙ୍କ ପକ୍ଷରୁ ଏହି ଆବେଦନ କରାଯାଇଛି। ଆବେଦନରେ ଦର୍ଶାଯାଇଛି ଯେ ତାଙ୍କର ସେହି ମନ୍ତବ୍ୟ କାର୍ତ୍ତିକେୟ ସିଂହଙ୍କ ସହ ସମ୍ପୃକ୍ତ ନଥିଲା। ଏହି ମାନହାନି ମାମଲାର ପୃଷ୍ଠଭୂମି ଅନୁସାରେ, ୨୦୧୮ ମସିହାରେ ଝାବୁଆଠାରେ ଆୟୋଜିତ ଏକ ନିର୍ବାଚନୀ ସଭାରେ ରାହୁଲ ଗାନ୍ଧୀ ପାନାମା ପେପର୍ସ ଦୁର୍ନୀତି ବିଷୟରେ କହିବା ସମୟରେ କାର୍ତ୍ତିକେୟଙ୍କ ନାମ ନେଇଥିଲେ, ଯାହାଦ୍ୱାରା ତାଙ୍କ ସମ୍ମାନ ହାନି ହୋଇଥିବା ଅଭିଯୋଗ ହୋଇଛି। ଏହି ମାମଲାରେ ସାଂସଦ-ବିଧାୟକ କୋର୍ଟ ରାହୁଲ ଗାନ୍ଧୀଙ୍କୁ ବ୍ୟକ୍ତିଗତ ଭାବେ ହାଜର ହେବା ପାଇଁ ସମନ ଜାରି କରିଥିଲେ।

## କଶ୍ମୀର ଥାନାରେ ତୁମୁଳକାଣ୍ଡ; ୪୦ ଯବାନଙ୍କ ବିରୋଧରେ ଏତଲା

ଶ୍ରୀନଗର, ୨୫।୬(ଏଜେନ୍ସି): ଜମ୍ମୁ-କାଶ୍ମୀରର କିସତୱାଡ଼ ଜିଲ୍ଲାରେ ଭାରତୀୟ ସେନା ଏବଂ ପୁଲିସ୍ ମଧ୍ୟରେ ଏକ ଅଭାବନୀୟ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି। ଆଥୋଲି ଥାନା ଭିତରକୁ ଜୋରଜବରଦସ୍ତ ପଶି ପୁଲିସ୍ କର୍ମଚାରୀଙ୍କୁ ମାଡ଼ ମାରିବା ଏବଂ ସରକାରୀ ସମ୍ପତ୍ତି ନଷ୍ଟ କରିବା ଅଭିଯୋଗରେ ୧୭ ରାଷ୍ଟ୍ରୀୟ ରାଇଫଲ୍ସର କମାଣ୍ଡିଂ ଅଫିସର କଲୋନେଲ ଏନ୍ ଅରୁଣ ଗାନ୍ଧୀ, ଜଣେ ମେଜର, ଜଣେ ନାଏବ ସୁବେଦାର ଏବଂ ୩୦-୪୦ ଜଣ ଯବାନଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ଟ୍ରାଫିକ ନିୟମ ଉଲ୍ଲଂଘନ ଅଭିଯୋଗରେ ପୁଲିସ୍ ଏବଂ ପରିବହନ ବିଭାଗ ଜଣେ ସେନା ଅଧିକାରୀଙ୍କ ବ୍ୟକ୍ତିଗତ ଗାଡ଼ିକୁ ଜବତ କରି ଥାନାକୁ ଆଣିଥିଲେ। ଏହି କାରଣରୁ ଉଭୟ ପକ୍ଷ ମଧ୍ୟରେ ବିବାଦ ଆରମ୍ଭ ହୋଇଥିଲା। ଏଫ୍‌ଆଇଆର୍ ଅନୁଯାୟୀ, ଗାଡ଼ି ଜବତ ହେବାର ପ୍ରାୟ ଦେଢ଼ ଘଣ୍ଟା ପରେ ସେନା ଯବାନମାନେ ଲାଠି, ଲୁହା ରଡ୍ ଏବଂ ଅସ୍ତ୍ରଶସ୍ତ୍ର ଧରି ଥାନାର ପାଚେରୀ ଓ ଗେଟ୍ ଡେଇଁ ଭିତରକୁ ପଶିଥିଲେ। ପୁଲିସ୍ ଅଭିଯୋଗ କରିଛି ଯେ ଏହା ଡ୍ୟୁଟିରେ ଥିବା କର୍ମଚାରୀଙ୍କୁ ହତ୍ୟା କରିବା ଉଦ୍ଦେଶ୍ୟରେ କରାଯାଇଥିବା ଏକ ପୂର୍ବ ଯୋଜନାବଦ୍ଧ ଆକ୍ରମଣ ଥିଲା। ଆକ୍ରମଣ ସମୟରେ ଥାନାର ଏସଏଚଓ ଅମୃତ କାଟୋଚ୍‌ଙ୍କ ୟୁନିଫର୍ମ ଚିରି ଦିଆଯାଇଥିଲା ଏବଂ ଡେପୁଟି ଏସପି ବିଜୟ କୁମାର ଭଗତଙ୍କୁ ମଧ୍ୟ ମାଡ଼ ମରାଯାଇଥିଲା। ଏହାଛଡ଼ା ଜଣେ ସ୍ପେଶାଲ ପୁଲିସ୍ ଅଫିସରଙ୍କ ବେକରେ ବନ୍ଧୁକର ପଛ ଭାଗରେ ଆଘାତ କରାଯାଇଛି। ସେନା ଯବାନମାନେ ଥାନାର ଗେଟ୍ ଭାଙ୍ଗିବା ସହ ସେଠାରେ ଥିବା ଅଫିସିଆଲ୍ ଗାଡ଼ିଗୁଡ଼ିକୁ ଭଙ୍ଗାରୁଜା କରିଛନ୍ତି। ସେନା ପକ୍ଷରୁ କୁହାଯାଇଛି ଯେ ଏହି ମାମଲାର ଯାଞ୍ଚ ଆଭ୍ୟନ୍ତରୀଣ ବ୍ୟବସ୍ଥା ମାଧ୍ୟମରେ କରାଯାଉଛି। ଭାରତୀୟ ସେନା ଆଇନଗତ ପ୍ରକ୍ରିୟାରେ ସମ୍ପୂର୍ଣ୍ଣ ସହଯୋଗ କରିବ ଏବଂ ମିଳିତ ତଦନ୍ତର ରିପୋର୍ଟ ଆଧାରରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଇରାନ ସ୍କୁଲ୍ ଉପରେ କ୍ଷେପଣାସ୍ତ୍ର ମାଡ଼ କରାଯାଇ ନାହିଁ: ଆମେରିକା

ୱାସିଂଟନ, ୨୫।୬(ଏଜେନ୍ସି): ଗତ ଫେବୃଆରୀ ମାସରେ ଇରାନର ମିନାବ୍ ବାଳିକା ବିଦ୍ୟାଳୟ ଉପରେ ହୋଇଥିବା ଭୟାବହ ଆକ୍ରମଣ ପଛରେ ଆମେରିକାର ହାତ ଥିବା ଅଭିଯୋଗକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସମ୍ପୂର୍ଣ୍ଣ ରୂପେ ପ୍ରତ୍ୟାଖ୍ୟାନ କରିଛନ୍ତି। ଏହି ଆକ୍ରମଣରେ ଆମେରିକାର କ୍ଷେପଣାସ୍ତ୍ର ବ୍ୟବହାର ହୋଇଥିବା ନେଇ କୌଣସି ସ୍ପଷ୍ଟ ପ୍ରମାଣ ନାହିଁ ଏବଂ ପ୍ରକୃତରେ କିଏ ଏହି ଆକ୍ରମଣ କରିଛି ତାହା ବୋଧହୁଏ କେବେହେଲେ ଜଣାପଡ଼ିବ ନାହିଁ ବୋଲି ସେ ପ୍ରକାଶ କରିଛନ୍ତି। ରାଷ୍ଟ୍ରପତି ଟ୍ରମ୍ପ କହିଛନ୍ତି ଯେ ସେହି ସମୟରେ ବିଭିନ୍ନ ଦିଗରୁ କ୍ଷେପଣାସ୍ତ୍ର ମାଡ଼ ହେଉଥିବାରୁ ଏହାର ପ୍ରକୃତ ଉତ୍ସ ଖୋଜିବା କଷ୍ଟକର। ତେବେ ଟ୍ରମ୍ପଙ୍କ ଏହି ନୂତନ ବୟାନ ତାଙ୍କର ପୂର୍ବ ଆଭିମୁଖ୍ୟରୁ ସମ୍ପୂର୍ଣ୍ଣ ଭିନ୍ନ, କାରଣ ମାତ୍ର ଦଶ ଦିନ ପୂର୍ବରୁ ସେ ଏହାକୁ ଏକ ଭୁଲ୍ ବୋଲି ସ୍ୱୀକାର କରିବା ସହ ବିଦ୍ୟାଳୟକୁ ଉଦ୍ଦେଶ୍ୟମୂଳକ ଭାବେ ଟାର୍ଗେଟ୍ କରାଯାଇ ନ ଥିବା କହିଥିଲେ। ଇରାନ ସରକାରଙ୍କ ସୂଚନା ଅନୁସାରେ, ଗତ ଫେବୃଆରୀ ଅଠାଇଶ ତାରିଖରେ ହୋଇଥିବା ଏହି ବର୍ବରୋଚିତ ଆକ୍ରମଣରେ ୧୭୫ ଜଣ ଛାତ୍ରୀ ଓ ଶିକ୍ଷକ ପ୍ରାଣ ହରାଇଥିଲେ, ଯାହାକୁ ମିଳିତ ଜାତିସଂଘର ମାନବାଧିକାର ପରିଷଦ ତୀବ୍ର ନିନ୍ଦା କରିଛି। ଆନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ସତୁରି ଡଲାର ତଳକୁ ଖସି ଆସିବା ପରେ ବିଶ୍ୱ ଶକ୍ତି ବଜାରରେ ସାମାନ୍ୟ ଆଶ୍ୱସ୍ତି ମିଳିଛି। ଆନ୍ତର୍ଜାତୀୟ ସ୍ତରରେ ଦର କମିଥିଲେ ମଧ୍ୟ ସାଧାରଣ ଗ୍ରାହକଙ୍କୁ ଏହାର ଫାଇଦା ନ ଦେବା ଅଭିଯୋଗରେ ଟ୍ରମ୍ପ ଆମେରିକାର ବଡ଼ ବଡ଼ ତୈଳ କମ୍ପାନୀଗୁଡ଼ିକ ବିରୋଧରେ ତଦନ୍ତ ପାଇଁ ନ୍ୟାୟ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲ୍ଲୀ ଖାମେନେଇଙ୍କ ରାଷ୍ଟ୍ରୀୟ ଅନ୍ତ୍ୟେଷ୍ଟି କ୍ରିୟାରେ ଯୋଗଦେବା ପାଇଁ ଇରାନ ରାଷ୍ଟ୍ରପତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଆମନ୍ତ୍ରଣ କରିଛନ୍ତି। ଆନ୍ତର୍ଜାତୀୟ ପରମାଣୁ ଶକ୍ତି ସଂସ୍ଥା ଏବଂ ଇରାନ ମଧ୍ୟରେ ପରମାଣୁ ପ୍ରତିଷ୍ଠାନଗୁଡ଼ିକର ଯାଞ୍ଚକୁ ନେଇ ବିବାଦ ଜାରି ରହିଛି, ଯେଉଁଥିରେ ସମସ୍ତ ପ୍ରତିବନ୍ଧକ ହଟିବା ପରେ ହିଁ ଯାଞ୍ଚ ଅନୁମତି ମିଳିବ ବୋଲି ଇରାନ ଜିଦ୍ ଧରିଛି।

## କାଫେରେ ହୋଇଥିଲା ହତ୍ୟା ଷଡ଼ଯନ୍ତ୍ର

ପୁଣେ, ୨୫।୬(ଏଜେନ୍ସି): ପୁଣେର ପ୍ରତିଷ୍ଠିତ ବ୍ୟବସାୟୀ କେତନ ଅଗ୍ରୱାଲଙ୍କ ମୃତ୍ୟୁ କୌଣସି ଦୁର୍ଘଟଣା ନଥିଲା, ବରଂ ଏହା ପଛରେ ଥିଲା ଏକ ସୁଚିନ୍ତିତ ଓ ଭୟଙ୍କର ଚକ୍ରାନ୍ତ। କେତନଙ୍କ ଭାବି ପତ୍ନୀ ସିୟା ଗୋୟଲ ଏବଂ ତାଙ୍କ ପ୍ରେମିକ ଚେତନ ଚୌଧୁରୀ ଏକ କାଫେରେ ବସି କେତନଙ୍କୁ ପାହାଡ଼ରୁ ଠେଲି ହତ୍ୟା କରିବା ପାଇଁ ଯୋଜନା ପ୍ରସ୍ତୁତ କରିଥିଲେ। ପୋଲିସର ପ୍ରାଥମିକ ତଦନ୍ତରୁ ଏହି ଚମକାଇଦେଲା ଭଳି ତଥ୍ୟ ସାମ୍ନାକୁ ଆସିଛି। ଗତ ଜୁନ୍ ଅଠର ତାରିଖରେ ଲୋନାଭାଲା ନିକଟସ୍ଥ ଲୋହଗଡ଼ ଦୁର୍ଗକୁ ବୁଲିବାକୁ ଯାଇଥିବା ସମୟରେ କେତନଙ୍କୁ ପାହାଡ଼ ଉପରୁ ତଳକୁ ଠେଲି ଦିଆଯାଇଥିଲା। ପ୍ରଥମେ ଏହାକୁ ଏକ ଦୁର୍ଘଟଣାଜନିତ ମୃତ୍ୟୁ ବୋଲି କୁହାଯାଉଥିଲେ ମଧ୍ୟ ସନ୍ଦେହ ହେବାରୁ ପୋଲିସ ଯେତେବେଳେ ତଦନ୍ତ ଆରମ୍ଭ କଲା, ସେତେବେଳେ ପ୍ରକୃତ ସତ୍ୟ ପଦାକୁ ଆସିଥିଲା। ପୋଲିସର ସୂଚନା ଅନୁସାରେ, ଗତ ଜୁନ୍ ୧୪ ତାରିଖରେ ମଧ୍ୟ ସିୟା କେତନଙ୍କୁ ସେହି ଦୁର୍ଗରୁ ଠେଲିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ ଏବଂ ସେଠାରେ ସାପ ଥିବା ନେଇ ମିଛ ଚିତ୍କାର କରି ସେତେବେଳେ ନିଜକୁ ବଞ୍ଚାଇ ଦେଇଥିଲେ। ସିୟା ଏବଂ ଚେତନଙ୍କ ମଧ୍ୟରେ ଗତ କିଛି ମାସ ମଧ୍ୟରେ ଦୁଇ ହଜାରରୁ ଅଧିକ ଥର ଫୋନରେ କଥାବାର୍ତ୍ତା ହୋଇଥିବା ପୋଲିସ ଜାଣିବାକୁ ପାଇଛି।

**ପ୍ରେମ ପ୍ରତାରଣାର କଳା କାହାଣୀ**



## ପେଟ୍ରୋଲ ପମ୍ପ କର୍ମଚାରୀଙ୍କୁ ନିଆଁ ଲଗାଇଦେଲେ ଦୁର୍ବୃତ୍ତ

ଭୋପାଳ, ୨୫।୬(ଏଜେନ୍ସି): ମଧ୍ୟପ୍ରଦେଶର ଗ୍ୱାଲିଅର୍‌ରେ ପେଟ୍ରୋଲ ଦରକୁ କେନ୍ଦ୍ର କରି ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ମଙ୍ଗଳବାର ବିଳମ୍ବିତ ରାତିରେ ଜଣେ ୨୬ ବର୍ଷୀୟ ପେଟ୍ରୋଲ ପମ୍ପ କର୍ମଚାରୀଙ୍କ ଉପରକୁ ପେଟ୍ରୋଲ ଢାଳି ତିନି ଜଣ ଯୁବକ ନିଆଁ ଲଗାଇ ଦେଇଥିବା ଅଭିଯୋଗ ହୋଇଛି। ଗୁରୁତର ଆହତ କର୍ମଚାରୀ ଜଣକ ବର୍ତ୍ତମାନ ଚିକିତ୍ସାଧୀନ ଥିବା ବେଳେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ପୁଲିସ୍ ସୂଚନା ଅନୁଯାୟୀ, ମଙ୍ଗଳବାର ରାତି ପ୍ରାୟ ୧୦ଟା ସମୟରେ ତିନି ଜଣ ଯୁବକ ଏକ ବୁଲେଟ୍ ମୋଟରସାଇକେଲରେ ଆସି ପେଟ୍ରୋଲ ପମ୍ପ କର୍ମଚାରୀ ଆକାଶ ସେଙ୍ଗରଙ୍କ ସହ ତେଲ ଦରକୁ ନେଇ ପାଟିତୁଣ୍ଡ କରିଥିଲେ। ଏହି ବିବାଦ ଉଗ୍ର ରୂପ ନେବା ପରେ ଜଣେ ଅଭିଯୁକ୍ତ ଆକାଶଙ୍କ ଉପରେ ପେଟ୍ରୋଲ ଢାଳି ଲାଇଟର ସାହାଯ୍ୟରେ ନିଆଁ ଲଗାଇ ଦେଇଥିଲା। ପାଖରେ ଜଣେ ସୁରକ୍ଷା କର୍ମୀ ଭାବେ କାମ କରୁଥିବା ଆକାଶଙ୍କ ପିତା ରାମଚନ୍ଦ୍ର ସେଙ୍ଗର ପୁଅକୁ ବଞ୍ଚାଇବାକୁ ଦୌଡ଼ି ଆସିଥିଲେ ଏବଂ ଏହି ପ୍ରକ୍ରିୟାରେ ତାଙ୍କ ଗୋଡ଼ ମଧ୍ୟ ପୋଡ଼ି ଯାଇଛି। ସ୍ଥାନୀୟ ଲୋକଙ୍କ ସହାୟତାରେ ଉଭୟ ବାପା-ପୁଅଙ୍କୁ ଉଦ୍ଧାର କରାଯାଇ ଜୟାରୋଗ୍ୟ ମାଧ୍ୟମିକ ଚିକିତ୍ସାଳୟର ବର୍ଣ୍ଣ ୱାର୍ଡରେ ଭର୍ତ୍ତି କରାଯାଇଛି। ଆକାଶଙ୍କ ଶରୀରର ପ୍ରାୟ ୩୭ ପ୍ରତିଶତ ପୋଡ଼ି ଯାଇଥିବା ଜଣାପଡ଼ିଛି।

ଅଯୋଧ୍ୟା ରାମ ମନ୍ଦିର ଦାନ ଅର୍ଥ ଚୋରି ମାମଲା

## ଏଫ୍‌ଆଇଆର୍ ରୁଜୁ, ସଞ୍ଜୟ ସିଂହ ଦେଲେ ଜମି ଦୁର୍ନୀତିର ପ୍ରମାଣ

ଅଯୋଧ୍ୟା, ୨୫।୬(ଏଜେନ୍ସି): ଅଯୋଧ୍ୟା ରାମ ମନ୍ଦିରରେ ପ୍ରଭୁ ଶ୍ରୀରାମଙ୍କ ଚରଣରେ ଅର୍ପଣ କରାଯାଇଥିବା ଦାନ ଅର୍ଥ ଏବଂ ଭେଟି ଚୋରି ଅଭିଯୋଗରେ ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ଟ୍ରଷ୍ଟ ପକ୍ଷରୁ ଗୁରୁବାର ଏକ ମାମଲା ରୁଜୁ କରାଯାଇଛି। ବିଶେଷ ଅନୁସନ୍ଧାନ ଦଳ (ଏସ୍‌ଆଇଟି)ର ପ୍ରାଥମିକ ତଦନ୍ତ ରିପୋର୍ଟ ଆଧାରରେ ଟ୍ରଷ୍ଟର ସଦସ୍ୟ କୃଷ୍ଣ ମୋହନ ଏହି ଅଭିଯୋଗ ଦାୟର କରିଛନ୍ତି। ଏହି ମାମଲାରେ ଟିନ୍ନୁ ଯାଦବଙ୍କ ସମେତ ମୋଟ ଆଠ ଜଣଙ୍କୁ ଅଭିଯୁକ୍ତ ଭାବେ ନାମିତ କରାଯାଇଛି। ଅନ୍ୟପଟେ, ଏହି ଘଟଣାକୁ ନେଇ ରାଜନୀତି ମଧ୍ୟ ସରଗରମ ହୋଇଛି। ଆମ ଆଦମୀ ପାର୍ଟି (ଆପ୍) ସାଂସଦ ସଞ୍ଜୟ ସିଂହ ଲକ୍ଷ୍ନୌଠାରେ ଏସଆଇଟି ଅଧ୍ୟକ୍ଷ ବିଜୟ ବିଶ୍ୱାସ ପନ୍ତଙ୍କୁ ଭେଟି ମନ୍ଦିର ଜମି କିଣାବିକାରେ ହୋଇଥିବା ବଡ଼ ଧରଣର ଦୁର୍ନୀତି ସମ୍ପର୍କିତ ୧୧ଟି ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ୍ ହସ୍ତାନ୍ତର କରିଛନ୍ତି। ଏସଆଇଟି ଅଧ୍ୟକ୍ଷଙ୍କୁ ପ୍ରମାଣପତ୍ର ପ୍ରଦାନ କରିବା ପରେ ଗଣମାଧ୍ୟମ ସହ ଆଲୋଚନା କରି ସଞ୍ଜୟ ସିଂହ କହିଛନ୍ତି ଯେ ମନ୍ଦିର ପାଣ୍ଠି ହେରଫେର ଏବଂ ଦାନ ସାମଗ୍ରୀ ଚୋରି ନେଇ ଅନେକ ପ୍ରମାଣ ସାମ୍ନାକୁ ଆସିସାରିଛି। ଏପରିକି କିଛି ନଗଦ ଅର୍ଥ ମଧ୍ୟ ଜବତ କରାଯାଇଛି। ଏହା ସତ୍ତ୍ୱେ କାହିଁକି କାହାକୁ ଗିରଫ କରାଯାଇନାହିଁ କିମ୍ବା ପୂର୍ବରୁ ମାମଲା କାହିଁକି ରୁଜୁ ହୋଇନଥିଲା, ସେ ନେଇ ସେ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ଅନ୍ୟପକ୍ଷରେ, ଆମ ଆଦମୀ ପାର୍ଟିର ମୁଖ୍ୟ ତଥା ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ରାମ ମନ୍ଦିରର ଦାନ ଅର୍ଥ ଚୋରି ଅଭିଯୋଗକୁ ନେଇ ଗଭୀର ଦୁଃଖ ପ୍ରକାଶ କରିଛନ୍ତି ଏବଂ ଶୁକ୍ରବାର ସେ ଅଯୋଧ୍ୟା ଗସ୍ତ କରି ପ୍ରଭୁ ଶ୍ରୀରାମଙ୍କ ଦର୍ଶନ କରିବେ ବୋଲି ଜଣାଇଛନ୍ତି। ଏହି ବିବାଦ ମଧ୍ୟରେ ଟ୍ରଷ୍ଟର ସାଧାରଣ ସମ୍ପାଦକ ଚମ୍ପତ ରାୟ ନିଜ ପଦବୀରୁ ଇସ୍ତଫା ଦେଇଥିବା ନେଇ ସାମାଜିକ ଗଣମାଧ୍ୟମରେ ଜୋରସୋରରେ ଗୁଜବ ପ୍ରଚାରିତ ହେଉଥିଲା।

# ଖାଦ୍ୟ, ଔଷଧ ପାଇଁ ପିଓକେ'ରେ ହାହାକାର

ମୁଜାଫରାବାଦ, ୨୫।୬(ଏଜେନ୍ସି): ପାକିସ୍ତାନ ସରକାରଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରିଥିବା ପାକିସ୍ତାନ ଅଧିକୃତ କାଶ୍ମୀରର ଜନସାଧାରଣଙ୍କୁ ଦଣ୍ଡ ଦେବା ପାଇଁ ଇସଲାମାବାଦ ପ୍ରଶାସନ ଏବେ ଅମାନୁଷିକ ପନ୍ଥା ଆପଣାଇଛି। ସ୍ଥାନୀୟ ଅଞ୍ଚଳରେ ଚାଲିଥିବା ଜନ ଆନ୍ଦୋଳନ ଏବଂ ପ୍ରତିବାଦକୁ ଦବାଇବା ପାଇଁ ପାକିସ୍ତାନ ସେନା ଓ ପୁଲିସ୍ ଏହି ଅଞ୍ଚଳକୁ ସଂଯୋଗ କରୁଥିବା ସମସ୍ତ ମୁଖ୍ୟ ରାସ୍ତାକୁ ଅବରୋଧ କରିଦେଇଛନ୍ତି। ଫଳରେ ସେଠାରେ ଖାଦ୍ୟ, ତେଲ ଏବଂ ଜୀବନ ରକ୍ଷାକାରୀ ଔଷଧର ଘୋର ଅଭାବ ଦେଖାଦେଇଛି। ପାକିସ୍ତାନ ଅଧିକୃତ କାଶ୍ମୀରର ବିଧାନସଭାରେ ସଂରକ୍ଷିତ ଆସନକୁ ନେଇ ସୃଷ୍ଟି ହୋଇଥିବା ବିବାଦ ପରେ ସ୍ଥାନୀୟ ମିଳିତ ସର୍ବସାଧାରଣ କାର୍ଯ୍ୟାନୁଷ୍ଠାନ କମିଟି ନେତୃତ୍ୱରେ ବ୍ୟାପକ ଆନ୍ଦୋଳନ ଚାଲିଛି। ଏହି ପ୍ରତିବାଦକୁ ପଣ୍ଡ କରିବା ପାଇଁ ପାକିସ୍ତାନୀ କର୍ତ୍ତୃପକ୍ଷ ଜରୁରୀକାଳୀନ ସାମଗ୍ରୀ ପରିବହନ କରୁଥିବା ଟ୍ରକଗୁଡ଼ିକୁ ସୀମାନ୍ତରେ ଅଟକାଇ ରଖିଛନ୍ତି। ବାହାର ସହରରୁ ନିଜ ପରିବାର ପାଇଁ ଖାଦ୍ୟ ଏବଂ ସାଧାରଣ ଔଷଧ କିଣି ଫେରୁଥିବା ନାଗରିକମାନଙ୍କୁ ପୁଲିସ୍ ଯାଞ୍ଚ ଚୌକିରେ ଅଟକାଇ ସେ ସମସ୍ତ ସାମଗ୍ରୀ ଫିଙ୍ଗିଦେବାକୁ ବାଧ୍ୟ କରୁଛି। ଫଳରେ ଅନେକ ପରିବାର ଓପାସରେ ରହିବା ସହ ଚିକିତ୍ସା ନପାଇ ହନ୍ତସନ୍ତ ହେଉଛନ୍ତି। ବର୍ତ୍ତମାନ ସୁଦ୍ଧା ଚାଲିଥିବା ହିଂସାତ୍ମକ ସଂଘର୍ଷରେ ଅନୁନ ଅଠାବନ ଜଣ ଲୋକ ପ୍ରାଣ ହରାଇସାରିଲେଣି। ସାରା ଅଞ୍ଚଳରେ ଇଣ୍ଟରନେଟ ସେବା ବନ୍ଦ ଥିବା ବେଳେ ବଜାର, ଦୋକାନ ଏବଂ ଔଷଧ ଦୋକାନଗୁଡ଼ିକ ସମ୍ପୂର୍ଣ୍ଣ ରୂପେ ବନ୍ଦ ରହିଛି। ପେଟ୍ରୋଲ ପମ୍ପଗୁଡ଼ିକରେ ତେଲ ସରିଯାଇଥିବାରୁ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଛି ଏବଂ କଳାବଜାରୀ ଚରମ ସୀମାରେ ପହଞ୍ଚିଛି। ପାକିସ୍ତାନର ଅଗ୍ରଣୀ ରାଜନୈତିକ ଦଳଗୁଡ଼ିକ ମଧ୍ୟ ସରକାରଙ୍କ ଏହି ନିଷ୍ଠୁର କାର୍ଯ୍ୟାନୁଷ୍ଠାନକୁ ତୀବ୍ର ନିନ୍ଦା କରି ଏହାକୁ ଅମାନବୀୟ ଅତ୍ୟାଚାର ବୋଲି ଅଭିହିତ କରିଛନ୍ତି। ପାକିସ୍ତାନୀ ଅଧିକାରୀମାନେ ଏହି ଅବରୋଧ କଥାକୁ ବାହାରେ ଅସ୍ୱୀକାର କରୁଥିଲେ ହେଁ ଭିତରୁ ଆନ୍ଦୋଳନକାରୀଙ୍କ ମନୋବଳ ଭାଙ୍ଗିବା ପାଇଁ ଏଭଳି କ୍ଷୁଧା ଓ ଅଭାବର ରଣନୀତି ପ୍ରସ୍ତୁତ କରିଥିବା ଜଣାପଡ଼ିଛି। ତେବେ ଏହି ପ୍ରତିବନ୍ଧକ ସତ୍ତ୍ୱେ ଜନସାଧାରଣଙ୍କ ଆନ୍ଦୋଳନ ଥମିବାର ନାଁ ନେଉନାହିଁ ଏବଂ ଆଗାମୀ ଦିନରେ ଏକ ଲକ୍ଷରୁ ଅଧିକ ଲୋକ ରାଜଧାନୀ ଅଭିମୁଖେ ମହାଶୋଭାଯାତ୍ରା କରିବାକୁ ଚେତାବନୀ ଦେଇଛନ୍ତି, ଯାହା ପାକିସ୍ତାନ ସରକାରଙ୍କ ପାଇଁ ବଡ଼ ମୁଣ୍ଡବିନ୍ଧାର କାରଣ ସାଜିଛି।

**ଆନ୍ଦୋଳନ ଦମନ ପାଇଁ ପାକିସ୍ତାନର ଷଡ଼ଯନ୍ତ୍ର**








# ବିପର୍ଯ୍ୟୟ : ପ୍ରଥମଥର ନକ୍‌ଆଉଟରେ ଦକ୍ଷିଣ ଆଫ୍ରିକା

ଗୌଦାଲଜାରା,୨୫।୬(ଏଜେନ୍ସି)

ଦକ୍ଷିଣ କୋରିଆକୁ ୧-୦ ଗୋଲରେ ହରାଇ ଦକ୍ଷିଣ ଆଫ୍ରିକା ୨୦୨୬ ଫିଫା ବିଶ୍ୱକପ୍‌ରେ ବିପର୍ଯ୍ୟୟ ସୃଷ୍ଟି କରିଛି। ଏହି ବିଜୟ ଫଳରେ ୩ଟି ମ୍ୟାଚ୍‌ରୁ ୪ ପଏଣ୍ଟ ପାଇ ମେକ୍ସିକୋ ପଛକୁ ଦ୍ୱିତୀୟ ସ୍ଥାନରେ ରହି ନକ୍‌ଆଉଟ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ଫଳରେ ଫିଫା ବିଶ୍ୱକପ୍‌ର ଚତୁର୍ଥ ପଦାର୍ପଣରେ ଦକ୍ଷିଣ ଆଫ୍ରିକା ପ୍ରଥମଥର ଲାଗି ନକଆଉଟ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ଦଳ ପକ୍ଷରୁ ବିଜୟସୂଚକ ଗୋଲ ସ୍କୋର କରିଥିଲେ ଥାପେଲୋ ମାସେକୋ। ଖେଳର ୬୩ତମ ମିନିଟ୍‌ରେ ମାସେକୋ ମ୍ୟାଚର ଏକମାତ୍ର ଗୋଲଟି ସ୍କୋର କରିଥିଲେ। ଅନ୍ୟପକ୍ଷରେ ପରାଜିତ ଦକ୍ଷିଣ କୋରିଆ ଏବେ ସୁଦ୍ଧା ବିଶ୍ୱକପ୍‌ରୁ ବାଦ୍ ପଡ଼ିନାହିଁ। ଦଳ ଗୋଟିଏ ବିଜୟ ସହ ୩ ପଏଣ୍ଟ ପାଇ ତୃତୀୟ ସ୍ଥାନରେ ରହିଛି। ଗ୍ରୁପ୍ ପର୍ଯ୍ୟାୟ ଖେଳ ଶେଷରେ ତୃତୀୟସ୍ଥାନରେ କେଉଁ ୮ଟି ଦଳ ନକ୍‌ଆଉଟ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବେ ସେହି ସମୟରେ କୋରିଆର ଭାଗ୍ୟ ନିର୍ଣ୍ଣୟ ହେବ। ନକ୍‌ଆଉଟରେ ପ୍ରବେଶ କରିବା ପରେ ଦକ୍ଷିଣ ଆଫ୍ରିକାରେ ଆନନ୍ଦର ଲହରୀ ଖେଳିଯାଇଛି।



## ମେକ୍ସିକୋ ନମ୍ବର ୱାନ୍

ଏହି ଗ୍ରୁପ୍‌ର ଅନ୍ୟ ଏକ ମ୍ୟାଚ୍‌ରେ ଯୁଗ୍ମ ଆୟୋଜକ ମେକ୍ସିକୋ ୩-୦ ଗୋଲରେ ଚେକିଆକୁ ପରାସ୍ତ କରିଛି। ଘରୋଇ ଦଳ ୩ଟି ମ୍ୟାଚ୍‌ରୁ ୩ ପଏଣ୍ଟ ପାଇ ଗ୍ରୁପ୍-ଏ'ରେ ନମ୍ବର ୱାନ୍ ସ୍ଥାନ ହାସଲ କରିଛି। ଏହା ଫଳରେ ଦଳ ତାହାର ରାଉଣ୍ଡ ଅଫ୍ ୩୨ ମୁକାବିଲା ଘରୋଇ ମାଟିରେ ଖେଳିବା ନିଶ୍ଚିତ ହୋଇଛି। ମେକ୍ସିକୋ ସିଟିରେ ଜୁଲାଇ ୨ ତାରିଖ ସକାଳେ ଖେଳାଯିବାକୁ ଥିବା ନକ୍‌ଆଉଟ ମୁକାବିଲାରେ ମେକ୍ସିକୋ ଏକ ତୃତୀୟସ୍ଥାନିତ ଦଳ ସହ ଖେଳିବ। ଚେକିଆ ବିପକ୍ଷ ମ୍ୟାଚ୍‌ରେ ବିଜୟୀ ମେକ୍ସିକୋ ପକ୍ଷରୁ ମାଟେଓ ଚାଭେଜ୍, ଜୁଲିଆନ କ୍ୱିନୋସ୍ ଓ ଆଲଭାରୋ ଫିଡାଲଗୋ ଦ୍ୱିତୀୟାର୍ଦ୍ଧରେ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ନକ୍‌ଆଉଟ ଖେଳସୂଚୀ ଅନୁଯାୟୀ ମେକ୍ସିକୋର ରାଉଣ୍ଡ ଅଫ୍ ୧୬ରେ ପ୍ରବେଶ କରିବାର ସମ୍ଭାବନା ଅଧିକ ରହିଛି।

## ବିଶ୍ୱକପ୍ ପଏଣ୍ଟ ଟେବଲ

| ଟିମ୍ | ମ୍ୟା | ବି | ଡ୍ର | ପ | | ଫ |
|---|---|---|---|---|---|---|
| **ଗ୍ରୁପ୍-ଏ'** | | | | | | |
| ମେକ୍ସିକୋ | ୩ | ୩ | ୦ | ୦ | ୮ | ୯ |
| ଦ.ଆଫ୍ରିକା | ୩ | ୧ | ୧ | ୧ | -୧ | ୪ |
| | ୩ | ୧ | ୦ | ୨ | -୧ | ୩ |
| ଚେକିଆ | ୩ | ୦ | ୧ | ୨ | -୪ | ୧ |
| **ଗ୍ରୁପ୍-ବି'** | | | | | | |
| ସ୍ୱିଜରଲାଣ୍ଡ | ୩ | ୨ | ୧ | ୦ | ୪ | ୭ |
| କାନାଡ଼ା | ୩ | ୧ | ୧ | ୧ | ୫ | ୪ |
| ବୋସ୍‌ନିଆ | ୩ | ୧ | ୧ | ୧ | -୧ | ୪ |
| କତାର | ୩ | ୦ | ୧ | ୨ | -୮ | ୧ |
| **ଗ୍ରୁପ୍-ସି'** | | | | | | |
| ବ୍ରାଜିଲ | ୩ | ୨ | ୧ | ୦ | ୬ | ୭ |
| ମରୋକ୍କୋ | ୩ | ୨ | ୧ | ୦ | ୩ | ୭ |
| ସ୍କଟ୍‌ଲାଣ୍ଡ | ୩ | ୧ | ୦ | ୨ | -୩ | ୩ |
| ହାଇତି | ୩ | ୦ | ୦ | ୩ | -୬ | ୦ |

ବିଦ୍ର: ମ୍ୟା-ମ୍ୟାଚ୍, ବି-ବିଜୟ, ପ-ପରାଜୟ, ଗୋଫ- ଗୋଲ ଫରକ, ଫ- ପଏଣ୍ଟ।

## ବୋସ୍‌ନିଆର ଆଶା ଉଜ୍ଜୀବିତ

ସିଆଟଲ,୨୫।୬(ଏଜେନ୍ସି): କତାରକୁ ୩-୧ ଗୋଲରେ ପରାସ୍ତ କରି ବୋସ୍‌ନିଆ ଓ ହର୍ଜଗୋଭିନା ଫିଫା ବିଶ୍ୱକପ୍‌ରେ ପ୍ରଥମ ବିଜୟ ସହ ରାଉଣ୍ଡ ଅଫ୍ ୩୨ରେ ପ୍ରବେଶ କରିବା ଆଶା ଉଜ୍ଜୀବିତ ରହିଛି। ଗୋଟିଏ ଡ୍ର ଓ ଗୋଟିଏ ବିଜୟରୁ ୪ ପଏଣ୍ଟ ପାଇ ବୋସନିଆ ଗ୍ରୁପ୍-ବି'ରେ ସ୍ୱିଜରଲାଣ୍ଡ ଓ କାନାଡା ପଛକୁ ତୃତୀୟ ସ୍ଥାନରେ ରହିଛି। କିନ୍ତୁ ଦଳ ପଏଣ୍ଟ ସଂଖ୍ୟା ୪ ଥିବାରୁ ଏହି ଦଳ ନିଶ୍ଚିତଭାବେ ୮ଟି ଶ୍ରେଷ୍ଠ ତୃତୀୟସ୍ଥାନିତ ଦଳମଧ୍ୟରେ ସ୍ଥାନ ପାଇ ନକ୍‌ଆଉଟକୁ ଉନ୍ନୀତ ହେବ। ବିଜୟୀ ବୋସ୍‌ନିଆ ପକ୍ଷରୁ ୧୮ ବର୍ଷୀୟ ଷ୍ଟାରଲେଟ୍ ଆଲାଜବେଗୋ ୩ଜଣ ଡିଫେଣ୍ଡରଙ୍କୁ ଅତିକ୍ରମ କରି ପ୍ରଥମ ଗୋଲ ଦେଇଥିଲେ। ଏହା ପରେ ବୋସ୍‌ନିଆ ପ୍ରଭାବ ବିସ୍ତାର କରି ଖେଳିଥିଲା। ଫଳରେ ମାମୁଦ୍ ଆବୁନାଦା ଆତ୍ମଘାତୀ ଗୋଲ ଦେବାକୁ ବାଧ୍ୟ ହୋଇଥିଲେ। ଏର୍ମିନ ମାମିଚ୍ ଦଳ ଲାଗି ତୃତୀୟ ଗୋଲସ୍କୋର କରିଥିଲେ। କତାର ପକ୍ଷରୁ ହାସନ ଆଲ-ହେଦୋସ ଗୋଟିଏ ଗୋଲ ଶୁଝାଇବାରେ ସଫଳ ହୋଇଥିଲେ।

## ସ୍ୱିଜରଲାଣ୍ଡ ପ୍ରଥମ, କାନାଡା ଦ୍ୱିତୀୟ



ଭାଙ୍କୋଭରଠାରେ ଖେଳାଯାଇଥିବା ଗ୍ରୁପ୍-ବି'ର ଅନ୍ୟ ଏକ ମ୍ୟାଚ୍‌ରେ ସ୍ୱିଜରଲାଣ୍ଡ ୨-୧ ଗୋଲ୍‌ରେ କାନାଡାକୁ ପରାସ୍ତ କରି ପ୍ରଥମ ସ୍ଥାନ ଅଧିକାର କରିଛି। ଫଳରେ କାନାଡା ଗ୍ରୁପ୍‌ରେ ନମ୍ବର-୧ ହୋଇ ରାଉଣ୍ଡ ଅଫ ୩୨ରେ ତୃତୀୟସ୍ଥାନିତ ଦଳ ସହ ଖେଳିବ ବୋଲି ଯେଉଁ ଆଶା ରଖିଥିଲା ତାହା ଏହା ଫଳରେ ଚୂରମାର ହୋଇଯାଇଛି। ପ୍ରଥମାର୍ଦ୍ଧ ଖେଳ ଗୋଲ୍‌ଶୂନ୍ୟ ରହିବାପରେ ରୁବେନ ଭର୍ଗା ୪୬ତମ ମିନିଟ୍‌ରେ ଓ ଜୋହାନ ମାଜାମ୍ବି ୫୭ତମ ମିନିଟ୍‌ରେ ଗୋଲ ସ୍କୋର କରିଥିଲେ। ପ୍ରମିଜ୍ ଡେଭିଡ୍ ଗୋଟିଏ ଗୋଲ ଶୁଝାଇଥିଲେ।

## ଗୋଲ୍ଡେନ୍ ବୁଟ୍ ଦୌଡ଼ରେ ମେସି

ନ୍ୟୁୟର୍କ,୨୫।୬(ଏଜେନ୍ସି): ଫିଫା ବିଶ୍ୱକପ୍‌ରେ ଯେଉଁ ଖେଳାଳି ସର୍ବାଧିକ ଗୋଲ ସ୍କୋର କରିଥାନ୍ତି, ସେମାନଙ୍କୁ ଗୋଲ୍ଡେନ ବୁଟ୍ ସମ୍ମାନ ପ୍ରଦାନ କରାଯାଇଥାଏ। ଯଦି ଦୁଇଜଣ ଖେଳାଳି ସମାନ ଗୋଲ ସ୍କୋର କରନ୍ତି, ତେବେ ସର୍ବାଧିକ ଆସିଷ୍ଟ କରିଥିବା, ଏଥିରେ ସମାନ ହେଲେ ସେମାନଙ୍କ ମଧ୍ୟରେ କମ୍ ସମୟ ଖେଳିଥିବା ଖେଳାଳିଙ୍କୁ ଗୋଲ୍ଡେନ ବୁଟ୍ ସମ୍ମାନ ଦିଆଯିବ। ଚଳିତ ବିଶ୍ୱକପ୍‌ରେ ଆର୍ଜେଣ୍ଟିନା ଅଧିନାୟକ ଲିଓନେଲ ମେସି ସର୍ବାଧିକ ୫ଟି ଗୋଲ ଦେଇ ସମସ୍ତଙ୍କ ଆଗରେ ରହିଛନ୍ତି। ବ୍ରାଜିଲର ଫରୱାର୍ଡ ଖେଳାଳି ଭିନିସିଅସ ଜୁନିଅର, ଫ୍ରାନ୍ସ ଅଧିନାୟକ କିଲିଆନ୍ ଏମ୍‌ବାପେ ନରୱେ ତାରକା ଏର୍ଲିଙ୍ଗ ହଲାଣ୍ଡ ୪ଟି ଲେଖାଏଁ ଗୋଲ ଦେଇ ଯଥାକ୍ରମେ ଦ୍ୱିତୀୟରୁ ଚତୁର୍ଥ ସ୍ଥାନରେ ଅଛନ୍ତି। ଜର୍ମାନୀର ଡେନିଜ୍ ଉଣ୍ଡାଭା, ସ୍ୱିଜରଲାଣ୍ଡର ଜୋହାନ ମାଞ୍ଜାମ୍ବି, ବ୍ରାଜିଲର ମାଥିଅସ କୁନା, ମରୋକ୍କୋର ଇସ୍‌ମାଏଲ ସାଇବାରି ଓ କାନାଡାର ଜୋନାଥନ ଡେଭିଡ୍ ୩ଟି ଲେଖାଏଁ ଗୋଲ ଦେଇ ଏମାନଙ୍କ ପଛରେ ରହିଛନ୍ତି।

## ଚାମ୍ପିଅନ ଟିମ୍‌କୁ ଟ୍ରଫି ଦେବେ ଟ୍ରମ୍ପ୍

ନ୍ୟୁୟର୍କ,୨୫।୬(ଏଜେନ୍ସି): ଆମେରିକା, ମେକ୍ସିକୋ ଓ କାନାଡାରେ ଚାଲିଥିବା ଫିଫା ବିଶ୍ୱକପ୍ ଏବେ ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଜୁଲାଇ ୧୯ରେ ହେବାକୁ ଥିବା ଫାଇନାଲରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଚାମ୍ପିଅନ ଟିମ୍‌କୁ ଟ୍ରଫି ପ୍ରଦାନ କରିବେ ବୋଲି ଫିଫା ସଭାପତି ଜିଆନି ଇନ୍‌ଫାଣ୍ଟିନୋ ଘୋଷଣା କରି ସମସ୍ତଙ୍କୁ ଚମତ୍କୃତ କରିଦେଇଛନ୍ତି। ୧୯୮୨ ପରେ ରାଷ୍ଟ୍ରମୁଖ୍ୟମାନେ ଚାମ୍ପିଅନ ଟିମ୍‌କୁ ଟ୍ରଫି ପ୍ରଦାନ କରିବାର ପରମ୍ପରା ବନ୍ଦ ହୋଇଥିଲା। ଏହା ପରେ ଖେଳାଯାଇଥିବା ବିଶ୍ୱକପ୍‌ରେ ଫିଫା ସଭାପତି ସେପ୍ ବ୍ଲାଟର ଓ ଗତ ଦୁଇଟି ସଂସ୍କରଣରେ ନିଜେ ଇନ୍‌ଫାଣ୍ଟିନୋ ପୁରସ୍କାର ପ୍ରଦାନ କରିଥିଲେ। ଟ୍ରମ୍ପ୍ ପୁରସ୍କାର ଦେବା ଘୋଷଣା କରାଯିବା ପରେ ଇନ୍‌ଫାଣ୍ଟିନୋ ଉତ୍ସବକୁ ରାଷ୍ଟ୍ରମୁଖ୍ୟଙ୍କୁ ଅତିଥିଭାବେ ଡାକି ଗତ ୪ଦଶନ୍ଧିର ପରମ୍ପରାକୁ ଭାଙ୍ଗିଦେଇଛନ୍ତି।

## ଡୁରାଣ୍ଡ କପ୍ ଜୁଲାଇ ୨୫ରୁ

କୋଲକାତା, ୨୫।୬ (ଏଜେନ୍ସି): ଏସିଆ ମହାଦେଶର ସର୍ବପୁରାତନ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଡୁରାଣ୍ଡ କପ୍‌ର ୧୩୫ତମ ସଂସ୍କରଣ ଜୁଲାଇ ୨୫ରୁ ଆରମ୍ଭ ହେବ। ଏହି ସମ୍ମାନଜନକ ଟୁର୍ଣ୍ଣାମେଣ୍ଟରେ ଏଥର ୨୪ଟି ଦଳ ଅଂଶଗ୍ରହଣ କରିବେ। ଯେଉଁଥିରେ ଦୁଇଟି ବିଦେଶୀ ଦଳ ରହିଛନ୍ତି।




**ଫିଫା ବିଶ୍ୱକପ୍ ମୁକାବିଲା**

**ଜୁନ୍-୨୬, ଶୁକ୍ରବାର ରାତି**
ଫ୍ରାନ୍ସ-ନରୱେ
ଫକ୍ସବର୍ଗ, ରାତି ୧୨.୩୦
ସେନେଗାଲ-ଇରାକ
ଟରଣ୍ଟୋ, ରାତି ୧୨.୩୦

**ଜୁନ୍-୨୭ ଶନିବାର ସକାଳ**
ସାଉଦି ଆରବ-କେପ୍ ଭର୍ଡ
ହଷ୍ଟନ, ସକାଳ ୫.୩୦
ସ୍ପେନ୍-ଉରୁଗୁଏ
ଜାପୋପାନ, ସକାଳ ୫.୩୦
ବେଲଜିୟମ-ନ୍ୟୁଜିଲାଣ୍ଡ
ଭାଙ୍କୋଭର, ସକାଳ ୮.୩୦
ଇଜିପ୍ଟ-ଇରାନ
ସିଆଟଲ, ସକାଳ ୮.୩୦

ପ୍ରସାରଣ: ଜୀ ଟିଭି ନେଟ୍‌ୱର୍କ, ଜୀ-୫

# ମ୍ୟାଚ୍ ଖେଳିଲେ ନେମାର

ମିଆମି,୨୫।୬(ଏଜେନ୍ସି): ସ୍କଟଲାଣ୍ଡ ବିପକ୍ଷ ଗ୍ରୁପ୍-ସି' ମ୍ୟାଚ୍ ଖେଳି ସୁପରଷ୍ଟାର ନେମାର ୨୦୨୬ ଫିଫା ବିଶ୍ୱକପ୍‌ରେ ପଦାର୍ପଣ କରିଛନ୍ତି। ବ୍ରାଜିଲ ରାଷ୍ଟ୍ରପତି ଲୁଲାଙ୍କଠାରୁ ଆରମ୍ଭ କରି ସମର୍ଥକ ଯାଏ ତାଙ୍କୁ ଯେଉଁ ସମାଲୋଚନା କରୁଥିଲେ, ଏହି ପଦାର୍ପଣ ପରେ ତାହା ବନ୍ଦ ହୋଇଯିବ ବୋଲି ଆଶା କରାଯାଉଛି। ମିଆମି ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଏହି ମୁକାବିଲାରେ ବ୍ରାଜିଲ ପକ୍ଷରୁ ଭିନିସିଅସ ଜୁନିଅର ଦୁଇଟି ଗୋଲ ସ୍କୋର କରିଥିଲେ। ମାଥିଅସ୍ କୁନା ଅନ୍ୟ ଗୋଲଟି ଦେଇଥିଲେ। ପ୍ରଥମ ମ୍ୟାଚ୍‌ରେ ବ୍ରାଜିଲ ଯେଉଁ ନୈରାଶ୍ୟଜନକ ଖେଳିଥିଲା ତାହା ଏହି ମ୍ୟାଚ୍‌ରେ ଦେଖିବାକୁ ମିଳି ନ ଥିଲା। ଏହି ଗ୍ରୁପ୍‌ରେ ହାଇତିକୁ ୪-୨ ଗୋଲରେ ହରାଇଥିବା ମରୋକ୍କୋ ଓ ବ୍ରାଜିଲ ସମାନ ୭ ପଏଣ୍ଟ ଲେଖାଏଁ ସ୍କୋର କରିଥିଲେ। କିନ୍ତୁ ଉନ୍ନତ ଗୋଲବ୍ୟବଧାନ ବଳରେ ବ୍ରାଜିଲ ନଂ-୧ ଓ ମରୋକ୍କୋ ନମ୍ବର-୨ ସ୍ଥାନ ହାସଲ କରିଥିଲା। ତୃତୀୟ ସ୍ଥାନରେ ରହିଥିବା ସ୍କଟଲାଣ୍ଡ ଖେଳ ଶେଷରେ ନକ୍‌ଆଉଟକୁ ଯିବ କି ନାହିଁ ଜଣାପଡ଼ିବ।

ଆଟଲାଣ୍ଟାରେ ଖେଳାଯାଇଥିବା ମ୍ୟାଚ୍‌ରେ ମରୋକ୍କୋ ପକ୍ଷରୁ ଆର୍ଚାଫ ହାକିମି, ଇସ୍‌ମାଏଲ ସାଇବାରି, ସୋଫିଆନେ ରହିମି ଓ ଜେସିମେ ୟାସିନେ ଗୋଟିଏ ଲେଖାଏଁ ଗୋଲ ସ୍କୋର କରଇଥିଲେ। ୱିଲସନ୍ ଇସିଡୋର ଗୋଟିଏ ଗୋଲ ଶୁଝାଇଥିଲାବେଳେ ମରୋକ୍କୋର ୟାସିନେ ବୋଉନୋଉ ଆତ୍ମଘାତୀ ଗୋଲ ଦେଇଥିଲେ।



# ହାଇଡ୍ରେସନ ବ୍ରେକ୍‌ରେ ପ୍ରସାରଣକାରୀ ସଂସ୍ଥା ମାଲାମାଲ୍

ଡଲାସ,୨୫।୬(ଏଜେନ୍ସି): ହକି ଖେଳ ଭଳି ଫୁଟବଲ ଖେଳରେ ହାଇଡ୍ରେସନ ବ୍ରେକ୍ ଚଳିତ ଫିଫା ବିଶ୍ୱକପ୍‌ରେ ଲାଗୁ ହୋଇଛି। ଏହା ମଧ୍ୟ ୨୦୧୪ରେ ଲାଗୁ ହୋଇଥିଲା। କିନ୍ତୁ ଏଥର ହାଇଡ୍ରେସନ ବ୍ରେକ୍‌କୁ ନେଇ ବେଶ ଚର୍ଚ୍ଚା ହୋଇଛି। କେହି ଏହାକୁ ନାପସନ୍ଦ କରୁଥିଲାବେଳେ ଆଉ କେହି ବରଦାନ ବୋଲି ଭାବୁଛନ୍ତି। ଏପରିକି ଅଧାଡଜନ ଦେଶ ପ୍ରଥମ ହାଇଡ୍ରେସନ ବ୍ରେକ୍ ପରେ ଗୋଲ ଦେଇଛନ୍ତି ଓ ମ୍ୟାଚ୍ ମଧ୍ୟ ଜିତିଛନ୍ତି। ସେହିପରି କିଛି ଦେଶ ମଧ୍ୟ ତାଙ୍କ ଖେଳର ମୋମେଣ୍ଟମ୍‌ରେ ବାଧା ସୃଷ୍ଟି କରିଛି ବୋଲି ଅଭିଯୋଗ କରିଛନ୍ତି। କିନ୍ତୁ ଫିଫା ଏହାକୁ ଗ୍ରହଣ କରିଛି ଓ ଖୁବ୍ ଆର୍‌ଥିକ ଫାଇଦା ମଧ୍ୟ ପାଇଛି।

ହାଇଡ୍ରେସନ ବ୍ରେକ୍ ପ୍ରତି ମ୍ୟାଚ୍‌ରେ ୨ଥର ୩ ମିନିଟ୍ ଲେଖାଏଁ ନିଆଯାଇଥାଏ। ପ୍ରଥମାର୍ଦ୍ଧର ୨୨ ଓ ଦ୍ୱିତୀୟାର୍ଦ୍ଧର ୬୭ତମ ମିନିଟ୍‌ରେ ଖେଳରେ ବ୍ରେକ୍ ନିଆଯାଉଛି। ଆମେରିକାରେ ରେଫରି ହ୍ୱିସିଲ ମାରିବାର ୨୦ ସେକେଣ୍ଡ ପୂର୍ବରୁ ଓ ପୁନର୍ବାର ଖେଳ ଆରମ୍ଭ ପୂର୍ବରୁ ୩୦ ସେକେଣ୍ଡ ବିଜ୍ଞାପନ ପ୍ରଦର୍ଶିତ ହେବ। ଏହାର ଅର୍ଥ ଗୋଟିଏ ମ୍ୟାଚ୍‌ରେ ୪ ମିନିଟ୍ ୨୦ ସେକେଣ୍ଡ ବିଜ୍ଞାପନ ପ୍ରସାରିତ ହୋଇପାରୁଛି। ଏଥର ୧୦୪ଟି ମ୍ୟାଚ୍ ଖେଳାଯିବାକୁ ଥିବାରୁ ଟୁର୍ଣ୍ଣାମେଣ୍ଟରେ ୭ଘଣ୍ଟା ୩୦ ମିନିଟ୍ ୪୦ ସେକେଣ୍ଡର ବିଜ୍ଞାପନ ପ୍ରସାରଣ କରାଯିବ। ଫଳରେ କେବଳ ଆମେରିକାରେ ବିଜ୍ଞାପନରୁ ୨୩୬୭.୯୧ କୋଟି ଟଙ୍କା ମିଳିବ। ଏଠାରେ ପ୍ରସାରଣ ଅଧିକାର ପାଇଥିବା ଫକ୍ସ କର୍ପୋରେସନ ଚୁକ୍ତି ଉଲ୍ଲଙ୍ଘନ କରି ବିଜ୍ଞାପନ ପ୍ରସାରଣ କରିଥିବାର ଅଭିଯୋଗ ମଧ୍ୟ ହୋଇଛି। ଏହାର ଅର୍ଥ ଅଧିକ ଆୟ ମଧ୍ୟ ହେବ। ଭାରତରେ ଜୀ ଟିଭି ପ୍ରସାରଣ ଅଧିକାର ପାଇଛି। ଏହା ୧୦ ସେକେଣ୍ଡର ସ୍ଲଟ୍ ଲାଗି ମ୍ୟାଚ୍‌ର ଗୁରୁତ୍ୱ ଦେଖି ୨.୨୫ ଲକ୍ଷରୁ ୨.୭୫ ଲକ୍ଷ ଟଙ୍କା ନେଉଛି। ଏହା ଛଡ଼ା ପ୍ରି ଗେମ୍, ପୋଷ୍ଟ ଗେମ୍ ଓ ହାଫ୍ ଟାଇମ୍ ଲାଗି ଅଲଗା ଫି ନେଉଛି। ଆମେରିକାରେ ଫକ୍ସ ସ୍ପୋର୍ଟ୍ସ ୩୦ ସେକେଣ୍ଡ ଲାଗି ୧.୮୯ କୋଟି ଟଙ୍କା ନେଉଛି। ଏହା ନକ୍‌ଆଉଟ ଲାଗି ୨.୮୪ କୋଟି ଟଙ୍କା ନେବ। ଆମେରିକା ଖେଳୁଥିବା ମ୍ୟାଚ୍‌ରେ ଏହାର ମୂଲ୍ୟ ୭.୧୦ କୋଟି। ଚୂଡାନ୍ତ ପର୍ଯ୍ୟାୟରେ ଏହାର ମୂଲ୍ୟ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି। କିଛି ହାତଗଣତି ଦେଶକୁ ଛାଡ଼ିଦେଲେ ଅଧିକାଂଶ ଦେଶରେ ହାଇଡ୍ରେସନ ବ୍ରେକ୍‌ରୁ ପ୍ରସାରଣ ସଂସ୍ଥାଗୁଡ଼ିକ ବେଶ ଫାଇଦା ପାଇଛନ୍ତି।




# କଳିଙ୍ଗରୁ ଅନିମେଶଙ୍କୁ ଏସୀୟ କ୍ରୀଡ଼ା ଟିକଟ

ଭୁବନେଶ୍ୱର, ୨୫।୬ (ସମିସ): ତାରକା ସ୍ପ୍ରିଣ୍ଟର ଅନିମେଶ କୁଜୁର ଆଗାମୀ ଏସୀୟ କ୍ରୀଡ଼ାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ସ୍ଥାନୀୟ ଆଇକନିକ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ୬୫ତମ ଆନ୍ତଃ-ରାଜ୍ୟ ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍‌ର ପୁରୁଷ ୨୦୦ ମିଟରରେ ସ୍ୱର୍ଣ୍ଣ ପଦକ ଜିତି ଅନିମେଶ ଏହି ସଫଳତା ପାଇଛନ୍ତି। ଗୁରୁବାର ରାତିରେ ଅନୁଷ୍ଠିତ ପୁରୁଷ ୨୦୦ ମିଟର ରେସ୍‌କୁ ଅନିମେଶ ୨୦.୭୪ ସେକେଣ୍ଡରେ ଫିନିଶ କରି ପୋଡିୟମର ପ୍ରଥମ ସ୍ଥାନରେ ରହିଥିଲେ। ଓଡ଼ିଶାର ଅନ୍ୟତମ ଧାବକ ଦଣ୍ଡପତି ଜୟରାମ (୨୦.୯୭) ଓ କେରଳର ଜିଷ୍ଣୁ ପ୍ରସାଦ (୨୧.୧୮) ଯଥାକ୍ରମେ ରୌପ୍ୟ ଓ କାଂସ୍ୟ ପଦକ ଜିତିଛନ୍ତି। ସ୍ୱର୍ଣ୍ଣ ସହ ଅନିମେଶ ଜାପାନରେ ହେବାକୁ ଥିବା ଏସୀୟ କ୍ରୀଡ଼ାକୁ ଟିକଟ୍ ହାସଲ କରିଛନ୍ତି। ପୁରୁଷ ୨୦୦ ମିଟରରେ ଏସୀୟ କ୍ରୀଡ଼ା ଲାଗି ଯୋଗ୍ୟତା ମାନଦଣ୍ଡ ୨୦.୮୮ ସେକେଣ୍ଡ ରହିଥିଲା। ଯାହାକୁ ଅନିମେଶ ସହଜରେ ହାସଲ କରିନେଇଥିଲେ। ଅନିମେଶଙ୍କ ସହ ଗୁରୁବାର କେରଳର ମହମ୍ମଦ ଅଫଜଲ ଉଭୟ ପୁରୁଷ ୨୦୦ ଓ ୮୦୦ ମିଟରରେ ଏସୀୟ କ୍ରୀଡ଼ାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ତେବେ ମହିଳା ବିଭାଗ ୨୦୦ ମିଟରରେ ଜ୍ୟୋତି ୟାରାଜୀ ଅଳ୍ପକେ ଟିକଟରୁ ବଞ୍ଚିତ ହୋଇଛନ୍ତି। ଅପରପକ୍ଷରେ ଗୁରୁବାର ମହିଳା ୧୦୦ ମିଟର ହର୍ଡଲ୍ସରେ ଓଡ଼ିଶାର ପ୍ରଜ୍ଞା ପ୍ରଶାନ୍ତି ସାହୁ (୧୩.୪୮ ସେକେଣ୍ଡ) କାଂସ୍ୟ ପଦକ ହାସଲ କରିଛନ୍ତି। ସେହିଭଳି କର୍ଣ୍ଣାଟକର ଜି. ସିନ୍ଧୁଶ୍ରୀ ମହିଳା ପୋଲଭୋଲ୍ଟରେ ୪.୨୫ ଉଚ୍ଚକୁ ଡେଇଁ ନୂଆ ଜାତୀୟ ରେକର୍ଡ କରିଛନ୍ତି।

# ଆଜିଠୁ ଭାରତ-ଆୟର୍ଲାଣ୍ଡ ଟି-୨୦ ସିରିଜ୍

ବେଲ୍‌ଫାଷ୍ଟ, ୨୫।୬ (ଏଜେନ୍ସି)

ଦୁଇ ମ୍ୟାଚ୍‌ବିଶିଷ୍ଟ ଟି-୨୦ ସିରିଜ ଖେଳିବା ଲାଗି ଭାରତୀୟ କ୍ରିକେଟ୍ ଦଳ ବର୍ତ୍ତମାନ ଆୟର୍ଲାଣ୍ଡ ଗସ୍ତରେ ରହିଛି। ଶୁକ୍ରବାର ସିରିଜର ପ୍ରଥମ ମ୍ୟାଚ୍ ଖେଳାଯିବ। ପ୍ରଥମଥର ପାଇଁ ଭାରତ ଶ୍ରେୟସ ଆୟରଙ୍କ ଅଧିନାୟକତ୍ୱରେ ଖେଳିବ। ସୂର୍ଯ୍ୟକୁମାର ଯାଦବଙ୍କ ସ୍ଥାନରେ ସେ ଟି-୨୦ ଦଳର ଅଧିନାୟକ ନିଯୁକ୍ତ ହୋଇଛନ୍ତି। ଚଳିତ ବର୍ଷ ପ୍ରାରମ୍ଭରେ ଭାରତକୁ ଟି-୨୦ ବିଶ୍ୱକପ୍ ଚାମ୍ପିଅନ କରାଇଥିବା ସୂର୍ଯ୍ୟକୁମାର ଦୁର୍ବଳ ଫର୍ମ ଲାଗି ଦଳରୁ ବାଦ୍ ପଡ଼ିଛନ୍ତି। ତେବେ ଭାରତୀୟ ସିନିଅର ଦଳରେ ପ୍ରଥମଥର ସୁଯୋଗ ପାଇଥିବା ବିହାରର ବିସ୍ମୟ ବାଳକ ବୈଭବ ସୂର୍ଯ୍ୟବଂଶୀଙ୍କ ଉପରେ ସମସ୍ତଙ୍କ ନଜର ରହିଛି। ଯଦି ଆୟର୍ଲାଣ୍ଡ ବିପକ୍ଷ ପ୍ରଥମ ଟି-୨୦ରେ ସେ ସ୍ଥାନ ପାଆନ୍ତି ତେବେ ଅନ୍ତର୍ଜାତୀୟ କ୍ରିକେଟ୍ ଖେଳିବାରେ ସେ ସର୍ବକନିଷ୍ଠ ଭାରତୀୟ କ୍ରିକେଟର୍ ହେବେ। ୧୯୮୯ରେ ସଚିନ ତେନ୍ଦୁଲକର ୧୬ ବର୍ଷ ୨୦୫ ଦିନ ବୟସରେ ପାକିସ୍ତାନ ବିପକ୍ଷରେ ଖେଳି ଏହି ରେକର୍ଡର ଅଧିକାରୀ ରହିଛନ୍ତି। ଗୁରୁବାର ସୂର୍ଯ୍ୟବଂଶୀଙ୍କୁ ୧୫ ବର୍ଷ ୯୦ ଦିନ ହୋଇଛି। ତେବେ ପ୍ରଥମ ଟି-୨୦ରେ ସୂର୍ଯ୍ୟବଂଶୀଙ୍କୁ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ଦେବା ଅଧିନାୟକ ଶ୍ରେୟସ ଓ ଟିମ୍ ମ୍ୟାନେଜମେଣ୍ଟ ପାଇଁ ସବୁଠାରୁ ବଡ଼ ଚ୍ୟାଲେଞ୍ଜ ରହିଛି। ବ୍ୟାଟିଂକ୍ରମର ପ୍ରଥମ ୩ଟି ସ୍ଥାନ ଲାଗି ଶ୍ରେଷ୍ଠ ତିନି ବ୍ୟାଟର ସଞ୍ଜୁ ସାମସନ୍, ଅଭିଷେକ ଶର୍ମା ଓ ଇଶାନ୍ କିଶାନ୍ ରହିଛନ୍ତି। ଯଦି ଟିମ୍ ମ୍ୟାନେଜମେଣ୍ଟ ବୈଭବଙ୍କୁ ଓପନର୍ ଭାବରେ ସାମିଲ କରେ, ତେବେ ସାମସନ୍ କିମ୍ବା ଅଭିଷେକଙ୍କୁ ନିମ୍ନକ୍ରମରେ ବ୍ୟାଟିଂ କରିବାକୁ ପଡିବ। ନଚେତ୍ ଦଳରୁ ବାଦ୍ ଦିଆଯିବ। ଯାହାକି ଏକ କଷ୍ଟକର ନିଷ୍ପତ୍ତି ହେବ। ସେହିଭଳି ପ୍ରିନ୍ସ ଯାଦବ ଓ ସୂର୍ଯ୍ୟାଂଶ ଶେଜଦେଙ୍କୁ ମଧ୍ୟ ପ୍ରଥମଥର ଟି-୨୦ ଦଳରେ ସୁଯୋଗ ମିଳିଛି। ରେକର୍ଡ ଉପରେ ନଜର ପକାଇଲେ ଭାରତ ଓ ଆୟର୍ଲାଣ୍ଡ ମୋଟ୍ ଉପରେ ୮ଟି ଟି-୨୦ରେ ପରସ୍ପର ସାମ୍ନାସାମ୍ନି ହୋଇଛନ୍ତି। ଯେଉଁଥିରେ ଭାରତ ସମସ୍ତ ମ୍ୟାଚରେ ବିଜୟୀ ହୋଇଛି। ବିଶ୍ୱକପ୍ ଚାମ୍ପିଅନ ହେବାପରେ ଭାରତୀୟ ଦଳର ଏହା ପ୍ରଥମ ଟି-୨୦ ସିରିଜ। ଏହାପରେ ଦଳ ଇଂଲଣ୍ଡ ଗସ୍ତ କରି ସେଠାରେ ପାଞ୍ଚଟି ଟି-୨୦ ମ୍ୟାଚ୍ ଖେଳିବାର କାର୍ଯ୍ୟସୂଚୀ ରହିଛି।

**ପ୍ରଥମ ଟି-୨୦**
**ଆରମ୍ଭ: ସନ୍ଧ୍ୟା ୬ଟା**
**ପ୍ରସାରଣ: ସୋନି ସ୍ପୋର୍ଟ୍ସ ନେଟ୍‌ୱର୍କ**

**ମହିଳା ଟି-୨୦ ବିଶ୍ୱକପ୍**

# ରାଧା-ଶ୍ରୀ ଚରଣିଙ୍କ ଦମ୍‌ଦାର ବୋଲିଂ

ମାଞ୍ଚେଷ୍ଟର, ୨୫।୬ (ଏଜେନ୍ସି): ଚଳିତ ଆଇସିସି ଟି-୨୦ ବିଶ୍ୱକପ୍‌ରେ ଭାରତ ଏହାର ଚତୁର୍ଥ ମ୍ୟାଚରେ ଗୁରୁବାର ବାଂଲାଦେଶକୁ ଭେଟିଛି। ସ୍ଥାନୀୟ ଓଲ୍ଡ ଟ୍ରାଫୋର୍ଡ ଗ୍ରାଉଣ୍ଡରେ ଅନୁଷ୍ଠିତ ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ବାଂଲାଦେଶ ୮ ୱିକେଟ୍‌ରେ ୧୩୬ ରନ କରିଛି। ଜବାବରେ ଶେଷ ଖବର ସୁଦ୍ଧା ଭାରତ ୧୦ ଓଭରରେ ୨ ୱିକେଟ୍ ହରାଇ ୮୫ ରନ ସଂଗ୍ରହ କରିଛି। ପୂର୍ବରୁ ଭାରତ ୩ଟି ମ୍ୟାଚରୁ ୨ଟି ବିଜୟ ଓ ଗୋଟିଏ ପରାଜୟ ସହ ୪ ପଏଣ୍ଟ ପାଇ ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଛି।

**ମାତ୍ରାଧିକ କ୍ୟାଚ୍ ମିସ୍:** ଏହି ମ୍ୟାଚରେ ଟସ୍ ଜିତି ବ୍ୟାଟିଂ କରିଥିବା ବାଂଲାଦେଶ ଦ୍ୱିତୀୟ ଓଭରରେ ଓପନର୍ ଦିଲାରା ଅକତରଙ୍କ ୱିକେଟ୍ ହରାଇଥିଲା। ତେବେ ପରବର୍ତ୍ତୀ ବ୍ୟାଟରଙ୍କ ଉପଯୋଗୀ ପାଳି ଯୋଗୁ ବାଂଲାଦେଶ ୮ ୱିକେଟରେ ୧୩୬ ରନର ସମ୍ମାନଜନକ ସ୍କୋର କରିପାରିଥିଲା। ଜୁଆଇରିୟା ଫିର୍ଦ୍ଦୋସ ସର୍ବାଧିକ ୩୩, ଅଧିନାୟିକା ନିଗାର ସୁଲତାନ ୩୨, ଶୋଭନା ମୋସ୍ତ୍ରୀ ୨୨ ରନ କରିଥିଲେ। ଭାରତ ପକ୍ଷରୁ ଦୁଇ ବାମହାତୀ ସ୍ପିନର ରାଧା ଯାଦବ ଓ ଶ୍ରୀ ଚରଣି ସବୁଠୁ ସଫଳ ବୋଲର ରହିଥିଲେ। ରାଧା ୩ଟି ଓ ଚରଣି ୨ଟି ୱିକେଟ ନେଇଥିଲେ। ଫଳରେ ଚଳିତ ବିଶ୍ୱକପ୍‌ରେ ଚରଣିଙ୍କ ୱିକେଟ୍ ସଂଖ୍ୟା ୧୨ରେ ପହଞ୍ଚିଛି।

## ସେମିରେ ଇଂଲଣ୍ଡ

ଲଣ୍ଡନ, ୨୫।୬ (ଏଜେନ୍ସି): ଆୟୋଜକ ଇଂଲଣ୍ଡ ପ୍ରଥମ ଦଳ ଭାବେ ଚଳିତ ଆଇସିସି ମହିଳା ଟି-୨୦ ବିଶ୍ୱକପ୍‌ର ସେମିଫାଇନାଲରେ ସ୍ଥାନ ପକ୍କା କରିଛି। ଗତକାଲି ରାତିରେ ଅନୁଷ୍ଠିତ ଗ୍ରୁପ୍-ବି'ର ଏକ ମ୍ୟାଚରେ ଇଂଲଣ୍ଡ ମହିଳା ଦଳ ୩୮ ରନରେ ଦୁଇଥରର ଚାମ୍ପିଅନ ୱେଷ୍ଟଇଣ୍ଡିଜକୁ ପରାସ୍ତ କରିଥିଲା। ଫଳରେ କ୍ରମାଗତ ଚତୁର୍ଥ ବିଜୟ ସହ ଇଂଲଣ୍ଡ ୮ ପଏଣ୍ଟ ପାଇ ଗ୍ରୁପ ଶୀର୍ଷରେ ରହିଛି। ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ଅନୁଷ୍ଠିତ ଏହି ମ୍ୟାଚରେ ବ୍ୟାଟିଂ ଆମନ୍ତ୍ରଣ ପାଇ ଇଂଲଣ୍ଡ ୭ ୱିକେଟ୍‌ରେ ୧୮୬ ରନ କରିଥିଲା। ଓପନର୍ ଡାନି ୱେଟ୍-ହଜ ସର୍ବାଧିକ ୬୫ ଓ ହେଥର ନାଇଟ୍ ୪୩ ରନର ଉପଯୋଗୀ ପାଳି ଖେଳିଥିଲେ। ୱେଷ୍ଟଇଣ୍ଡିଜ ଦଳର ସ୍ପିନର ଅଶ୍ୱିନି ମୁନିସାର ଦୁଇଟି ୱିକେଟ୍ ନେଇଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS